ଧରିତ୍ରୀ
DHARITRI
ବାଲେଶ୍ୱର, ରବିବାର, ସେପ୍ଟେମ୍ବର ୫/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) | Balasore, Sunday, September 5/2021 | ★★★★
୪୭ଶ ଭାଗ ୨୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ଦୀପିକାଙ୍କ ବଦାନ୍ୟତା**
ଜଣେ ଏସିଡ୍ ପୀଡ଼ିତାଙ୍କ ଚିକିତ୍ସା ପାଇଁ ୧୫ ଲକ୍ଷ ଟଙ୍କା ଦାନ କରିଛନ୍ତି ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ। ୧୪

୧୬ **ରୋହିତ ଶର୍ମାଙ୍କ ଶତକ**
ଇଂଲଣ୍ଡ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଭାରତୀୟ ବ୍ୟାଟ୍ସମ୍ୟାନ ରୋହିତ ଶର୍ମା ଶତକ ହାସଲ କରିଛନ୍ତି।



# ଗୌରବ ଆଣିଲେ ପ୍ରମୋଦ

*ଟୋକିଓ ପାରାଲିମ୍ପିକ୍ସରୁ ଭାରତ ପାଇଁ ବଡ଼ ଶୁଭ ଖବର ଆଣିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ପୁରୁଷ ସିଙ୍ଗଲ୍ସ ଏସ୍ଏଲ୍୩ ବର୍ଗରେ ସେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛନ୍ତି। ପାରାଲିମ୍ପିକ୍ସରେ ଏଥର ବ୍ୟାଡ୍ମିଣ୍ଟନ ଇଭେଣ୍ଟକୁ ପ୍ରଥମଥର ପାଇଁ ସାମିଲ କରାଯାଇଥିବା ବେଳେ ପ୍ରମୋଦ ହୋଇଛନ୍ତି ପ୍ରଥମ ବିଜେତା। ନିକଟରେ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ହକି ଦଳର ସଦସ୍ୟ ଭାବେ ଓଡ଼ିଶାର ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ବ୍ରୋଞ୍ଜ ପଦକ ଜିତିଥିଲେ। ମାତ୍ର ପ୍ରମୋଦ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତି ଦେଶକୁ ଗର୍ବିତ କରିବା ସହ ଓଡ଼ିଶା କ୍ରୀଡ଼ାକୁ ଏକ ଭିନ୍ନ ସୋପାନକୁ ନେଇ ଯାଇଛନ୍ତି। ଏଥିପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।*


ପ୍ରମୋଦ ଭଗତ

**ଟୋକିଓ ପାରାଲିମ୍ପିକ୍ସରେ ଜିତିଲେ ସ୍ୱର୍ଣ୍ଣ**
- ପରିବାର ଏବଂ ପ୍ରଶଂସକଙ୍କୁ ପଦକ ଉତ୍ସର୍ଗ କଲେ
- ଶୁଟିଂରେ ଭାରତର ମନୀଷ ନରୱାଲଙ୍କୁ ସ୍ୱର୍ଣ୍ଣ ଏବଂ ସିଂହରାଜ ସିଂଙ୍କୁ ରୌପ୍ୟ
- ବ୍ୟାଡ୍ମିଣ୍ଟନ ପୁରୁଷ ସିଙ୍ଗଲ୍ସରେ ମନୋଜ ସରକାରଙ୍କୁ ବ୍ରୋଞ୍ଜ ପଦକ
- ଅଭିନନ୍ଦନ ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

**ଟୋକିଓ, ୪।୯**

ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଗ୍ରେଟ୍ ବ୍ରିଟେନର ଡାନିଏଲ ବେଥେଲଙ୍କୁ ଭେଟିଥିଲେ ପ୍ରମୋଦ। ମ୍ୟାଚ ଉପରେ ସମଗ୍ର ଭାରତବାସୀଙ୍କ ନଜର ରହିଥିଲା। ଏହାକୁ ବେକାର ହେବାକୁ ଦେଇ ନ ଥିଲେ ଓଡ଼ିଶାର ଏହି ପାରା ସ୍ପୋର୍ଟ୍ସ ତାରକା। ଫାଇନାଲରେ ବେଥେଲଙ୍କୁ ୨୧-୧୪, ୨୧-୧୭ ପଏଣ୍ଟରେ ହରାଇବା ପରେ ଖୁସିରେ ଆତ୍ମହରା ହୋଇ ଯାଇଥିଲେ। ବର୍ତ୍ତମାନ ଏସିଆ ଏବଂ ବିଶ୍ୱ ଚାମ୍ପିୟନ ଥିବା ପ୍ରମୋଦ ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ନମ୍ବର ୱାନ ସ୍ଥାନରେ ମଧ୍ୟ ଅଛନ୍ତି। ‘‘ଏହା ମୋ ପାଇଁ ଅତ୍ୟନ୍ତ ସ୍ୱତନ୍ତ୍ର, କାରଣ ମୋର ସ୍ୱପ୍ନ ସାକାର ହୋଇଛି। ବେଥେଲ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ, ମାତ୍ର ମୁଁ ଚାପର ବଶବର୍ତ୍ତୀ ନ ହୋଇ ମୋ ଶକ୍ତି ଅନୁସାରେ ଖେଳିଥିଲି ଏବଂ ସଫଳ ହୋଇଥିଲି’’ ବୋଲି ଚଳିତ ପାରାଲିମ୍ପିକ୍ସରେ ଭାରତ ପାଇଁ ୪ର୍ଥ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରମୋଦ ପ୍ରକାଶ କରିଛନ୍ତି। ନିଜ ପରିବାର ଏବଂ ତାଙ୍କୁ ସମର୍ଥନ କରୁଥିବା ପ୍ରଶଂସକଙ୍କୁ ସ୍ୱର୍ଣ୍ଣ ପଦକ ଉତ୍ସର୍ଗ କରିଛନ୍ତି ପ୍ରମୋଦ। ଦେଶକୁ ଗର୍ବିତ କରିପାରିଥିବାରୁ ମୁଁ ଅତ୍ୟନ୍ତ ଖୁସି ବୋଲି ସେ ପ୍ରକାଶ କରିଛନ୍ତି। ଦୁଇବର୍ଷ ପୂର୍ବରୁ ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଜାପାନରେ ଭେଟିଥିଲେ ପ୍ରମୋଦ। ମାତ୍ର ସେହି ମ୍ୟାଚରେ ହାରି ଯାଇଥିଲେ। ତେବେ ଏହା ତାଙ୍କ ପାଇଁ ଏକ ଶିକ୍ଷା ଥିଲା। ସମାନ ଷ୍ଟାଡିୟମ, ସମାନ ପରିବେଶରେ ବ୍ରିଟେନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଭେଟିବାକୁ ଯାଉଥିବାରୁ ସେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଥିଲେ ଏବଂ ସଫଳ ହୋଇଥିଲେ ବୋଲି କହିଛନ୍ତି। କେବଳ ସ୍ୱର୍ଣ୍ଣ ପଦକରୁ ପ୍ରମୋଦଙ୍କର ଟୋକିଓ ପାରାଲିମ୍ପିକ୍ସ ଅଭିଯାନ ଶେଷ ହୋଇଯାଇନାହିଁ। ପଲକ କୋହଲିଙ୍କୁ ସାଥିକରି ସେ ରବିବାର ବ୍ରୋଞ୍ଜ ପଦକ ପ୍ଲେ-ଅଫ୍ ମୁକାବିଲାରେ ଅବତୀର୍ଣ୍ଣ ହେବେ। ପ୍ରମୋଦ-ପଲକଙ୍କର ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ହେବେ ଜାପାନୀ ଯୋଡ଼ି ଦାଇସୁକେ ଫୁଜିହାରା ଓ ଆକିକୋ ସୁଗିନୋ। ଟୋକିଓ ଯିବାର ଗୋଟିଏ ଦିନ ପୂର୍ବରୁ ଧରିତ୍ରୀ ସହ କଥା ହେବାବେଳେ ☞ପୃଷ୍ଠା-୧୩

# ୩୦ରେ ପିପିଲି ଉପନିର୍ବାଚନ

- ଅକ୍ଟୋବର ୩ରେ ଭୋଟ ଗଣତି
- ଲାଗିଲା ଆଚରଣ ବିଧି
- ୨୦ରୁ ପ୍ରଚାର ଆରମ୍ଭ
- ରୋଡ୍ ଶୋ, ବାଇକ ରାଲି ମନା
- କୋଭିଡ୍ ନିୟମ ଉଲ୍ଲଂଘନ କଲେ ପ୍ରଚାରରୁ ବାଦ୍ ପଡ଼ିବେ ପ୍ରାର୍ଥୀ



**ଭୁବନେଶ୍ୱର,୪।୯(ବ୍ୟୁରୋ)**

ପିପିଲି ବିଧାନସଭା ଉପନିର୍ବାଚନ ପାଇଁ ଶନିବାର ତାରିଖ ଘୋଷଣା ହୋଇଛି। ଆସନ୍ତା ୩୦ତାରିଖରେ ମତଦାନ ଏବଂ ଅକ୍ଟୋବର ୩ ତାରିଖରେ ଭୋଟ୍ ଗଣତି କରାଯିବ। ପିପିଲି ଉପନିର୍ବାଚନ ପାଇଁ ପୂର୍ବରୁ ପ୍ରାର୍ଥିପତ୍ର ଦାଖଲ ସରିଥିବାରୁ ଏବେ କେବଳ ପ୍ରଚାର ପରେ ଭୋଟ ଗ୍ରହଣ ହେବ। ୨୦ତାରିଖରୁ ପ୍ରଚାର ପାଇଁ ଅନୁମତି ମିଳିଛି। କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ପ୍ରଚାର, ମତଦାନ ଏବଂ ଗଣତି କାର୍ଯ୍ୟ କରାଯିବ ବୋଲି ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ସୂଚନା ଦେଇଛନ୍ତି।

ଭୋଟଗ୍ରହଣ ତାରିଖ ଘୋଷଣା ହେବାପରେ ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀରେ ଆଦର୍ଶ ନିର୍ବାଚନ ଆଚରଣ ବିଧି ଲାଗୁ କରାଯାଇଛି। ନିର୍ବାଚନ କମିଶନ ଜାରି କରିଥିବା କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରାଯିବ। ପ୍ରଚାର ପାଇଁ ଆବଦ୍ଧ ଗୃହ କ୍ଷମତାର ୩୦ପ୍ରତିଶତ କିମ୍ବା ସର୍ବାଧିକ ୨୦୦ ଲୋକ ସାମିଲ ହୋଇପାରିବେ। ଆଉଟ୍‌ଡୋର କ୍ୟାମ୍ପେନବେଳେ ଷ୍ଟାର ପ୍ରଚାରକ ଥିଲେ ସର୍ବାଧିକ ୧ହଜାର ଲୋକ ସାମିଲ ହୋଇପାରିବେ। ଷ୍ଟାର କ୍ୟାମ୍ପେନରଙ୍କ ବ୍ୟତୀତ ଅନ୍ୟ କେହି ପ୍ରଚାର କରୁଥିଲେ ସର୍ବାଧିକ ୫୦୦ ଲୋକ ଭାଗ ନେଇ ପାରିବେ। ଏଥିପାଇଁ ପୂର୍ବରୁ ଅନୁମତି ନେବାକୁ ପଡ଼ିବ। ପ୍ରଚାର ପଡ଼ିଆକୁ ବ୍ୟାରିକେଡିଂ କରାଯିବ। ଏଥିପାଇଁ ସମ୍ପୃକ୍ତ ପ୍ରାର୍ଥୀ କିମ୍ବା ତାଙ୍କ ଦଳ ଟଙ୍କା ଖର୍ଚ୍ଚ କରିବେ। କୋଭିଡ୍ ଯୋଗୁ ଷ୍ଟାର କ୍ୟାମ୍ପେନରଙ୍କ ସଂଖ୍ୟା ସୀମିତ କରାଯାଇଛି। ଜାତୀୟ ଓ ରାଜ୍ୟ ସ୍ୱୀକୃତିପ୍ରାପ୍ତ ରାଜନୈତିକ ☞ପୃଷ୍ଠା-୧୩

## ପ୍ରମୋଦଙ୍କ ବିଜୟ ସ୍ୱର୍ଣ୍ଣିମ ମୁହୂର୍ତ୍ତ

**ଭିଡିଓ କନ୍‌ଫରେନ୍ସରେ କଥା ହେଲେ ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର,୪।୯(ବ୍ୟୁରୋ)**

ଟୋକିଓ ପାରା ଅଲମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ପ୍ରମୋଦ ଭଗତଙ୍କ ସଫଳତା ଦେଶବାସୀଙ୍କ ପାଇଁ ଖୁସି ଆଣି ଦେଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରମୋଦଙ୍କ ବିଜୟକୁ ‘ସ୍ୱର୍ଣ୍ଣିମ ମୁହୂର୍ତ୍ତ’ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସ ମାଧ୍ୟମରେ ତାଙ୍କ ସହ କଥା ହୋଇ ଶୁଭେଚ୍ଛା ଜଣାଇଛନ୍ତି । କ୍ରୀଡ଼ାର ଉନ୍ନତି ପାଇଁ ରାଜ୍ୟ ସରକାର ସହଯୋଗ ଯୋଗାଇ ଦେଉଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରମୋଦ ଧନ୍ୟବାଦ ଜଣାଇଛନ୍ତି । ☞ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ**

**ସଂସ୍କୃତିର ଅବକ୍ଷୟ**

# ଏସ୍ଏସ୍‌ସି ଦୁର୍ନୀତି: ସିବିଆଇ ତଦନ୍ତ ଦାବି

*ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ(ଏସ୍ଏସ୍‌ସି)ରେ ନିଯୁକ୍ତି ଦୁର୍ନୀତିକୁ ନେଇ ସରକାରଙ୍କୁ ଜୋରଦାର ଆକ୍ରମଣ କରିଛି କଂଗ୍ରେସ। ଏଥିରେ କେବଳ କମିଶନ ଅଧ୍ୟକ୍ଷଙ୍କ ପିଏସ୍ ବିରଞ୍ଚି ସାହୁ ଜଡ଼ିତ ନୁହନ୍ତି, ଖୋଦ୍ ଅଧ୍ୟକ୍ଷ ଓ ସଦସ୍ୟମାନେ ମଧ୍ୟ ସମ୍ପୃକ୍ତ। ସେମାନଙ୍କ ବିରୋଧରେ ବି ତଦନ୍ତ ହେବା ଆବଶ୍ୟକ। ରାଜ୍ୟ ସରକାର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) କିମ୍ବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଏହି ମହାଦୁର୍ନୀତିର ତଦନ୍ତ କରାନ୍ତୁ ବୋଲି ଶନିବାର ବିଧାନସଭାରେ କଂଗ୍ରେସ ଦାବି କରିଛି। ଅନ୍ୟପକ୍ଷେ ସରକାର ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଛାଡ଼ିନାହାନ୍ତି। ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଅଭିଯୋଗ ଆସିବା ମାତ୍ରେ ବିନା ପକ୍ଷପାତିତାରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗୃହରେ ବିବୃତି ରଖିଛନ୍ତି।*

**କଂଗ୍ରେସ ଘେରିଲା**
- ଦୁର୍ନୀତିଗ୍ରସ୍ତ ଆଇଏଏସ୍, ଆଇପିଏସ୍ ଅଫିସରଙ୍କୁ ଅବସର ପରେ ଥଇଥାନ କରୁଛନ୍ତି ସରକାର

**ଭୁବନେଶ୍ୱର,୪।୯(ବ୍ୟୁରୋ)**

‘ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନରେ ହେଉଛି ମହାଦୁର୍ନୀତି। ଏହାର ତଦନ୍ତ କରି ଦୋଷୀଙ୍କୁ ଦଣ୍ଡଦେବାରେ ସରକାର କୁଣ୍ଠକୁଣ୍ଠ ବୋଲି କଂଗ୍ରେସ କହିଛି। ‘ଦୁର୍ନୀତି ଜିରୋ ଟଲେରାନ୍ସ ପ୍ରହସନରେ ପରିଣତ’ ଶୀର୍ଷକ ମୁଲତବୀ ପ୍ରସ୍ତାବ କଂଗ୍ରେସ ପକ୍ଷରୁ ଶନିବାର ବିଧାନସଭାରେ ଦିଆଯାଇଥିଲା। ବାଚସ୍ପତି କହିବାକୁ ସୁଯୋଗ ନ ଦେବା ଅଭିଯୋଗ କରି ଭାଜପା ସଦସ୍ୟମାନେ ଶୂନ୍ୟକାଳରେ ବିଧାନସଭା ଛାଡ଼ି ବାହାରକୁ ଚାଲିଯାଇଥିବାରୁ ମୁଲତବୀ ଆଲୋଚନାରେ ଅଂଶଗ୍ରହଣ କରିପାରି ନ ଥିଲେ। କେବଳ କଂଗ୍ରେସ ସଦସ୍ୟଙ୍କୁ ନେଇ ମୁଲତବୀ ଆଲୋଚନା ହୋଇଥିଲା। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଅଭିଯୋଗ କରିଥିଲେ ଯେ ଭାଜପା ସଦସ୍ୟମାନେ ଏହି ଷ୍ଟାଫ୍ ସିଲେକ୍ସନରେ ହୋଇଥିବା ଦୁର୍ନୀତି ମୁଲତବୀ ଆଲୋଚନା କରାଇ ନ ଦେବାକୁ ଯୋଜନା କରିଥିଲେ। ଗତ ୨ ତାରିଖରେ ଏନେଇ ଭାଜପା ପକ୍ଷରୁ ମୁଲତବୀ ପ୍ରସ୍ତାବ ଦିଆଯାଇଥିଲା। ହେଲେ ପରେ ସେମାନେ ଏଥିରୁ ଓହରି ଯାଇଥିଲେ। ଷ୍ଟାଫ୍ ସିଲେକ୍ସନ ଦୁର୍ନୀତି ବିଷୟ ଗୃହରେ ଆଲୋଚନା ହେଉ ବୋଲି ସେମାନେ ଚାହୁଁନାହାନ୍ତି। ଦୁର୍ନୀତିଗ୍ରସ୍ତ ଲୋକଙ୍କୁ ସୁରକ୍ଷା ଦେଉଛନ୍ତି। ନିଯୁକ୍ତି ଦୁର୍ନୀତିରେ କେବଳ ବିରଞ୍ଚି ନୁହନ୍ତି, କମିଶନ ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ମଧ୍ୟ ସମ୍ପୃକ୍ତି ଥାଇପାରେ। ପିଏସ୍‌ଙ୍କ ଜରିଆରେ ବହୁ ପରିମାଣର ଟଙ୍କା ଆଦାୟ କରାଯାଇଛି। ଏଥିଯୋଗୁ ଲକ୍ଷ ଲକ୍ଷ ମେଧାବୀ ପ୍ରାର୍ଥୀ ଚାକିରି ପାଇବାରୁ ବଞ୍ଚିତ ହୋଇଛନ୍ତି। ତଦନ୍ତ ଶେଷ ନ କରି ତରବରିଆ ଭାବେ ବିରଞ୍ଚିଙ୍କୁ କାହିଁକି ଚାକିରିରୁ ବହିଷ୍କାର କରାଗଲା? ଖୋର୍ଦ୍ଧାର ପୂର୍ବତନ ଜିଲାପାଳ ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀ। ତାଙ୍କ ନାମରେ ଦୁର୍ନୀତି ଅଭିଯୋଗ ଥିବା ସତ୍ତ୍ୱେ କାହିଁକି କମିଶନ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଗଲା ବୋଲି ☞ପୃଷ୍ଠା-୧୩

# ନିଯୁକ୍ତିରେ ସ୍ୱଚ୍ଛତା ପାଇଁ ପ୍ରତିଶ୍ରୁତିବଦ୍ଧ: ମନ୍ତ୍ରୀ

**ଭୁବନେଶ୍ୱର,୪।୯(ବ୍ୟୁରୋ)**


ବିକ୍ରମ କେଶରୀ ଆରୁଖ

ରାଜ୍ୟ ସରକାର ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ କେବେ ଛାଡ଼ିନାହାନ୍ତି। ସରକାର ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଦୁର୍ନୀତିକୁ ନେଇ ସରକାର ସବୁ ବେଳେ ଜିରୋ ଟଲେରାନ୍ସ ନୀତି ଆପଣାଇଛନ୍ତି। କୌଣସ ସରକାରୀ କର୍ମଚାରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଲେ ସେହି କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇ ତୁରନ୍ତ ଚାକିରିରୁ ବହିଷ୍କାର କରାଯାଉଛି। ଏଥିରେ ବିନା ପକ୍ଷପାତିତାରେ ସମସ୍ତ ବର୍ଗର କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଶନିବାର ବିଧାନସଭାରେ ବିରୋଧୀ କଂଗ୍ରେସ ଦଳ ପକ୍ଷରୁ ଦିଆଯାଇଥିବା ଷ୍ଟାଫ୍ ସିଲେକ୍ସନ ନିଯୁକ୍ତିରେ ଦୁର୍ନୀତି ମୁଲତବୀ ଉତ୍ତରରେ ମୁଖ୍ୟମନ୍ତ୍ରୀଙ୍କ ବଦଳରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହା କହିଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନରେ କାର୍ଯ୍ୟ କରୁଥିବା ଓଏଏସ୍ ଅଧିକାରୀମାନେ ସମସ୍ତ ଗୋପନୀୟ ପରୀକ୍ଷା କାର୍ଯ୍ୟ ସମ୍ପାଦନ କରିଥାଆନ୍ତି। ଅଭିଯୁକ୍ତ ☞ପୃଷ୍ଠା-୧୩

# ଏସିଏଫ୍‌ଙ୍କ ଘରକୁ ରାତିରେ ଯାଇଥିଲେ ଡିଏଫ୍ଓ

**ପାରଳାଖେମୁଣ୍ଡି,୪।୯(ଡି.ଏନ୍.ଏ.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହକାରୀ ବନ ସଂରକ୍ଷକ (ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାର ରହସ୍ୟ ଉପରୁ ପରଦା ହଟିବାକୁ ନାଁ ଧରୁ ନ ଥିବା ବେଳେ ଦିନକୁ ଦିନ ଏକ ବିସ୍ଫୋରକ ତଥ୍ୟ ସାମ୍ନାକୁ ଆସୁଛି। ଏସିଏଫ୍ ସୌମ୍ୟଙ୍କ ବାସଭବନକୁ ରାତି ସାଢ଼େ ୧୨ଟାରେ ଡିଏଫ୍ଓ ସଂଗ୍ରାମ କେଶରୀ ବେହେରା ଯାଇଥିଲେ ବୋଲି ଶନିବାର ଡିଏଫ୍ଓ କାର୍ଯ୍ୟାଳୟର ପୂର୍ବତନ ରାତ୍ରି ଜଗୁଆଳି ଗଙ୍ଗାଧର ପ୍ରଧାନ ଗଣମାଧ୍ୟମ ଆଗରେ କହିଛନ୍ତି। ଏହି ବିଷୟରେ ଗଙ୍ଗାଧର ଆଗରୁ କାହିଁକି କହିଲେ ନାହିଁ ବୋଲି ପଚାରିବାରୁ ପାରଳାଖେମୁଣ୍ଡି ପୋଲିସ କିମ୍ବା କ୍ରାଇମ୍‌ବ୍ରାଞ୍ଚ କେହି ମଧ୍ୟ ତାଙ୍କୁ ପ୍ରଶ୍ନ କରି ନ ଥିବା ସେ କହିଛନ୍ତି।

ଗତ ଡିସେମ୍ବରରେ ଡିଏଫ୍ଓଙ୍କ କାର୍ଯ୍ୟାଳୟରେ ରାତ୍ରି ଜଗୁଆଳି ଭାବେ ଗଙ୍ଗାଧର କାର୍ଯ୍ୟ କରୁଥିଲେ। ସେ ଡ୍ୟୁଟି କରୁଥିବା ସମୟରେ ଦିନେ ଡିଏଫ୍ଓ ସଂଗ୍ରାମ ସୌମ୍ୟଙ୍କ ☞ପୃଷ୍ଠା-୧୩

**ମୁହଁ ଖୋଲିଲେ ପୂର୍ବତନ ଜଗୁଆଳି**


ଗଙ୍ଗାଧର ପ୍ରଧାନ

# ତାଲିବାନ୍ ଗୁଳିରେ ୧୭ ନିହତ

*ପଞ୍ଜଶିର ଦଖଲ ଦାବି କରି ବିଜୟ ଉତ୍ସବ ପାଳିଛି ତାଲିବାନ୍। ରାଜଧାନୀ କାବୁଲରେ ମନଇଚ୍ଛା ବ୍ଲାଙ୍କ୍ ଫାୟାରିଂ ଓ ରକେଟ ଛାଡ଼ି ଖୁସି ମନାଇଛନ୍ତି ଏହାର ଲଢୁଆମାନେ। ହେଲେ ତାଲିବାନ୍‌ର ଖୁସି ଅନେକ କାବୁଲବାସୀଙ୍କ ପାଇଁ ମୃତ୍ୟୁକୁ ଡାକି ଆଣିଛି। ତାଲିବାନ୍‌ର ଫାଙ୍କା ଗୁଳିଚାଳନାରେ ପ୍ରାଣ ହରାଇଛନ୍ତି ୧୭ ନିରୀହ ଜନସାଧାରଣ, ମୃତ୍ୟୁ ସହ ଲଢୁଛନ୍ତି ୪୦ରୁ ଊର୍ଦ୍ଧ୍ୱ ନାଗରିକ। ଗୁଳିଗୋଳା, ଯୁଦ୍ଧାସ୍ତ୍ର ସବୁ ସରକାରୀ ସମ୍ପତ୍ତି ହୋଇଥିବାରୁ ସେସବୁକୁ ଅଯଥା ନଷ୍ଟ ନ କରିବାକୁ ନିଜ ଲଢୁଆଙ୍କୁ ଚେତାବନୀ ଦେଇଛନ୍ତି ତାଲିବାନ୍ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍।*

**କାବୁଲ, ୪।୯**

ଆଫଗାନିସ୍ତାନରେ ସରକାର ଗଢ଼ିବା ପୂର୍ବରୁ ପଞ୍ଜଶିରକୁ କବ୍‌ଜା କରିସାରିଥିବା କହି କାବୁଲରେ ବିଜୟଉତ୍ସବ ପାଳିଛି ତାଲିବାନ। ଏହି ଅଭେଦ୍ୟ ଦୁର୍ଗ ଅକ୍ତିଆରକୁ ଆସିସାରିଥିବା ଖୁସିରେ ଶୁକ୍ରବାର ରାତିରେ କାବୁଲରେ ତାଲିବାନୀ ଲଢୁଆ ଫାଙ୍କା ଗୁଳିଚାଳନା ସହ ରକେଟ୍ ଛାଡ଼ିଛନ୍ତି। ଏହି ଗୁଳିଗୋଳାରେ ୧୭ ଜନସାଧାରଣଙ୍କ ମୃତ୍ୟୁ ଘଟିଥିବାବେଳେ ୪୧ ଜଣ ଗୁରୁତର ହୋଇଛନ୍ତି। ସମସ୍ତ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେପଟେ ପଞ୍ଜଶିର ତାଲିବାନ୍ ହାତକୁ ଯାଇଥିବା ଦାବିକୁ ପ୍ରତିରୋଧୀ ମେଣ୍ଟ ଖଣ୍ଡନ କରିଥିବାବେଳେ ଏହି ପ୍ରାନ୍ତରେ ଜୋରଦାର୍ ଲଢ଼େଇ ଜାରି ରହିଛି।

ଆଫଗାନିସ୍ତାନ ଶେଷ ପ୍ରାନ୍ତ ପଞ୍ଜଶିରରେ ପ୍ରତିରୋଧୀ ମେଣ୍ଟକୁ ଦମନ କରିବା ଏବେ ତାଲିବାନ୍ ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଏହି ଉପତ୍ୟକାକୁ ନିଜ ଅକ୍ତିଆରକୁ ଆଣି ସାରିଥିବା ତାଲିବାନ୍ କହୁଥିଲେ ହେଁ ନର୍ଦନ ରେଜିଷ୍ଟାନ୍ସ ଫ୍ରଣ୍ଟର ନେତୃତ୍ୱ ନେଉଥିବା ଅହମ୍ମଦ ମାସୁଦ ଆତଙ୍କବାଦୀଙ୍କ ଦାବିକୁ ଖଣ୍ଡନ କରିଛନ୍ତି। ମିଡିଆରେ ମିଥ୍ୟା ଖବର ପ୍ରକାଶ ପାଉଛି। ପଞ୍ଜଶିରକୁ କେବେ ବି ତାଲିବାନ୍ ହାତକୁ ଟେକି ଦିଆଯିବ ନାହିଁ ବୋଲି ମାସୁଦ୍ ଦୃଢ଼ୋକ୍ତି ବାଢ଼ିଛନ୍ତି। ସେହିପରି ନିଜକୁ କାର୍ଯ୍ୟକାରୀ ରାଷ୍ଟ୍ରପତି ଘୋଷଣା କରିଥିବା ଆଫଗାନିସ୍ତାନର ପୂର୍ବତନ ଉପରାଷ୍ଟ୍ରପତି ଅମରୁଲ୍ଲା ସାଲେହ ପଞ୍ଜଶିର ଛାଡ଼ି ପଳାୟନ କରିଥିବା ତାଲିବାନ୍ କହିଛି। ଏହାକୁ ସାଲେହ ଅସ୍ୱୀକାର କରିଛନ୍ତି। ସେ ପଞ୍ଜଶିରରେ ରହି ତାଲିବାନ୍ ବିରୋଧରେ ଲଢ଼େଇ ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି। ଆଫଗାନିସ୍ତାନର ଶେଷ ପ୍ରାନ୍ତରେ ତାଲିବାନ୍ ଓ ପ୍ରତିରୋଧୀ ବଳ ମଧ୍ୟରେ ଶନିବାର ଲଢ଼େଇ ତୀବ୍ର ହୋଇଛି। ଏଥିରେ ଶତାଧିକ ତାଲିବାନୀ ☞ପୃଷ୍ଠା-୧୩

- ପଞ୍ଜଶିର ବିଜୟ ଉତ୍ସବବେଳେ ବ୍ଲାଙ୍କ୍ ଫାୟାରିଂ
- ଗୁଳିଗୋଳା ନଷ୍ଟ କରନାହିଁ: ଜାବିହୁଲ୍ଲା






## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା



**ନୂଆଦିଲ୍ଲୀ, ୪।୯:** ପାରାଲିମ୍ପିକ୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିବା ପରେ ପ୍ରମୋଦ ଭଗତଙ୍କୁ ପ୍ରଶଂସା ଓ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି। ରାଷ୍ଟ୍ରପତି କହିଛନ୍ତି, ଦେଶ ପାଇଁ ସ୍ୱର୍ଣ୍ଣ ଜିତିଥିବାରୁ ଅନେକ ଅନେକ ଶୁଭେଚ୍ଛା। ପୋଡିୟମରେ ଜାତୀୟ ସଙ୍ଗୀତ ବାଜିବା ଭାରତୀୟଙ୍କ ପାଇଁ ଆନନ୍ଦର ବିଷୟ। ପ୍ରମୋଦ ଭବିଷ୍ୟତରେ ତାଙ୍କର ଏହିଭଳି ପ୍ରଦର୍ଶନ ଜାରି ରଖିବେ ବୋଲି ଆଶା। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ପ୍ରମୋଦ ସମଗ୍ର ଦେଶର ହୃଦୟ ଜିଣିପାରିଛନ୍ତି। ସେ ପ୍ରକୃତରେ ଜଣେ ଚାମ୍ପିୟନ। ତାଙ୍କର ଏହି ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଶୁଭେଚ୍ଛା।

# ଓଡ଼ିଶାର ଗର୍ବ

**ପାରାଲିମ୍ପିକ୍ସ ବ୍ୟାଡ୍‌ମିଣ୍ଟନରେ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରି ପ୍ରମୋଦ ଭଗତ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଦେଇଛନ୍ତି। ତାଙ୍କର ଏହି ଐତିହାସିକ ସଫଳତା ଓଡ଼ିଶାକୁ ଗର୍ବିତ କରିଛି। ପ୍ରମୋଦ ଏବେ ଭାରତୀୟ ପାରା ବ୍ୟାଡ୍‌ମିଣ୍ଟନର ପୋଷ୍ଟର ବୟ୍ ବନିଯାଇଛନ୍ତି। ତାଙ୍କ ସଂଘର୍ଷ ଓ ସଫଳତାର କାହାଣୀ ଆଗାମୀ ଯୁବ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହେବ।**

ପାରା ବ୍ୟାଡ୍‌ମିଣ୍ଟନ ଆଥ୍‌ଲେଟ ପ୍ରମୋଦ ଭଗତ ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରି ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି। ପାରା ବ୍ୟାଡ୍‌ମିଣ୍ଟନ ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍‌୩ରେ ବିଶ୍ୱର ଏହି ୧ ନମ୍ବର ଖେଳାଳି ଯେମିତି ଆଶା କରାଯାଉଥିଲା ସେହିଭଳି ପ୍ରଦର୍ଶନ କରିଛନ୍ତି। ସେ ସଙ୍ଗଲ୍ସରେ ସ୍ୱର୍ଣ୍ଣ ଜିତିବେ ବୋଲି ପ୍ରଥମରୁ ହିଁ ଆଶା କରାଯାଉଥିଲା। ସେ ଏହି ଇଭେଣ୍ଟରେ ଫେଭରାଇଟ୍ ବିବେଚିତ ହେଉଥିଲେ। ପ୍ରଥମଥର ପାଇଁ ପାରାଲିମ୍ପିକ୍ସରେ ଅଂଶଗ୍ରହଣ କରି ସେ ସ୍ୱର୍ଣ୍ଣିମ ସଫଳତା ହାସଲ କରିଛନ୍ତି। ତାଙ୍କର ବହୁ ଦିନର ସ୍ୱପ୍ନ ସାକାର ହୋଇଛି। ୩୩ ବର୍ଷୀୟ ପ୍ରମୋଦ ଏବେ ଆଗକୁ ତାଙ୍କର ଏହି ସଫଳତା ଧାରା ବଜାୟ ରଖିବେ ବୋଲି ଆଶା କରାଯାଉଛି। ପାରାଲିମ୍ପିକ୍ସରେ ସେ ରାଜ୍ୟ ପାଇଁ ପ୍ରଥମ ପଦକ ହାସଲ କରିଛନ୍ତି। ସେ ମଧ୍ୟ ପାରାଲିମ୍ପିକ୍ସ ବ୍ୟାଡ୍‌ମିଣ୍ଟନରେ ପ୍ରଥମ ଭାରତୀୟ ଖେଳାଳି ଭାବେ ସ୍ୱର୍ଣ୍ଣ ପଦକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଏହା ନିଶ୍ଚିତ ଭାବେ ଏକ ଅସାଧାରଣ ସଫଳତା। ସ୍ୱର୍ଣ୍ଣ ଜିତିବା ପରେ ପ୍ରମୋଦଙ୍କ ନିକଟକୁ ସବୁଆଡୁ ପ୍ରଶଂସା ଓ ଅଭିନନ୍ଦନର ସୁଅ ଛୁଟିଛି।

ପ୍ରମୋଦଙ୍କ ସଂଘର୍ଷମୟ କାହାଣୀ କୌଣସି ବଲିଉଡ ଫିଲ୍ମଠାରୁ କିଛି କମ୍ ନୁହେଁ। ବରଗଡ଼ ଜିଲାର ଅତାବିରା ଗ୍ରାମରେ ଜନ୍ମଗ୍ରହଣ କରିଥିବା ପ୍ରମୋଦଙ୍କୁ ଯେତେବେଳେ ୫ ବର୍ଷ ହୋଇଥିଲା ତାଙ୍କ ବାମଗୋଡରେ କିଛି ସମସ୍ୟା ଦେଖା ଦେଇଥିଲା। ପୋଲିଓ କାରଣରୁ ତାଙ୍କ ବାମଗୋଡରେ ଅସମାନତା ଦେଖା ଦେଇଥିଲା। ୧୯୮୮ ଜୁନ୍ ୪ ତାରିଖରେ ଜନ୍ମଗ୍ରହଣ କରିଥିବା ପ୍ରମୋଦ ଜଣେ ଆଇଟିଆଇ ଗ୍ରାଜୁଏଟ୍। କୈଳାସ ଭଗତ ଓ କୁସୁମ ଦେବୀଙ୍କ ୩ ପୁଅ ଏବଂ ୩ ଝିଅ ମଧ୍ୟରୁ ପ୍ରମୋଦ ହେଉଛନ୍ତ ମଝିଆ।

ପିଲାଟିବେଳୁ ବ୍ୟାଡ୍‌ମିଣ୍ଟନ ପ୍ରତି ତାଙ୍କର ଦୁର୍ବଳତା ଥିଲା। ସାଙ୍ଗମାନଙ୍କ ସହ ସେ ବ୍ୟାଡ୍‌ମିଣ୍ଟନ ଖେଳିଥିଲେ ଓ ନିୟମିତ ଭାବେ ଅଭ୍ୟାସ କରୁଥିଲେ। ଏଥିପାଇଁ ଅବଶ୍ୟ ସେ ବାପାଙ୍କଠାରୁ ମାଡ଼ ଗାଳି ଖାଇଛନ୍ତି। ପିଲାବେଳେ ସେ ଏକ ବ୍ୟାଡ୍‌ମିଣ୍ଟନ ମ୍ୟାଚ୍ ଦେଖିବାକୁ ଯାଇଥିଲେ। ଏହାପରେ ସେ ବ୍ୟାଡ୍‌ମିଣ୍ଟନ ପ୍ରେମରେ ପଡ଼ିଯାଇଥିଲେ। ମାତ୍ର ୧୦ ବର୍ଷ ବୟସରେ ସେ ରାଜ୍ୟସ୍ତରୀୟ ଆଉଟ୍‌ଡୋର ଟୁର୍ନାମେଣ୍ଟ ଖେଳିବା ଆରମ୍ଭ କରିଥିଲେ। ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ସାଧାରଣ ପିଲାଙ୍କ ପରି ଖେଳି ସମସ୍ତଙ୍କୁ ଚକିତ କରିଥିଲେ। ୨୦୦୫ରେ ସେ ଆଉଟ୍‌ଡୋର ଟୁର୍ନାମେଣ୍ଟ ଖେଳିବା ପାଇଁ ବୁର୍ଲା ଯାଇଥିଲେ। ସେଠାରେ ସେ ରାଜ୍ୟର ପ୍ରତିଷ୍ଠିତ ଖେଳାଳି କମଲ ଦାସଙ୍କ ସହ ସାକ୍ଷାତ କରିବାର ସୁଯୋଗ ପାଇଥିଲେ। କମଲ ତାଙ୍କୁ ପାରା ବ୍ୟାଡ୍‌ମିଣ୍ଟନ ଖେଳିବା ଜାରି ରଖିବା ପାଇଁ ଓ ପାରା ବ୍ୟାଡ୍‌ମିଣ୍ଟନ କୋଚ୍ ଶିବ ପ୍ରସାଦ ଦାସଙ୍କ ସହ ସାକ୍ଷାତ କରିବା ଲାଗି ପରାମର୍ଶ ଦେଇଥିଲେ। ଶିବ ପ୍ରସାଦଙ୍କୁ ପ୍ରମୋଦ ଅନୁଗୋଳରେ ଦେଖା କରିଥିଲେ ଓ ତାଙ୍କ ଘରେ ରହି ଅଭ୍ୟାସ କରୁଥିଲେ। ସେ ନିଜର ଫିଟ୍‌ନେସ, ଫୁଟଓ୍ୱାର୍କ ଓ ବ୍ୟାଡ୍‌ମିଣ୍ଟନର ବେସିକ ତଥା ମୌଳିକ ଢାଞ୍ଚାକୁ ନେଇ କାର୍ଯ୍ୟ କରିବା ଆରମ୍ଭ କରିଥିଲେ। ୧୫ ବର୍ଷରେ ସେ ସାଧାରଣ ପିଲାଙ୍କ ସହିତ ଟୁର୍ନାମେଣ୍ଟ ଖେଳିଥିଲେ। ଦର୍ଶକମାନେ ତାଙ୍କୁ ଉତ୍ସାହିତ କରିଥିଲେ।

୨୦୦୬ ଫେବୃୟାରୀରେ ଦ୍ୱିତୀୟ ଅଲ୍ ଇଣ୍ଡିଆ ପାରା ବ୍ୟାଡମିଣ୍ଟନ ସୁପର ସିକ୍ସ ଟୁର୍ନାମେଣ୍ଟ ଅନୁଗୋଳରେ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ସେ ଅର୍ଜୁନ ପୁରସ୍କାର ବିଜେତା ରମେଶ ଟିକାରାମଙ୍କୁ ହରାଇ ସାରା ଭାରତୀୟ ପାରା ବ୍ୟାଡ୍‌ମିଣ୍ଟନ ଦଳକୁ ଚକିତ କରିଥିଲେ। ଏହା ପରଠାରୁ ସେ ପଛକୁ ଫେରି ଚାହିଁ ନ ଥିଲେ। ପାରାଲିମ୍ପିକ୍ସରେ ଅଂଶଗ୍ରହଣ କରିବା ପୂର୍ବରୁ ସେ ଅନ୍ତର୍ଜାତୀୟ ସ୍ତରରେ ୨୭ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୧୭ ବ୍ରୋଞ୍ଜ ପଦକ ସହ ୫୪ଟି ପଦକ ହାସଲ କରିଥିଲେ। ୨୦୨୧ରେ ସେ ୨ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ସହ ୩ଟି ପଦକ ହାସଲ କରିଥିଲେ। ୨୦୨୦ରେ ସେ ୪ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ୨୦୧୯ରେ ସେ ୧୨ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ସହ ୨୧ଟି ପଦକ ହାସଲ କରିଥିଲେ।

ପ୍ରମୋଦଙ୍କ ପଦକ ତାଲିକା ବହୁତ ଲମ୍ବା। ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସେ ସବୁ ପ୍ରକାର ପଦକ ହାସଲ କରିଛନ୍ତି। ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ପୂର୍ବରୁ ସେ ୬ଟି ବିଶ୍ୱ ଚାମ୍ପିୟନଶିପ୍ ପଦକ ହାସଲ କରିଛନ୍ତି। ଏଥିରେ ୪ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ସାମିଲ ରହିଛି। ସେହିପରି ସେ ଇଣ୍ଟରନ୍ୟାଶନାଲ ହ୍ୱିଲଚେୟାର ଆଣ୍ଡ ଆମ୍ପୁଟି ସ୍ପୋର୍ଟ୍ସ (ଆଇଡବ୍ଲ୍ୟୁଏଏସ୍) ୱାର୍ଲ୍ଡ ଗେମ୍ସରେ ସେ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିଭଳି ଏସିଆନ ପାରା ଗେମ୍ସରେ ସେ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି ବ୍ରୋଞ୍ଜ ପଦକ ଜିତିଛନ୍ତି। ଏସିଆନ– ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ସେ ଦୁଇଟି ବ୍ରୋଞ୍ଜ ପଦକ ଜିତିଛନ୍ତି। ଦୀର୍ଘ ବର୍ଷର କ୍ୟାରିୟରରେ ସେ ସବୁ ପ୍ରକାର ସଫଳତା ହାସଲ କରିଥିଲେ। ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିବା ପରେ ତାଙ୍କର ସବୁ ସ୍ୱପ୍ନ ପୂରଣ ହୋଇଛି।

## ସଂକ୍ଷେପରେ ପ୍ରମୋଦ

**ନାମ:** ପ୍ରମୋଦ ଭଗତ
**ଜନ୍ମ:** ୧୯୮୮ ଏପ୍ରିଲ ୪
**ଜନ୍ମସ୍ଥାନ:** ଅତାବିରା, ବରଗଡ଼
**ପରିବାର:** ମା–କୁସୁମ ଦେବୀ, ଭାଇ– ଅମୋଦ ଭଗତ, ଶେଖର ଭଗତ, ୩ ଭଉଣୀ– ସାରିକା, ଚନ୍ଦନ ଓ ଗୌରୀ। (୨୦୦୬ରେ ବାପା କୈଳାସ ଭଗତଙ୍କ ପରଲୋକ ଘଟିଛି)।
**ଟାଇପ୍ ଅଫ୍ ପ୍ଲେୟର:** ଏସ୍‌ଏଲ୍(ଷ୍ଟାଣ୍ଡିଂ ଲୋୟର)–୩
**ଟାଇପ୍ ଅଫ୍ ଡିଜାବିଲିଟି:** ଅର୍ଥୋପେଡିକ୍ ପୋଲିଓ
**୨୦୦୨:** ବ୍ୟାଡ୍‌ମିଣ୍ଟନ କ୍ୟାରିୟର ଆରମ୍ଭ
**୨୦୦୬:** ଜାତୀୟ ପଦାର୍ପଣ(ଅଲ୍‌ଇଣ୍ଡିଆ ସୁପରସିକ୍ସ)
**୨୦୦୬:** ଅନ୍ତର୍ଜାତୀୟ ପଦାର୍ପଣ(ମାଲେସିଆ ପାରା ବ୍ୟାଡ୍‌ମିଣ୍ଟନ)
**ଡବଲ୍ସ ପାର୍ଟନର:** ମନୋଜ ସରକାର
**କୋଚ୍:** ଶିବପ୍ରସାଦ ଦାସ, ଗୌରବ ଖାନ୍ନା
**ବିଶ୍ୱ ର୍ୟାଙ୍କିଙ୍ଗ୍:** ପୁରୁଷ ଏସ୍‌ଏଲ୍–୩ କାଟେଗୋରିର ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ନମ୍ବରଓ୍ୱାନ
**୨୦୧୯ ମାର୍ଚ୍ଚ:** ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆର ଟାର୍ଗେଟ ଅଲିମ୍ପିକ୍ ପୋଡିୟମ ସ୍କିମ୍(ଟପ୍ସ)ରେ ସାମିଲ।
**ଅଲିମ୍ପିକ୍ସ ପାଇଁ ପଏଣ୍ଟ:** ୬,୩୦୦(ଡେନ୍‌ମାର୍କ ଟୁର୍ନାମେଣ୍ଟ ସୁଦ୍ଧା)
**ସମ୍ମାନ:** ଅର୍ଜୁନ ପୁରସ୍କାର, ବିଜୁ ପଟ୍ଟନାୟକ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର
୨୦୧୯ରେ ପ୍ରଦର୍ଶନ
ଆଇଡବଲ୍ୟୁଏଏସ୍(ଇଣ୍ଟରନ୍ୟାଶନାଲ ହ୍ୱିଲଚେୟାର ଆଣ୍ଡ ଆମ୍ପୁଟି ଗେମ୍ସ): ସିଙ୍ଗଲ୍ସ ସ୍ୱର୍ଣ୍ଣ, ଡବଲ୍ସ ରୌପ୍ୟ
**ତୁର୍କୀ ପାରା ବ୍ୟାଡ୍‌ମିଣ୍ଟନ:** ସିଙ୍ଗଲ୍ସ ସ୍ୱର୍ଣ୍ଣ, ଡବଲ୍ସ ବ୍ରୋଞ୍ଜ
**ଦୁବାଇ ପାରା ବ୍ୟାଡ୍‌ମିଣ୍ଟନ:** ସିଙ୍ଗଲ୍ସ ସ୍ୱର୍ଣ୍ଣ
**ଉଗାଣ୍ଡା ପାରା ବ୍ୟାଡ୍‌ମିଣ୍ଟନ:** ସିଙ୍ଗଲ୍ସ ଓ ଡବଲ୍ସରେ ସ୍ୱର୍ଣ୍ଣ
**କାନାଡ଼ା ପାରା ବ୍ୟାଡ୍‌ମିଣ୍ଟନ:** ସିଙ୍ଗଲ୍ସ ବ୍ରୋଞ୍ଜ, ଡବଲ୍ସ ରୌପ୍ୟ
**ଆୟର୍ଲାଣ୍ଡ ପାରା ବ୍ୟାଡ୍‌ମିଣ୍ଟନ:** ସିଙ୍ଗଲ୍ସ ଓ ଡବଲ୍ସରେ ସ୍ୱର୍ଣ୍ଣ
**ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ:** ସିଙ୍ଗଲ୍ସ ଓ ଡବଲ୍ସରେ ସ୍ୱର୍ଣ୍ଣ
**ଥାଇଲାଣ୍ଡ ପାରା ବ୍ୟାଡ୍‌ମିଣ୍ଟନ:** ସିଙ୍ଗଲ୍ସ ଓ ଡବଲ୍ସରେ ରୌପ୍ୟ
**ଚାଇନା ପାରା ବ୍ୟାଡ୍‌ମିଣ୍ଟନ:** ସିଙ୍ଗଲ୍ସ ଓ ଡବଲ୍ସରେ ସ୍ୱର୍ଣ୍ଣ
ଡେନ୍‌ମାର୍କ ପାରା ବ୍ୟାଡ୍‌ମିଣ୍ଟନ: ସିଙ୍ଗଲ୍ସ ଓ ଡବଲ୍ସରେ ବ୍ରୋଞ୍ଜ
ଜାପାନ ପାରା ବ୍ୟାଡ୍‌ମିଣ୍ଟନ: ସିଙ୍ଗଲ୍ସରେ ରୌପ୍ୟ
ଦୁବାଇ ପାରା ବ୍ୟାଡମିଣ୍ଟନ: ସିଙ୍ଗଲ୍ସ ରୌପ୍ୟ ଓ ଡବଲ୍ସରେ ବ୍ରୋଞ୍ଜ
ତୁର୍କୀସ ପାରା ବ୍ୟାଡମିଣ୍ଟନ: ସିଙ୍ଗଲ୍ସ ଓ ଡବଲ୍ସରେ ବ୍ରୋଞ୍ଜ୍
ଥାଇଲାଣ୍ଡ ପାରା ବ୍ୟାଡମିଣ୍ଟନ: ସିଙ୍ଗଲ୍ସରେ ସ୍ୱର୍ଣ୍ଣ
ଏସିଆନପାରାଗେମ୍ସବ୍ୟାଡ୍‌ମିଣ୍ଟନ:ସିଙ୍ଗଲ୍ସରେସ୍ୱର୍ଣ୍ଣଓଡବଲ୍ସରେବ୍ରୋଞ୍ଜ୍
ଅଷ୍ଟ୍ରେଲିଆନ ପାରା ବ୍ୟାଡ୍‌ମିଣ୍ଟନ: ସିଙ୍ଗଲ୍ସରେ ସ୍ୱର୍ଣ୍ଣ ଓ ଡବଲ୍ସରେ ରୌପ୍ୟ
ଥାଇଲାଣ୍ଡ ପାରା ପାରା ବ୍ୟାଡମିଣ୍ଟନ: ସିଙ୍ଗଲ୍ସରେ ସ୍ୱର୍ଣ୍ଣ ଓ ଡବଲ୍ସରେ ରୌପ୍ୟ
ବିଶ୍ୱ ଚାମ୍ପିୟନଶିପ ବ୍ୟାଡମିଣ୍ଟନ: ସିଙ୍ଗଲ୍ସରେ ବ୍ରୋଞ୍ଜ୍
ଇଣ୍ଡୋନେସିଆ ପାରା ବ୍ୟାଡ୍‌ମିଣ୍ଟନ: ସିଙ୍ଗଲ୍ସରେ ସ୍ୱର୍ଣ୍ଣ ଓ ଡବଲ୍ସରେ ବ୍ରୋଞ୍ଜ
ଏସିଆନ ପାରା ବ୍ୟାଡ୍‌ମିଣ୍ଟନ: ସିଙ୍ଗଲ୍ସ ଓ ଡବଲ୍ସରେ ବ୍ରୋଞ୍ଜ
ବିଶ୍ୱ ଚାମ୍ପିୟନଶିପ୍ ବ୍ୟାଡ୍‌ମିଣ୍ଟନ: ସିଙ୍ଗଲ୍ସରେ ସ୍ୱର୍ଣ୍ଣ ଓ ଡବଲ୍ସରେ ରୌପ୍ୟ
ଏସିଆନ ପାରା ବ୍ୟାଡ୍‌ମିଣ୍ଟନ: ସିଙ୍ଗଲ୍ସରେ ବ୍ରୋଞ୍ଜ
ବିଶ୍ୱ ଚାମ୍ପିୟଶନିପ ବ୍ୟାଡ୍‌ମିଣ୍ଟନ: ଡବଲ୍ସରେ ସ୍ୱର୍ଣ୍ଣ
ଏସିଆନ ପାରା ଗେମ୍ସ: ପାର୍ଟିସିପେଟେଡ
ବିଶ୍ୱଚାମ୍ପିୟନଶିପ ବ୍ୟାଡମିଣ୍ଟନ: ସିଙ୍ଗଲ୍ସରେ ସ୍ୱର୍ଣ୍ଣ
ଏସିଆନ ଚାମ୍ପିୟନଶିପ ବ୍ୟାଡ୍‌ମିଣ୍ଟନ: ସିଙ୍ଗଲ୍ସରେ ସ୍ୱର୍ଣ୍ଣ ଓ ଡବଲ୍ସରେ ରୌପ୍ୟ
ବିଶ୍ୱ ଚାମ୍ପିୟନଶିପ ବ୍ୟାଡ୍‌ମିଣ୍ଟନ: ସିଙ୍ଗଲ୍ସ ଓ ଡବଲ୍ସରେ ବ୍ରୋଞ୍ଜ୍
ଫେସପିକ୍ ଗେମ୍ସ ବ୍ୟାଡ୍‌ମିଣ୍ଟନ: ପାର୍ଟିସିପେଟେଡ

## ବ୍ୟାଡ୍‌ମିଣ୍ଟନରେ ଦେଶ ପାଇଁ ସ୍ୱର୍ଣ୍ଣ ଜିତିବା ଏକ ଅଭୁଲା ସ୍ମୃତି

**ଟୋକିଓ, ୪।୯ (ପି.ଟି.):** ଗ୍ରେଟ୍ ବ୍ରିଟେନର ଡାନିଏଲ ବେଥେଲ୍‌ଙ୍କୁ ଫାଇନାଲରେ ପରାସ୍ତ କରି ପାରାଲିମ୍ପିକ୍ସ ବ୍ୟାଡ୍‌ମିଣ୍ଟନରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିବା ପରେ ତାଙ୍କ ଲାଗି ଏହା ଏକ ସ୍ମରଣୀୟ ମୁହୂର୍ତ୍ତ ବୋଲି କହିଛନ୍ତି ପ୍ରମୋଦ ଭଗତ। ଅତୀତରେ ସେ ଏହି ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ପରାସ୍ତ ହୋଇଥିଲେ। ତେଣୁ ଫାଇନାଲରେ ତାଙ୍କ ପାଇଁ ସେ ଏକ ରଣକୌଶଳ ପ୍ରସ୍ତୁତ କରିଥିଲେ। ଏଥିରୁ ତାଙ୍କୁ ସୁଫଳ ମଧ୍ୟ ମିଳିଥିଲା ବୋଲି ଭଗତ କହିଛନ୍ତି। ପାରାଲିମ୍ପିକ୍ସରେ ଚଳିତ ବର୍ଷ ପ୍ରଥମଥର ବ୍ୟାଡ୍‌ମିଣ୍ଟନକୁ ସାମିଲ କରାଯାଇଥିଲା। ବର୍ତ୍ତମାନ ବିଶ୍ୱର ନମ୍ବର ଓ୍ୱାନ ଭଗତ ପ୍ରଥମ ଭାରତୀୟ ଭାବେ ଏହ ଖେଳରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଏଥିପାଇଁ ସେ ନିଜେ ଗୌରବାନ୍ୱିତ ମନେ କରୁଛନ୍ତି ବୋଲି କହିଛନ୍ତି। ଓଡ଼ିଶାର ଏହି ୩୩ ବର୍ଷୀୟ ଖେଳାଳିଙ୍କୁ ଯେତେବେଳେ ମାତ୍ର ୪ ବର୍ଷ ବୟସ ହୋଇଥିଲା, ସେତେବେଳେ ସେ ପୋଲିଓ ରୋଗରେ ପୀଡ଼ିତ ହୋଇଥିଲେ। ବେଥେଲଙ୍କୁ ହରାଇବା ଦ୍ୱାରା ସେ ତାଙ୍କ ପୂର୍ବ ପରାଜୟର ପ୍ରତିଶୋଧ ନେଇ ପାରିଛନ୍ତି। ୨୦୧୯ ନଭେମ୍ବରରେ ଜାପାନ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାଶନାଲରେ ଭଗତ ଏହି ଖେଳାଳିଙ୍କ ନିକଟରୁ ହାରିଯାଇଥିଲେ। ଶନିବାର ତାଙ୍କୁ ଏହି ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସମାନ ଷ୍ଟାଡିୟମରେ ଭେଟିବାକୁ ପଡ଼ିଥିଲା। ଗ୍ରେଟ୍‌ବ୍ରିଟେନର ଏହି ଖେଳାଳିଙ୍କୁ ହରାଇବା ଲାଗି ସେ ସଂକଳ୍ପବଦ୍ଧ ଥିଲେ। ସମ୍ପୂର୍ଣ୍ଣ ମ୍ୟାଚ ବିଜୟ ଉପରେ ଗୁରୁତ୍ୱ ନ ଦେଇ ପ୍ରତିଟି ପଏଣ୍ଟ ଜିତିବା ଉପରେ ସେ ମନୋନିବେଶ କରିଥିଲେ। ଭଗତ ରବିବାର ଏସଏଲ୩–ଏସ୍‌ୟୁ୫ କ୍ଲାସ୍ ଶ୍ରେଣୀ ମିକ୍ସଡ ଡବଲ୍ସରେ ବ୍ରୋଞ୍ଜ ପଦକ ମୁକାବିଲା ପାଇଁ ଅବତୀର୍ଣ୍ଣ ହେବେ। ସେ ଓ ତାଙ୍କ ପାର୍ଟନର ପଲକ କୋହଲି ଜାପାନର ଦାଇସୁକେ ଫୁଜିହାରା ଓ ଆକିକୋ ସୁଗିନୋଙ୍କୁ ଭେଟିବେ। ଭଗତ ଓ ତାଙ୍କ ପାର୍ଟନର ସେମିଫାଇନାଲରେ ଇଣ୍ଡୋନେସିଆର ହ୍ୟାରି ସୁଶାନ୍ତୋ ଓ ଲିଆନି ରାତ୍ରୀ ଓକ୍‌ଟିଲାଙ୍କଠାରୁ ୩–୨୧, ୧୫–୨୧ରେ ପରାସ୍ତ ହୋଇଥିଲେ। ଭଗତ ତାଙ୍କ ପଡୋଶୀଙ୍କ ଖେଳ ଦେଖି ବ୍ୟାଡ୍‌ମିଣ୍ଟନ ପ୍ରତି ଆଗ୍ରହ ଦେଖାଇଥିଲେ। ପ୍ରଥମେ ସେ ସାଧାରଣ ଖେଳାଳିଙ୍କ ସହ ଖେଳ ଆରମ୍ଭ କରିଥିଲେ। ପରେ ୨୦୦୬ରୁ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।



ସ୍ୱର୍ଣ୍ଣ ପଦକ ସହ ପ୍ରମୋଦ।

ଧରିତ୍ରୀ
DHARITRI
ରବିବାର, ୫ ସେପ୍ଟେମ୍ବର, ୨୦୨୧



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୨,୦୯,୦୩,୫୬୯ | ୪୫,୭୧,୫୧୭ | ୧୯,୭୪,୨୯,୯୦୩ |
| ଭାରତ | ୩,୨୯,୮୬,୮୮୭ | ୪,୪୦,୫୫୨ | ୩,୨୧,୨୯,୪୩୯ |
| ଓଡ଼ିଶା | ୧୦,୧୦,୭୫୩ | ୮୦୪୦(+୫୩) | ୯,୯୬,୩୦୦ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ହାତୀଦାନ୍ତ ଜବତ, ୨ ଗିରଫ

**ଖଇରା, ୪।୯(ଡି.ଏନ.ଏ.):** ଏସ୍‌ଟିଏଫ୍, ଖଇରା ପୋଲିସ ଓ ବନ ବିଭାଗର ମିଳିତ ସହଯୋଗରେ ଶନିବାର ସନ୍ଧ୍ୟାରେ ଖଇରା ଧୋବାଗଡିଆ ଅଞ୍ଚଳରୁ ହାତ ଦାନ୍ତ ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇଛି। ଉକ୍ତ ଚୋରାଚାଲାଣ ର୍‍ୟାକେଟରେ ସମ୍ପୃକ୍ତ ଥିବା ସନ୍ଦେହରେ ଏସଟିଏଫ୍ ତରଫରୁ ଖୋଳତାଡ କରାଯାଉଛି। ଚଢ଼ାଉ ଜାରି ରହିଥିବାରୁ ସବିଶେଷ ତଥ୍ୟ ମିଳିପାରିନାହିଁ।

### ଏସ୍‌ପି ଅଫିସ ଆଗରେ ସମର୍ଥକଙ୍କ ବିକ୍ଷୋଭ


#### ମାନବବାଦ ସଙ୍ଗଠନର ମୁଖ୍ୟ ମାନସ ଦାସଙ୍କ ଗିରଫ ଘଟଣା

**ଖୋର୍ଦ୍ଧା ଅଫିସ,୪।୯:** ମାନବବାଦ ସଙ୍ଗଠନର ମୁଖ୍ୟ ତଥା ଆତ୍ମଘୋଷିତ ଗୁରୁଜୀ ମାନସ ଦାସ ଓ ତାଙ୍କ ପୁଅ ମନୋରଞ୍ଜନଙ୍କ ଗିରଫ ପରେ ତାଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ମାନସଙ୍କ ମୁକ୍ତି ଦାବିରେ ସମର୍ଥକମାନେ ଖୋର୍ଦ୍ଧା ଏସ୍‌ପି ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଶନିବାର ପୁଣି ଶତାଧିକ ମହିଳା, ପୁରୁଷ ଅପରାହ୍ନରେ କଣ୍ଟା ଛକ ଠାରୁ ଶୋଭାଯାତ୍ରାରେ ବାହାରି ଏସ୍‌ପି ଅଫିସ ଆଗରେ ବିକ୍ଷୋଭ କରିଥିଲେ। ଗୁରୁଜୀ ନିର୍ଦ୍ଦୋଷ, ତାଙ୍କୁ ମିଥ୍ୟା କେଶରେ ଫସାଇ ଦିଆଯାଇଛି। ଗଣମାଧ୍ୟମରେ ଗୁରୁଜୀଙ୍କ ନାଁରେ ମିଥ୍ୟା ପ୍ରଚାର କରାଯାଉଛି ବୋଲି ସମର୍ଥକମାନେ କହିଥିଲେ। ଏଥିସହ ନିରୀହ ଆଦିବାସୀଙ୍କୁ ଜାତିଗତ ସାର୍ଟିଫିକେଟ ଦେବା ଆଳରେ ସାମାଜିକ ବିଶୃଙ୍ଖଳା ସୃଷ୍ଟି କରୁଥିବା ନୀଳମାଧବ ଆଦିବାସୀ ସଂଘ ଆବାହକ ବେଲେଶ୍ୱର ପରିଡ଼ାଙ୍କ ଗିରଫ ଦାବି କରିଥିଲେ। ୨୦୨୦ ଜୁନ ୧୪ରେ ଦଧିମାଛଗାଡିଆ ଲାଲା ପ୍ରଧାନ ହତ୍ୟାକାଣ୍ଡ ଘଟଣାରେ ଗୁରୁଜୀଙ୍କ କୌଣସି ସମ୍ପୃକ୍ତି ନାହିଁ। ଏହି ହତ୍ୟା ପଛରେ ବେଲେଶ୍ୱରଙ୍କ ସମ୍ପୃକ୍ତି ରହିଛି ବୋଲି ମୃତକଙ୍କ ସ୍ତ୍ରୀ ଜ୍ୟୋସ୍ନା ଗଣମାଧ୍ୟମରେ କହିଛନ୍ତି। ବେଲେଶ୍ୱରଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ସମର୍ଥକମାନେ ଦାବି କରିଛନ୍ତି। ଏ ନେଇ ବେଲେଶ୍ୱରଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ। ଶାନ୍ତିଶୃଙ୍ଖଳା ପାଇଁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଘଟଣାସ୍ଥଳରେ ସଦର ଏସ୍‌ଡିପିଓ ସୁଶିଲ ମିଶ୍ର, ଡିଏସପି ଓମ୍‌ପ୍ରକାଶ ପାତ୍ର, ସୁଜିତ ପଣ୍ଡା, ଟାଉନ ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ, ସଦର ଥାନାଧିକାରୀ ଅନିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କମୁନି ପିଲାଙ୍କ ସଂକ୍ରମଣ ହାର

**ଭୁବନେଶ୍ୱର, ୪।୯(ବ୍ୟୁରୋ)**

- ୬୮୧ ଆକ୍ରାନ୍ତଙ୍କ ମଧ୍ୟରୁ ୧୧୮ ପିଲା
- ମୃତ୍ୟୁ ସଂଖ୍ୟା ୮,୦୪୦କୁ ବୃଦ୍ଧି
- ତୃତୀୟ ଲହରକୁ ନେଇ ପୁଣି ସତର୍କ କଲେ ସ୍ୱାସ୍ଥ୍ୟ ବିଶେଷଜ୍ଞ



ରାଜ୍ୟରେ କରୋନା ସଂକ୍ରମଣ କମୁଛି। କିନ୍ତୁ ପିଲାଙ୍କ ସଂକ୍ରମଣ ବଢ଼ିବାରେ ଲାଗିଛି। ଏବେ ଦୈନିକ ୧୭% ଉପରେ ପିଲା ସଂକ୍ରମିତ ହେଉଛନ୍ତି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୬୭,୨୨୯ ନମୁନା ପରୀକ୍ଷା ହୋଇଥିବାବେଳେ ୬୮୧ଜଣ ପଜିଟିଭ୍ ବାହାରିଛନ୍ତି। ଏମାନଙ୍କ ମଧ୍ୟରୁ ୧୮ ବର୍ଷରୁ କମ୍ ବର୍ଗର ୧୧୮ଜଣ ରହିଥିବା ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡ଼ିଛି। ଏହା ଦୈନିକ ସଂକ୍ରମଣର ୧୭.୩୨% ରହିଛି। ୨୬ ଜିଲାରୁ ଚିହ୍ନଟ ହୋଇଥିବା ନୂଆ ୬୮୧ ଆକ୍ରାନ୍ତଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୨୨ଜଣ ଥିବାବେଳେ କଟକରୁ ଦ୍ୱିତୀୟ ସର୍ବାଧିକ ୧୦୧ଜଣ ରହିଛନ୍ତି। ବର୍ତ୍ତମାନ ରାଜ୍ୟରେ ମୋଟ ସଂକ୍ରମଣ ୧୦,୧୦,୭୫୩କୁ ଛୁଇଁଛି।

ସେପଟେ ରାଜ୍ୟରେ ଆଉ ୫ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରେ ଭୁବନେଶ୍ୱର, କଟକ, ଭଦ୍ରକ, ନବରଙ୍ଗପୁର ଓ କେନ୍ଦ୍ରାପଡ଼ାରୁ ଜଣେ ଲେଖାଏ ରହିଛନ୍ତି। ଫଳରେ କରୋନାଜନିତ ମୃତ୍ୟୁ ୮,୦୪୦କୁ ବୃଦ୍ଧି ପାଇଛି। ସେହିପରି ଶନିବାର ଆଉ ୮୨୬ରୋଗୀ ସୁସ୍ଥ ହେବା ପରେ ମୋଟ ଆରୋଗ୍ୟ ସଂଖ୍ୟା ୯,୯୬,୩୦୦ରେ ପହଞ୍ଚିଛି। ଏବେ ରାଜ୍ୟରେ ୬,୩୬୦ଜଣ ସକ୍ରିୟ ରୋଗୀ ରହିଛନ୍ତି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨,୪୩୭ଜଣ ସକ୍ରିୟ ରୋଗୀ ରହିଥିବାରୁ ଏହି ଜିଲା ୟେଲୋ ଜୋନ୍‌ରେ ରହିଛି ଓ ବାକିସବୁ ଜିଲା ଗ୍ରୀନ ଜୋନ୍‌ରେ ଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାପଡିଛି।

ରାଜ୍ୟରେ କରୋନା ସ୍ଥିତିକୁ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଖୋର୍ଦ୍ଧା ଓ କଟକରେ ଲୋକଙ୍କ ସଂଖ୍ୟା ଅଧିକ ରହୁଥିବାରୁ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ରହୁଛି। ପ୍ରତିଷେଧକ କ୍ଷମତା ଯାଞ୍ଚ ପରେ ହିଁ ବୁଷ୍ଟର ଡୋଜ୍‌ର ଆବଶ୍ୟକତା କଥା କହିହେବ। ଜଣେ ବ୍ୟକ୍ତିଙ୍କଠାରେ ବର୍ଷେରୁ ଦେଢ଼ ବର୍ଷ ମଧ୍ୟରେ ପ୍ରତିଷେଧକ କ୍ଷମତା ଯାଞ୍ଚ ହେବ ବୋଲି ଡା. ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ଲୋକଙ୍କୁ ସତର୍କ କରି କହିଛନ୍ତି, ଆପଣଙ୍କ ପାଖ ଲୋକ କୋଭିଡ୍ ବାହକ ହୋଇପାରେ, ତେଣୁ ଦୂରତା ରକ୍ଷା କରନ୍ତୁ। ଟିକା ନେଇଛନ୍ତି ବୋଲି କରୋନା ହେବନି ଭାବନ୍ତୁ ନାହିଁ, ସତର୍କ ରୁହନ୍ତୁ ବୋଲି ଡା. ମିଶ୍ର ପରାମର୍ଶ ଦେଇଛନ୍ତି।

ଏପଟେ ଡିଏମ୍‌ଇଟି ଡା. ସିବିକେ ମହାନ୍ତି କହିଛନ୍ତି, କରୋନାର ନୂଆ ଭାରିଆଣ୍ଟ ଅଧିକ ଗୁରୁତର କରିପାରେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ତାହା ପ୍ରମାଣିତ ହୋଇନାହିଁ। ଅଗଷ୍ଟ ୩୦ରେ ଡବ୍ଲ୍ୟୁଏଚ୍‌ଓ ଭାରିଆଣ୍ଟ ଅଫ୍ ଇଣ୍ଟେରେଷ୍ଟ ବୋଲି କହିଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଡବ୍ଲ୍ୟୁଏଚ୍‌ଓ ଭାରିଆଣ୍ଟ ଅଫ୍ କନସର୍ନ ବୋଲି କହିନି। ଅନ୍‌ଲକ୍ ପରେ ଲୋକଙ୍କ ଗହଳି ଅଧିକ ହେଉଛି। ଯଦି ଲୋକମାନେ କଟକଣା ମାନିବେନି, ତେବେ କୋଭିଡ୍ ତୃତୀୟ ଲହରକୁ ରୋକି ହେବନାହିଁ ବୋଲି ଡିଏମ୍‌ଇଟି କହିଛନ୍ତି।

# ୬ରେ ଲଘୁଚାପ, ୭ ଯାଏ ପ୍ରବଳ ବର୍ଷା

**ଭୁବନେଶ୍ୱର, ୪।୯(ବ୍ୟୁରୋ)**

ଏବେ ରାଜ୍ୟରେ ଲଘୁଚାପଜନିତ ବର୍ଷା ଜାରି ରହିଛି। ଆସନ୍ତା ୬ ତାରିଖରେ ଉତ୍ତର ଓ ମଧ୍ୟ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ୭ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏଥିପାଇଁ ମତ୍ସ୍ୟଜୀବୀଙ୍କୁ ଉତ୍ତର ଓ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ୫ ତାରିଖରେ କୋରାପୁଟ, ମାଲକାନଗିରି, ଜଗତ୍‌ସିଂହପୁର, ପୁରୀ ଓ କେନ୍ଦ୍ରାପଡ଼ାରେ ପ୍ରବଳ ବର୍ଷା ହେବ। ଏଥିସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେଉଁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ ଓ କନ୍ଧମାଳରେ ଝଡ଼ବର୍ଷା ସହିତ ବଜ୍ରପାତ ହେବ। ୬ ତାରିଖରେ କୋରାପୁଟ, ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, କଳାହାଣ୍ଡିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେହିପରି ମାଲକାନଗିରି, ରାୟଗଡ଼ା, ଜଗତ୍‌ସିଂହପୁର, କଟକ, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ହେବ। ୭ରୁ ୮ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, ସୋନପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ହେବା ଆଶଙ୍କା ରହିଛି। ତେଣୁ ଏହି ତିନିଦିନ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ସେପଟେ ଶନିବାର ଭୁବନେଶ୍ୱରରେ ସର୍ବାଧିକ ୨୬.୨ମିମି ବର୍ଷା ରେକର୍ଡ କରାଯାଇଛି। ଏଥିସହ ଅନୁଗୋଳ, କଟକ, କୋରାପୁଟ, ନୟାଗଡ଼, ଦାରିଙ୍ଗବାଡ଼ି, ପାରଳାଖେମୁଣ୍ଡି, ରାୟଗଡ଼ାରେ ମଧ୍ୟ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ନିଶା ସେବନରୁ ପାଲଟିଲେ ବେପାରୀ

## କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ, ଇଞ୍ଜିନିୟରିଂ ଛାତ୍ର ଗିରଫ

**ଭୁବନେଶ୍ୱର,୪।୯(ବ୍ୟୁରୋ)**


ମନୋରଞ୍ଜନ ଦାସ

ପାଠପଢୁଥିବାବେଳେ ବ୍ରାଉନସୁଗାର ଜାଲରେ ଫସି ନିଶା ସେବନ କରୁଥିଲେ। ତା'ପରେ ପାଲଟିଗଲେ ବଡ଼ ବେପାରି। ବ୍ରାଉନସୁଗାର ଡିଲ୍ କରୁଥିବାବେଳେ ଶେଷରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ହାତରେ ଧରାପଡିଛନ୍ତି ଖୋର୍ଦ୍ଧା ଗୁରୁଜଙ୍ଗ ଅଞ୍ଚଳର ଇଞ୍ଜିନିୟରିଂ ଛାତ୍ର ମନୋରଞ୍ଜନ ଦାସ। କୁମ୍ଭାରବସ୍ତ ପେଟ୍ରୋଲ ପମ୍ପ ନିକଟରେ ତାଙ୍କୁ ଗିରଫ କରାଯାଇଛି। ଏଥିସହ ତାଙ୍କଠାରୁ ୧.୩୪ କେଜି ବ୍ରାଉନସୁଗାର ଜବତ ହୋଇଛି, ଯାହା ଆନୁମାନିକ ମୂଲ୍ୟ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏ ନେଇ ଏସ୍‌ଟିଏଫ ଏକ ମାମଲା (ନଂ.୩୧/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ପଚରାଉଚରା ପରେ ଶନିବାର ଖୋର୍ଦ୍ଧା ଜିଲା ଦୌରା ଜଜ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଏସ୍‌ଟିଏଫ୍‌ର ସୂଚନା ମୁତାବକ, ଅଭିଯୁକ୍ତ ମନୋରଞ୍ଜନ ବିଟେକ ପଢିବାବେଳେ ବ୍ରାଉନସୁଗାର କବଳରେ ପଡିଥିଲେ। ପରେ ସେ ନିଶା କାରବାରରେ ପାଦ ଦେଇଥିଲେ। ଏ ସମ୍ପର୍କରେ ପରିବାର ଲୋକେ ଜାଣିବା ପରେ ତାଙ୍କୁ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ବାହାରିବା ପରେ ସେ ପୁଣି ଲୁଚାଛପାରେ ନିଶା ସେବନ ଆରମ୍ଭ କରିଥିଲେ। ତେବେ ଏଥିପାଇଁ ଟଙ୍କା ଅଭାବ ହେବାରୁ ବ୍ରାଉନସୁଗାର ବେପାରୀଙ୍କ ସହଯୋଗରେ ଚୋରା ଚାଲାଣ କାର୍ଯ୍ୟରେ ଲିପ୍ତ ହୋଇଥିଲେ। ବିଭିନ୍ନ କଲେଜ ଛାତ୍ରଙ୍କୁ ବାଉନସୁଗାର ବିକ୍ରି କରିବା ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା। ଶୁକ୍ରବାର କୁମ୍ଭାରବସ୍ତ ନିକଟ ପେଟ୍ରୋଲ ପମ୍ପ ନିକଟରେ ବ୍ରାଉନସୁଗାର ଡିଲ୍ ନେଇ ଗୋଇନ୍ଦା ସୂତ୍ରରୁ ଏସ୍‌ଟିଏଫ୍ ନିକଟରେ ଖବର ପହଞ୍ଚିଥିଲା। ଏସ୍‌ଟିଏଫ୍‌ର ସ୍ୱତନ୍ତ୍ର ଟିମ୍ କୁମ୍ଭାରବସ୍ତ ନିକଟ ପେଟ୍ରୋଲ ପମ୍ପରେ ଜାଲ ବିଛାଇଥିଲେ। ଗୋଇନ୍ଦା ତଥ୍ୟ ମୁତାବକ ଅଭିଯୁକ୍ତ ମନୋରଞ୍ଜନ ଏକ ବାଇକରେ ଆସୁଥିବାବେଳେ ଏସ୍‌ଟିଏଫ ତାଙ୍କୁ କାବୁ କରିନେଇଥିଲା। ଯାଞ୍ଚ ପରେ ତାଙ୍କ ନିକଟରୁ ୧.୩୪ କେଜି ବ୍ରାଉନସୁଗାର ମିଳିଥିଲା। ଏଥିସହ ତାଙ୍କ ନିକଟରୁ ମୋବାଇଲ ଫୋନ୍, ଏଟିଏମ୍ କାର୍ଡ ଓ ଅନ୍ୟାନ କାଗଜପତ୍ର ସହ ଚୋରା ଚାଲାଣରେ ବ୍ୟବହୃତ ବାଇକକୁ ପୋଲିସ ଜବତ କରିଛି। ସୂଚନାଯୋଗ୍ୟ, ୨୦୨୦ରୁ ବର୍ତ୍ତମାନ ସୁଦ୍ଧା ଏସ୍‌ଟିଏଫ୍ ୩୯ କେଜି ବ୍ରାଉନସୁଗାର ସହ ୮୬ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏଥିସହ ଚୋରା ଚାଲାଣରେ ସଂପୃକ୍ତ ୧୦୦ ଅଭିଯୁକ୍ତଙ୍କୁ ଗିରଫ ମଧ୍ୟ କରିଥିବା ସୂଚନା ଦିଆଯାଇଛି।

# ଏଥର ଭର୍ଚୁଆଲ ଟୁର୍‌ରେ କନ୍ଧ ଜନଜାତିଙ୍କ ଘର

**ଭୁବନେଶ୍ୱର, ୪।୯ (ବ୍ୟୁରୋ)**

ଓଡ଼ିଶାରେ ଜନଜାତିଙ୍କ ମଧ୍ୟରେ କନ୍ଧ ଜନଜାତିଙ୍କ ସଂଖ୍ୟା ସବୁଠାରୁ ଅଧିକ। ଏମାନେ ଦକ୍ଷିଣ ଓଡ଼ିଶା ବିଶେଷତଃ ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, କୋରାପୁଟ ଜିଲାରେ ବସବାସ କରିଥାନ୍ତି। କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ କୁଟିଆ କନ୍ଧ, ଡଙ୍ଗରିଆ କନ୍ଧ, ଦେଶିଆ କନ୍ଧ ବାସ କରନ୍ତି। ସେମାନେ 'କୁଇ' ଓ 'କୁଭି' ଭାଷାରେ କଥା ହୁଅନ୍ତି। କନ୍ଧମାନଙ୍କର ଘର ହେଉଛି ଚତୁର୍ଭୁଜାକାର। ସେମାନଙ୍କ ଘରେ ଝରକା ନ ଥାଏ ଓ ଚଉଡ଼ା ବାରଣ୍ଡା ରହିଥାଏ। ମୁଖ୍ୟ ରହିବା ଘରେ କାଠରେ ତିଆରି ବେଦି ପରି ଉଚ୍ଚସ୍ଥାନରେ ଶସ୍ୟ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ରହିଥାଏ। ରନ୍ଧନଶାଳାରେ ଚୁଲି ଓ ପୂଜା ପାଇଁ ସ୍ଥାନ ରଖାଯାଇଥାଏ। କନ୍ଧ ଜନଜାତିଙ୍କ ଘର ପଛପଟେ ଗୃହପାଳିତ ପଶୁ ରଖିବାର ବ୍ୟବସ୍ଥା କରାଯାଇଥାଏ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ପ୍ରତି ରବିବାର ଦର୍ଶକଙ୍କ ନିମନ୍ତେ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର୍‌ର ବ୍ୟବସ୍ଥା କରାଯାଇଛି। ଏଥର ଦର୍ଶକମାନେ ଏହି କନ୍ଧ ଜନଜାତିଙ୍କ ଘର ସମ୍ପର୍କରେ ଅଧିକ ତଥ୍ୟ ଜାଣିବେ। ଆଗ୍ରହୀ ଦର୍ଶକମାନେ ରବିବାର ଫେସ୍‌ବୁକ୍ ଓ ଟୁଇଟର ପେଜ୍ @stscdev, @scstrti ଖୋଲି ସଂଗ୍ରହାଳୟ ବୁଲି ପାରିବେ ବୋଲି ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ସୂଚନା ଦେଇଛନ୍ତି।

# ଚର୍ଚ୍ଚାରେ ବିସ୍ମୟ ବାଳିକା ସିମ୍ରନ


ମାଆବାପାଙ୍କ ସହ ସିମ୍ରନ।

**ନାରାୟଣପାଟଣା,୪।୯(ଡି.ଏନ୍.ଏ.)**

ଏବେ ସବୁଠି ବିସ୍ମୟ ବାଳିକା ସିମ୍ରନଙ୍କ ଚର୍ଚ୍ଚା। ବୟସ ମାତ୍ର ୫ବର୍ଷ। କିନ୍ତୁ ଅନେକ ଜଟିଳ ପ୍ରଶ୍ନର ଉତ୍ତର ତାଙ୍କ ପାଟିରେ। ସେ ହେଉଛନ୍ତି କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ ତଳଗୁମାଣ୍ଡି ପଞ୍ଚାୟତ ବାରୀ ଗ୍ରାମର ଶ୍ରୀଧର ତାଡ଼ିଙ୍ଗିଙ୍କ ଝିଅ ସିମ୍ରନ। ସାଧାରଣ ଜ୍ଞାନ, ଦେଶ ବିଦେଶର ଖବର, ରାଜ୍ୟର ସ୍ୱାଧୀନତା ସଂଗ୍ରାମୀ ଏବଂ ବୈଜ୍ଞାନିକଙ୍କ ବିଷୟରେ ଯେକୌଣସି ପ୍ରଶ୍ନ ପଚାରିଲେ ମାତ୍ର ଗୋଟିଏ ସେକେଣ୍ଡରେ ଉତ୍ତର ଦେଉଛନ୍ତି ସିମ୍ରନ । ତାଙ୍କର ପ୍ରତିଭାକୁ ନେଇ ଏବେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଛି। ସାଢେ ୫ ମିନିଟ୍‌ର ଏହି ଭିଡିଓରେ ସେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଉଥିବା ଦେଖିବାକୁ ମିଳୁଛି। ଏହାକୁ ଅନେକ ପ୍ରଶଂସା ମିଳିଛି। ଅନେକ ୟୁଜର ଲାଇକ କରିବା ସହ କମେଣ୍ଟ ମଧ୍ୟ ରଖିଛନ୍ତି। ଏଭଳି ପ୍ରତିଭାସମ୍ପନ୍ନ ଝିଅ ସିମ୍ରନଙ୍କୁ ଭଲ ସ୍କୁଲରେ ପଢ଼ାଇପାରୁ ନ ଥିବା ଦୁଃଖର ସହ କହନ୍ତି ତାଙ୍କ ମାଆବାପା। ଆଗାମୀ ଦିନରେ ତାଙ୍କୁ ସୁଯୋଗ ମିଳିଲେ ସେ ଆହୁରି ଆଗକୁ ବଢ଼ିପାରିବେ ବୋଲି ଆଶା ପ୍ରକାଶ କରିଛନ୍ତି ମାଆବାପା ଓ ଗ୍ରାମବାସୀ।

# ଲୁଟ୍ ଗହଣା ବନ୍ଧକ ରଖି ଗିରଫ ହେଲେ ଶାଖା ମୁଖ୍ୟ

**ଭୁବନେଶ୍ୱର,୪।୯(ବ୍ୟୁରୋ)**

- ୨ ଲୁଟ୍ ଅଭିଯୁକ୍ତ ଗିରଫ
- ଜାମିନ ନ ମିଳିବାରୁ ଜେଲ ଗଲେ


ଜବତ ସୁନା ଅଳଙ୍କାର ଓ ଗିରଫ ୨ ଲୁଟ୍ ଅଭିଯୁକ୍ତ।

କୌଣସି କାଗଜପତ୍ର ଯାଞ୍ଚ ନ କରି ଲୁଟ୍ ସୁନାକୁ ବନ୍ଧକ ରଖି ଲୁଟେରାଙ୍କୁ ଋଣ ଦେବା ଶେଷରେ କାଳ ହୋଇଛି। ଖାରବେଳନଗର ଥାନା ପୋଲିସ ଶନିବାର ଚନ୍ଦ୍ରଶେଖରପୁରସ୍ଥିତ ମାନାପୁରମ୍ ଅର୍ଥ ଲଗାଣକାରୀ ସଂସ୍ଥାର ଶାଖା ମୁଖ୍ୟଙ୍କୁ ଗିରଫ କରିବା ସହ ସେଠାରୁ ୨୯.୨ ଗ୍ରାମ ସୁନା ଅଳଙ୍କାରକୁ ଜବତ କରିଛି। ଗିରଫ ଶାଖା ମୁଖ୍ୟ ହେଲେ ଆଶିଷ କୁମାର ଗୟା। ଏଥିସହ ସୁନା ଲୁଟ୍ ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ସେମାନେ ହେଲେ ନୀଳାଦ୍ରିବିହାର ଇଶାନେଶ୍ୱର ବସ୍ତିରେ ରହୁଥିବା ନୟାଗଡ଼ ଖଣ୍ଡପଡ଼ା ଅଞ୍ଚଳର ବିଭୂତି ପ୍ରଧାନ ଓରଫ ବିଭୁ (୨୮) ଓ ସୀତାନାଥନଗର ବସ୍ତିରେ ରହୁଥିବା କଟକ ବାଙ୍କୀ ତୁଳସୀପୁର ଗାଁର ଶୁଭ୍ରଜିତ୍ ଦେବତା ଓରଫ କାହ୍ନା (୨୮)। ବିଭୁ ଓ କାହ୍ନା ହେଉଛନ୍ତି ପେସାଦାର ଅପରାଧୀ। ଏମାନଙ୍କ ନାମରେ ଚନ୍ଦ୍ରଶେଖରପୁର ଥାନାରେ ପୂର୍ବରୁ ୬ଟି ଆପରାଧିକ ମାମଲା ରହିଥିବା ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ ସୂଚନା ଦେଇଛି।

ସୂଚନା ମୁତାବକ, ଗତ ୨୫ ତାରିଖ ରାତି ପ୍ରାୟ ୮ଟାରେ ଏକ ସ୍କୁଟିରେ ଖାରସୁଗୁଡା ବମ୍ବେ ଛକ ଅଞ୍ଚଳରେ ରହୁଥିବା କ୍ରିଷ୍ଣାବେଣୀ ଆଚାରୀ ତାଙ୍କ ଝିଅ ଓ ପୁଅଙ୍କ ସହ ଶିଖରଚଣ୍ଡୀରୁ ଭୁବନେଶ୍ୱର ରେଳଷ୍ଟେଶନକୁ ଆସୁଥିଲେ। ଏହି ସମୟରେ ଲୁଟେରା ବିଭୁ ଓ କାହ୍ନା ଜୟଦେବ ବିହାରରୁ ତାଙ୍କ ପିଛା କରିଥିଲେ। ପିଏମ୍‌ଜି ନିକଟରେ କ୍ରିଷ୍ଣାବେଣୀଙ୍କଠାରୁ ଏକ ଭ୍ୟାନିଟ୍ ଝାମ୍ପିନେଇଥିଲେ। ଫଳରେ ସେ ସ୍କୁଟିରୁ ଖସିପଡି ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଖବର ପାଇ ଖାରବେଳନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଚିକିତ୍ସିତ ହେବାପରେ କ୍ରିଷ୍ଣାବେଣୀ ଘଟଣା ସମ୍ପର୍କରେ ଥାନାରେ ଏତଲା ଦେଇଥିଲେ। ଲୁଟ୍ ଭ୍ୟାନିଟ୍‌ରେ ୨ ସୁନା ଚେନ୍, ୨ ମୋବାଇଲ, ଗୋଟିଏ ହଳ କାନ ଫୁଲ, ଗୋଟିଏ ସୁନା ମୁଦି ଓ ନଗଦ ୩ ହଜାର ଟଙ୍କା ସମେତ ଜରୁରୀ କାଗଜପତ୍ର ରହିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଥିଲେ। ଏହାକୁ ଆଧାର କରି ପୋଲିସ ମାମଲା ନଂ.୨୭୬/୨୧ ରୁଜୁ କରି ଅଧିକ ଖୋଳତାଡ଼ କରିଥିଲା। ପ୍ରଥମେ ପୋଲିସ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଚଢ଼ାଉ କରି କାହ୍ନା ଓ ବିଭୁଙ୍କୁ ଗିରଫ କରିଥିଲା। ପଚରାଉଚରା ବେଳେ ସେମାନେ ଲୁଟ୍ ସୁନା ଅଳଙ୍କାରକୁ ଚନ୍ଦ୍ରଶେଖରପୁରସ୍ଥିତ ମାନାପୁରମ୍ ଆସେସଟ୍ସ ଫାଇନାନ୍ସ ଲିମିଟେଡ ସର୍ଭିସ୍‌ରେ ବନ୍ଧକ ରଖି ଟଙ୍କା ଆଣିଥିବା ସ୍ୱୀକାର କରିଥିଲେ। ଏହାପରେ ପୋଲିସ ସେଠାରେ ଚଢ଼ଉ କରିଥିଲା। ତଦନ୍ତ ସମୟରେ ବ୍ରାଞ୍ଚ ମୁଖ୍ୟ ଆଶିଷ କୌଣସି କାଗଜପତ୍ର ଯାଞ୍ଚ ନ କରି ଉକ୍ତ ଲୁଟ୍ ସୁନାକୁ ବନ୍ଧକ ରଖି ୮୦ହଜାର ଟଙ୍କା ଋଣ ଦେଇଥିବା ପୋଲିସ ଜାଣିବା ପରେ ତାଙ୍କୁ ଗିରଫ କରିଥିଲା। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି।

# ଯୁକ୍ତ୨ ସ୍ୱତନ୍ତ୍ର ପରୀକ୍ଷାର୍ଥୀଙ୍କୁ ମିଳିବ ଯୁକ୍ତ୩ ନାମଲେଖା ସୁଯୋଗ

**ଭୁବନେଶ୍ୱର, ୪।୯(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ସ୍ୱତନ୍ତ୍ର ପରୀକ୍ଷା (ଅଫ୍‌ଲାଇନ୍) ଦେବାକୁ ଯାଉଥିବା ଛାତ୍ରୀଛାତ୍ରଙ୍କ ପାଇଁ ଯୁକ୍ତ୩ ନାମଲେଖା ନିମନ୍ତେ ସୁଯୋଗ ମିଳିବ। ଇତିମଧ୍ୟରେ ଯୁକ୍ତ୩ ନାମଲେଖା ପାଇଁ ଶନିବାର ଆବେଦନ ପ୍ରକ୍ରିୟା ଶେଷ ହୋଇଥିଲେ ମଧ୍ୟ ସେମାନଙ୍କ ଲାଗି ଦ୍ୱିତୀୟ ପର୍ଯ୍ୟାୟରେ ବ୍ୟବସ୍ଥା କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଯୁକ୍ତ୨ ବିକଳ୍ପ ମୂଲ୍ୟାୟନରେ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ରମାନେ ସ୍ୱତନ୍ତ୍ର ଭାବେ ପରୀକ୍ଷା ଦେବେ। ଏହି ସ୍ୱତନ୍ତ୍ର ପରୀକ୍ଷା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ କେବେ ପରୀକ୍ଷା ହେବ ସେନେଇ ପରିଷଦ ପକ୍ଷରୁ ସୂଚନା ଦିଆଯାଇ ନାହିଁ। ଆବେଦନ ପରେ ପିଲା ସଂଖ୍ୟା ଦେଖି ପରୀକ୍ଷା ତାରିଖ ଘୋଷଣା କରାଯିବ ବୋଲି କୁହାଯାଇଛି। ତେବେ ଯୁକ୍ତ୩ ପାଇଁ ଶନିବାର ଆବେଦନ ସରୁଥିବାରୁ ଏହାକୁ ନେଇ ପିଲା ଚିନ୍ତାରେ ଥିଲେ। ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇଯିବେ ବୋଲି ସେମାନଙ୍କ ମନରେ ଭୟ ରହିଥିଲା। ଏବେ ସେମାନଙ୍କୁ ନାମଲେଖା ପାଇଁ ସୁଯୋଗ ଦିଆଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସ୍ପଷ୍ଟ କରିଥିବାରୁ ସମ୍ପୃକ୍ତ ଛାତ୍ରୀଛାତ୍ରମାନେ ଆଶ୍ୱସ୍ତ ହୋଇଛନ୍ତି। ମନ୍ତ୍ରୀ କହିଛନ୍ତି, ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ସ୍ୱତନ୍ତ୍ର ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ପାଇଁ ଉଚ୍ଚଶିକ୍ଷା ବିଭାଗ ଦ୍ୱିତୀୟ ପର୍ଯ୍ୟାୟ ଯୁକ୍ତ୩ ନାମଲେଖା ପ୍ରକ୍ରିୟା କରିବ। ଅକ୍ଟୋବର ଶେଷ କିମ୍ବା ଯୁକ୍ତ୨ ସ୍ୱତନ୍ତ୍ର ପରୀକ୍ଷାଫଳ ପ୍ରକାଶିତ ହେବା ପରେ ଆରମ୍ଭ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

giz The Deutsche Gesellschaft für Internationale Zusammenarbeit (GIZ) GmbH

**Junior Technical Advisor (JTA)**
**Food Security through Integrated Aquaculture in Assam and Odisha**

**Responsibilities**
JTA is expected to support all technical matters related to inland aquaculture in Odisha. In close collaboration with the implementing partners. The JTA will
- Assist in developing training materials, write reports and support in communication task
- Assist in monitor the implementation of trainings, support in training facilitation and technical advisory

**Required qualifications and experience**
- University qualification in Aquaculture, Fisheries, Agricultural Economics
- Experience in running own or commercial freshwater (pond) aquaculture.
- Experience in aquaculture extension work, practical work with fish farmers, and working with Govt. institutions and community groups.

**Location:** Bhubneshwar, Odisha **Duration:** One year with possible extension.
**Details Apply:** http://www.devnetjobsindia.org/jobdescription.aspx?job_id=173146
**Last date:** 7th Sept 2021



ଆଜିର ମନ୍ତବ୍ୟ
ମୁଁ ସଚିନ ତେନ୍ଦୁଲକର ନୁହେଁ। ସମୁଦାୟ ଟିମ୍ ଏକାଠି କାମ କଲେ ଆମେ ମ୍ୟାଚ ଜିତିପାରିବା।
-ଜଷ୍ଟିସ୍ ଏନ୍. ଭି. ରମାନା, ସିଜେଆଇ



## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................


ଆକାଂକ୍ଷା
ପରିବାରବର୍ଗ


ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୨ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୪।୯(ଡି.ଏନ.ଏ.): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡା ଜିଲା ପୋଲିସ ନିକଟରେ ଶନିବାର ଜଣେ ମହିଳା ଓ ଜଣେ ପୁରୁଷ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଜିଲା ପୋଲିସ କାର୍ଯ୍ୟାଳୟରେ ଏସ୍‌ପି ଅଭିଷେକ ପଲ୍ଲବଙ୍କ ନିକଟରେ ଉଭୟେ ଆତ୍ମସମର୍ପଣ କରିଥିବା ଜଣାପଡିଛି। ସେମାନେ ହେଲେ ସିଏନ୍‌ଏମ୍ ଅଧ୍ୟକ୍ଷ ସୁକୁଡା ମାଡକାମି (୩୦) ଏବଂ ଜେଏଏମ୍‌ଏସ୍ ଉପାଧ୍ୟକ୍ଷ ପାୟକେ ମାଡକାମି (୩୧)। ତେବେ ସୁକୁଡାଙ୍କ ନାମରେ ପୂର୍ବରୁ ସରକାର ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ଉଭୟଙ୍କ ନାମରେ ବିଭିନ୍ନ ଥାନାରେ ମାମଲାରେ ରହିଛି। ମାଓବାଦୀ ସଙ୍ଗଠନ ନିଜ ନୀତି ଆଦର୍ଶରୁ ଓହରି ଯାଇଥିବାରୁ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଉଭୟେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଲି ଯାଉଥାଏ ସରମକୁ**
**କଥା ହେଉଥାଏ ଭରମକୁ**
**ମରମ ଭିତରେ ଯାହା ହେଉଥାଏ**
**ସାକ୍ଷୀ ଦେଉଥାଏ ଧରମକୁ।**

ଲାଜେଇ ଭୁଲେଇ ଭାଲେଇ କଥା ହେଉଥିଲେ ମଧ୍ୟ ବ୍ୟକ୍ତିର ମରମ ଯେଉଁଥି ପାଇଁ ଦହି ହେଉଥାଏ, ସେ ତାହା ପ୍ରକାଶ କରିପାରି ନଥାଏ। ଖାଲି ଧର୍ମକୁ ସାକ୍ଷୀ ରଖି ଚାଲିଥାଏ। ପ୍ରଗାଢ ପ୍ରେମ ପ୍ରତି ଗଭୀରତା ଅନୁଭବ କଲାବେଳେ ଏମିତି ଭାବନା ମନକୁ ଆସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୂନ ରଗ ପାନେ ମରୁ**
**ମନ ରଗ ମନେ ମରୁ।**

ଚୂନ ପାଟିକୁ ଟିକେ କଡା ଲାଗିଥାଏ। ଏହାର କଡା ବା ତିଖା ପଣ ପାନରେ ମିଳାଇଯାଇଥାଏ। ସେହିପରି ମନର ରାଗ ବା କ୍ରୋଧ ବେଳେବେଳେ ପ୍ରକାଶ ହୋଇନପାରି ନିଜ ମନ ମଧ୍ୟରେ ଛପି ହୋଇ ରହି ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଜଣେ ସହକର୍ମୀ ଆପଣଙ୍କ କାମଗୁଡ଼ିକୁ ଧୀର ଗତିରେ ଲକ୍ଷ୍ୟସ୍ଥଳକୁ ନେବାରେ ସାହାଯ୍ୟ କରିବେ। ପାରିବାରିକ ଦୃଷ୍ଟିକୋଣରୁ କିଛି ଗଡ଼ବଡ଼ ପରିସ୍ଥିତକୁ ସମାଧାନରେ ଆପଣ ସମର୍ଥ ହେବେ। ସଭାସମିତି, ମାଲିମକଦ୍ଦମା କଥା କିମ୍ବା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ବନ୍ଧୁଙ୍କ ଉପରୁ ବିଶ୍ୱାସ ହରାଇ ପାରନ୍ତି।

**ବୃଷ**
ଯାତ୍ରା କାଳରେ ପରିସ୍ଥିତିବଶତଃ ଆତ୍ମୀୟଙ୍କ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ପ୍ରତିବନ୍ଧକ ମଧ୍ୟରେ କର୍ମକ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେବେ। ଅଫିସ୍ କାମରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ଘରେ ବନ୍ଧୁମିଳନ କିମ୍ବା ବନ୍ଧୁଙ୍କ ଅପ୍ରତ୍ୟାଶିତ ଆଗମନରୁ ଖୁସି ହୋଇପାରନ୍ତି।

**ମିଥୁନ**
ପାରିବାରିକ ସମସ୍ୟା ସମାଧାନ ସହ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ବାଣିଜ୍ୟ,ବ୍ୟବସାୟ କ୍ଷେତ୍ରରୁ ସନ୍ତୋଷଜନକ ଅର୍ଥାଗମ ହେବାର ସମ୍ଭାବନା ରହିଛି। ଭଲ ସମ୍ପର୍କ ନଥିବା ବ୍ୟକ୍ତିମାନେ ଖାଲରେ ପକାଇବାକୁ ଚାହିଁଲେ ମଧ୍ୟ ସଫଳ ହେବେ ନାହିଁ। ଆଜିର ଆଲୋଚନା ସମୟରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**କର୍କଟ**
ବନ୍ଧୁଙ୍କ ଗହଣରେ ସକାଳୁ ଆନୁଷ୍ଠାନିକ କାମରେ ନିଜକୁ ମଜ୍ଜାଇ ରଖିବେ। ଗତକାଲିଠାରୁ ଅଟକି ରହିଥିବା କାମ ଆଜି ସୁବିଧାରେ ହୋଇଯିବ। ଭୁଲ୍ ବୁଝାମଣା ହେତୁ ପରିବାରରେ ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ସାମୟିକ ଅସନ୍ତୁଷ୍ଟ ରହିପାରନ୍ତି। ଅତୀତରେ ଘଟିଯାଇଥିବା ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରି ଅପରାହ୍ନରେ ଚିନ୍ତିତ ରହିବେ।

**ସିଂହ**
ବନ୍ଧୁଙ୍କ ପ୍ରେରଣା ପାଇଲେ ମଧ୍ୟ ମନରେ ସକାରାତ୍ମକ ଭାବ ଉଦ୍ରେକ ହେବନାହିଁ। ସାଧାରଣ ସ୍ୱାର୍ଥକୁ କେନ୍ଦ୍ର କରି ଅପରାହ୍ନେ କଳହର ସମ୍ମୁଖୀନ ହୋଇପାରନ୍ତି। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ କେତେକାଂଶରେ ଉପକୃତ ହେବେ।

**କନ୍ୟା**
ସ୍ଥଗିତ କାମଗୁଡ଼ିକ ଆଜି ସମ୍ପନ୍ନ ହୋଇପାରେ। ଆନୁଷଙ୍ଗିକ ସାହାଯ୍ୟ ଓ ସହଯୋଗ କାର୍ଯ୍ୟକୁ ତ୍ୱରାନ୍ୱିତ କଲେ ମଧ୍ୟ ପ୍ରାଥମିକ ଅବସ୍ଥାରେ କିଛିଟା ବ୍ୟତିକ୍ରମ ଦେଖାଦେଇପାରେ। ପରିବାରର ଆବଶ୍ୟକତା ପୂରଣ ସକାଶେ ଧାରକରଜ କରି କାମ ତୁଲାଇ ନେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ଏଜେନ୍‌ସିପ ପ୍ରଭୃତିରେ ଉନ୍ନତି କରିବେ।

**ତୁଳା**
ଯାହା ଓ ଯେତିକି ପାଇବା କଥା, ସେଥିପାଇଁ ଆପଣଙ୍କୁ ପ୍ରବଳ ସଂଘର୍ଷ କରିବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ କୌଣସି ଅସୁବିଧା ନକଲେ ମଧ୍ୟ ଆର୍ଥିକ କ୍ଷତି ଘଟାଇ ପାରନ୍ତି। ବ୍ୟସ୍ତରେ ଯାଉଯାଉ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ। ଶରୀର ଚର୍ଚ୍ଚାର ଅନିୟମିତତା ହେତୁ ଶାରୀରିକ ଅସୁସ୍ଥତା ହେଇପାରେ।

**ବିଛା**
କୌଣସି କ୍ଷେତ୍ରରେ ବିବାଦ ଆଗକୁ ନ ବଢ଼ାଇ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବା ଭଲ। ପାରିବାରିକ ସମସ୍ୟା ସମାଧାନରେ ପଡ଼ୋଶୀ ମୁଖ୍ୟ ଭୂମିକା ନିଭାଇବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ପ୍ରଭୃତିରେ ସମସ୍ୟା ସମାଧାନ ହେବ। କର୍ମକ୍ଷେତ୍ରରେ କାମ ଚାପ ଯୋଗୁ ଘରକଥା ବୁଝିବାକୁ ସମୟ ପାଇବେ ନାହିଁ।

**ଧନୁ**
ଅପ୍ରିୟ ସତ୍ୟ କହିବା କାରଣରୁ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବା ହେତୁ ବିଶେଷ ଆନନ୍ଦ ଅନୁଭବ କରିବେ। ପାରିବାରିକ ଶାନ୍ତି ଓ ସଦ୍ଭାବ ମାନସିକ ସ୍ଥିତିକୁ ପ୍ରଫୁଲ୍ଲିତ କରି ରଖିବ।


**ମକର**
ଶାସ୍ତ୍ରାନୁଶୀଳନ, କଳା, ସାହିତ୍ୟ, ସଙ୍ଗୀତ ଚର୍ଚ୍ଚାରେ ଦିନଟିକୁ ଉପଭୋଗ କରିପାରନ୍ତି। ସହନଶୀଳତା ଗୁଣରୁ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ହେବେ। ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମ ସବୁ ଠିକ୍ ହୋଇଯିବ। ବହୁତ ପୂର୍ବରୁ ଆଲୋଚନା ଅନୁଯାୟୀ ଅର୍ଥ ସାହାଯ୍ୟ ପାଇବେ ଏବଂ ଆଶା କରିଥିବା ଖବର ପାଇ ଖୁସି ହେବେ।

**କୁମ୍ଭ**
ଆଜି ଯେଉଁ କାମ କଲେ ମଧ୍ୟ ବିରୋଧର ସମ୍ମୁଖୀନ ହେବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ। ଅତି ଆଦରର ବନ୍ଧୁଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଅସୁବିଧାରେ ପକାଇପାରନ୍ତି। ଗୃହ, ଭୂମି, ଗାଡିମୋଟର, ପ୍ରେସ୍ , ପବ୍ଲିକେଶନ ସମ୍ପର୍କୀୟ ଦୁଶ୍ଚିନ୍ତା ଆସିପାରେ।

**ମୀନ**
ଆନୁଷ୍ଠାନିକ କାମରେ ଉତ୍ସର୍ଗୀକୃତ ମନୋଭାବ ନେଇ ପ୍ରଶଂସିତ ହେବେ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ସ୍ଥାପନ ହିତକର ହେବ। ଆକସ୍ମିକ ଭାବରେ ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବା ଯୋଗୁ ଚିନ୍ତିତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ କିମ୍ବା କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଆଲୋଚନାରେ ପ୍ରତିଦ୍ୱନ୍ଦ୍ୱିତା ଦେଖାଦେଇପାରେ।

# classifieds Everyday

0674-2580101, 2549302



MATRIMONIAL

**GROOM WANTED**

Postal Department Job କରୁଥିବା 39 ବୟସ୍କା ଖଣ୍ଡାୟତ ବିଧବା ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7681060810. D-21541

ସୁନ୍ଦର 40 ବୟସ୍କା ବ୍ରାହ୍ମଣ ଏକ ସନ୍ତାନ ଥିବା ଛାଡ଼ପତ୍ର ଝିଅଙ୍କୁ ଯେ କୌଣସି ଜାତିର ରୋଜଗାରିଆ ଘରଜ୍ୱାଇଁ ଆବଶ୍ୟକ। 7606067313. D-21540

"Fair beautiful Gopal bride 27 year/ 5'5" MCA (OUAT BBSR). Father Retired Govt Officer. Looking for suitable Gopal groom, preferably Govt/ PSU Job. Contact: 9437533402". D-21537



real estate

**SALE**

ଭୁବନେଶ୍ୱର ଚନ୍ଦକାରେ **Nalanda ଓ BCCST College** ପାଖରେ **road, electricity, water** ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ **possession** ଥାଇ ମିଳୁଛି। **9348870771, 9090543542.** D-70889

3/2BHK furnished flat available near Amber Showroom, Patrapada. 9861037729, 9040337729. D-71412

Gharabari plot for sale at Nakhara, 700meter distance from NH-5, Grand Bazar per sqft. @1400/-, details. contact: 9937253888, 9438664354. D-71149

Land Owner plot for sale Patrapada CV Raman College yellowzone, Price-999/-. 9437335686, 7008487006. D-21504

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-21531

ଭୁବନେଶ୍ୱର ବିକାଶ ସ୍କୁଲ ନିକଟରେ ଘରବାରି ପ୍ଲଟ୍ sqft.-650/-, ସୁନ୍ଦରପଦାରେ 1500/-, 9937984256. D-70899

ମୋର କଳିଙ୍ଗ ନଗର ଏବଂ ଘାଟିକିଆରେ **readymade** ପ୍ଲଟ୍ ଅଛି। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। **9937273159.** D-21542

Book 3BHK Apartment Sahid Nagar, near Bhawani Mall & 2BHK, 4BHK, Apartment Madhusudan Nagar near The World. Call- 9777017120. D-71144

ହଂସପାଳ ଛକରୁ 2K.M. ଦୂରରେ immediate ଘରକରି ରହିବା ପାଇଁ yellowzone ଘରବାରି ପ୍ଲଟ୍ ମିଳୁଛି। 9692213354. D-70479

**2BHK Simplex Santola near Trinath Bazar (Nakhara) rate-28,50,000/- Bank Loan available. 7978230118, 8249477254.** D-70886

Duplex house for sale at Gadakana, Bhubaneswar. Contact Owner: 9348695941. D-21520

**30' road gharabari plot at Ghangapatna 4kms from Sum Hospital and commercial/ residential plot Pitapalli NH side. 7978601422.** D-70879

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21430

ପାରାଦୀପଠାରେ ବିଶ୍ୱର Business Hub ହେବାକୁ ଯାଉଥିବା ବଡ଼ବନ୍ଧ Railway Station ପାଖରେ litigation free, ପ୍ରଦୂଷଣମୁକ୍ତ ଏକ ଏକର ଘରବାରି ଜାଗା ବିକ୍ରିହେବ। (Single Owner). ଷ୍ଟାର ହୋଟେଲ୍, ମାର୍କେଟ କମ୍ପ୍ଲେକ୍ସ, ହସ୍ପିଟାଲ, ଆପାର୍ଟମେଣ୍ଟ ଇତ୍ୟାଦି ପାଇଁ ଉପଯୁକ୍ତ। ଯୋଗାଯୋଗ- 8917413036. D-71141

**3BHK new duplex with 3Toilets, Two Balcony, Three Phase electric line with gated community (land 1500sqft. construction 1700sqft. both floors) at Brahmeswar Patna is for sale directly buyer contact: 9776804190.** D-21498

ଭୁବନେଶ୍ୱର ଚନ୍ଦକାରେ BCCST College ପାଖରେ ରୋଡ୍, Electricity, Water ସୁବିଧା ଥାଇ ବାସୋପଯୋଗୀ ଘରବାରି ପ୍ଲଟ୍ ମିଳୁଛି। 7735922768, 7326820978. D-70897

ଭୁବନେଶ୍ୱର **Sum Hospital** ନିକଟବର୍ତ୍ତୀ ଅନ୍ଧାରୁଆରେ **boundary, electricity, gated society**ରେ **plot** କିଣି **immediate** ଘର କରନ୍ତୁ। **9437005434.** D-70898

2000sqft. residential land for sale near Big Bazar, Patia, Bhubaneswar. Price- 47lakhs. Contact: 7894639282. D-71148

**2/3 BHK flats sale at Mancheswar Railway Station, Bhubaneswar discount upto- 5,00,000/-. 8114982646, 9040744989.** D-70890

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-21472



construction

**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888

**Construct your home with branded material. We provide plan approval, boring, vastu. 7789824989, 9040744989.** D-70891



to-let

ଏୟାରପୋର୍ଟ, ରେଳଷ୍ଟେସନ୍, ବିଜେବି କଲେଜ, ସର୍ବୋତ୍କୃଷ୍ଟ ସ୍କୁଲ, କୋର୍ଟ ଇତ୍ୟାଦି ନିକଟରେ ଥିବା ବିଜେବି ନଗର ଭୁବନେଶ୍ୱର ସହରର ଆଭିଜାତ୍ୟପୂର୍ଣ୍ଣ ଅଞ୍ଚଳ। ୨୦୦୦ବର୍ଗଫୁଟର ଅତ୍ୟାଧୁନିକ ସୁବିଧା ଉପଲବ୍ଧ ସ୍ୱତନ୍ତ୍ର ପ୍ରବେଶପଥ ଥିବା ପ୍ରଥମ ମହଲା ଅଫିସ୍ ପାଇଁ ଭଡ଼ା ଦିଆଯିବ। ଯୋଗଯୋଗ- ୮୯୧୭୨୧୧୪୭୮. ଧ-୭୦୪୮୦

1000sqft. 2BHK with garage at Tridev Complex Kalarahanga near Big Bazar, Patia, Bhubaneswar. Contact: 7008662620, 6370495552. D-67799

Double storied house having Carpet Area of 1612+1668sqft. at NandanVihar Near Patia, Bigbazar for commercial/ residential purpose. Contact: 9437348595 D-70951

ବମିଖାଲସ୍ଥିତ ESPLANADE MALL ସମ୍ମୁଖରେ ୨ ବଖରାବିଶିଷ୍ଟ OUT HOUSE ଅଫିସ ନିମନ୍ତେ ଭଡ଼ା ଦିଆଯିବ। ଇଚ୍ଛୁକ ବ୍ୟକ୍ତି ମୋବାଇଲ ନମ୍ବର 6372530365 କିମ୍ବା 9937044577ରେ ଯୋଗାଯୋଗ କରିପାରନ୍ତି। ଧ-୨୧୫୧୫

4000sqft. Godown with office space for rent at BJB Nagar. Contact: 9937095445. D-70478

6000sqft. furnished hall suitable for Big furniture Showroom, Coaching Institute in Cuttack Puri mainroad, Bhubaneswar. 1st floor @50/-, Contact: 6370061224. D-70730

900 sqft. for office near Kalpana Sqr. 12500PM 7008217619. D-70477

For rent proposals are invited from persons in transferable jobs, preferably in I.T. Sector for an one bed room flat at 2nd floor of area 927 sqft. (Super Built) at Mandakini Garden Resorts, behind KIITS Law College, Patia, Bhubaneswar. Contact: Mobile No.- 9938138185. D-69047



healthcare

Newly open full body massage ladies and gents. 9040900385. D-70481

Refreshments rejuvenation body massage therapy with experience therapists, Bhubaneswar. 9668374480. D-71143

Newly open therapy centre offer @ 799/-, positively health benefits. 7381172169. D-71410

**Refreshing your mind, your body with tha best therapy at Lotus SPA. 8018891951.** D-70482

Swarna SPA newly open positively health benefits with expert therapist. 9556978408. D-71150

Newly open SPA Offer @699/-, positively health benefits, Jaydevbihar. 7846814019. D-71411

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



astrology

Vastu ଅନୁସାରେ house designing construction layout A-Z solution କରିବାକୁ ଚାହୁଁଛନ୍ତି କି? Vastu Samadhaan. 7978736177. D-68281

**AFFIDAVIT**

ମୁଁ ଶ୍ରୀ ତ୍ରିନାଥ ମାଡକାମି, ପିତା- ବୁଟି ମାଡକାମି, ଗ୍ରାମ- ଝରାପାଲ୍ଲୀ, ପୋଷ୍ଟ- ଝରାପାଲ୍ଲୀ, ଜିଲ୍ଲା- ମାଲକାନଗିରି ପ୍ରକାଶ କରୁଛି କି ମୋର ପୁତ୍ର ବିଶ୍ୱାମିତ୍ର ମାଡକାମି ଜନ୍ମ ପ୍ରମାଣପତ୍ର ମାଲକାନଗିରି ପୌର ପରିଷଦ କାର୍ଯ୍ୟାଳୟ ପଞ୍ଜୀକୃତ ନମ୍ବର ୨୪୪/୨୦୧୨ରୁ ଲିପିବଦ୍ଧ ଅଛି କିନ୍ତୁ ମାଲକାନଗିରି ପୌର ପରିଷଦରୁ ସାର୍ଟିଫିକେଟ୍ ଆଣିବା ସମୟରେ ତାହା ଭୁଲ୍ ବଶତଃ ବିଶ୍ୱାମିତ୍ର ମାଡକାମି ପରିବର୍ତ୍ତେ ବିଶ୍ୱନାଥ ମାଡକାମି ହୋଇ ଯାଇଛି। ମୁଁ ସତ୍ୟପାଠ ଦ୍ୱାରା ପ୍ରକାଶ କରୁଛି କି ପ୍ରକୃତରେ ମୋର ପୁଅର ନାମ ବିଶ୍ୱାମିତ୍ର ମାଡକାମି, ଏହା ସବୁ କ୍ଷେତ୍ରରେ ଲାଗୁହେବ। ଧ-୨୧୫୪୭

By virtue of an affidavit before Executive Magistrate, Bhubaneswar, I, Siba Chandra Swain declare that I have changed my surname from Sabar to Swain on dt. 26.04.2017. Henceforth I shall be known as Siba Chandra Swain for all purpose. D-21525


**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଜନ୍ମଦିନ ଶୁଭେଚ୍ଛା**



**ଆକାଂକ୍ଷା ନନ୍ଦ**
ସୟାଁ, ତୁରୁଙ୍ଗା, ବରଗଡ଼
**ଜନ୍ମଦିବସ- ୦୪।୦୬।୨୦୦୮**
ତୋର ଚଲାପଥ କୁସୁମିତ ଓ ଦୀର୍ଘାୟୁ ହେଉ। ଏତିକି ମାଁ ବୈଷ୍ଣୋଦେବୀଙ୍କ ନିକଟରେ ପ୍ରାର୍ଥନା ।
**ଶୁଭେଚ୍ଛା ସହ:** ବାପା, ମାଁ, ଆଈ, ମାମୁ, ମାଇଁ, ବଡ଼ବାପା, ବଡ଼ମାଁ, ମଝିଆ ବାପା, ମଝିଆ ମାଁ, ମାମା ଓ ଶୁଭେଚ୍ଛୁ ବୃନ୍ଦ
ଧ-୨୧୫୫୩

**୧୬ତମ ଜନ୍ମଦିନ ଶୁଭେଚ୍ଛା**



**ବିଶାଳ ପ୍ରିୟଦର୍ଶୀ (ଓମ୍)**
(ଗୁରୁଦିବସ)
ବାପା, ମାଆ, ବଡ଼ବାପା, ବଡ଼ମାଆ, ମଝିଆବାପା, ମଝିଆମାଆ, ପିଉସା, ପିଉସୀ, ମଉସା, ମାଉସୀ, ମାମୁ ଓ ମାଇଁ ମାନଙ୍କର ଜଗତରନାଥ ଶ୍ରୀଜଗନ୍ନାଥ ଓ ଜଗତଜନନୀ ମା' ଶାରଳାଙ୍କ ନିକଟରେ ଦୀର୍ଘାୟୁ କାମନା କରୁଅଛୁ।
ଧ-୨୧୫୪୫

# ଦ୍ୱିତୀୟ ଡୋଜ୍ ଟିକାକରଣ କମିଛି

■ ନୂଆପଡ଼ାରେ ସର୍ବନିମ୍ନ ୧୫%, ଖୋର୍ଦ୍ଧାରେ ସର୍ବାଧିକ ୬୯%

■ ୨୭ ପ୍ରତିଶତ ତଳେ ୧୮ ଜିଲା

ଭୁବନେଶ୍ୱର, ୪।୯(ବ୍ୟୁରୋ)

ରାଜ୍ୟ ଟିକାକରଣରେ ଭଲ ପ୍ରଦର୍ଶନ କରିଛି। ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମ ଡୋଜ୍ କରୋନା ଟିକା ଦେବାରେ ଓଡ଼ିଶା ଏକ ପ୍ରଭାବଶାଳୀ ରେକର୍ଡ (ମୋଟ ଜନସଂଖ୍ୟାର ହାରାହାରି ୫୦%ରୁ ଅଧିକ) ହାସଲ କରିଛି। କିନ୍ତୁ ଦ୍ୱିତୀୟ ଡୋଜ୍ ଟିକାକରଣର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ କହୁଛି। ଓଡ଼ିଶାର ପ୍ରାୟ ଦୁଇ ତୃତୀୟାଂଶ (୩୦ ଜିଲା ମଧ୍ୟରୁ ୧୮ଟି) ଜିଲାରେ ଦ୍ୱିତୀୟ ଡୋଜ୍ ଟିକାକରଣ ସବୁଠୁ କମ୍ ହୋଇଥିବା ଦେଖାଯାଇଛି।

କୋୱିନ ପୋର୍ଟାଲର ତଥ୍ୟାନୁସାରେ, ନୂଆପଡ଼ା ଜିଲାରେ ସର୍ବନିମ୍ନ ଦ୍ୱିତୀୟ ଡୋଜ୍ ଟିକାକରଣ ହୋଇଛି। ଏହି ଜିଲାରେ ପ୍ରଥମ ଡୋଜ୍ ନେଇଥିବା ହିତାଧିକାରୀଙ୍କ ମଧ୍ୟରୁ ମାତ୍ର ୧୫% ଅର୍ଥାତ୍ ପ୍ରଥମ ଡୋଜ୍ ୩,୨୮,୮୩୬ଜଣ ନେଇଥିବାବେଳେ ୪୯,୧୦୬ଜଣ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ସେହିପରି ବଲାଙ୍ଗୀରରେ ୧୬%, ଦେବଗଡ଼ ୧୭%, ନବରଙ୍ଗପୁର ୧୮%, ବୌଦ୍ଧ ୧୮.୮%, ମାଲକାନଗିରି ୧୯%, ସୋନପୁର ୨୦%, ଗଜପତି ୨୧.୭% ଏବଂ କନ୍ଧମାଳରେ ୨୪% ଦ୍ୱିତୀୟ ଡୋଜ୍ ଟିକାକରଣ ହୋଇଛି। ତେବେ ଭଦ୍ରକ, କାଳାହାଣ୍ଡି, ଝାରସୁଗୁଡ଼ା, ରାୟଗଡା, କୋରାପୁଟ, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼ ଏବଂ ମୟୂରଭଞ୍ଜରେ ମଧ୍ୟ ଦ୍ୱିତୀୟ ଡୋଜ୍ ଟିକାକରଣ ୨୭% ତଳେ ରହିଛି। ଅନ୍ୟପକ୍ଷରେ ଖୋର୍ଦ୍ଧା ଜିଲାରେ ରାଜ୍ୟର ସର୍ବାଧିକ ୬୯% ଦ୍ୱିତୀୟ ଡୋଜ୍ ଟିକାକରଣ ହୋଇଛି। ମୋଟ ୧୬,୨୨,୪୪୨ଜଣ ପ୍ରଥମ ଡୋଜ୍ ନେଇଥିବାବେଳେ ଏମାନଙ୍କ ମଧ୍ୟରୁ ୧୧,୧୯,୪୩୧ଜଣ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି। ଏହା ତଳକୁ ଗଞ୍ଜାମରେ ୪୮%, ଜଗତ୍‌ସିଂହପୁର ୪୨%, ବାଲେଶ୍ୱର ୩୯%, କଟକ ୩୭%, ସୁନ୍ଦରଗଡ଼ ୨୯.୩%, ପୁରୀ ୨୯%, ସମ୍ବଲପୁର ଏବଂ ଯାଜପୁରରେ ୨୮% ଦ୍ୱିତୀୟ ଡୋଜ୍ ଟିକାକରଣ ହୋଇଛି।

ଟିକାକରଣ ସମ୍ପର୍କରେ ପରିବାର କଲ୍ୟାଣ ନିର୍ଦ୍ଦେଶକ ତଥା କୋଭିଡ୍ ଟିକାକରଣର ନୋଡାଲ ଅଧିକାରୀ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି, କୋଭିଶିଲ୍ଡର ଦୁଇଟି ଡୋଜ୍ ମଧ୍ୟରେ ବ୍ୟବଧାନ ୧୧୨ ଦିନକୁ ବୃଦ୍ଧି କରାଯାଇଛି। ତେଣୁ ଯେଉଁ ଜିଲାରେ ଏହି ଟିକା ଦିଆଯାଉଛି, ସେଠାରେ ଦ୍ୱିତୀୟ ଡୋଜ୍‌ର କମ୍ ଟିକାକରଣ ରେକର୍ଡ କରାଯାଇଛି। ଏହା ବ୍ୟତୀତ ରାଜ୍ୟକୁ ଟିକା ଯୋଗାଣ କମ୍ ହୋଇଛି ବୋଲି ସେ କହିଛନ୍ତି। ସେପଟେ କେତେକ ଜିଲାରେ ସିରିଞ୍ଜି ଅଭାବ ଟିକାକରଣକୁ ମଧ୍ୟ ପ୍ରଭାବିତ କରିଛି ବୋଲି ହିତାଧିକାରୀମାନେ ଅଭିଯୋଗ କରିଛନ୍ତି।

# ହତ୍ୟା ମାମଲାରେ ଦମ୍ପତିଙ୍କୁ ଆଜୀବନ କାରାଦଣ୍ଡ

ଚମ୍ପୁଆ, ୪।୯ (ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜ ଦୋଳଗୋବିନ୍ଦ ବାରିକ ଏକ ହତ୍ୟା ମାମଲାର ବିଚାର କରି ଶନିବାର ଦୋଷୀ ଦମ୍ପତିଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ବାମେବାରୀ ଥାନା ବଳଭଦ୍ରପୁର ଗ୍ରାମର ନାରାୟଣ ମହାନ୍ତ ଓ ତାଙ୍କ ତୃତୀୟ ସ୍ତ୍ରୀଙ୍କ ପୁଅ ପୀତାମ୍ବରଙ୍କ ମଧ୍ୟରେ ଟଙ୍କା ଭାଗକୁ ନେଇ ବଚସା ହୋଇଥିଲା। ଏହାକୁ କେନ୍ଦ୍ର କରି ନାରାୟଣ, ପ୍ରଥମ ସ୍ତ୍ରୀ ମାଳତୀ ଓ ଦ୍ୱିତୀୟ ସ୍ତ୍ରୀଙ୍କ ପୁଅ ଗୌତମ ମିଶି ତାଙ୍କୁ ପିଟି ହତ୍ୟା କରିଥିବା ନେଇ ଥାନାରେ ମାମଲା ରୁଜୁ ହୋଇଥିଲା। ୨୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଦୌରାଜଜ୍ ନାରାୟଣ ଓ ମାଳତୀଙ୍କୁ ଆଜୀବନ କାରାଦଣ୍ଡ, ଗୌତମଙ୍କୁ ଏକ ବର୍ଷ ଜେଲ୍ ଦଣ୍ଡ ଶୁଣାଇଛନ୍ତି। ସରକାରୀ ଓକିଲ ମଧୁସୂଦନ ପତି ପରିଚାଳନା କରିଥିଲେ।

# ଓଡ଼ିଶା ହସ୍ତତନ୍ତ କାର୍ନିଭାଲର ବ୍ରାଣ୍ଡ୍ ଆମ୍ବାସାଡର ହେଲେ ସୁସ୍ମିତା




ଭୁବନେଶ୍ୱର, ୪।୯ (ବ୍ୟୁରୋ)

ଓଡ଼ିଶାର ହସ୍ତତନ୍ତ ତଥା ପାରମ୍ପରିକ ବୁଣାକାରଙ୍କୁ ଉତ୍ସାହିତ କରିବା ପାଇଁ 'ଅବିକା' ଦ୍ୱାରା ଆୟୋଜିତ ହୋଇଆସୁଥିବା 'ଓଡ଼ିଶା ହସ୍ତତନ୍ତ କାର୍ନିଭାଲ'ର ଦ୍ୱିତୀୟ ସଂସ୍କରଣ ଆସନ୍ତା ଡିସେମ୍ବରରେ ଅନୁଷ୍ଠିତ ହେବ। ଏହି କ୍ରମରେ ଚଳିତ ବର୍ଷ ପାଇଁ କାର୍ନିଭାଲ ବ୍ରାଣ୍ଡ୍ ଆମ୍ବାସାଡର ଭାବେ କଣ୍ଠଶିଳ୍ପୀ ସୁସ୍ମିତା ଦାସଙ୍କୁ ଘୋଷଣା କରାଯାଇଛି। ଶନିବାର ସ୍ଥାନୀୟ ଡେନିମ ଆଣ୍ଡ୍ ବ୍ଲୁଜ ଡ୍ୟାନ୍ସ ଷ୍ଟୁଡିଓରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ଘୋଷଣା ଅବସରରେ ସୁସ୍ମିତାଙ୍କୁ ଖଣ୍ଡୁଆପାଟ ଶାଢ଼ି ଉପହାର ରୂପେ ପ୍ରଦାନ କରାଯାଇଥିଲା। ଅବିକାର ନିର୍ଦ୍ଦେଶକ ଅବିନାଶ ସାହୁ ଆଗାମୀ କାର୍ନିଭାଲର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ହସ୍ତତନ୍ତକୁ ସାହିତ୍ୟ, ଚିତ୍ରକଳା, ସଙ୍ଗୀତ, ନୃତ୍ୟ, ଅଭିନୟ ଓ ପ୍ରଦର୍ଶନୀ ମାଧ୍ୟମରେ ଲୋକାଭିମୁଖୀ କରିବା ପାଇଁ ଏଭଳି କାର୍ଯ୍ୟକ୍ରମର ଆୟୋଜନ ଓଡ଼ିଶାରେ ପ୍ରଥମ। ଅବିକା ପକ୍ଷରୁ ଗତବର୍ଷ ପରି ଏ ବର୍ଷ ମଧ୍ୟ କ୍ୟାଲେଣ୍ଡର-ମଡେଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହାର ଫଳାଫଳ କାର୍ନିଭାଲରେ ଘୋଷଣା କରାଯିବ ଓ ଆସନ୍ତା ବର୍ଷ ପାଇଁ କ୍ୟାଲେଣ୍ଡର ଲୋକାର୍ପିତ ହେବ ବୋଲି ନିର୍ଦ୍ଦେଶକ କହିଛନ୍ତି। ସମ୍ମିଳନୀରେ ଯୁବଲେଖିକା ପ୍ରଜ୍ଞା ପାରମିତା ରଥ, ନୃତ୍ୟ ନିର୍ଦ୍ଦେଶକ ପ୍ରିୟାଂଶୁ ପ୍ରିୟଦେବ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ମରଣୀୟ ରହିବ ସ୍ୱର୍ଣ୍ଣିମ ସଫଳତା

## ଇତିହାସ ରଚିଲେ ପ୍ରମୋଦ ଭଗତ

ଟୋକିଓରେ ଚାଲିଥିବା ପାରାଲିମ୍ପିକ୍ସ ବ୍ୟାଡ୍‌ମିଣ୍ଟନ ସିଙ୍ଗଲ୍ସରେ ବରଗଡ଼ ଜିଲା ଅତାବିରାର ପ୍ରମୋଦ ଭଗତ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛନ୍ତି। ସ୍ୱର୍ଗତ କୈଳାସ ଭଗତ ଏବଂ ସ୍ୱର୍ଗତା କୁସୁମ ଦେବୀଙ୍କ ପୁଅ ପ୍ରମୋଦଙ୍କ ଏହି ସଫଳତା ପରେ ଦେଶବ୍ୟାପୀ ଖୁସିର ଲହରି ଖେଳି ଯାଇଛି। ତାଙ୍କ ଜନ୍ମମାଟି ଅତାବିରାରେ ଉତ୍ସାହର ମାହୋଲ ପରିଲକ୍ଷିତ ହୋଇଛି। ଅତାବିରାବାସୀ ବାଣ ଫୁଟାଇ ଖୁସି ମନାଇଛନ୍ତି। ପ୍ରମୋଦଙ୍କ ଏହି ସ୍ୱର୍ଣ୍ଣିମ ସଫଳତାକୁ ନେଇ ଏକ ମତାମତ ଭିତ୍ତିକ ଉପସ୍ଥାପନା।


ପ୍ରମୋଦ ଭଗତଙ୍କ ସଫଳତା ପରେ ଅତାବିରାରେ ଖୁସିର ମାହୋଲ।

### ଭୁଲିହେବନି ଖୁସିର ମୁହୂର୍ତ୍ତ



ଭୋକ, ଶୋଷ ଭୁଲିଯାଇଥିଲି। ସମ୍ପୂର୍ଣ୍ଣ ମ୍ୟାଚ୍‌ର ଲାଇଭ୍ ଦେଖୁଥିଲି। ସେ ସ୍ୱର୍ଣ୍ଣ ପଦକ ହାସଲ କରିବେ ବୋଲି ଦୃଢ଼ ଆଶାବାଦୀ ଥିଲି। ପ୍ରମୋଦ ଯେତେବେଳେ ଏହି ସଫଳତା ପାଇଲେ, ସେହି ମୁହୂର୍ତ୍ତର ଖୁସି ଅବର୍ଣ୍ଣନୀୟ। ସବୁଦିନ ମନେ ରହିବ। ବହୁତ ଖୁସି ଲାଗୁଛି। ସ୍ୱର୍ଣ୍ଣାକ୍ଷରରେ ଏହି ଦିନ ଏବଂ ସଫଳତା ଲିପିବଦ୍ଧ ହୋଇ ରହିବ।

କୌଶିକ ମହାକୁଡ଼, ଅତାବିରା

### ପିଲାବେଳୁ ବାରିହୋଇ ପଡୁଥିଲା



ପ୍ରମୋଦ ମୋର ପିଲାଦିନର ସାଙ୍ଗ । ସାଥୀ ହୋଇ ଖେଳୁଥିଲୁ। ତୁଳସୀ ଦୁଇପତ୍ରରୁ ବାସିଲା ଭଳି ପିଲାବେଳୁ ତାହା ତାଙ୍କଠାରୁ ବାରି ହୋଇ ପଡୁଥିଲା। ସାଙ୍ଗସାଥୀଙ୍କୁ ନେଇ ପ୍ଲେୟର୍ସ କ୍ଲବ ମଧ୍ୟ ଗଠନ କରିଛୁ। ସ୍ୱର୍ଣ୍ଣପଦକ ପାଇ ଆଜି ସେ ସାରା ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ପାଲଟିଛନ୍ତି । ପିଲାଦିନର ସାଙ୍ଗ ହୋଇଥିବାରୁ ନିଜେ ବହୁ ଖୁସି ଅନୁଭବ କରୁଛି ।

ଚେତନ ଶର୍ମା, ଅତାବିରା

### ପ୍ରତିଭାଙ୍କୁ ପ୍ରୋତ୍ସାହନ ଲୋଡ଼ା



ପିଲାଦିନୁ ସଂଘର୍ଷ କରି ପ୍ରମୋଦ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଆଜି ସାକାର ହୋଇଛି। ତାଙ୍କ ସଫଳତାରେ ଖୁସିର ସୀମା ନାହିଁ। ଯେଉଁ ପ୍ରତିଭାମାନେ ଲୋକଲୋଚନକୁ ଆସି ପାରିନାହାନ୍ତି, ସେମାନଙ୍କୁ ଚିହ୍ନଟ କରିବାର ସମୟ ଆସିଛି। ସରକାର ଏଭଳି କଲେ ପ୍ରମୋଦଙ୍କ ଭଳି ଆହୁରି ପ୍ରତିଭା ଜିଲାର ନାଁ ରଖିବେ।

ରବି ପଣ୍ଡା, ଅତାବିରା

### ଅନ୍ୟମାନଙ୍କ ପାଇଁ ଉଦାହରଣ



ପ୍ରମୋଦଙ୍କ ସଫଳତା ଜିଲା ପାଇଁ ଅତ୍ୟନ୍ତ ଖୁସିର ବିଷୟ। କେବଳ ବରଗଡ଼ ନୁହେଁ, ସାରା ଦେଶକୁ ସେ ଗର୍ବିତ କରିଛନ୍ତି। ଜିଲାର ଅନ୍ୟ କ୍ରୀଡ଼ା ପ୍ରତିଭାଙ୍କ ପାଇଁ ସେ ଉଦାହରଣ ସାଜିଛନ୍ତି। ପ୍ରମୋଦଙ୍କ ଏହି ସଫଳତା ଜିଲାର ଅନ୍ୟ କ୍ରୀଡ଼ା ପ୍ରତିଭାଙ୍କୁ ନିଶ୍ଚୟ ପ୍ରେରଣା ଯୋଗାଇବ। ସେ ଜିଲାକୁ ଫେରିଲେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯିବ।

- ମୋନିଷା ବାନାର୍ଜୀ, ଜିଲାପାଳ

(ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ)

# ଲ୍ୟାମ୍ପସ କାର୍ଯ୍ୟାଳୟରେ ତାଲା ପକାଇଲେ ମହିଳା ଚାଷୀ


ମହିଳାମାନେ ଲ୍ୟାମ୍ପସ କାର୍ଯ୍ୟାଳୟରେ ତାଲା ପକାଉଛନ୍ତି।

- ଏମ୍‌ଡିଙ୍କ ବିରୋଧରେ ୟୁରିଆ ଚୋରାଚାଲାଣ ଅଭିଯୋଗ
- ତୁରନ୍ତ ଗଚ୍ଛିତ ସାର ହିସାବ ଦେବାକୁ ଏମ୍‌ଡିଙ୍କୁ ନିର୍ଦ୍ଦେଶ

ନନ୍ଦାହାଣ୍ଡି,୪।୯,(ଡି.ଏନ୍.ଏ.)

ଚାଷୀଙ୍କୁ ୟୁରିଆ ସାର ନ ଦେଇ ଚୋରାଚାଲାଣ କରାଯାଉଥିବା ନେଇ ଲ୍ୟାମ୍ପସ୍ ଏମ୍‌ଡିଙ୍କ ବିରୋଧରେ ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ମହିଳା ଚାଷୀମାନେ ଲ୍ୟାମ୍ପସ କାର୍ଯ୍ୟାଳୟରେ ଶନିବାର ତାଲା ଝୁଲାଇଛନ୍ତି। ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜାସ୍ଥିତ ସମବାୟ ସମିତି ଏମ୍‌ଡି ଥବୀର ଜାନି ୟୁରିଆ ଚୋରାଚାଲାଣ କରିବା ସହ ଦଲାଲମାନଙ୍କୁ ଚଢ଼ା ଦରରେ ବିକ୍ରି କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ବାରମ୍ବାର ଅଭିଯୋଗ ପରେ ଶୁକ୍ରବାର ନନ୍ଦାହାଣ୍ଡି ତହସିଲଦାର ଏ. ସ୍ନେହଲତା ଶୁକ୍ରବାର ଲ୍ୟାମ୍ପସକୁ ଯାଇ ସମସ୍ତ କାଗଜପତ୍ର ଏବଂ ଗଚ୍ଛିତ ଥିବା ସାର ଯାଞ୍ଚ ଓ ହିସାବ କରିଥିଲେ। ଏହି ସମୟରେ ଗଚ୍ଛିତ ସାର, କାଗଜପତ୍ର ଏବଂ ଏମ୍‌ଡିଙ୍କ ହିସାବରେ ତାଳମେଳ ରହି ନ ଥିଲା। ଗଚ୍ଛିତ ସାର କମ୍ ଥିବା ଜଣାପଡ଼ିଥିଲା। ଏ ନେଇ ତହସିଲଦାରଙ୍କୁ ପଚାରିବାରୁ ସେ କହିଛନ୍ତି, ଯାଞ୍ଚ ପରେ ସମସ୍ତ ବିଷୟ ଜିଲାପାଳଙ୍କୁ ଅବଗତ କରାଯାଇଛି।

ସୂଚନାଯୋଗ୍ୟ, ଏ ବର୍ଷ ମୋଟ ୨୧୨୦ ବସ୍ତା ୟୁରିଆ ଲ୍ୟାମ୍ପସକୁ ଆସିଥିବାବେଳେ କେବଳ ୧୯୦୦ ବସ୍ତା ସାର ଚାଷୀଙ୍କୁ ଦିଆଯାଇଥିବା ହିସାବ ରହିଛି। ସିନ୍ଧିଗୁଡ଼ା, ପୋଡ଼ାଲଗୁଡ଼ା ଏବଂ ନନ୍ଦାହାଣ୍ଡି ପଞ୍ଚାୟତର ଚାଷୀଙ୍କୁ ୟୁରିଆ ନ ଦେଇ ଦିନ ପରେ ଦିନ ଗଡ଼େଇ ନେଉଛନ୍ତି। ଏଥିରେ ଚାଷୀ ଉତ୍ୟକ୍ତ ହୋଇ ଶନିବାର ଲ୍ୟାମ୍ପସ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ଶତାଧିକ ମହିଳାଚାଷୀ ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଲ୍ୟାମ୍ପସ ଏମ୍‌ଡି ଏବଂ କୃଷି ଅଧିକାରୀ ସତ୍ୟ ନାଗଙ୍କଠାରୁ ତହସିଲଦାର ସମସ୍ତ ଘଟଣା ବୁଝି ପୁଣି ୪୦୦ ବସ୍ତା ୟୁରିଆ ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହାସହ ଗଚ୍ଛିତ ସାରର ହିସାବ ତୁରନ୍ତ ଦେବା ପାଇଁ ଏମ୍‌ଡିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବାରମ୍ବାର ଏଭଳି ମିଥ୍ୟା ପ୍ରତିଶ୍ରୁତି ମିଳୁଥିବାରୁ ସାର ନ ମିଳିବା ଯାଏ ଲ୍ୟାମ୍ପସ କାର୍ଯ୍ୟାଳୟ ତାଲା ଖୋଲାଯିବ ନାହିଁ ବୋଲି ଚାଷୀମାନେ କହିଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ ମଧ୍ୟ ଗାଈଚାଷ ପାଇଁ ଋଣ କରାଇଦେବା ନାଁରେ ସମବାୟ ସମିତି ଏମ୍‌ଡି କେତେଜଣ ଚାଷୀଙ୍କ ଜମିପଟ୍ଟା ରଖି ୩ ବର୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ନ ଥିଲେ। ଏହାର ପ୍ରତିବାଦକରି କିଛିଦିନ ତଳେ ଚାଷୀମାନେ ଲ୍ୟାମ୍ପସରେ ତାଲା ପକାଇଥିଲେ। ଲ୍ୟାମ୍ପସ ଏମ୍‌ଡି ଜାନିଙ୍କ ନାଁରେ ବାରମ୍ବାର ଏଭଳି ଅଭିଯୋଗ ଆସୁଥିବାରୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି ହେଉଛି।

# ବୃଦ୍ଧଙ୍କୁ ହତ୍ୟା, ଅଭିଯୁକ୍ତ ଫେରାର

**ଝାରବନ୍ଧ,୪।୯(ଡି.ଏନ.ଏ):** ବରଗଡ଼ ଜିଲା ଝାରବନ୍ଧ ଥାନା ପୁଟୁକୀ ଡୁଙ୍ଗୁରି ଗ୍ରାମରେ ଶୁକ୍ରବାର ରାତ୍ରିରେ ଏକ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହରୁ ମାଡ଼ପିଟ୍ ହେବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କେଶବ ସାହୁ(୭୦)। ପୋଲିସ ମୃତଦେହ ଜବତ କରି ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ଏ ନେଇ ଝାରବନ୍ଧ ଥାନାରେ ଏକ ହତ୍ୟା ମାମଲା (ନଂ.୧୨୦/୨୧) ରୁଜୁ ହୋଇଛି। ହତ୍ୟା ଅଭିଯୁକ୍ତ ନନ୍ଦ କିଶୋର ସାହୁ ଫେରାର ଅଛନ୍ତି। ତାଙ୍କୁ ଗିରଫ କରିବା ପାଇଁ ପୋଲିସ ତନାଘନା ଚଳାଇଛି। ପୁଟୁକୀଡୁଙ୍ଗୁରି ଗ୍ରାମର ସୁବାସ ସାହୁ ଏବଂ ନନ୍ଦ କିଶୋର ସାହୁଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଶୁକ୍ରବାର ରାତ୍ରି ପ୍ରାୟ ୯ଟା ସମୟରେ ନନ୍ଦ କିଶୋର ଠେଙ୍ଗା ଧରି ସୁବାଷଙ୍କ ଘରକୁ ପହଞ୍ଚିଥିଲେ। ତାଙ୍କୁ ଘରେ ନ ପାଇ ସେ ସୁବାଷଙ୍କ ସ୍ତ୍ରୀଙ୍କୁ ଗାଳିଗୁଲଜ କରି ଆକ୍ରମଣ କରିଥିଲେ। ଘରେ ଉପସ୍ଥିତ ଥିବା ସୁବାସଙ୍କ ଶ୍ୱଶୁର କେଶବ ବିରୋଧ କରିବାରୁ ଅଭିଯୁକ୍ତ ତାଙ୍କୁ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି।

## ODISHA PUBLIC SERVICE COMMISSION
CUTTACK

No. 6183/P.S.C., 1E-05-21/22 (DR-III) Dt.04.09.21

**Addendum to Advertisement No.08 of 2021-22 for recruitment to the post of Assistant Public Prosecutor in the Odisha Prosecution Service under Home Department.**

**No. D-117:-** This addendum is issued for information of all concerned that Certificate of Enrollment issued by State Bar Council shall now be accepted for the post of Assistant Public Prosecutor. So **Para-10 (vii)** of the Advertisement No. **08 of 2021-22** shall now read as:

**"Certificate of Enrollment under Bar Council of India or Certificate of Enrollment under State Bar Council"**

The last date for **online payment of examination fee** is extended to **16.09.2021**.The last date of **submission of online application** is extended to **26.09.2021**. The other conditions of the advertisement remain unchanged.

OIPR-12002/11/0080/2122

Sd./- Secretary

## ବିଜ୍ଞାପନ

No.AA-12:- ଶକ୍ତି ବିଭାଗରେ ପ୍ରଥମ ଶ୍ରେଣୀ ସହାୟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ବିଦ୍ୟୁତ୍ (Assistant Executive Engineer, Electrical) ପଦବୀରେ ନିଯୁକ୍ତି ପାଇଁ ଲୋକସେବା ଆୟୋଗଙ୍କ ଦ୍ୱାରା ମନୋନୀତ ପ୍ରାର୍ଥୀମାନଙ୍କର ଡାକ୍ତରୀ ପରୀକ୍ଷା (Medical Examination) ଆସନ୍ତା ତା୧୪।୦୯।୨୦୨୧ ପୂର୍ବାହ୍ନ ୯ ଘଟିକା ସମୟରେ ଜିଲ୍ଲା ସ୍ୱାସ୍ଥ୍ୟ ଭବନ, ପୁରୁଣା ସଚିବାଳୟ କ୍ୟାମ୍ପସ୍, ବକ୍ସିବଜାର, କଟକରେ ଅନୁଷ୍ଠିତ ହେବ । ଏଣୁ ଲୋକସେବା ଆୟୋଗଙ୍କ ଦ୍ୱାରା ମନୋନୀତ ହୋଇଥିବା ସମସ୍ତ ପ୍ରାର୍ଥୀମାନେ ନିର୍ଦ୍ଧାରିତ ଦିବସରେ ଜିଲ୍ଲା ସ୍ୱାସ୍ଥ୍ୟ ଭବନ, ପୁରୁଣା ସଚିବାଳୟ କ୍ୟାମ୍ପସ୍, ବକ୍ସିବଜାର, କଟକରେ ଉପସ୍ଥିତ ହେବା ପାଇଁ ଜଣାଇ ଦିଆଯାଉଅଛି ।

**ସ୍ୱତନ୍ତ୍ର ଶାସନ ସଚିବ**
**ଶକ୍ତି ବିଭାଗ**

OIPR-04001/11/0005/2122

## LAJPAT RAI LAW COLLEGE, SAMBALPUR
(UNIVERSITY COLLGE OF LAW, SAMBALPUR UNIVERSITY)

Phone: (0663) 2533121/2532151
E-mail ID: principallrlcsbp@gmail.com, principallrlc@suniv.ac.in

**ADMISSION NOTIFICATION OF 3 Yr. LL.B./5 Yr. BBA LL.B.(H) and 2 Yr. PG Diploma in Industrial Relation and Personnel Management Course for Academic Session 2021-22**

Forms and prospectus for admission into the above courses will be available in the college office on working days between 10.30 A.M. to 1.00 P.M. or can be downloaded from the website **www.suniv.ac.in** and submit with Bank Draft of requisite fee drawn in favour of **"The Principal, L.R. Law College, Sambalpur"** payable at Sambalpur in any Nationalized Bank.

**Eligibility Criteria:**
**3 Yr. LL.B.:** 45% Marks in aggregate in graduation or equivalent degree recognised by Sambalpur Unviersity.
**5 Yr. BBA LL.B.(H):** 45% marks in aggregate in 12th or +2 or equivalent degree recognised by CHSE, Odisha.
**Relaxation:** 5% marks in aggregate for SC/ST Candidates in LL.B and BBA, LL.B(H) Course.
**P.G.D.I.R. & P.M.:** 40% marks in aggregate in Graduation or equivalent degree recognised by Sambapur Unviersity.

**The last date of issue and submission of Admission application form is:**
i. For LL.B. and PGDIR & PM - 17th September 2021
ii. For BBA LL.B.(H) - 9th September 2021

Sd./- (Dr. B.N. Behera)
PRINCIPAL

# ଆଖି ବୁଜିଲେ ଅଭିଷେକ

## ବଞ୍ଚାଇ ପାରିଲାନି ଏକ୍‌ମୋ ଚିକିତ୍ସା

ବାସୁଦେବପୁର,୪।୯(ଡି.ଏନ.ଏ.)


ଅଭିଷେକ ମହାପାତ୍ର।

୩ ମାସର ସଂଘର୍ଷ ପରେ ଆଖି ବୁଜିଛନ୍ତି ଭଦ୍ରକ ଜିଲା ବାସୁଦେବପୁର ସହରାଞ୍ଚଳ ଅଧୀନ ରାଧାନାଥପୁର ଗ୍ରାମର ଯୁବ ଇଞ୍ଜିନିୟର ଅଭିଷେକ ମହାପାତ୍ର। ସେ କରୋନାରେ ଗୁରୁତର ହୋଇ ୩ ମାସ ଧରି କୋଲକାତାର ଏକ ଚିକିତ୍ସାଳୟରେ ଇକ୍‌ମୋ ଚିକିତ୍ସାଧୀନ ଥିଲେ। ଶୁକ୍ରବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଶନିବାର ସନ୍ଧ୍ୟାରେ ମରଶରୀର ପହଞ୍ଚିବା ପରେ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି।

ପ୍ରକାଶ ଯେ, ରାଧାନାଥପୁର ଗ୍ରାମର ଯଦୁନାଥ ମହାପାତ୍ରଙ୍କ ଏକମାତ୍ର ସନ୍ତାନ ଥିଲେ ଅଭିଷେକ। ଗତ ମେ'ରେ ବିବାହର ୭ ଦିନ ପରେ ଅଭିଷେକ କରୋନା ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ୨୩ ଦିନର ଚିକିତ୍ସା ପରେ ମଧ୍ୟ ଅବସ୍ଥାରେ ସୁଧାର ନ ଆସିବାରୁ ତାଙ୍କର ଇକ୍‌ମୋ ଚିକିତ୍ସା ପାଇଁ ଡାକ୍ତର କହିଥିଲେ। ଏଥିପାଇଁ ତାଙ୍କ ସ୍ତ୍ରୀଙ୍କ ସମେତ ପରିବାର ଲୋକ ସୋସିଆଲ ମିଡିଆ ମାଧ୍ୟମରେ ସହାୟତା ଲାଗି ନିବେଦନ କରିଥିଲେ। ବିଭିନ୍ନ ଆଡୁ ଆର୍ଥିକ ସହାୟତା ମିଳିବା ପରେ ଇକ୍‌ମୋ ଚିକିତ୍ସା ପାଇଁ ଜୁନ୍ ୯ରେ ଏୟାରଲିଫ୍ଟ କରାଯାଇ ତାଙ୍କୁ କୋଲକାତା ନିଆଯାଇଥିଲା। କିନ୍ତୁ ଇକ୍‌ମୋ ଚିକିତ୍ସା ତାଙ୍କୁ ବଞ୍ଚାଇ ପାରିଲା ନାହିଁ। ଶେଷରେ ଜୀବନଯୁଦ୍ଧରେ ହାରିଗଲେ ଅଭିଷେକ। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଶୋକ ପ୍ରକାଶ କରିଛନ୍ତି।

## DIRECTOR OF HEALTH SERVICES, ODISHA

No.17514/ Date: 03.09.21

**PROCEDURE FOR JOINING OF RADIOGRAPHERS**

No.E-400:- The provisionally selected candidates for appointment as Radiographers by Odisha Subordinate Staff Selection Commission (OSSSC) are requested to join before their Appointing Authorities (Superintendents of Medical College & Hospitals/ CDM & PHOs of the concerned districts physically on or before 15th September, 2021 excluding holidays. The details of selected candidates (as downloaded from the Website of OSSSC)/ copy of the uniform appointment order / format of undertaking by the candidates/ contact No. and e-mail Ids of the Appointing Authorities/ documents to be produced by the candidate for physical verification is available in the website of Director of Health Services, Odisha i.e. www.dhsodisha.nic.in for information of Provisionally selected Candidates. They are requested to login the website for detail information.

**Sd./- Director of Health Services, Odisha**

OIPR-10002/11/0003/2122

## ODISHA PUBLIC SERVICE COMMISSION
CUTTACK

NOTICE

**No. 6179/PSC, (1R-52-21-22) (DR-V), Dt. 4.9.21**

**No. D-116:-** It is for information of all concerned that, pursuant to the advertisement No. 08 of 2020-2021, **16 (Sixteen)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, Urdu**.

The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack -753001 on **18.09.2021** as per the programme mentioned below.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 18.09.2021 | 10.00 AM | 00088457, 00088257, 00092596, 00081978, 00091491, 00093359, 00090830, 00091162, 00093580, 00086505, 00086711, 00094025, 00083881, 00089902, 00090484 & 00093368 = **16 Candidates** |

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in "**Attestation Form**" & "**Bio-data Form**", (to be downloaded from the website of the Commission) in person on the day of verification.
5. **04 sets** of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.

OIPR-12002/11/0079/2122

Sd./- Secretary

ତୁମେ ଯେତେବେଳେ ଲୋକମାନଙ୍କୁ ତୁଷ୍ଟ କରିବାକୁ ଚାହଁ- ସେତେବେଳେ ତୁମେ ସବୁ କିଛିକୁ ତା'ବାଟରେ ଯିବା ପାଇଁ ଛାଡିଦିଅ। ଏବଂ ଅପେକ୍ଷା କରି ବସ- କେତେବେଳେ ପ୍ରକୃତି ମନୁଷ୍ୟ ଉପରେ ପ୍ରଗତିକୁ ଜବରଦସ୍ତି ଲଦି ଦେବ। କିନ୍ତୁ ଏହା ସୃଷ୍ଟିର ସତ୍ୟ ନୁହେଁ। ମଣିଷର ଯଥାର୍ଥ କର୍ତ୍ତବ୍ୟ ହେଲା- ତା'ର ପ୍ରଗତି ଲାଗି ପ୍ରକୃତିକୁ ବାଧ୍ୟ କରିବା। -ଶ୍ରୀମା

# ସଂସ୍କୃତିର ଅବକ୍ଷୟ



ଆକାର ପଟେଲ

ଦୁଇ କି ତିନି ଦଶନ୍ଧି ପୂର୍ବେ ଆମେରିକାର ସଙ୍ଗୀତଜ୍ଞ ରେ କୁଡର୍ କ୍ୟୁବା ଗସ୍ତ କରିଥିଲେ। ସେଠାକାର ମହାନ୍ ସଙ୍ଗୀତକାରଙ୍କୁ ପୁଣି ଥରେ ଭେଟିବା ତାଙ୍କର ଉଦ୍ଦେଶ୍ୟ ଥିଲା। ମ୍ୟୁଜିସିଆନ୍ ବା ସଙ୍ଗୀତକାରଙ୍କ ପ୍ରଦର୍ଶନ ଉପରେ ଆମେରିକା ପ୍ରତିବନ୍ଧକ ଲଗାଇବା ଯୋଗୁ ଲୋକେ ସେମାନଙ୍କୁ ଭୁଲିଯାଇଥିଲେ। ଏମାନଙ୍କ ମଧ୍ୟରେ ଗାୟକ ଇବ୍ରାହିମ୍ ଫେରେର୍ ଅନ୍ୟତମ। ପ୍ରତିବନ୍ଧକ ଯୋଗୁ ସେତେବେଳେ ସେ ଜୋତା ପଲିସ୍ କରି ଚଳୁଥିଲେ। ସେହି ସମୟରେ ପିଆନୋ ବାଦକ ରୁବେନ୍ ଗୋଞ୍ଜାଲେଜ୍ ପିଆନୋ କିଣିବାକୁ ସକ୍ଷମ ହୋଇ ନ ଥିଲେ। ଗିଟାର ବାଦକ କୋମ୍ପେ ସେଗୁଣ୍ଡୋ ମଧ୍ୟ ଗିଟାର କିଣି ପାରି ନ ଥିଲେ। କୁଡର୍‌ଙ୍କ ଆଗ୍ରହ ତଥା ଦୃଢ଼ ପ୍ରୟାସ ଯୋଗୁ ଏହି ମ୍ୟୁଜିସିଆନମାନେ ପୁଣି ଥରେ ମୁଖ୍ୟ ସ୍ରୋତକୁ ଫେରିଥିଲେ। ସେମାନଙ୍କ ଉପରେ ନିର୍ମିତ ଚଳଚ୍ଚିତ୍ର 'ବୁଏନା ଭିସ୍ତା ସୋସିଆଲ କ୍ଲବ୍' ଅନ୍ତର୍ଜାତୀୟ ସ୍ତରରେ ବେଶ୍ ଲୋକାଦୃତ ହୋଇପାରିଥିଲା। ଠିକ୍ ସମାନ ଧରଣର କାମ କରିଛନ୍ତି ଦିଲ୍ଲୀର ଦୁଇଜଣ ବ୍ୟକ୍ତି ଆଶୁତୋଷ ଶର୍ମା ଏବଂ ଅଙ୍କୁର ମାଲହୋତ୍ରା। ସେ ରାଜସ୍ଥାନର ସଙ୍ଗୀତଜ୍ଞଙ୍କୁ ନେଇ ଏପରି କିଛି କରୁଛନ୍ତି। ରାଜସ୍ଥାନର ପଶ୍ଚିମ ଭାଗରେ ଏବଂ ସିନ୍ଧର ପୂର୍ବ ଭାଗରେ ରହନ୍ତି ମାଙ୍ଗାନିୟର୍ସ ସମ୍ପ୍ରଦାୟର ଲୋକେ। ଏମାନେ ଶତାବ୍ଦୀ ଶତାବ୍ଦୀ ଧରି ଭାରତର ବିଭିନ୍ନ ଅଞ୍ଚଳରେ ଲୋକ ସଙ୍ଗୀତ ପରିବେଷଣ କରି ଆସୁଛନ୍ତି। ମାଲହୋତ୍ରା ଏବଂ ଶର୍ମାଙ୍କୁ ମୁଁ ୨୫ ବର୍ଷ ହେବ ଜାଣିଛି। ଏମାନେ ଏହି ପ୍ରତିଭାବାନ୍ ଲୋକଙ୍କ କଳା ଓ ସଙ୍ଗୀତ ପ୍ରଚାର ପ୍ରସାର ପାଇଁ ଉଦ୍ୟମ ଚଳାଇଛନ୍ତି, ଯେଉଁମାନଙ୍କୁ ନିଜ ଅଞ୍ଚଳ ବା ଦେଶର ଲୋକେ ହୁଏତ ଜାଣି ନ ଥିବେ। ଏବେ ଆଗା ଖାନ୍ ମ୍ୟୁଜିୟମ୍ ପକ୍ଷରୁ 'ସର୍ଚ୍ଚ ଫର୍ ଦି ବ୍ଲୁଜ୍' ନାଁରେ ତିନି ଭାଗ ବିଶିଷ୍ଟ ଏକ ଡକ୍ୟୁମେଣ୍ଟାରି(ବୃତ୍ତଚିତ୍ର) ସିରିଜ୍ ପ୍ରସ୍ତୁତ କରାଯାଇଛି। ମାଲହୋତ୍ରା ଓ ଶର୍ମାଙ୍କ ରେକର୍ଡିଂ ଫାର୍ମ 'ଅମାରସା' ଦ୍ୱାରା ଏହା ସମ୍ଭବ ହୋଇଛି। ଆଗା ଖାନ୍ ମ୍ୟୁଜିୟମ ୱେବ୍‌ସାଇଟ୍‌ରେ ମୁଁ ଏହି ଡକ୍ୟୁମେଣ୍ଟାରିକୁ ସମ୍ପୂର୍ଣ୍ଣ ଭାବେ ଦେଖିଲି। ଏହା ଆମ ସମୟର ଏକ ଉଲ୍ଲେଖନୀୟ ଘଟଣାକୁ ସାମ୍ନାକୁ ଆଣିଛି ବାଲି ମୁଁ ଭାବୁଛି। ଏହା 'ବୁଏନା ଭିସ୍ତା ସୋସିଆଲ କ୍ଲବ୍' ଭଳି ସମାନ ଗୁରୁତ୍ୱ ମଧ୍ୟ ବହନ କରେ। ଏକ ଦଶନ୍ଧି ପୂର୍ବେ ସେମାନେ ବିଭିନ୍ନ ଗାଁକୁ ବୁଲିବାକୁ ଯାଉଥିବାବେଳେ ଯୋଧପୁରର ରାନେରି ଗାଁରେ ସଙ୍ଗୀତଜ୍ଞ ଲାଖା ଖାନ୍‌ଙ୍କୁ ଭେଟିଥିଲେ। ଖାନ୍ ୫୦ ବର୍ଷ ଧରି ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ବିବାହ ଓ ଜନ୍ମଦିନରେ ସଙ୍ଗୀତ ପରିବେଷଣ କରି ଗୁଜୁରାଣ ମେଣ୍ଟାଇ ଆସୁଥିଲେ। ଯେଉଁ ପରିବାର ପାଇଁ ତାଙ୍କ ବାପା ଓ ଜେଜେବାପା ଆଦି ପୂର୍ବ ପିଢ଼ି ସଙ୍ଗୀତ ପରିବେଷଣ କରିଥିଲେ ଲାଖା ଖାନ୍ ମଧ୍ୟ ସେହି ପରିବାର ପାଇଁ କାମ କରୁଥିଲେ। ଏମିତିକି ସେ ବଜାଉଥିବା ସିନ୍ଧି ସାରଙ୍ଗି ବାଦ୍ୟଯନ୍ତ୍ର ତାଙ୍କୁ ତାଙ୍କ ପୂର୍ବପୁରୁଷଙ୍କ ଠାରୁ ମିଳିଥିଲା, ଯାହାକୁ ସେ ଏବେ ବଜାଉଛନ୍ତି। ସିନ୍ଧି ସାରଙ୍ଗିର ସ୍ୱର ମଣିଷ ସ୍ୱର ସହ ମିଶିଯାଏ। ଏହି ବାଦ୍ୟଯନ୍ତ୍ର ବଜାଇବାରେ ଲାଖା ହେଉଛନ୍ତି ତାଙ୍କ ପରିବାରର ସପ୍ତମ ପିଢ଼ିର ଦାୟାଦ। ମାଲହୋତ୍ରା ଏବଂ ଶର୍ମା ତାଙ୍କୁ ଭେଟିବାବେଳେ ସେ ସିନ୍ଧି ସାରଙ୍ଗି ବଜାଇଥିଲେ। ସେ ରଚନା କରିଥିବା ଅନେକ ହିନ୍ଦୁ ଭଜନ ସମେତ ସୁଫି କଲାମ ଏବଂ ଲୋକଗୀତଗୁଡ଼ିକୁ ସେରାଇକି, ସିନ୍ଧି, ମାରୱାଡି, ପଞ୍ଜାବୀ ଏବଂ ହିନ୍ଦୀ ଭାଷାରେ ଗାଇଥିଲେ। ମ୍ୟୁଜିକ୍‌ର ମାନ ଥିଲା ଅଭୂତପୂର୍ବ। ଏହି ଦୁଇ ଜଣ ବ୍ୟକ୍ତି ଲାଖା ଖାନ୍‌ଙ୍କ ମ୍ୟୁଜିକ ରେକର୍ଡିଂ କରିବା ସହ ତାଙ୍କୁ ପ୍ରୋତ୍ସାହିତ କରିଥିଲେ ଓ ସେ ପୁଣି ଦେଶ ବିଦେଶରେ ତାଙ୍କ କଳା ପ୍ରଦର୍ଶନ କରିବା ଆରମ୍ଭ କରିଥିଲେ। ୨୦୨୧ରେ ଲାଖାଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯିବା ପରେ ତାଙ୍କ ଖ୍ୟାତି ସାମ୍ନାକୁ ଆସିଛି। ଏହା ମଧ୍ୟ ତାଙ୍କର ଅଧିକାର ଥିଲା।

ରାଜସ୍ଥାନରେ ଅନେକରେ ଏକ- ଲାଖା ଖାନ୍, ଯାହାଙ୍କର ଲଗାତର ଡକ୍ୟୁମେଣ୍ଟରି ସାମ୍ନାକୁ ଆସୁଛି। ନିଜ ଦେଶରେ ଜଣେ ଅନ୍ତର୍ଜାତୀୟ ସ୍ତରର କଳାକାର କିଭଳି ଅଜଣା ହୋଇ ରହିଛନ୍ତି ତାହା ଦେଖି ଆମେ ତଥା ଅନେକ ମ୍ୟୁଜିକ ପ୍ରିୟ ଲୋକ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଡକ୍ୟୁମେଣ୍ଟାରିର ଶେଷ ଅଧ୍ୟାୟରେ ରହିଛି ଲାଖା ଖାନ୍‌ଙ୍କ ପୁଅ ଡାନେ ଖାନ୍‌ଙ୍କ କଥା। କିଛିଦିନ ପୂର୍ବରୁ ଡାନେ ଟ୍ରକ୍ ଡ୍ରାଇଭର ଥିଲେ। କାରଣ, ମ୍ୟୁଜିକ୍ ପରମ୍ପରାକୁ ନେଇ ପରିବାର ଚଳାଇବା ତାଙ୍କ ପକ୍ଷେ ଅସମ୍ଭବ ଥିଲା। କିନ୍ତୁ ସୁଖର କଥା, ତାଙ୍କ ପିତାଙ୍କ ସମ୍ମାନ ବୃଦ୍ଧି ଓ ଲଗାତର ମ୍ୟୁଜିକ ଟୁର୍ ଯୋଗୁ ଡାନେ ୮ମ ପିଢ଼ିର ସନ୍ତାନ ଭାବେ ପରିବାରର ପାରମ୍ପରିକ କଳାକୁ ପ୍ରଦର୍ଶନ କରିବାର ସୁଯୋଗ ପାଇଛନ୍ତି। ନିଶ୍ଚିତ ଭାବେ ଡାନେ ଏହି କଳାକୁ ଆଉ କିଛି ଦଶନ୍ଧି ଆଗକୁ ନେଇପାରିବେ, ଯାହା ଆମ ସଂସ୍କୃତି ପାଇଁ ବଡ଼ ଖବର। କଳା ଓ ସଂସ୍କୃତିକୁ ଜାରି ରଖିବା ଲାଗି କେତେ ତ୍ୟାଗ ତଥା ସହଯୋଗ ଦରକାର ଏହି ଖବର ଆମକୁ ସ୍ମରଣ କରିଦିଏ। ଆମ ପାଖରେ ଲାଖାଙ୍କ ଭଳି କେତେ ଯେ ମହାନ୍ କଳାକାର ଅଜଣା ହୋଇ ରହିଛନ୍ତି ତାହା କିଏ କହିବ। ପିଢ଼ିକୁ ପିଢ଼ି କଳା ଓ ସଙ୍ଗୀତକୁ ଆଗକୁ ନେବାରେ ଡାନେଙ୍କ ଭଳି କେତେ ଜଣ ସୁଯୋଗରୁ ବଞ୍ଚିତ ହେଉଛନ୍ତି ତା' ହିସାବ କିଏ ଦେବ। ଆମେ ଲାଖାଙ୍କ ଘଟଣାରୁ କ'ଣ ଶିକ୍ଷା କରିପାରିବା ସେ ସମ୍ପର୍କରେ ବିଚାର କରିବା ଆବଶ୍ୟକ। ଆମ ସମୟରେ ଶାସ୍ତ୍ରୀୟ ସଙ୍ଗୀତ, ଲୋକ ସଙ୍ଗୀତ, ନୃତ୍ୟ ଓ ନାଟକକୁ ସରକାର କମ୍ ପ୍ରୋତ୍ସାହିତ କରୁଛନ୍ତି। ଏହାର ପ୍ରଥମ କାରଣ ହେଉଛି, ଖୁବ୍ କମ୍ ଲୋକ ଆମ ସଂସ୍କୃତି ସହ ଜଡ଼ିତ ଅଛନ୍ତି ଏବଂ ଅଧିକ ଲୋକ ପାରମ୍ପରିକ ଓ ଶାସ୍ତ୍ରୀୟ ସଙ୍ଗୀତଠାରୁ ଅଧିକ ଲୋକପ୍ରିୟ କଳା ପ୍ରତି ଆକର୍ଷିତ ହେଉଛନ୍ତି। ଦ୍ୱିତୀୟତଃ, ଦେଶ କଳା ଓ ସଙ୍ଗୀତ କ୍ଷେତ୍ରରୁ ପଛକୁ ହଟିଯାଇଛି। ଆମେ ବହୁ ଦଶନ୍ଧି ପୂର୍ବେ ତିନୋଟି ସାଂସ୍କୃତିକ ସଂସ୍ଥା- ମ୍ୟୁଜିକ୍ ଓ ଥିଏଟର ପାଇଁ ସଙ୍ଗୀତ ନାଟକ ଏକାଡେମୀ (୧୯୫୩), ସାହିତ୍ୟ ଲାଗି ସାହିତ୍ୟ ଏକାଡେମୀ ଓ କଳାର ଉନ୍ନତି ନିମନ୍ତେ ଲଳିତ କଳା ଏକାଡେମୀ(୧୯୫୪) ଗଢ଼ିଥିଲୁ। ହେଲେ ଆମ ଦ୍ୱାରା କିମ୍ବା ଏହି ସଂସ୍ଥାଗୁଡ଼ିକ ମାଧ୍ୟମରେ ସଙ୍ଗୀତ ଓ କଳା କ୍ଷେତ୍ରରେ ଅଧିକ କିଛି କରାଯାଇପାରି ନାହିଁ। ଆମ କର୍ପୋରେଟ, ବୁଦ୍ଧିଜୀବୀ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ପାରମ୍ପରିକ ସଂସ୍କୃତିର ଦ୍ରୁତ ଅବକ୍ଷୟକୁ ରୋକିବା ଲାଗି ମଧ୍ୟ ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 7 | 1 | | 8 |
| | | | | | 8 | | | 2 |
| | | 6 | | | | | | |
| | 2 | | | | | | | |
| | 7 | 9 | 4 | 5 | | | | |
| 1 | | 3 | | | | | | 6 |
| | 8 | | | 1 | | | 2 | |
| | | | 9 | 4 | | | | |
| 9 | 3 | | | | | | 7 | 1 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 7 | 8 | 2 | 1 | 5 | 6 | 9 |
| 5 | 9 | 2 | 6 | 3 | 7 | 8 | 4 | 1 |
| 6 | 8 | 1 | 9 | 5 | 4 | 2 | 3 | 7 |
| 2 | 6 | 8 | 5 | 9 | 3 | 1 | 7 | 4 |
| 7 | 4 | 5 | 1 | 8 | 6 | 3 | 9 | 2 |
| 3 | 1 | 9 | 4 | 7 | 2 | 6 | 8 | 5 |
| 1 | 2 | 6 | 3 | 4 | 9 | 7 | 5 | 8 |
| 8 | 7 | 4 | 2 | 6 | 5 | 9 | 1 | 3 |
| 9 | 5 | 3 | 7 | 1 | 8 | 4 | 2 | 6 |

ଗତକାଲିର ଉତ୍ତର

# ଗୁରୁ ହିଁ ସାକ୍ଷାତ୍ ଈଶ୍ୱର

ଚିତ୍ର ଚରିତ୍ର



ଅଧ୍ୟାପକ ନିରଞ୍ଜନ ପାଢ଼ୀ

ପୂଜ୍ୟପୂଜାର ମହାନ୍ ପରମ୍ପରା ମଧ୍ୟରେ ସତତ ସମୃଦ୍ଧ ହୋଇ ଆସିଥିବା ଆମ ଭାରତୀୟ ସଂସ୍କାର ଓ ସଂସ୍କୃତିର ପୃଷ୍ଠାରେ ଆଜି ଦିନଟି ଗୁରୁଙ୍କ ପାଇଁ ସଂରକ୍ଷିତ ଓ ସମର୍ପିତ। ସେଇ ଗୁରୁ, ଯାହାଙ୍କୁ ସାଧାରଣ ମଣିଷ ଭାବେ ମାନ୍ୟତା ନ ଦେଇ ଆମ ସଂସ୍କାରସିଦ୍ଧ ସମାଜ ଈଶ୍ୱର ଆସନରେ ବସାଇଛି। ଏଇ ଈଶ୍ୱରମାନେ ସ୍ୱର୍ଗର ଅଳକାପୁରୀରେ ନ ଥା'ନ୍ତି କି ମର୍ତ୍ତ୍ୟର କେଉଁ ମନ୍ଦିରରେ ପୂଜା ପାଉ ନ ଥା'ନ୍ତି। ଏମାନେ ସଚରାଚର ଏଇ ସମାଜରେ ବିଚରଣ କରୁଥା'ନ୍ତି, କେଉଁଠି ମାଷ୍ଟର ବା ଶିକ୍ଷକ ରୂପରେ ତ ପୁଣି କେଉଁଠି ଅଧ୍ୟାପକ, ପ୍ରାଧ୍ୟାପକ ବା ପ୍ରଫେସର ଭାବେ। ସ୍ଥୂଳ ରୂପରେ ଏମାନଙ୍କ ପରିଚୟ ଶିକ୍ଷକ, ମାଷ୍ଟର ବା ଅଧ୍ୟାପକ ହେଲେବି ଆମ ସଂସ୍କାରନିଷ୍ଠ ସମାଜର ସୂକ୍ଷ୍ମ ଦୃଷ୍ଟିରେ ଏମାନେ ଗୁରୁ ରୂପେ ବିବେଚିତ ହୋଇଥା'ନ୍ତି ଏବଂ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସାକାର ସମନ୍ୱୟ ପରଂବ୍ରହ୍ମର ମାନ୍ୟତା ଅର୍ଜନ କରିଥା'ନ୍ତି। ବୃତ୍ତି ହେଉ କି ବ୍ରତ, ବିଦ୍ୟାଦାନ ଭଳି ମହତ୍ କାର୍ଯ୍ୟରେ ନିରନ୍ତର ବ୍ୟାପୃତ ରହୁଥିବା ଗୁରୁମାନଙ୍କୁ ଈଶ୍ୱରଙ୍କ ସମକକ୍ଷ ବିଚାରିବା ସହ ତାଙ୍କ ସମର୍ପିତ ସାଧନା ପ୍ରତି ସମ୍ମାନ ଜଣାଇବାକୁ ବର୍ଷର ଏକ ନିର୍ଦ୍ଦିଷ୍ଟ ଦିନ ସଂରକ୍ଷିତ ରଖିବା କେତେଯେ ଗୌରବର ବିଷୟ!

ପ୍ରାଚୀନ ପରମ୍ପରାର ଗୁରୁକୁଳ ଆଶ୍ରମଠୁ ଆରମ୍ଭ କରି ଆଧୁନିକ ବ୍ୟବସ୍ଥାର ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଯାଏ ସବୁଠି ସବୁ କାଳରେ ଗୁରୁମାନଙ୍କ ଜରିଆରେ ସଙ୍ଗଠିତ ହୋଇଆସିଛି ଆସନ୍ତାକାଲିର ପ୍ରସ୍ତୁତି ପର୍ବ। ଶିକ୍ଷା ସୋପାନର ପାହାଚ ପରେ ପାହାଚ ଅତିକ୍ରମ କରି ରାଷ୍ଟ୍ରର ଭବିଷ୍ୟତ କୁହାଯାଉଥିବା ବିଦ୍ୟାର୍ଥୀଟି ଯେତେବେଳେ ଆଗକୁ ଆଗକୁ ଆଗେଇ ଚାଲୁଥାଏ, ସେତେବେଳେ ପ୍ରତ୍ୟେକ ସୋପାନରେ ତା' ହାତଧରି ବାଟ କଢ଼ାଇ ନେଉଥିବା ମାର୍ଗଦର୍ଶକଙ୍କ ନାମ ଶିକ୍ଷକ ବା ଆଚାର୍ଯ୍ୟ। ଜଣେ ଛାତ୍ର ବା ଛାତ୍ରୀର ଜୀବନରେ ତା' ମାତାପିତାଙ୍କ ପରେ କେବଳ ଶିକ୍ଷକ ହିଁ ଏକମାତ୍ର ବ୍ୟକ୍ତି, ଯାହାଙ୍କୁ ସେ ଈଶ୍ୱର ବୋଲି ବିଶ୍ୱାସ କରେ ଓ ତାଙ୍କ ମୁହଁର ବାଣୀକୁ ବେଦବାକ୍ୟ ବୋଲି ବିବେଚନା କରେ। ଜାତିର ଏହି ଉତ୍ତର ଦାୟାଦମାନଙ୍କୁ ଜ୍ଞାନର ଆଲୋକ ପ୍ରଦାନ କରୁଥିବା ସେଇ ଶିକ୍ଷକଙ୍କୁ ହିଁ ସେଥିପାଇଁ କୃତଜ୍ଞ ରାଷ୍ଟ୍ର ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସାକାର ସମନ୍ୱୟ କହି ସମ୍ମାନିତ କରେ।

ପାଶ୍ଚାତ୍ୟ ଭୂଖଣ୍ଡର ଜଣେ ପ୍ରଖ୍ୟାତ ଦାର୍ଶନିକ ଥରେ କହିଥିଲେ, ''ଏ ସଂସାରରେ ସଭିଏଁ ସ୍ୱର୍ଗ ସ୍ୱର୍ଗ କହନ୍ତି ସିନା, କେହି ଜଣେ ବି ସ୍ୱର୍ଗର ଠିକଣା ଜାଣି ନ ଥା'ନ୍ତି। ମୁଁ କିନ୍ତୁ ଏମିତି ଏକ ସମ୍ପ୍ରଦାୟକୁ ଜାଣିଛି, ଯେଉଁମାନେ ତୁମକୁ ସ୍ୱର୍ଗର ନିକଟବର୍ତ୍ତୀ ସ୍ଥାନକୁ ନେଇ ଯାଇପାରିବେ। ସେମାନେ ହେଉଛନ୍ତି ତୁମର ଶିକ୍ଷକ।'' ପ୍ରକୃତରେ କେବଳ ପ୍ରାଚ୍ୟ ଶାସ୍ତ୍ରବାଣୀରେ ଗୁରୁଙ୍କୁ ଈଶ୍ୱରଙ୍କ ସହ ତୁଳନା କରାଯାଇନାହିଁ, ବରଂ ପାଶ୍ଚାତ୍ୟ ବିଚାରଧାରାରେ ଗୁରୁମାନେ ଅଧିକ ମର୍ଯ୍ୟାଦାବନ୍ତ ଓ ମହିମାନ୍ୱିତ। ନିଜ ପ୍ରଭାବ, ପ୍ରତିପତ୍ତି ଓ ପରାକ୍ରମରେ ବିଶ୍ୱବିଦିତ ହୋଇଥିଲେ ମଧ୍ୟ ଗ୍ରୀସ୍‌ର ରାଜା ଆଲେକ୍‌ଜାଣ୍ଡାର ଏକଦା ଜଣେ ସାଧାରଣ ଗୁରୁ ଡାୟୋଜିନିଷଙ୍କ ଆଗରେ କେମିତି ମୁଣ୍ଡ ନୁଆଁଇଥିଲେ, ତାହା ଏଯାଏଁ ବି ସଭିଙ୍କୁ ରୋମାଞ୍ଚିତ କରି ଆସୁଛି। ସୁତରାଂ ପ୍ରାଚ୍ୟ ହେଉ କି ପାଶ୍ଚାତ୍ୟ, ସବୁଠି ଗୁରୁପଣ ଏକ ଆଦର୍ଶ ବିଚାର ଓ ଗୁରୁମାନେ ଈଶ୍ୱରୀୟ ଆତ୍ମାର ଅମର ଅବତାର।

ତେବେ ରାମଙ୍କ ବେଶ ଧାରଣ କରି ରଙ୍ଗମଞ୍ଚରେ ଅଭିନୟ କରୁଥିବା ଲୋକ ଯେମିତି ପୁରୁଷୋତ୍ତମ ଶ୍ରୀରାମ ହୋଇଯାନ୍ତି ନାହିଁ, ସେମିତି ଶିକ୍ଷକ ଭାବେ ନିଯୁକ୍ତି ପାଇଥିବା ସମସ୍ତେ ଗୁରୁ ହୋଇଯାଆନ୍ତି ନାହିଁ; ଈଶ୍ୱର ହେବା ତ ଦୂରର କଥା। ଯେଉଁ ଶିକ୍ଷକ କେବଳ ନିଜ ବୃତ୍ତିକୁ ନେଇ ଗୁରୁଭାବେ ପରିଚିତ, ସେମାନେ କିନ୍ତୁ ସମସ୍ତେ ବିଦ୍ୟାଦାନକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ନ ଥା'ନ୍ତି। ନିଜ ପେଟ ପୋଷିବା ପାଇଁ ବା ପରିବାରର ପ୍ରତିପୋଷଣ ପାଇଁ କୌଣସି ନା କୌଣସି ବୃତ୍ତିରେ ନିୟୋଜିତ ହେଲାଭଳି ଶିକ୍ଷକତା କିଛି ଲୋକଙ୍କ ପାଇଁ ସେମିତି ଏକ ଅର୍ଥ ଅର୍ଜନକାରୀ ବୃତ୍ତି ପାଲଟିଥାଏ। ନା ଥାଏ ତହିଁରେ ବିଦ୍ୟାର୍ଥୀମାନଙ୍କୁ ଜ୍ଞାନାଲୋକରେ ଉଦ୍‌ଭାସିତ କରିବାର ନିଷ୍ଠା, ନା ଥାଏ ରାଷ୍ଟ୍ରର ଭବିଷ୍ୟତ ଗଢ଼ିବାର ଦାୟିତ୍ୱବୋଧ। ଆପଣାର 'ଗୁରୁ' ପରିଚୟକୁ ନେଇ ଯେଉଁ ଶିକ୍ଷକ ସମାଜ ବୋଧହୁଏ ସବୁଠାରୁ ସମ୍ମାନାସ୍ପଦ, ସରଳ ସୁଶୀଳ, ନିଷ୍କପଟ ଆଦି ବିଶେଷ ବିଶେଷଣରେ ବିଭୂଷିତ, ସେମାନଙ୍କ ମଧ୍ୟରୁ କାହାର ଅନ୍ତରାତ୍ମାର କଳା କାଳିମାମୟ ଭୟଙ୍କର ରୂପଟିକୁ ପ୍ରତ୍ୟକ୍ଷ କରିବାର ଅବସର ମିଳିଲେ କେମିତି ହୁଅନ୍ତା କାହାର ଅନୁଭବ! ଦୃଷ୍ଟି ଅନ୍ତରାଳରେ ରହୁଥିବା ଏମିତି ବହୁ ଦୃଷ୍ଟାନ୍ତ ବାହାରେ ଏକ ଆଖିଦେଖା ଦୃଷ୍ଟାନ୍ତ।

ଶିକ୍ଷକମାନଙ୍କୁ ଦୁଃସ୍ଥ ବୋଲି ସମ୍ବୋଧନ କରି ଯେଉଁମାନେ ସେମାନଙ୍କ ଅର୍ଥନୈତିକ ଦୁଃସ୍ଥିତିକୁ ଦୟା କରନ୍ତି, ସେମାନଙ୍କ ପାଇଁ ଆମ ଏ ଶିକ୍ଷକବାବୁ ଥିଲେ ଏକ ପ୍ରଚଣ୍ଡ ବ୍ୟତିକ୍ରମ। ବୃତ୍ତିରେ ଶିକ୍ଷକ ହେଲେ ବି ଆଖପାଖ କେଇଖଣ୍ଡ ଗାଁର ସେ ଥିଲେ ସବୁଠୁ ଧନୀ। ଗାଁରେ ଅମାପ ଜମିବାଡ଼ି ସାଙ୍ଗକୁ ଦୁଇଟି ବ୍ୟବସାୟ ପ୍ରତିଷ୍ଠାନ ଓ ଦୁଇଟି ଟ୍ରାକ୍ଟର ଏବଂ ଗୋଟିଏ ଟ୍ରକର ମାଲିକ ସେଇ ଶିକ୍ଷକ ମହୋଦୟ ଉତ୍ତରାଧିକାର ସୂତ୍ରରେ ଏହି ବିପୁଳ ସମ୍ପତ୍ତିର ମାଲିକାନା ହାସଲ କରି ନ ଥିଲେ। ଧନଶାଳୀ ପିତାଙ୍କ ପୁତ୍ର ହୋଇଥିଲେ ତାଙ୍କ ହତଭାଗ୍ୟ ପିତା ଜଣକ ନିଜ ଦରିଦ୍ର ସାନପୁଅ ପାଖରେ ମୁଣ୍ଡ ଗୁଞ୍ଜି ନ ଥା'ନ୍ତେ କି ନିତିଦିନ କାଶି କାଶି ବେଦମ୍ ହୋଇ ଯାଉଥିଲେ ବି ବିନା ଚିକିତ୍ସାରେ ମଶାଣିର ଯାତ୍ରାକୁ ଅପେକ୍ଷା କରୁ ନ ଥା'ନ୍ତେ। ଅଥଚ ଅସହାୟ ପୀଡ଼ିତ ପିତାଙ୍କ ଦୁଃସ୍ଥିତି ପାଇଁ ଜ୍ୟେଷ୍ଠ ଶିକ୍ଷକ ପୁତ୍ର ଥିଲେ ସମ୍ପୂର୍ଣ୍ଣ ନିର୍ବିକାର, ପ୍ରତିକ୍ରିୟାଶୂନ୍ୟ!

ଏହି ଗ୍ରାମ୍ୟ ଶିକ୍ଷକଙ୍କ ଧନୀ ହେବାର ରହସ୍ୟ ଏମିତି କିଛି ରୋମାଞ୍ଚକର ନୁହେଁ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଅଧିକାଂଶ ଗ୍ରାମବାସୀଙ୍କୁ ସେ ବେଳ ଅବେଳରେ ଅର୍ଥ ଯୋଗାଇ ଦେଇ କେଉଁଠି ସୁନାଗହଣା ତ ଅନ୍ୟ କେଉଁଠି ଜମିବାଡ଼ି ବନ୍ଧକ ରଖୁଥିଲେ। ନିର୍ଦ୍ଦିଷ୍ଟ ସମୟରେ ଋଣ ଶୁଝିବାର ଚୁକ୍ତି ଖିଲାପ କରି ଦରିଦ୍ର ଖାତକମାନେ ସେମାନଙ୍କ ବନ୍ଧକ ସମ୍ବଳସବୁ ମାଷ୍ଟରବାବୁଙ୍କୁ ସମର୍ପଣ କରି ଋଣମୁକ୍ତ ହେଉଥିଲେ। ଏହି ବେପାରୀ ବିଦ୍ୟାଦାତାଙ୍କୁ ଅର୍ଥର ମୋହ ଏମିତି ଅନ୍ଧ କରିଥିଲା ଯେ, ନିଜ ବୃତ୍ତି ପ୍ରତି ବିଶ୍ୱସ୍ତତା ତ ଦୂରର କଥା, ନିଜ ବାପା ଓ ସାନଭାଇଙ୍କ ସହ ବିଶ୍ୱାସଘାତକତା କରିବାକୁ ସେ ତିଳେ ବି କୁଣ୍ଠାବୋଧ କରୁ ନ ଥିଲେ। ଅଥଚ ଲୋକଚକ୍ଷୁରେ ତାଙ୍କର ପରିଚୟ ଥିଲା ଗୁରୁ, ସାକ୍ଷାତ୍ ଈଶ୍ୱର, ପରଂବ୍ରହ୍ମ!

ତେବେ ସବୁ ଶିକ୍ଷକ ଏଇ ଶିକ୍ଷକଙ୍କ ପରି ଧନ କୁବେର ନୁହନ୍ତି। ଆମ ରାଜ୍ୟର ବିଚିତ୍ର ଶିକ୍ଷା ବ୍ୟବସ୍ଥା ମଧ୍ୟରେ ବିଭିନ୍ନ ବର୍ଗର ବହୁ ପ୍ରକାର ଶିକ୍ଷକ ଅଛନ୍ତି। ଏକା ଯୋଗ୍ୟତା, ଏକା କାମ, ଅଥଚ କେତେକଙ୍କର ମାସିକ ବେତନ ଲକ୍ଷେ ଉପରେ ତ ଆଉ କେତେକ କେଇ ହଜାର ପାଇଁ ସଂଗ୍ରାମରତ। ଶିକ୍ଷକମାନେ ଈଶ୍ୱରଙ୍କ ସାକ୍ଷାତ୍ ସ୍ୱରୂପ। ସୁତରାଂ, ଈଶ୍ୱରମାନେ ଦାବି ପୂରଣ ପାଇଁ ଅନ୍ୟ ବୃତ୍ତିଜୀବୀଙ୍କ ପରି ରାଜରାସ୍ତାକୁ ଓହ୍ଲାଇ ଆସିବା ଅନୁଚିତ ବୋଲି ଆମ ସମାଜର ତତ୍ତ୍ୱାବଧାରକମାନେ ବହୁ ସମୟରେ ବାଣୀ ଶୁଣାଇଥା'ନ୍ତି। ହେଲେ ପାର୍ଥିବ ଜଗତରେ ନଶ୍ୱର ଜୀବନ ବଞ୍ଚୁଥିବା ଅନ୍ୟ ବହୁ ପ୍ରାଣୀଙ୍କ ପରି ଏଇ ଶିକ୍ଷକ ରୂପୀ ଈଶ୍ୱରମାନଙ୍କର ପେଟ ପାଇଁ ଭୋକ ଥାଏ। ଈଶ୍ୱରଟିଏ ନିଜ ଈଶ୍ୱରତ୍ୱ ସମ୍ପର୍କରେ ସେତିକିବେଳେ ସଚେତନ ଥାଏ, ଯେତେବେଳେ ତା' ପେଟକୁ ମୁଠାଏ ଦାନା ଯୋଗାଇବାର ଚିନ୍ତା ନ ଥାଏ। ପ୍ରଚଣ୍ଡ କ୍ଷୁଧାରେ ଛଟପଟ ହେଉଥିବା ଈଶ୍ୱର ଜଣଙ୍କୁ ତା'ର ଈଶ୍ୱରପଣିଆ ସମ୍ପର୍କରେ ଚେତାଇଦେଲେ ଐଶ୍ୱରୀୟ ଆବରଣ ତଳେ ଲୁଚି ରହିଥିବା ତା' ଭିତରର ପଶୁଟି କ୍ରୋଧରେ ଗର୍ଜନ କରିବ ସିନା, ଈଶ୍ୱରଙ୍କ ପରି ସବୁଦିନ ସବୁକଥା ସହିନେବ ନାହିଁ।

ଏବେ ତ ଶିକ୍ଷକ ଭାବେ ନିଯୁକ୍ତି ପାଇ ଈଶ୍ୱର ବୋଲାଇବାକୁ କିଛି କୁତ୍ସିତ ଲୋକଙ୍କର ହୀନ କସରତ ସମ୍ପର୍କରେ ଖବର ମିଳୁଛି। ମୋଟା ଅଙ୍କର ଅର୍ଥ ବିନିମୟରେ ଏମାନେ ଜାଲ ମାର୍କଶିଟ୍‌ଠୁ ଆରମ୍ଭ କରି ନକଲି କ୍ରୀଡ଼ାପ୍ରବୀଣ ପ୍ରମାଣପତ୍ରଯାଏଁ ଆବଶ୍ୟକ ହେଉଥିବା ସବୁ ଯୋଗ୍ୟତାର ପ୍ରମାଣପତ୍ର ହାସଲ କରିନିଅନ୍ତି। ଅଜ୍ଞାନତାର ଅନ୍ଧାର ଭିତରେ ବୁଡ଼ି ରହିଥିବା ଲୋକଟି ଜ୍ଞାନର ଆଲୋକ ବାଣ୍ଟିବାର ସନନ୍ଦପତ୍ର ପାଇଥାଏ। ପ୍ରାୟ ବର୍ଷକ ତଳେ ସାମାଜିକ ଗଣମାଧ୍ୟମରେ ଏମିତି ଏକ ଭିଡିଓ ସର୍ବବ୍ୟାପ୍ତ ହୋଇଥିଲା, ଯାହା ବର୍ତ୍ତମାନ ପାଇଁ ଯେତିକି ଲଜ୍ଜାଜନକ, ଭବିଷ୍ୟତ ପାଇଁ ତତୋଽଧିକ ଚିନ୍ତାଜନକ। ଉତ୍ତରପ୍ରଦେଶର କୌଣସି ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ କର୍ମରତା ଜଣେ ଶିକ୍ଷୟିତ୍ରୀଙ୍କୁ ଜଣେ ଶିକ୍ଷା ନିରୀକ୍ଷକ କେତୋଟି ପ୍ରଶ୍ନ ପଚାରି ଯାହା ଉତ୍ତର ପାଇଲେ, ତାହା ତାଙ୍କୁ ତଟସ୍ଥ କରିଥିଲା। ସ୍ତମ୍ଭ ଚକିତ ନିରୀକ୍ଷକ ଆଉ ଟିକେ ଆଗକୁ ଯାଇ ଶିକ୍ଷୟିତ୍ରୀଙ୍କ ନିମ୍ନତମ ମୌଳିକ ଇଂଲିଶ୍ ଜ୍ଞାନ ପରୀକ୍ଷା କରିବାକୁ ଦୁଇ ତିନୋଟି ସହଜ ଶବ୍ଦର ବନାନ ଲେଖିବାକୁ ନିର୍ଦ୍ଦେଶ ଦେଲେ। ମହୋଦୟା ଯାହା ଲେଖିଲେ, ତାହା ଦେଖିଲା ପରେ ତାଙ୍କଠୁଁ ଶିକ୍ଷା ଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ମା'ବାପାମାନେ ନିଜ ନିଜର ସନ୍ତାନ ସନ୍ତତିଙ୍କ ଭବିଷ୍ୟତ ନେଇ ଚିନ୍ତାରେ ପଡ଼ିଯାଇଥିବେ।

ଶିକ୍ଷା ସଂସ୍କାରର ଏହି ବିଭ୍ରାଟ ମଧ୍ୟରେ ତଥାପି ଆଗେଇ ଚାଲିଛି ଆମ ଶିକ୍ଷା ବ୍ୟବସ୍ଥା। ସରକାରୀ ବ୍ୟବସ୍ଥାର ଅବକ୍ଷୟକୁ ଲକ୍ଷ୍ୟ କରି ଧନିକ ମାତାପିତାମାନେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ସେମାନଙ୍କ ପିଲାମାନଙ୍କୁ ବେସରକାରୀ ଆନ୍ତର୍ଜାତିକ ବୋଲାଉଥିବା ବିଦ୍ୟାଳୟଗୁଡ଼ିକରେ ପଢ଼ାଉଛନ୍ତି। ତେବେ ବ୍ୟୟସାପେକ୍ଷ ଘରୋଇ ସ୍କୁଲ କଲେଜର ଶିକ୍ଷା ହେଉ କି ମାଗଣା ସରକାରୀ ଶିକ୍ଷା, ମାଆବାପା, ସମାଜ ଓ ସରକାର ସଭିଏଁ ପିଲାମାନଙ୍କୁ 'ବଡ଼ଲୋକ' କରି ଗଢ଼ି ତୋଳିବାକୁ ସବୁ ପ୍ରକାର ଉଦ୍ୟମ କରୁଥିଲା ବେଳେ କେଉଁଠି କେଜାଣି ହଜିଯାଇଛି ଶିକ୍ଷାର ଅନ୍ତର୍ନିହିତ ପରିଭାଷା 'ସଂସ୍କାର'। ଆମ ପିଲାମାନେ ଶିକ୍ଷା ପାଇ ବଡ଼ ହୋଇ 'ବଡ଼ଲୋକ'ରେ ଗଣାହେଉଛନ୍ତି ସିନା, କମି କମି ଯାଉଛି 'ଭଲ ଲୋକଟିଏ' ହେବାର ପ୍ରବଣତା। ଆମେରିକାର ପ୍ରବାଦପୁରୁଷ ଆବ୍ରାହମ୍ ଲିଙ୍କନ ତାଙ୍କ ପୁଅର ଶିକ୍ଷକଙ୍କ ନିକଟକୁ ଚିଠିଟିଏ ଲେଖିଥିଲେ, ''ମହାଶୟ! ଆମେରିକା ସହିତ ସମଗ୍ର ବିଶ୍ୱର କଥା ବୁଝିବାକୁ ପଡୁଥିବାରୁ ମୋ ପୁଅ କଥା ବୁଝିବାକୁ ଆପଣଙ୍କୁ ଦାୟିତ୍ୱ ଦେଇଛି। ଆପଣ ତାକୁ ଠିକ୍ ଭାବେ ଗଢୁଥିବେ ବୋଲି ବିଶ୍ୱାସ। ଆପଣ ତାକୁ ଯାହା ଶିକ୍ଷା ଦିଅନ୍ତୁ ନା କାହିଁକି, ଏ କଥା ବି ଶିଖାଇବେ ଯେ- ଅସତ୍ ପଥରେ ଯାଇ ସଫଳ ହେବା ଅପେକ୍ଷା ସତ୍ ପଥରେ ଯାଇ ବିଫଳ ହେବା ଶତଗୁଣ ଶ୍ରେୟସ୍କର।'' ସେକାଳର ଲିଙ୍କନ୍‌ଙ୍କ ପରି ଏକାଳର ମାତାପିତା ଓ ଶାସନତନ୍ତ୍ର ଯେଉଁ ଦିନ ପିଲାମାନଙ୍କୁ 'ବଡ଼ମଣିଷ' ଭାବେ ଗଢ଼ିବା ପରିବର୍ତ୍ତେ 'ଭଲ ମଣିଷ' କରି ଗଢ଼ି ତୋଳିବାର ଦାୟିତ୍ୱ ଓ ଅଧିକାର ଶିକ୍ଷକମାନଙ୍କ ହାତରେ ଅର୍ପଣ କରିବେ, ସେଦିନ ହିଁ ଗୁରୁମାନଙ୍କୁ ଈଶ୍ୱର ବିବେଚନା କରିବା ହେବ ଅଧିକ ଯଥାର୍ଥ ଓ ଯୁକ୍ତିସଙ୍ଗତ।

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ବାଂଲାଦେଶୀ ଟିକା ବିଜ୍ଞାନୀ

ବ୍ୟକ୍ତିତ୍ୱ



ଡାକ୍ତର ଫିରଦୌସି କାଦ୍ରି

ରମନ ମାଗସେସେ ପୁରସ୍କାର ଏସିଆ ମହାଦେଶର ସର୍ବୋଚ୍ଚ ସମ୍ମାନ ଭାବେ ପରିଚିତ। ୧୯୫୭ରେ ପ୍ରତିଷ୍ଠିତ ଏହି ସମ୍ମାନକୁ ଏସିଆର ନୋବେଲ ପୁରସ୍କାର ବୋଲି କୁହାଯାଇଥାଏ। ଏହି ମହାଦେଶର ଦାରିଦ୍ର୍ୟ ଦୂରୀକରଣ ଓ ସମାଜର ବିକାଶ ଦିଗରେ ଅସାଧାରଣ ଅବଦାନ ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଛି। ଉଲ୍ଲେଖଯୋଗ୍ୟ ଯେ, ଫିଲିପାଇନ୍ସର ପୂର୍ବତନ ରାଷ୍ଟ୍ରପତି ରମଣ ମାଗସେସେଙ୍କ ସ୍ମୃତିରେ ପ୍ରଦାନ କରାଯାଇ ଆସୁଥିବା ଏହି ସମ୍ମାନର ଅଧିକାରୀ ସର୍ବଦା ଏକ ଛାପ ପରପିଢ଼ି ପାଇଁ ଛାଡ଼ି ଯାଇଥାଆନ୍ତି। ୨୦୨୧ ଲାଗି ବାଂଲାଦେଶର ବୈଜ୍ଞାନିକ ଡାକ୍ତର ଫିରଦୌସି କାଦ୍ରି, ପାକିସ୍ତାନର ମାଇକ୍ରୋଫାଇନାନ୍ସର ଅଗ୍ରଦୂତ ମୁହାମ୍ମଦ ଅମଜଦ ସାକିବ୍, ଫିଲିପାଇନ୍ସର ମତ୍ସ୍ୟ ଓ ପରିବେଶବିତ୍ ରେବେର୍ଟୋ ବାଲୋନ୍, ମାନବୀୟ କାର୍ଯ୍ୟ ପାଇଁ ଆମେରିକୀୟ ନାଗରିକ ଷ୍ଟିଭେନ୍ ମୁନ୍‌ସି ଏବଂ ଅନୁସନ୍ଧାନମୂଳକ ସାମ୍ବାଦିକତା ସକାଶେ ଇଣ୍ଡୋନେସିଆନ୍ ୱାଚଡକ୍‌କୁ ପୁରସ୍କୃତ କରାଯିବ ବୋଲି ଘୋଷଣା କରାଯାଇଛି। ଫିଲିପାଇନ୍ସ ରାଜଧାନୀ ମାନିଲାଠାରେ ନଭେମ୍ବର ୨୮ରେ ପୁରସ୍କାର ଉତ୍ସବ ଅନୁଷ୍ଠିତ ହେବ। ବାଂଲାଦେଶରେ ଗରିବ ଓ ଅସହାୟଙ୍କ ସ୍ୱାସ୍ଥ୍ୟ ସେବାରେ ନିଜକୁ ନିୟୋଜିତ କରିଥିବା ଡାକ୍ତର ଫିରଦୌସି ହଇଜା ଓ ଆନ୍ତ୍ରିକଜ୍ୱର (ଟାଇଫଏଡ୍) ନିମନ୍ତେ କମ୍ ମୂଲ୍ୟରେ ଟିକା ପ୍ରସ୍ତୁତ କରି ନିଜ ଦେଶ ସହ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ପାଇଁ ମଙ୍ଗଳ ଆଣିପାରିଛନ୍ତି।

ଫିରଦୌସି ୩୧ ମାର୍ଚ୍ଚ ୧୯୫୧ରେ ବାଂଲାଦେଶରେ ଜନ୍ମଗ୍ରହଣ କରିଥିଲେ। ସେ ବାଂଲାଦେଶ ବିଶ୍ୱବିଦ୍ୟାଳୟରୁ ୧୯୭୫ରେ ବାୟୋକେମିଷ୍ଟ୍ରି ଓ ମଲିକ୍ୟୁଲାର ବାୟୋଲଜିରେ ସ୍ନାତକ ଓ ୧୯୭୭ରେ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ୧୯୮୦ରେ ବ୍ରିଟେନ୍‌ର ଲିଭରପୁଲ୍ ବିଶ୍ୱବିଦ୍ୟାଳୟରୁ ବାୟୋକେମିଷ୍ଟ୍ରି/ଇମ୍ୟୁନୋଲଜିରେ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ। ରାଜଧାନୀ ଢାକାସ୍ଥିତ ଇଣ୍ଟରନ୍ୟାଶନାଲ ସେଣ୍ଟର ଫର୍ ଡାଏରୋଏଲ୍ ଡିଜିଜ୍ ରିସର୍ଚ୍ଚ, ବାଂଲାଦେଶ (ଆଇସିଡିଡିଆର୍,ବି)ରୁ ପୋଷ୍ଟଡକ୍ଟରାଲ କରିବା ପରେ ସେ ୧୯୮୮ରେ ସେହିଠାରେ ଆସୋସିଏଟ୍ ସାଇଣ୍ଟିଷ୍ଟ ଭାବେ ଯୋଗଦେଇଥିଲେ। ବର୍ତ୍ତମାନ ସେ 'ଆଇସିଡିଡିଆର୍,ବି' ର ସେଣ୍ଟର ଫର୍ ଭାକ୍ସିନରେ ସିନିୟର ସାଇଣ୍ଟିଷ୍ଟ ତଥା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ତେବେ ଦୀର୍ଘବର୍ଷ ଧରି ହଇଜା, ଆନ୍ତ୍ରିକଜ୍ୱର, ରୋଟାଭାଇରସ୍ ଭଳି ରୋଗ ଲାଗି ଟିକା ବିକଶିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛନ୍ତି। କରୋନା ମହାମାରୀ ଯୋଗୁ ସମଗ୍ର ବିଶ୍ୱ ହନ୍ତସନ୍ତ ହେଉଛି। ଏପରି କି ଭାରତ ସମେତ ବହୁ ରାଷ୍ଟ୍ରରେ ଅନେକ ଲୋକ ଟିକା ପାଇପାରି ନାହାନ୍ତି। ଏଭଳିସ୍ଥଳେ ଅନୁମାନଯୋଗ୍ୟ ଯେ, ଡାକ୍ତର ଫିରଦୌସିଙ୍କୁ ବିକଶିତ କରିଥିବା ଟିକାଗୁଡ଼ିକ ଲାଗି କେତେ ମାତ୍ରାରେ ଗବେଷଣା କରିବାକୁ ପଡ଼ିଥିବ। ହଇଜା ଟିକା 'ଡୁକୋରାଲ' କିଣିବା ଗରିବଙ୍କ ପାଇଁ ବ୍ୟୟସାପେକ୍ଷ ହୋଇଥିବାରୁ ଡାକ୍ତର ଫିରଦୌସି ଶସ୍ତାରେ ସମାନ ପ୍ରଭାବ ପକାଇପାରୁଥିବା 'ଶାନ୍‌ଚୋଲ୍ ଭାକ୍ସିନ୍' ଉଦ୍ଭାବନ କରି ତାହାକୁ ଢାକାର ବସ୍ତି ଅଞ୍ଚଳରେ ବାସ କରୁଥିବା ଶିଶୁଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ କ୍ଷେତ୍ରରେ ପ୍ରୟୋଗ କରିଥିଲେ। ତାହାର ପ୍ରଭାବ ସକାରାତ୍ମକ ହେବା ପରେ ରୋହିଙ୍ଗିଆ ଶରଣାର୍ଥୀଙ୍କ ସମେତ ବାଂଲାଦେଶର ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପଲବ୍ଧ କରାଯାଇପାରିଥିଲା। ପରବର୍ତ୍ତୀ ସମୟରେ ହଇଜା ଓ ଆନ୍ତ୍ରିକଜ୍ୱର ସଂକ୍ରାନ୍ତ ତାଙ୍କ ଉଦ୍ଭାବିତ ଟିକା ଏସିଆ ଓ ଆଫ୍ରିକା ମହାଦେଶରେ ଗ୍ରହଣୀୟ ହୋଇଥିଲା। ଜଳବାୟୁ ପରିବର୍ତ୍ତନ ଓ ମାନବୀୟ ସଙ୍କଟ ଦେଇ ଗତି କରୁଥିବା ଅସହାୟଙ୍କ ନିକଟରେ ତାଙ୍କ ଗବେଷଣାଲବ୍ଧ ଟିକା ପହଞ୍ଚି ଅସଂଖ୍ୟ ଲୋକଙ୍କ ଜୀବନ ରକ୍ଷା କରିପାରିଥିବାରୁ ଡାକ୍ତର ଫିରଦୌସି ଖୁସି ବ୍ୟକ୍ତ କରିଥାଆନ୍ତି। ଆଉ ପାଦେ ଆଗେଇ ଯାଇ ସେ ୨୦୧୪ରେ ଇମ୍ୟୁନୋଲଜି ଓ ମଲିକ୍ୟୁଲାର ବାୟୋଲଜିଭିତ୍ତିକ ଗବେଷଣା ଲାଗି ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଡେଭଲପିଂ ସାଇନ୍ସ ଆଣ୍ଡ୍ ହେଲ୍‌ଥ ଇନିସିଏଟିଭ୍ (ଇଡେସି) ପ୍ରତିଷ୍ଠା କରିଥିଲେ। ବାଂଲାଦେଶରେ ଦେଖା ଦେଉଥିବା ଜନସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରିବା ଦିଗରେ ତାଙ୍କ ସଂସ୍ଥା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରୁଛି। ଏଥିସହିତ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟଭିତ୍ତିକ ଆଲୋଚନାରେ ଇଡେସି ଭାଗ ନେଇ ବହୁ ନୂଆ ଡାକ୍ତରୀ ମତ ଦେବାରେ ସକ୍ଷମ ହୋଇଛି।

ଫିରଦୌସି କହନ୍ତି, ବାଂଲାଦେଶରେ ଜଣେ ମହିଳା ଗବେଷଣା କରି ବୈଜ୍ଞାନିକ ହେବା ଅତ୍ୟନ୍ତ କଷ୍ଟକର। ପରିବାରର ସହଯୋଗ ତାଙ୍କୁ ଏଭଳି ସ୍ଥାନରେ ଆଣି ପହଞ୍ଚାଇଛି। ବାସ୍ତବରେ ଡାକ୍ତର ଫିରଦୌସି ଯୁବ ଗବେଷକଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇପାରିଛନ୍ତି।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଛତିଶଗଡ଼ର ପୁଷ୍ପା ସାହୁଙ୍କୁ ଏବେ ସଭିଏ 'ହରିୟାଲି ଦିଦି' ବୋଲି ସମ୍ବୋଧନ କରୁଛନ୍ତି। ପୁଷ୍ପାଙ୍କର ଗଛ ପ୍ରତି ଭଲ ପାଇବା ଓ ତାଙ୍କ ଜୈବିକ ଚାଷ ପଦ୍ଧତିକୁ ଲକ୍ଷ୍ୟକରି ଲୋକେ ତାଙ୍କୁ ଏଭଳି ନାଁ ଦେଇଛନ୍ତି। ରାୟପୁରରେ ରହନ୍ତି ପୁଷ୍ପା। ସେ ୨୦୧୩ରୁ ଘର ବଗିଚାରେ ଜୈବିକ ପଦ୍ଧତିରେ ଫଳ ଓ ପରିବା ଉତ୍ପାଦନ କରୁଛନ୍ତି। ୧୨ ପ୍ରକାର ଔଷଧୀୟ ଓ ୧୦ ପ୍ରକାର ଫଳ ଗଛ ସମେତ ୧୦୦ ପ୍ରକାରରୁ ଅଧିକ ଗଛ ତାଙ୍କ ବଗିଚାରେ ଶୋଭାପାଉଛି। ପୁଷ୍ପା ୨୦ ପ୍ରକାର ପରିବା ଚାଷ କରୁଛନ୍ତି। ଚାଷ କରି ଦୀର୍ଘ ୮ ବର୍ଷ ହେବ ପରିବାରର ଚାହିଦା ପୂରଣ କରୁଛନ୍ତି। ୨୦୦ ଲିଟର ତେଲ ଡ୍ରମ୍‌ରେ ଛୋଟ ଗଛ ଓ ୧,୦୦୦ ଲିଟର ଡ୍ରମ୍‌ରେ ଫଳ ଗଛ ଲଗାଇଛନ୍ତି। ପରିବା ଓ ଫଳ ବାବଦ ଖର୍ଚ୍ଚ କମାଇ ସେ ମାସକୁ ୩,୦୦୦ ଟଙ୍କା ସଞ୍ଚୟ କରୁଛନ୍ତି। ବଜାରରେ ପରିବା ଫଳ ଦାମ ବୃଦ୍ଧି ହେଲେ ଏଥିରେ ତାଙ୍କ ଉପରେ କୌଣସି ପ୍ରଭାବ ପଡୁନାହିଁ। ବଜାର ଉପରେ ସେ କମ୍ ନିର୍ଭର କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୫ ସେପ୍ଟେମ୍ବର ୧୯୯୬

- ସିବିଆଇର ଗିରଫଦାରିରୁ ରକ୍ଷା ପାଇବା ପାଇଁ ପୂର୍ବତନ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ସୁଖରାମ ଆଗୁଆ ଜାମିନ ପାଇଁ ଦିଲ୍ଲୀର ଏକ ଅଦାଲତରେ ଆବେଦନ କରିଛନ୍ତି।
- ମୁମ୍ବାଇର ଦକ୍ଷିଣାଞ୍ଚଳର ଜନାଜୀର୍ଣ୍ଣ ଡି.ଏନ୍. ରୋଡ୍ ଇଲାକାସ୍ଥିତ ଏକ ଚାରି ମହଲା କୋଠା ଭୁଶୁଡ଼ି ପଡ଼ିବା ଫଳରେ ୧୬ ମୃତ।

## ଚିରନ୍ତନୀ

''ଉଠ ହସି ପଥ ଯେବେ
ସୁଖର ପରଶମଣି ଲଭେ
''ପ୍ରାଣଭ ରା ହାସ୍ୟ ବନ୍ଧୁ
ଅତି ହିଁ ଦୁର୍ମୂଲ୍ୟ ସେ ଯେ ଭବେ!
(ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ରାଜନୀତିରୁ ଊର୍ଦ୍ଧ୍ୱରେ ରୁହନ୍ତୁ

ମହାଶୟ,

ରାଜନୀତି ଠାରୁ ପ୍ରତ୍ୟେକ ଦଳ ଊର୍ଦ୍ଧ୍ୱରେ ରହି ଲୋକଙ୍କ ପାଇଁ କାମ କଲେ ଦେଶ ଆଗକୁ ଯାଇପାରିବ। କିନ୍ତୁ ବର୍ତ୍ତମାନ ଦେଶ ତଥା ରାଜ୍ୟରେ ଗୋଟିଏ ଦଳ କିଛି ଉନ୍ନତି କଥା ଚିନ୍ତା କଲାବେଳେ ଅନ୍ୟ ଦଳମାନେ ତାହାକୁ ରାଜନୀତିର ଆଖ୍ୟା ଦେଉଛନ୍ତି। ଯଦିଓ ସେହି ଉନ୍ନତି କଥାରେ 'ରାଜନୀତି'ର ବାସ୍ନା ଥାଏ ତଥାପି 'ରାଜନୀତି'ର ଶବ୍ଦ ଯୋଡିବା ଦ୍ୱାରା ଉନ୍ନତିମୂଳକ ବିଷୟ କେଉଁଆଡେ ଉଡ଼ିଯାଏ। ରାଜନୀତି ଶବ୍ଦ ନ ଯୋଡି ବରଂ ତାହାକୁ ସୁଧାରିବା କଥା ଚିନ୍ତା କଲେ ଜନସାଧାରଣ ବେଶ୍ ଉପକୃତ ହୋଇପାରନ୍ତେ। ତେଣୁ ପ୍ରତ୍ୟେକ ଦଳ ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହି ଲୋକଙ୍କ ଉନ୍ନତି କଥା ଚିନ୍ତା କରିବା ଉଚିତ।

-ସୌରୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବିଧାନସଭାରେ ଅସୁସ୍ଥ ହୋଇପଡ଼ିଲେ ତାରା

ଭୁବନେଶ୍ୱର, ୪।୯(ବ୍ୟୁରୋ) କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଶନିବାର ଅପରାହ୍ଣରେ ବିଧାନସଭା ଚାଲିଥିବା ବେଳେ ଗୃହ ଭିତରେ ଅସୁସ୍ଥ ହୋଇପଡ଼ିଥିଲେ । ବାଚସ୍ପତିଙ୍କ ପୋଡିୟମ ତଳେ ଚେୟାର ଉପରେ ଚଢ଼ି ପ୍ରତିବାଦ କରିବା ବେଳେ ସେ ଅସୁସ୍ଥ ହୋଇପଡ଼ିବାରୁ ଦଳର ସହଯୋଗୀମାନେ ତାଙ୍କୁ ବାଚସ୍ପତିଙ୍କ ପ୍ରକୋଷ୍ଠକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ସଚିବାଳୟ ଡାକ୍ତରମାନେ ଚିକିତ୍ସା କରିଥିଲେ। ପ୍ରାଥମିକ ଚିକିତ୍ସାପରେ ତାଙ୍କୁ ଘରେ ଛାଡ଼ି ଦିଆଯାଇଛି। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ପୂର୍ବରୁ କୋଭିଡ୍-୧୯ରେ ଆକ୍ରାନ୍ତ ହୋଇଥିଲେ। ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହେବା ପରେ ସୁସ୍ଥ ହୋଇଥିଲେ। ପରେ ଘରକୁ ଯାଇଥିଲେ। ମାତ୍ର ଘରେ ପହଞ୍ଚିବା ପରେ ସେ ମଧୁମେହ ଓ କରୋନା ପରବର୍ତ୍ତୀ ଜଟିଳତା ଯୋଗୁ ପୁଣି ଥରେ ଅସୁସ୍ଥ ହୋଇପଡ଼ିଥିଲେ। ପୁଣି ଥରେ ଚିକିତ୍ସା ପାଇଁ ସିକନ୍ଦରାବାଦସ୍ଥିତ କିମ୍ସ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରୁ ସୁସ୍ଥ ହୋଇ ଘରକୁ ଫେରିଥିଲେ।

### ୩ ବିଲ୍ ପାରିତ: ସିଇଟି ହେବ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୪।୯(ବ୍ୟୁରୋ) ପୂର୍ବରୁ ଗୃହରେ ଉପସ୍ଥାପିତ ୩ଟି ବିଲ୍ ଶନିବାର ଓଡ଼ିଶା ବିଧାନସଭାର ଅନୁମୋଦନ ଲାଭ କରିଛି। ସେହି ବିଲ୍‌ଗୁଡ଼ିକ ହେଲା ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ ବିଲ୍-୨୦୨୧, ଓଡ଼ିଶା ବିନିଯୋଗ ଅଧିନିୟମ (ନିରସନ) ବିଲ୍-୨୦୨୧ ଏବଂ ଓଡ଼ିଶା ସହର ଯୋଜନା ଓ ଅଭିବୃଦ୍ଧି ନ୍ୟାସ(ସଂଶୋଧନ) ବିଲ୍ ୨୦୨୧। ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ ବିଲ୍ ପାରିତ ହେବା ଦ୍ୱାରା କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି(ସିଇଟି)କୁ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିଛି। ଏହା ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟରେ ନାମିତ ହେବ। ଏହି ବିଲ୍ ଆସିବା ଫଳରେ ରାଜ୍ୟରେ ବିଜ୍ଞାନର ବିକାଶ ହେବ। ସମାଜର ଉନ୍ନତି ସାଧନ ପାଇଁ ଯାନ୍ତ୍ରିକ ବିଦ୍ୟା, ପ୍ରଯୁକ୍ତି ବିଦ୍ୟା ଏବଂ ତା'ର ପ୍ରୟୋଗ, ସ୍ଥପତି ବିଦ୍ୟା, ଯୋଜନା, ମ୍ୟାନେଜମେଣ୍ଟ ଓ ପ୍ରାୟୋଗିକ ବିଜ୍ଞାନ କ୍ଷେତ୍ରରେ ଶିକ୍ଷା, ଗବେଷଣା ଓ ତାଲିମକୁ ବିକଶିତ କରାଯିବ। ଗୋଟିଏ ପକ୍ଷରେ ଶୈକ୍ଷିକ ଓ ଗବେଷକ ଗୋଷ୍ଠୀ ଓ ଅନ୍ୟ ପକ୍ଷରେ ଶିଳ୍ପ ସଂସ୍ଥାଗୁଡ଼ିକ ମଧ୍ୟରେ ପାରସ୍ପରିକ ସହଯୋଗ ଓ ସମ୍ପର୍କ ବୃଦ୍ଧି କରିବା ପାଇଁ ଏହା ଏକ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଅତ୍ୟାଧୁନିକ ବିକାଶ ସମ୍ପର୍କରେ ଅବଗତ ହେବା ଲକ୍ଷ୍ୟରେ ଭାରତ ତଥା ବିଦେଶର ଖ୍ୟାତିସମ୍ପନ୍ନ ଅନୁଷ୍ଠାନଗୁଡ଼ିକ ସହ ଆଦାନପ୍ରଦାନ କାର୍ଯ୍ୟକ୍ରମ ସଂଗଠିତ କରାଯିବ।

# ୨୧୭୧ କୋଟିର ୧୦ ପ୍ରକଳ୍ପକୁ ଅନୁମୋଦନ

**ସୃଷ୍ଟିହେବ ୫,୨୪୨ ନିଯୁକ୍ତି ସୁଯୋଗ**

ଭୁବନେଶ୍ୱର, ୪।୯(ବ୍ୟୁରୋ) ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲଏସ୍‌ଡବ୍ଲ୍ୟୁସିଏ) ବୈଠକରେ ୨୧୭୧.୮୨ କୋଟିର ୧୦ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ରାଜ୍ୟରେ ୫,୨୪୨ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଶନିବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସିମେଣ୍ଟ, ଇଥାନଲ, ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ, କୋଇଲା ଟାର୍ ଏବଂ ଅଣପାରମ୍ପରିକ ଶକ୍ତି କ୍ଷେତ୍ରରେ ଏହି ପ୍ରକଳ୍ପଗୁଡ଼ିକ ସ୍ଥାପନ ହେବ। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ବାଇ ହୋମ୍ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଯାଜପୁର ଜିଲାରେ ୬୫୦ କୋଟି ଟଙ୍କାର ୩ ନିୟୁତ ଟନ୍‌ର ସିମେଣ୍ଟ ଗ୍ରାଇଣ୍ଡିଂ ପ୍ରକଳ୍ପ ସ୍ଥାପନ କରାଯିବ। ଏଥିରେ ୭୫୦ ଜଣଙ୍କୁ ନିଯୁକ୍ତି ମିଳିପାରିବ। ସେହିପରି ଏନ୍. ମେଟାଲିକ୍ସ ପକ୍ଷରୁ ଝାରସୁଗୁଡ଼ାଠାରେ ୨୦୫ କୋଟି ଟଙ୍କାର ପିଲେଟ, ଜିଆଇ ପାଇପ୍, ସ୍ପଞ୍ଜ ଆଇରନ ପ୍ରକଳ୍ପ ସ୍ଥାପନ କରାଯିବ। ଏଥିରେ ୫୭୧ ଜଣ କର୍ମନିଯୁକ୍ତି ପାଇବେ। ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ପକ୍ଷରୁ ଜଗତସିଂହପୁର ଜିଲାର ଉଦୟବାଟ ନିକଟରେ ୧୫୦ କୋଟି ଟଙ୍କାର ଏକ ନଦୀଭିତ୍ତିକ ଜେଟି ନିର୍ମାଣ କରାଯିବ। ଏଥିରେ ୨୮୦ ଜଣଙ୍କୁ ନିଯୁକ୍ତି ଦିଆଯାଇ ପାରିବ। ସେହିପରି ମାସ୍ ବାୟୋ ଫୁଏଲ୍ସ ପକ୍ଷରୁ ସୁବର୍ଣ୍ଣପୁର ଜିଲାରେ ୨୫୮.୫ କୋଟି ଟଙ୍କା ବ୍ୟୟରେ ଦୈନିକ ୩୬୦ କିଲୋଲିଟର ଇଥାନଲ, ୧୨୦ କିଲୋଲିଟର ଏକ୍ସଟ୍ରା ନିୟୁଟ୍ରାଲ ଆଲକୋହଲ, ୧୦ ମେଗାୱାଟ କୋ ଜେନେରେଶନ ପ୍ଲାଣ୍ଟ ସ୍ଥାପନ କରାଯିବ। ଏଥିରେ ୩୦୦ ଜଣଙ୍କୁ ନିଯୁକ୍ତି ମିଳିପାରିବ। ଭାଇବ୍ରାଣ୍ଟ ସ୍ପିରିଟ୍‌ସ ପକ୍ଷରୁ ବରଗଡ଼ ଜିଲାରେ ୧୦୦କୋଟି ଟଙ୍କା ବ୍ୟୟରେ ୧୦୦ କିଲୋଲିଟର ଇଥାନଲ ସହ ୫ ମେଗାୱାଟ କୋ ଜେନେରେଶନ ପ୍ଲାଣ୍ଟ ସ୍ଥାପନ କରାଯିବ। ଏଥିରେ ୨,୨୫୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି ଭିସିଆଇ କେମିକାଲ ଇଣ୍ଡଷ୍ଟ୍ରିଜ ୨୧୦ କୋଟି ଟଙ୍କା ବ୍ୟୟରେ ଯାଜପୁର ଜିଲାର କଳିଙ୍ଗନଗରଠାରେ କୋଲ୍ ଟାର୍ ଡିଷ୍ଟିଲେଶନ ପ୍ଲାଣ୍ଟ ସ୍ଥାପନ କରିବ। ଏହି ପ୍ଲାଣ୍ଟରେ ୧୫୭ ଜଣ ନିଯୁକ୍ତି ସୁଯୋଗ ପାଇବେ। ସେହିପରି ରାମ୍‌କୋ ସିମେଣ୍ଟ ଯାଜପୁର ଜିଲାର ହରିଦାସପୁରଠାରେ ୧୯୦ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବାକୁଥିବା ସିମେଣ୍ଟ ଗ୍ରାଇଣ୍ଡିଂ ଫ୍ୟାକ୍ଟ୍ରିରେ ୬୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ।



ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ସିପିଆଇ ପକ୍ଷରୁ ଶନିବାର ଭୁବନେଶ୍ୱର ରାଜମହଲ ଛକରେ ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରା।

# ରାଜ୍ୟରେ ଖୋଲିବ ଆଉ ୨୪ ନୂଆ ଆଇଟିଆଇ

ଭୁବନେଶ୍ୱର,୪।୯(ବ୍ୟୁରୋ) ରାଜ୍ୟରେ ଆଉ ୨୪ଟି ନୂତନ ଆଇଟିଆଇ କେନ୍ଦ୍ର ସ୍ଥାପନ ହେବ । ବିଜେଡି ବିଧାୟକ ଭୂପିନ୍ଦର ସିଂହଙ୍କ ପ୍ରଶ୍ନର ଉତ୍ତରରେ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ ଏହି ସୂଚନା ଦେଇଛନ୍ତି। ଶନିବାର ବିଧାନସଭା ପ୍ରଶ୍ନକାଳରେ ସିଂହଙ୍କ ମୂଳ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ବର୍ତ୍ତମାନ ରାଜ୍ୟରେ ୪୯ଟି ସରକାରୀ ଓ ୪୮୮ଟି ବେସରକାରୀ ଆଇଟିଆଇ ରହିଛି । ଯାଜପୁର ଜିଲାର ସୁକିନ୍ଦାଠାରେ ଇମ୍ଫା ଓ ଗଞ୍ଜାମ ଜିଲାର ସେରଗଡ଼ଠାରେ ଏନ୍‌ଟିପିସି ଆଇଟିଆଇ ସ୍ଥାପନ କରିଛନ୍ତି । ଏହାବ୍ୟତୀତ କଳାହାଣ୍ଡି ଜିଲାର ଧର୍ମଗଡ଼ଠାରେ ଅନ୍ୟ ଏକ ଆଇଟିଆଇ ପିଜିସିଆଇଏଲଙ୍କ ସହଯୋଗରେ ସ୍ଥାପନ କରାଯିବ । କଂଗ୍ରେସ ସଦସ୍ୟ ସୁରେଶ କୁମାର ରାଉତରାୟ ଓ ଭାଜପା ସଦସ୍ୟ କୁସୁମ ଟେଟେ ଆଇଟିଆଇ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନେ କାହିଁକି ସ୍ଥାନୀୟ ଶିଳ୍ପରେ ନିଯୁକ୍ତି ପାଉନାହାନ୍ତି ବୋଲି ପ୍ରଶ୍ନ କରିଥିଲେ । ରାଉତରାୟ କହିଥିଲେ ଯେ ଜଟଣୀରେ ଥିବା ଶିଳ୍ପାନୁଷ୍ଠାନରେ ମହାରାଷ୍ଟ୍ର ଓ ତାମିଲନାଡୁର ପିଲା ଆସି କାମ କରୁଥିବାବେଳେ ଆମ ପିଲାଏ ତାଲିମ ନେଇ ବେକାର ହୋଇ ବୁଲୁଛନ୍ତି ।

କୁସୁମ ଟେଟେ କହିଥିଲେ ଯେ ସୁନ୍ଦରଗଡ଼ ଜିଲାର ଖଣି ଓ କାରଖାନାରେ ସବୁ ବାହାର ରାଜ୍ୟର କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ହେଲେ ଆଇଟିଆଇ ତାଲିମ ପ୍ରାପ୍ତ ସ୍ଥାନୀୟ ପିଲା ଦାଦନ ଖଟିବାକୁ ଯାଉଛନ୍ତି । ମନ୍ତ୍ରୀ କହିଥିଲେ ଯେ ଆଇଟିଆଇ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ କିଭଳି ବିଭିନ୍ନ ଶିଳ୍ପାନୁଷ୍ଠାନରେ ନିଯୁକ୍ତି ପାଇବେ ସେଥିପାଇଁ ଅନ୍ୟ ବିଭାଗଗୁଡ଼ିକ ସହିତ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନିପତି, ବିଜେଡି ବିଧାୟକ ରୋହିତ ପୂଜାରୀ, ଅରବିନ୍ଦ ଢାଲି, ନିତ୍ୟାନନ୍ଦ ଗଣ୍ଡ, ଭାସ୍କର ମଢେଇ ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ଆଇଟିଆଇ ପିଲାଙ୍କୁ କାମ ମିଳୁ ନ ଥିବା କଥା ଉଠାଇଥିଲେ।

# ସବୁ ଜିଲାରେ ହେବ ବିଜ୍ଞାନ କେନ୍ଦ୍ର

ଭୁବନେଶ୍ୱର,୪।୯(ବ୍ୟୁରୋ) ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ବଢ଼ାଇବା ତଥା ସମାଜରୁ ଅନ୍ଧବିଶ୍ୱାସ ଦୂର କରିବା ଲାଗି ରାଜ୍ୟର ସମସ୍ତ ଜିଲାରେ ବିଜ୍ଞାନ କେନ୍ଦ୍ର ସ୍ଥାପନ କରାଯିବ। ଏଥିସହ ଆଉ ୬ଟି ନୂଆ ପ୍ଲାନେଟୋରିୟମ ପ୍ରତିଷ୍ଠା କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବିଧାନସଭାରେ ଶନିବାର ପ୍ରଶ୍ନୋତ୍ତର ବେଳେ ସୂଚନା ଦେଇଛନ୍ତି।

ବିଜେଡି ସଭ୍ୟ ସୁଧୀର ସାମଲଙ୍କ ଏକ ତାରକା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝର, ବଲାଙ୍ଗୀର ଓ ସୁନ୍ଦରଗଡ଼ ଜିଲାରେ ଉଭୟ ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ ନିର୍ମାଣ କରାଯିବ। ରାୟଗଡ଼ା, ସୁନ୍ଦରଗଡ଼ ଓ କୋରାପୁଟ ଜିଲାରେ ଏକ ପ୍ଲାନେଟୋରିୟମ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ସେହିଭଳି ଭଦ୍ରକ, ପୁରୀ, ନୟାଗଡ଼, ଜଗତସିଂହପୁରରେ ଖୁବ୍‌ଶୀଘ୍ର ବିଜ୍ଞାନକେନ୍ଦ୍ର ଆରମ୍ଭ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ବିଜ୍ଞାନକୁ ଲୋକପ୍ରିୟ କରିବା ଲାଗି ୧୯୫୨ରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା କଳିଙ୍ଗ ପୁରସ୍କାର ୨୦୦୯ଠାରୁ ୟୁନେସ୍କୋ କଳିଙ୍ଗ ପ୍ରାଇଜ୍ ନାମରେ ନାମିତ କରାଯାଇଛି। ପ୍ରତି ୨ବର୍ଷରେ ଥରେ ବିଜ୍ଞାନକୁ ଅନ୍ତର୍ଜାତୀୟସ୍ତରରେ ଲୋକପ୍ରିୟ କରିବା ଲାଗି ବିଶ୍ୱବିଖ୍ୟାତ ବୈଜ୍ଞାନିକଙ୍କୁ ୟୁନେସ୍କୋ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଉଛି। ଏହି ପୁରସ୍କାର ରାଶି ଏବେ ୪୦ହଜାର ଡଲାରକୁ ବୃଦ୍ଧି ପାଇଛି। କେନ୍ଦ୍ର, ରାଜ୍ୟ ସରକାର ଏବଂ କଳିଙ୍ଗ ଫାଉଣ୍ଡେଶନ ଟ୍ରଷ୍ଟ ଯଥାକ୍ରମେ ୬:୪:୪ ଅନୁପାତରେ ଖର୍ଚ୍ଚ ବହନ କରୁଛନ୍ତି। ସେହିଭଳି ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ପାଇଁ ଓଡ଼ିଶା ବିଜ୍ଞାନ ଏକାଡେମୀ ଦ୍ୱାରା ତ୍ରୈମାସିକ ବିଜ୍ଞାନ ପତ୍ରିକା ବ୍ରେଲି ଲିପିରେ ଛପାଯାଉଛି। ଏହାଛଡ଼ା ବାୟୋ ଟେକ୍ନୋଲୋଜିରେ ସ୍ନାତକୋତ୍ତର ଶିକ୍ଷା ପାଇଁ ୨୩୨ ବୃତ୍ତି ଏବଂ ପିଏଚ୍.ଡି. ପାଇଁ ୨୦ଟି ବିଜୁ ପଟ୍ଟନାୟକ ରିସର୍ଚ୍ଚ ଫେଲୋଶିପ୍ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।



**■ ୬ ନୂଆ ପ୍ଲାନେଟୋରିୟମ ପାଇଁ ନିଷ୍ପତ୍ତି**

ଅତିରିକ୍ତ ପ୍ରଶ୍ନରେ ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ର, ଅତନୁ ସବ୍ୟସାଚୀ ନାୟକ, ଶଶିଭୂଷଣ ବେହେରା ପ୍ରମୁଖ ନିଜ ଅଞ୍ଚଳରେ ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ ନିର୍ମାଣ ବିଷୟରେ ଜାଣିବାକୁ ଚାହିଁଥିଲେ। ମନ୍ତ୍ରୀ କହିଥିଲେ, ପ୍ରଥମ ଦଫାରେ ୧୦ଟି ବିଜ୍ଞାନ କେନ୍ଦ୍ର ନିର୍ମାଣ ଚାଲିଛି। ରାଜ୍ୟରେ ଦୁଇଟି ପ୍ଲାନେଟୋରିୟମ ରହିଛି। ବାରିପଦା, କେନ୍ଦୁଝର, ରାୟଗଡ଼ା, ବଲାଙ୍ଗୀର ଓ ଢେଙ୍କାନାଳରେ ପ୍ଲାନେଟୋରିୟମ ନିର୍ମାଣ ଚାଲିଛି। କେନ୍ଦ୍ରାପଡ଼ା ଜିଲାର ତିନିମୁହାଣୀ ନିକଟରେ ଏକ ସାଇନ୍ସ ସେଣ୍ଟର ହେବ ।

# ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣରେ ମହାଦୁର୍ନୀତି

**■ କହିବାକୁ ସୁଯୋଗ ନ ଦେବାରୁ ଭାଜପା ସଦସ୍ୟଙ୍କ ହଟ୍ଟଗୋଳ, କକ୍ଷତ୍ୟାଗ**

**■ ପାଇଖାନା ଦୁର୍ନୀତିର ତଦନ୍ତ ଦାବି କଲେ ନରସିଂହ**

ଭୁବନେଶ୍ୱର,୪।୯(ବ୍ୟୁରୋ) ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ)ରେ ବ୍ୟାପକ ଦୁର୍ନୀତି ଏବଂ ପ୍ରିୟାପ୍ରୀତି ତୋଷଣ ହୋଇଥିବା ରାଜ୍ୟ ଭାଜପା ଅଭିଯୋଗ କରିଛି। ରାଜ୍ୟର ୫ ଜିଲାର ୯ ବ୍ଲକରେ କେନ୍ଦ୍ରୀୟ ଟିମ୍ ଅନୁଧ୍ୟାନ କରିବା ପରେ ଏହି ଘଟଣାର ରହସ୍ୟ ଉନ୍ମୋଚନ ହୋଇଛି। ପିଏମ୍‌ଏୱାଇ ଦୁର୍ନୀତିକୁ ନେଇ ଶନିବାର ବିଧାନସଭାରେ ଭାଜପା ସଦସ୍ୟମାନେ ସରକାରଙ୍କୁ ଘେରିଥିଲେ। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ଅଭିଯୋଗ କରିଥିଲେ ଯେ ୨୦୨୨ରେ ଦେଶ ୭୫ତମ ସ୍ୱାଧୀନତା ଦିବସ ପୂର୍ତ୍ତି ପାଳନ କରିବ। ଏହି ସମୟ ସୁଦ୍ଧା ରାଜ୍ୟର ସମସ୍ତ ଲୋକଙ୍କୁ ପକ୍କାଘର ଯୋଗାଇ ଦିଆଯିବ। ମାତ୍ର ଓଡ଼ିଶାରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ପ୍ରକୃତ ହିତାଧିକାରୀ ଘର ପାଉନାହାନ୍ତି। ବିଜେଡି କର୍ମୀଙ୍କୁ ଦଳୀୟ ଭିତ୍ତିରେ ବଣ୍ଟାଯାଉଛି। ନିକଟରେ ଏହି ଦୁର୍ନୀତିର ଅନୁଧ୍ୟାନ କରିବା ଲାଗି କେନ୍ଦ୍ରୀୟ ଟିମ୍ ୫ ଜିଲାର ୯ ବ୍ଲକ ଗସ୍ତ କରିଥିଲା। ଖୋର୍ଦ୍ଧା ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜିଲାପାଳ ଓ ବିଡିଓ ଦୁର୍ନୀତି କରିଥିବା କେନ୍ଦ୍ରୀୟ ଟିମ୍ ଜାଣିବାକୁ ପାଇଛି। ଏହି ଟିମ୍ ସମ୍ପୃକ୍ତ ବିଡିଓ ଓ ଜିଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲା। ମାତ୍ର ଏ ଦିଗରେ କୌଣସି ପଦକ୍ଷେପ ନିଆଗଲା ନାହିଁ। ୩୦ ଲକ୍ଷ ୨୧ ହଜାର ୭୮୪ ପକ୍କାଘର ନିର୍ମାଣ ହୋଇଛି। ଏଥିରୁ ମାତ୍ର ୨ଲକ୍ଷ ୫୨ହଜାର ବିଜୁ ପକ୍କାଘର ରହିଛି। ଘରଗୁଡ଼ିକ ପ୍ରକୃତ ହିତାଧିକାରୀଙ୍କୁ ଆବାସ ପ୍ଲସ ଭାବେ ବଣ୍ଟାଯିବା କଥା, ମାତ୍ର ତାହା କରାଯାଇ ନାହିଁ। ପକ୍କାଘର ଦୁର୍ନୀତି ବିଷୟ ଉଠାଇବା ବେଳକୁ ବାଚସ୍ପତି ମୋହନ ମାଝିଙ୍କୁ ଅନ୍ୟ ସମୟରେ ଆଲୋଚନା କରିବା ଲାଗି କହିଥିଲେ। ଏହାକୁ ନେଇ ଭାଜପା ସଦସ୍ୟମାନେ କଡ଼ା ଆପତ୍ତି ଉଠାଇଥିଲେ। ମୋହନ କହିଥିଲେ ଯେ ଆମେ ମୁଖ୍ୟ ବିରୋଧୀ ଦଳ ହୋଇଥିଲେ ମଧ୍ୟ ଆମକୁ କହିବା ଲାଗି ସୁଯୋଗ ଦିଆଯାଉ ନାହିଁ। ବାଚସ୍ପତି ପାତରଅନ୍ତର କରୁଛନ୍ତି। ଏହାକୁ ନେଇ ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ ଏବଂ ପରେ ବିଧାନସଭା କକ୍ଷଛାଡ଼ି ବାହାରକୁ ଚାଲିଯାଇଥିଲେ। ମୋହନ ମାଝି ଉଠାଇଥିବା ପ୍ରସଙ୍ଗକୁ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସମର୍ଥନ କରିଥିଲେ। ସେ କହିଥିଲେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ପାଇଖାନା ନିର୍ମାଣରେ ମହାଦୁର୍ନୀତି ହୋଇଛି। ପଶ୍ଚିମ ଓଡ଼ିଶାର ୯ ଜିଲାକୁ ଗୋଟିଏ ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦିଆଯାଉ ନାହିଁ। ସରକାର ପଶ୍ଚିମ ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କରିଛନ୍ତି। ଓଡ଼ିଶାକୁ ଭାଗ ଭାଗ କରିବାକୁ ଚାହୁଁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତ ବେଳେ କହିଥିଲେ ଯେ ଦେଶରେ କୌଣସି ଲୋକ ବାହାରେ ମଳତ୍ୟାଗ କରୁ ନାହାନ୍ତି। ମାତ୍ର ଏଠି ତା'ର ଠିକ୍ ଓଲଟା। ୫୫% ପାଇଖାନା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଅଛି। ମୋଟାଲୋକ ହେଲେ ପାଇଖାନାରେ ପଶିପାରିବେ ନାହିଁ। ଏହାର ନିର୍ମାଣରେ ମଧ୍ୟ ମହାଦୁର୍ନୀତି ହୋଇଛି। ଏହାର ଅନୁସନ୍ଧାନ କରି ରାଜ୍ୟ ସରକାର ତୁରନ୍ତ ରିପୋର୍ଟ ଦିଅନ୍ତୁ ବୋଲି ନରସିଂହ ଦାବି କରିଥିଲେ।

# ଦଳୀୟ ଅଫିସ୍ ପାଇଁ ଜମି ହିସାବ ଦେଲେ ସରକାର

**■ କଂଗ୍ରେସ ୫ ହଜାର ଟଙ୍କାରେ ୫୦୦ ଡିସିମିଲ**

**■ ବିଜେଡି ୧୨.୩୮ କୋଟି ଟଙ୍କାରେ ୧ ଏକର ୧୮୩ ଡିସିମିଲ**

**■ ଭାଜପା ୨୫.୮୧ କୋଟିରେ ୧ ଏକର ୨୭୯ ଡିସିମିଲ**

ଭୁବନେଶ୍ୱର,୪।୯(ବ୍ୟୁରୋ)- ରାଜଧାନୀରେ ଦଳୀୟ କାର୍ଯ୍ୟାଳୟ ସ୍ଥାପନ ପାଇଁ ୧୯୬୪ ମସିହାରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ଏକର ପିଛା ୧୦ ହଜାର ଟଙ୍କା ହିସାବରେ ୫ ହଜାର ଟଙ୍କା ମୂଲ୍ୟରେ ୫୦୦ ଡିସିମିଲ , ୧୯୯୨ରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ମାର୍କ୍ସବାଦୀ) ଏକର ପିଛା ୧ ଲକ୍ଷ ଟଙ୍କା ହିସାବରେ ୧୭ ହଜାର ୭୯୧ ଟଙ୍କା ୪୫ ପଇସା ମୂଲ୍ୟରେ ୧୭୮ ଡିସିମିଲ ଏବଂ ୧୯୯୮ରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଏକର ପିଛା ୬ ହଜାର ୬୦୦ ଟଙ୍କା ହିସାବରେ ୮୬୧ ଟଙ୍କା ୩୪ ପଇସା ମୂଲ୍ୟରେ ୧୨୯ ଡିସିମିଲି ଜମି ଲିଜ ସୂତରେ ସରକାରୀ ଜମି ନେଇଛନ୍ତି। ଏହି ବର୍ଷ ବିଜୁ ଜନତା ଦଳ ପ୍ରଚଳିତ ବେଞ୍ଚମାର୍କ ଭାଲୁଏସନ ମୁତାବକ ଧାର୍ଯ୍ୟ ଏକର ପିଛା ୧୦ କୋଟି ୪୭ ଲକ୍ଷ ଟଙ୍କା ହିସାବରେ ୧୨କୋଟି ୩୮ ଲକ୍ଷ ୬୦ ହଜାର ୧୦୦ ଟଙ୍କା ମୂଲ୍ୟରେ ୧ ଏକର ୧୮୩ ଡିସିମିଲ ଏବଂ ଭାରତୀୟ ଜନତା ପାର୍ଟି ଏକର ପିଛା ବେଞ୍ଚମାର୍କ ଭ୍ୟାଲୁଏସନର ୧୬ କୋଟି ୬୦ ଲକ୍ଷ ଟଙ୍କା ହିସାବରେ ୯୦୯ ଡିସିମିଲ ଜମି ପାଇଁ ୧୫ କୋଟି ୮ଲକ୍ଷ ୯୪ ହଜାର ଟଙ୍କା ଏବଂ ଏକର ପିଛା ବେଞ୍ଚମାର୍କ ଭାଲୁଏସନ ୨୯ କୋଟି ଟଙ୍କା ହିସାବରେ ୩୭୦ ଡିସିମିଲ ଜମି ପାଇଁ ୧୦ କୋଟି ୭୩ ଲକ୍ଷ ଟଙ୍କା ଏହି ଭଳି ମୋଟ ୨୫ କୋଟି ୮୧ ଲକ୍ଷ ୯୪ ହଜାର ଟଙ୍କା ଜମା କରି ୧ ଏକର ୨୭୯ ଡିସିମିଲ ସରକାରୀ ଜମି ଲିଜ ସୂତ୍ରରେ ନେଇଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶନିବାର ବିଧାନସଭାରେ ଏହି ଦଳୀୟ କାର୍ଯ୍ୟାଳୟ ପାଇଁଏହି ହିସାବ ଦେଇଛନ୍ତି।

# ଭ୍ରୂଣହତ୍ୟା ତଦନ୍ତରେ ଫସିଲେ ନକଲି ଡାକ୍ତର

**■ ୩୦ଭ୍ରୂଣ ହତ୍ୟାରେ ସମ୍ପୃକ୍ତ ଥିବା ପ୍ରମାଣ ମିଳିଲା**

**■ କ୍ଲିନିକ୍ ଖୋଲି ରୋଗୀସେବା କରୁଥିଲେ**

**■ ତଦନ୍ତ ପରେ ଜେଲ ଗଲେ**


ଗିରଫ ନକଲି ଡାକ୍ତର ବିଶ୍ୱନାଥ ଘଡ଼େଇ ।

ନୟାଗଡ଼ ଅଫିସ,୪।୯ ନୟାଗଡ଼ ଜିଲାରେ ଭ୍ରୂଣହତ୍ୟା ଘଟଣା ୨ୟ ଥର ସାମ୍ନାକୁ ଆସିବା ପରେ ପ୍ରଶାସନର ନିଦ ହଜିଯାଇଛି । ଏହି ଘଟଣାରେ ପ୍ରଶାସନର ପ୍ରାଥମିକ ତଦନ୍ତରେ ଅଟକ ଥିବା ଅପାଠୁଆ ନକଲି ଡାକ୍ତର ବିଶ୍ୱନାଥ ଘଡ଼େଇଙ୍କୁ ଶନିବାର ନୟାଗଡ଼ ଟାଉନ ଥାନା ପୋଲିସ ଗିରଫ ଦର୍ଶାଇ କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ତାଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଶନିବାର ନୟାଗଡ଼ ଟାଉନ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମାଧୁରୀ ସାମଲ ଏହି ସୂଚନା ଦେଇଛନ୍ତି।

ଆଦିତ୍ୟ ହସ୍ପିଟାଲ ଆଣ୍ଡ କ୍ଲିନିକ୍‌ରେ ଗତ ଅଗଷ୍ଟ ୩୦ ଭ୍ରୂଣ ହତ୍ୟା ଘଟଣାରେ ନକଲି ଡାକ୍ତର ବିଶ୍ୱନାଥ ଘଡେଇ ସଂପୃକ୍ତି ଥିବା ପ୍ରମାଣ ମିଳିଛି । ଉକ୍ତ କ୍ଲିନିକର ମାଲିକ ସତ୍ୟପ୍ରିୟ ସ୍ୱାଇଁଙ୍କୁ ଘଡେଇ ସହଯୋଗ କରିଥିଲେ । ପୂର୍ବରୁ ସଂପୃକ୍ତ ଘରୋଇ ହସ୍ପିଟାଲରେ ସେ ଭ୍ରୂଣହତ୍ୟା କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏକଥା ଜଣାପଡ଼ିବା ପରେ ୩୧୨, ୩୧୩, ୪୧୭, ୩୪ ଆଇପିସି, ୫ ପ୍ରିଭେନଶନ ଟର୍ମିନେସନ ଅଫ୍ ପ୍ରେଗ୍‌ନେନ୍‌ସି ଆକ୍ଟ ଦଫାରେ ଏକ ମାମଲା(ନଂ. ୧୮୨/୨୧)ରୁଜୁ ହୋଇଛି । ଏଥିରେ ନକଲି ଡାକ୍ତରଙ୍କ ନାମକୁ ଯୋଡି ଦିଆଯାଇଛି ବୋଲି ଆଇଆଇସି ଜୟଦୀପ ମହାନ୍ତି କହିଛନ୍ତି ।

ଅତିରିକ୍ତ ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଭ୍ରୂଣହତ୍ୟାର ପ୍ରାଥମିକ ତଦନ୍ତରେ ନକଲି ଡାକ୍ତର ବିଶ୍ୱନାଥ ଘଡେଇ ଫସିଗଲେ । ସେ ଡାକ୍ତରୀ ପାଠ ନ ପଢ଼ି ନିଜକୁ ଡାକ୍ତର କହି ନୟାଗଡ଼ ସହରର ଛାୟାପଥ ଲେନ୍‌ରେ କଲ୍ୟାଣୀ କ୍ଲିନିକ ଖୋଲିଥିଲେ, ଯାହାକି ପଞ୍ଜୀକୃତ ନୁହେଁ। ସେହି ବେଆଇନ କ୍ଲିନିକରେ ସେ ରୋଗୀମାନଙ୍କୁ ଚିକିତ୍ସା ଓ ଅପରେଶନ କରୁଥିଲେ। ଏନେଇ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ଅବଗତ ହେବା ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତ ଟିମ୍ ତାଙ୍କ କ୍ଲିନିକ୍‌ରେ ଚଢ଼ାଉ କରିଥିଲା । ଉକ୍ତ ଟିମ୍‌ରେ ତହସିଲଦାର, ପୋଲିସ ସାମିଲ ଥିଲେ । ତଦନ୍ତରେ ନକଲି ଡାକ୍ତର, ବେଆଇନ କ୍ଲିନିକ୍ ସମ୍ପର୍କରେ ସ୍ପଷ୍ଟ ହେବା ପରେ ସିଡିଏମ୍‌ଓଙ୍କ ଟିମ୍‌ର ସନ୍ତୋଷ ନାୟକଙ୍କ ଅଭିଯୋଗ କ୍ରମେ ନୟାଗଡ଼ ଟାଉନ ଥାନାରେ ୪୧୯, ୪୨୦, ୩୮୪, ୪୬୮ ଆଇପିସି ଦଫା, କଣ୍ଟ୍ରୋଲ ଆଣ୍ଡ ରେଗୁଲେଶନ ଆକ୍ଟ ୧୯୯୦ର ୧୬ ରେ ଏକ ମାମଲା(ନଂ.୧୮୫/୨୧) ରୁଜୁ ହୋଇଥିଲା । ଦରକାର ପଡିଲେ ନକଲି ଡାକ୍ତରଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କହିଛନ୍ତି ଅତିରିକ୍ତ ଏସ୍‌ପି । ନୟାଗଡ଼ ଏସ୍‌ଡିପିଓ ଶୁଭେନ୍ଦୁ ସିଂ କହିଛନ୍ତି, ନକଲି ଡାକ୍ତର ଜେଲ୍ ଯିବା ପରେ ତଦନ୍ତ ଶେଷ ହୋଇନି, ବରଂ ଆରମ୍ଭ ହୋଇଛି । ଭ୍ରୂଣହତ୍ୟା ଘଟଣାରେ ଯେଉଁମାନେ ସଂପୃକ୍ତି ଥିବେ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ । ଏଥିପାଇଁ ସବୁଦିଗରୁ ତଦନ୍ତ ଚାଲିଛି।

# ବାଲାଜୀ କ୍ଲିନିକ୍‌କୁ ସିଲ୍ କଲା ପ୍ରଶାସନ




ଖଣ୍ଡପଡ଼ା,୪।୯(ସ୍ୱ.ପ୍ର.) ନୟାଗଡ଼ କନ୍ୟା ଭ୍ରୂଣ ହତ୍ୟା ପରେ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଶନିବାର ସ୍ୱାସ୍ଥ୍ୟ ବିଭାଗ ଟିମ୍ ଖଣ୍ଡପଡ଼ା ସହରର ଡ଼ାକ୍ତରଖାନା ଛକ ନିକଟରେ ଥିବା ବାଲାଜୀ କ୍ଲିନିକ ଉପରେ ଶନିବାର ଅଚାନକ ଚଢାଉ କରି ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲା । କ୍ଲିନିକର କାଗଜପତ୍ର ତ୍ରିନାଥ ବାରିକଙ୍କ ନାମରେ ପଞ୍ଜୀକରଣ କରାଯାଇଛି । ସଂପୃକ୍ତ ବ୍ୟକ୍ତିଙ୍କ ଇତି ମଧ୍ୟରେ ପରଲୋକ ହୋଇଯାଇଥିଲେ ମଧ୍ୟ କାଗଜପତ୍ରକୁ ଆବଶ୍ୟକ ପରିବର୍ତ୍ତନ କରାଯାଇନାହିଁ । ସ୍ୱାସ୍ଥ୍ୟ ବିଭାଗ ଟିମ୍ ଏ ସଂକ୍ରାନ୍ତରେ ଅବଗତ ହେବା ପରେ ପ୍ରଶାସନିକ ଅଧିକାରୀମାନେ ଉକ୍ତ କ୍ଲିନିକକୁ ସିଲ୍ କରିଛନ୍ତି । ଉକ୍ତ କ୍ଲିନିକରେ ଚିକିତ୍ସିତ ହେଉଥିବା ୨ ରୋଗୀଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି । ସ୍ୱାସ୍ଥ୍ୟ ବିଭାଗ ଟିମ୍‌ର ଚଢାଉ ସମୟରେ ଖଣ୍ଡପଡ଼ା ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତ ମଲ୍ଲିକ ଓ ଖଣ୍ଡପଡ଼ା ପୋଲିସ ଟିମ୍ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ନୀଳଗିରି ବିଧାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର

ସଜନାଗଡ଼, ୪।୯(ଡି.ଏନ.ଏ.)- ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି। ସେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ଗତ ୧ତାରିଖରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରୀକ୍ଷା ନିରୀକ୍ଷା ପରେ ତାଙ୍କ ପିତ୍ତକୋଷରେ ପଥର ହୋଇଥିବା ଜଣାପଡ଼ିଥିଲା। ଗୁରୁବାର ସନ୍ଧ୍ୟାରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା । ଅସ୍ତ୍ରୋପଚାର ପରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ହସପିଟାଲ ପକ୍ଷରୁ ଜଣାପଡ଼ିଛି।

### ଜୁଆ ଆଡ୍ଡା ଉପରେ ଚଢ଼ାଉ: ଶ୍ୱଶୁର, ଜ୍ୱାଇଁ ଗିରଫ

ବାଲିଆପାଳ, ୪।୯(ସ୍ୱ.ପ୍ର.)-ବାଲିଆପାଳ ଅଞ୍ଚଳରେ ଦିନକୁ ଦିନ ଜୁଆ ଆଡ୍ଡା ବଢ଼ିବାରେ ଲାଗିଛି। ଶନିବାର ନୂଆଗାଁ ହାଟରେ ଜୁଆଖେଳ ଚାଲିଥିବା ବେଳେ ବାଲିଆପାଳ ପୋଲିସ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଛି। ଗିରଫଦ୍ୱୟ ମଧ୍ୟରେ ସୁନ୍ଦରକୁଇଲି ଗ୍ରାମର ସଞ୍ଜୟ ଜେନା ଜୁଆଆଡ୍ଡା ମୁଖ୍ୟ ହୋଇଥିବା ବେଳେ କାଳସିମୁଳି ଗ୍ରାମର ଅଶ୍ୱିନୀ ପାତ୍ର ଓରଫ୍ ମିଟୁ ସହଯୋଗୀ ଭାବରେ କାର୍ଯ୍ୟ କରି ଆସୁଥିଲେ। ଉଭୟ ସମ୍ପର୍କରେ ଶ୍ୱଶୁର ଜ୍ୱାଇଁ ବୋଲି ଜଣାପଡ଼ିଛି। ରବିବାର ଉଭୟଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି।

### ଜଗନ୍ନାଥ, ଉତ୍କଳ ଡାଉନ୍ ଏକ୍ସପ୍ରେସ ରହଣି ବାତିଲ

ସୋର, ୪।୯(ଡି.ଏନ୍.ଏ.)-ସୋର ଷ୍ଟେସନକୁ ରେଳ ବିଭାଗ ତରଫରୁ ଅବହେଳା। କୋଭିଡ୍ ସମୟରେ ବନ୍ଦ ଥିବା କେତେକ ଟ୍ରେନର ପୁନଃ ପ୍ରଚଳନ କରାଯାଇଥିବା ବେଳେ ସୋରରେ ଥିବା ରହଣିକୁ ବାତିଲ କରିଦିଆଯାଇଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏପରିକି କୋଭିଡ୍ ଆଳରେ କେତୋଟି ଟ୍ରେନର ଅପ୍‌ଲାଇନ୍ ରହଣି ଥିବା ବେଳେ ଡାଉନଲାଇନ ରହଣି ନ ଥିବାରୁ ଯାତ୍ରୀମାନେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଏପରିକି ଦକ୍ଷିଣ-ପୂର୍ବ ରେଳପଥ ଖଡ଼ଗପୁର ଡିଭିଜନ ଅଧୀନରେ ପୁରୀ-କଲକତା ଜଗନ୍ନାଥ ଏକ୍ସପ୍ରେସ ଏବଂ ପୁରୀ-ନୂଆଦିଲ୍ଲୀ କଳିଙ୍ଗ ଉତ୍କଳ ଏକ୍ସପ୍ରେସ ଟ୍ରେନ୍‌ର ଅପ୍ ଗାଡ଼ି ପ୍ରଚଳନ ହେବା ଦିନରୁ ସୋର ରେଳ ଷ୍ଟେସନରେ ଅପ୍ ଏବଂ ଡାଉନ୍ ରହଣି ବ୍ୟବସ୍ଥା ଥିଲା। ମାତ୍ର କୋଭିଡ଼ ପରେ ଏହି ଦୁଇଟି ଅପ୍ ଟ୍ରେନର ରହଣି ଥିବା ବେଳେ ଏହାର ଡାଉନ୍ ଟ୍ରେନର ରହଣି ନ ଥିବାରୁ ସୋରର ଯାତ୍ରୀମାନଙ୍କୁ ବାଲେଶ୍ୱର କିମ୍ବା ଭଦ୍ରକରେ ଚଢ଼ିବାକୁ କିମ୍ବା ଓହ୍ଲାଇବାକୁ ପଡୁଛି। ଫଳରେ ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି। ରେଳକର୍ତ୍ତୃପକ୍ଷ ତୁରନ୍ତ ଏହି ଟ୍ରେନ୍ ଦୁଇଟିର ଡାଉନଲାଇନ ରହଣି ପାଇଁ ବ୍ୟବସ୍ଥା କରିବାକୁ ସୋରର ଜନସାଧାରଣ ଏବଂ ସୋର ନାଗରିକ ମଞ୍ଚ ତରଫରୁ ଦାବି କରାଯାଇଛି।

### ଆଦର୍ଶ ଶିକ୍ଷକଙ୍କ ପରଲୋକ

ଖଇରା, ୪।୯(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ମାଟିଆଳପଦା ଗ୍ରାମର ଆଦର୍ଶ ଶିକ୍ଷକ ଇନ୍ଦ୍ରମଣି ଦାସ(୯୫)ଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି । ଗଣ୍ଡିବେଡ ହରପ୍ରସାଦ ମଧ ଇଂରାଜୀ ବିଦ୍ୟାଳୟରୁ ୧୯୯୦ରେ ଅବସରଗ୍ରହଣ କରିବା ପରେ ନିଜକୁ ସମାଜସେବାରେ ଉତ୍ସର୍ଗ କରିଥିଲେ । ସେ ଜଣେ ଛାତ୍ର ବତ୍ସଳ, କଳାପ୍ରେମୀ ତଥା ସରଳ ସ୍ୱଭାବର ମଣିଷ ଥିଲେ । ଗଣ୍ଡିବେଡ ହାଇସ୍କୁଲ, ହରପ୍ରସାଦ ଏମ୍‌ଇ ସ୍କୁଲ, କମଳାର୍ଜୁନ ମହାବିଦ୍ୟାଳୟ ପ୍ରତିଷ୍ଠାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ଗଣ୍ଡିବେଡ ବଣିକ ସଂଘ, ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ତାଙ୍କର ଅଗଣିତ ଛାତ୍ରୀଛାତ୍ର, ଶୁଭେଚ୍ଛୁ, ସ୍ଥାନୀୟ ନେତୃବୃନ୍ଦ ପହଞ୍ଚି ଶେଷ ଦର୍ଶନ କରିଥିଲେ।

### ଷଣ୍ଢକୁ ବଞ୍ଚାଇବାକୁ ଯାଇ ଖସିପଡିଲା କାର୍

ସଜନାଗଡ଼, ୪।୯(ଡି.ଏନ.ଏ.)- ବାଲେଶ୍ୱର ଜିଲା ନୀଳଗିରି ଥାନା ୧୯ନଂ. ରାଜ୍ୟ ରାଜପଥ ସେରଗଡ଼-ନୀଳଗିରି-ଉଦଳା ରାସ୍ତାର ଭାଲୁକାଶୁଣି ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ କାର୍ ଷଣ୍ଢକୁ ବଞ୍ଚାଇବାକୁ ଯାଇ ରାସ୍ତାକଡକୁ ଖସିପଡିଥିଲା। ଏହି କାର୍ ମୟୂରଭଞ୍ଜ ଜିଲା କପ୍ତିପଦା ଅଞ୍ଚଳର। ଦୁର୍ଘଟଣାରେ ଗାଡ଼ି ଡ୍ରାଇଭର ଓ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି।

# ବାଧକ ସାଜିଛି ପରିବେଶ ମଞ୍ଜୁରୀ

## ବଳରାମଗଡ଼ିରେ ମାଛଧରା ବନ୍ଦର ପ୍ରତିଷ୍ଠା ପ୍ରସଙ୍ଗ

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ, ୪।୯



ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟମାନେ ସ୍ଥାନ ପରିଦର୍ଶନ କରି ମତ୍ସ୍ୟଜୀବୀଙ୍କ ସହ ଆଲୋଚନା କରୁଛନ୍ତି।

ବାଲେଶ୍ୱର ଜିଲା ବଙ୍ଗୋପସାଗର ଉପକୂଳରେ ଅବସ୍ଥିତ ବଳରାମଗଡ଼ି ଓଡ଼ିଶାର ଦ୍ୱିତୀୟ ମତ୍ସ୍ୟଧରା କେନ୍ଦ୍ର ଭାବେ ସୁନାମ ଅର୍ଜନ କରିଛି। ପ୍ରତିଦିନ ବିଭିନ୍ନ ପ୍ରଜାତିର ମାଛ ସମୁଦ୍ରରୁ ଧରାଯାଇ ଦେଶବିଦେଶକୁ ପଠାଇ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି। ବଳରାମଗଡ଼ିରେ ଥିବା ମତ୍ସ୍ୟଜୀବୀ ସଂଘ ଅଧୀନରେ ୪୦୭ଟି ଟ୍ରଲର, ୨୦୦ ଭୁଟୁଭୁଟି ଦ୍ୱାରା ମାଛ ସଂଗ୍ରହ କରାଯାଇ ପାଖାପାଖି ଦେଢ଼ଲକ୍ଷ ଲୋକ ପ୍ରତ୍ୟକ୍ଷ ଭାବେ ନିୟୋଜିତ ହୋଇ ପରିବାର ଭରଣପୋଷଣ କରିଥାନ୍ତି। ଦୁର୍ଭାଗ୍ୟର କଥା ଭାରତ ସ୍ୱାଧୀନ ହେବାଠାରୁ ଏହାର ଭିତ୍ତିଭୂମିକୁ ଉନ୍ନତି ପାଇଁ କେନ୍ଦ୍ର କିମ୍ବା ରାଜ୍ୟ ସରକାର କେହି ବି ଧ୍ୟାନ ଦେଇନାହାନ୍ତି। ଜିଲା ମତ୍ସ୍ୟଜୀବୀ ସଂଘ ପକ୍ଷରୁ ଗତ ୨୦୧୬ରେ ମତ୍ସ୍ୟଧରା କେନ୍ଦ୍ର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାକୁ ଲକ୍ଷ୍ୟରେ ରଖି ୨୦୧୭ରେ ବାଙ୍ଗାଲୋରରୁ ଏକ କମିଟି ପହଞ୍ଚି ଅନୁଧ୍ୟାନ କରି ପ୍ରକଳ୍ପର ଏକ ଏଷ୍ଟିମେଟ୍ ପ୍ରସ୍ତୁତ କରିଥିଲେ। ପରେ ଟେଣ୍ଡର ହୋଇଥିଲା। ଏହାକୁ କାର୍ଯ୍ୟକାରୀ କରିବାକୁ ୨୦୧୯ ହୋଇଥିଲା। ଦୁଇବର୍ଷ ମଧ୍ୟରେ ଜିନିଷ ଦର ବୃଦ୍ଧିକୁ ନେଇ ଠିକାଦାରମାନେ ଉକ୍ତ କାର୍ଯ୍ୟ ପାଇଁ ଅନିଚ୍ଛା ପ୍ରକାଶ କରିବାରୁ ପୁଣି ବ୍ୟୟ ଆକଳନ ରିଭ୍ୟୁ କରାଯାଇ ନୂତନ ଭାବେ ଟେଣ୍ଡର କରାଯାଇଥିଲା। ମାତ୍ର ୨୦୨୧ ଶେଷ ହେବାକୁ ବସିଥିଲେ ମଧ୍ୟ ପରିବେଶ ମଞ୍ଜୁରି ନ ମିଳିବାରୁ କାର୍ଯ୍ୟାରମ୍ଭ ସମ୍ଭବ ହୋଇପାରୁନି।

ମତ୍ସ୍ୟଜୀବୀମାନେ ସମୁଦ୍ରରୁ ମାଛ ଧରି ଆଣିବା ପରେ ଏକତ୍ର କରିବା ଓ ବିକ୍ରି କରିବାର ସୁବିଧା ନିମନ୍ତେ ଏଠାରେ ୭୦ ଓ ୭୫ମିଟରରେ ଏକ ପକ୍କା ପିଣ୍ଡି ନିର୍ମାଣ କରାଯାଇଛି। ଯାହା ଏତେସଂଖ୍ୟକ ମତ୍ସ୍ୟଜୀବୀଙ୍କ ପାଇଁ ପର୍ଯ୍ୟାପ୍ତ ସ୍ଥାନ ହେଉନାହିଁ। ସଂଘ ପକ୍ଷରୁ ବାରମ୍ବାର ଅନୁରୋଧ ପରେ ଗତ ଦୁଇଦିନ ପୂର୍ବରୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ମତ୍ସ୍ୟ ଅଧିକାରୀ ପ୍ରଦୀପ ଘୋଷ, ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ମିଳିତ ଭାବେ ବଳରାମଗଡ଼ିରେ ପହଞ୍ଚି ସ୍ଥାନକୁ ଅନୁଧ୍ୟାନ କରିବା ସହ ମତ୍ସଜୀବୀମାନଙ୍କ ସହ ଆଲୋଚନା କରିଥିଲେ। ମାଛଧରା ବନ୍ଦର ନିର୍ମାଣ ପାଇଁ ବିଳମ୍ବ ହେଉଥିବା ବେଳେ ମତ୍ସ୍ୟଜୀବୀଙ୍କ ମାଛ ସଂଗ୍ରହ ଓ ବିକ୍ରି ନିମନ୍ତେ ପ୍ରାୟ ୧କୋଟି ଟଙ୍କା ବ୍ୟୟରେ ପକ୍କା ପିଣ୍ଡି ନିର୍ମାଣ କରାଯିବାର ଯୋଜନା କରାଯାଇଛି। ଏହି ପ୍ରସ୍ତାବକୁ ଜିଲାପାଳ ରାଜ୍ୟ ସରକାରଙ୍କୁ ପଠାଇବେ। ସରକାର ଟଙ୍କା ମଞ୍ଜୁର କରିବା ପରେ କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଫଳରେ ମତ୍ସ୍ୟଜୀବୀଙ୍କୁ ମାଛ ବିକ୍ରି ପାଇଁ ଆଉ ଦୀଘା ଯିବାକୁ ପଡ଼ିବ ନାହିଁ।

ଏନେଇ ମତ୍ସ୍ୟଜୀବୀ ସଂଘ ସଭାପତି ବାଦଲ ଦାସ କହନ୍ତି, ଦୀର୍ଘଦିନ ଧରି ବଳରାମଗଡ଼ି ମତ୍ସ୍ୟ ବିକ୍ରୟ କେନ୍ଦ୍ରରେ ମତ୍ସ୍ୟଜୀବୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇ କାର୍ଯ୍ୟ କରିଆସୁଛନ୍ତି। ବର୍ତ୍ତମାନ ଯେଉଁଠି ଟ୍ରଲରଗୁଡ଼ିକ ଲାଗୁଛି, ସେଠାରେ ଆଣ୍ଠୁଏ ଲେଖାଏ କାଦୁଅ ହୋଇଛି। ଯଦି ଜିଲାପାଳଙ୍କୁ ଦିଆଯାଇଥିବା ଅଧିକ ୭୦ରୁ ୭୫ମିଟରର ଆଉ ଏକ ପକ୍କା ପିଣ୍ଡି କରାଯାଏ ତେବେ ମାଛ ରଖିବା ଓ ବିକ୍ରିର ସୁବିଧା ହେବା ସହ ମତ୍ସ୍ୟଜୀବୀ ଉପକୃତ ହେବେ। ଅନ୍ୟପକ୍ଷରେ ଯେତେବେଳେ ମତ୍ସ୍ୟଧରା ବନ୍ଦର ସରିବ ଉକ୍ତ ସ୍ଥାନକୁ ପାର୍କିଂ ଭାବେ ବ୍ୟବହାର କରାଯାଇପାରିବ ବୋଲି ପ୍ରକାଶ କରିଛନ୍ତି।

ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା କହନ୍ତି, ବାଲେଶ୍ୱର ଜିଲାର ବଳରାମଗଡ଼ି ରାଜ୍ୟର ଅନ୍ୟତମ ପ୍ରମୁଖ ସାମୁଦ୍ରିକ ମତ୍ସ୍ୟ ବ୍ୟବସାୟ କେନ୍ଦ୍ର ଭାବେ ପରିଚିତ। ଏହାର ଉନ୍ନତି କରାଯିବା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ପରିବେଶ ମଞ୍ଜୁର ମିଳିବା ପରେ ଏଠାରେ ମାଛଧରା ବନ୍ଦର ପ୍ରତିଷ୍ଠା ହେବ। କିନ୍ତୁ ଏହାପୂର୍ବରୁ ମତ୍ସ୍ୟଜୀବୀଙ୍କ ସୁବିଧା ପାଇଁ ସରକାର ବ୍ୟବସ୍ଥା କରାଯିବା ପ୍ରକଳ୍ପ କରାଯାଉଛି।

ଜିଲା ମତ୍ସ୍ୟ ଅଧିକାରୀ ପ୍ରଦୀପ ଘୋଷ କହନ୍ତି, ବଳରାମଗଡ଼ିରେ ଏକ ହାର୍ବର (ମାଛ ଧରା ବନ୍ଦର) ହେବାର ଯୋଜନା ରହିଛି। ଯେଉଁଥିପାଇଁ ଜାଗା ଚିହ୍ନଟ ହୋଇସାରିଛି। ଡିପିଆର ପ୍ରସ୍ତୁତ ଚାଲିଛି। ବହୁତ ଶୀଘ୍ର ଆରମ୍ଭ ହେବ। ଅରପପକ୍ଷେ ସଂଘର ଦାବି ଅନୁସାରେ, ବନ୍ଦର ସହ କୋଟିଏ ଟଙ୍କା ବ୍ୟୟରେ ଏକ ମାଛ ବିକ୍ରୟ କେନ୍ଦ୍ର ନିର୍ମାଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

### ଟଙ୍କା ଦେବାକୁ ଫୋନରେ ଧମକ

ଖଇରା, ୪।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ତୁଡିଗଡିଆ ବଜାରର ୨ ଗହଣା ଦୋକାନୀଙ୍କୁ ଟଙ୍କା ଦିଅ, ନ ହେଲେ ଦୋକାନରୁ ଚୋରି ହେବ ବୋଲି ଧମକ ଦେବା ଅଭିଯୋଗରେ ଖଇରା ପୋଲିସ ବୁଦ୍ଧିଆ ନାମକ ଯୁବକଙ୍କ ନାମରେ ମାମଲା(ନଂ. ୧୯୭/୨୧) ରୁଜୁ କରିଛି। ଉକ୍ତ ବଜାରରେ ଗହଣା ଦୋକାନ କରିଥିବା ପ୍ରହରାଜପୁର ଗ୍ରାମର ମନୋରଞ୍ଜନ ସାହୁ ଓ ସଞ୍ଜୟ କୁମାର ସାହଙ୍କୁ ଜଣେ ଯୁବକ ବିଭିନ୍ନ ମୋବାଇଲ ନମ୍ବରରୁ ଫୋନ କରି ୩୦ହଜାର ଟଙ୍କା ଫୋନ ପେରେ ଟଙ୍କା ଦେବାକୁ ଧମକ ଦେଇଥିଲେ। ଏଭଳିକି ପୂର୍ବରୁ ଅନ୍ୟ ଆଡୁ ଚୋରି କରି ସେମାନଙ୍କୁ ବହୁ ଚୋରା ଜିନିଷ ଦେବା କଥା ପୋଲିସକୁ ଜଣାଇଦେବେ ବୋଲି ଫୋନରେ କହୁଥିବା ନେଇ ଅଭିଯୋଗରେ ଉଲ୍ଲେଖ କରାଯାଇଛି । ତେବେ ଏହି ଯୁବକ ଜେଲରୁ ଥାଇ ଫୋନ କରୁଥିବା ନେଇ ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ସିଡିଆର(କଲ୍ ଡିଟେଲ୍ସ ରେକର୍ଡ) ଆସିବା ପରେ ସମ୍ପୂର୍ଣ୍ଣ ତଥ୍ୟ ଜଣାପଡିବ ବୋଲି ଖଇରା ପୋଲିସ କହିଛି ।

# ବିଭିନ୍ନ କାର୍ଯ୍ୟର ଶିଳାନ୍ୟାସ କଲେ ଏମ୍‌ପି



ଏମ୍‌ପି ପ୍ରତାପ ଷଡଙ୍ଗୀ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ କରୁଛନ୍ତି।

ରେମୁଣା, ୪।୯(ଡି.ଏନ.ଏ.)

ବାଲେଶ୍ୱର ରେମୁଣା ବ୍ଲକ ଅଧୀନ ସରସ୍ୱତୀପୁର ପଞ୍ଚାୟତ ଅଧୀନ ସରସ୍ୱତୀପୁର ଉପ୍ରା ବିଦ୍ୟାଳୟର ମୁଖ୍ୟ ଫାଟକ ଓ ବାମପଦା ଆଶ୍ରମର ତଳସାହିରେ ପକ୍କା ରାସ୍ତା ନିର୍ମାଣ ଲାଗି ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଶିଳାନ୍ୟାସ କରିଛନ୍ତି।

ସରସ୍ୱତୀପୁର ପଞ୍ଚାୟତର ଭାଜପା କାର୍ଯ୍ୟକର୍ତ୍ତାମାନେ ବାଇକ୍ ରାଲି କରି ଏମ୍‌ପି ଷଡ଼ଙ୍ଗୀଙ୍କୁ ସମଲପୁର ଛକରୁ ଶିଳାନ୍ୟାସସ୍ଥଳକୁ ପାଛୋଟି ନେଇଥିଲେ। ଶିଳାନ୍ୟାସ ପରେ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ କମିଟି ଓ ଅଭିଭାବକମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ 'ମୋ ସ୍କୁଲ ଅଭିଯାନ'ରେ ବିଦ୍ୟାଳୟର ଉନ୍ନତି ପାଇଁ ନିଜକୁ ସାମିଲ କରି ବ୍ୟକ୍ତିଗତ ଅର୍ଥରୁ ୧୦ହଜାର ଟଙ୍କା ଦେବେ ବୋଲି ଏମ୍‌ପି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟାନ୍ୟ ପୁରାତନ ଛାତ୍ରୀଛାତ୍ରଙ୍କୁ ସହଯୋଗିତା ପାଇଁ ଅନୁରୋଧ କରିଥିଲେ। ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରେମୁଣା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ, ୩୯ ନମ୍ବର ଜୋନ ଜିଲା ପରିଷଦ ବିପିନ ମାରାଣ୍ଡୀ, ସମିତିସଭ୍ୟା ରୀତାଞ୍ଜଳି ମିସ୍ତ୍ରୀ ମଞ୍ଚାସୀନ ରହି ବିଭିନ୍ନ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟର ଆଲୋଚନା କରିଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୋଭନା ମହାନ୍ତି, ଜିଲା ଉପସଭାନେତ୍ରୀ କମଳା ବିନ୍ଧାଣି, ବରିଷ୍ଠ କାର୍ଯ୍ୟକର୍ତ୍ତା କାର୍ତ୍ତିକ ଚନ୍ଦ୍ର ଗିରି, ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ସାହା, ମଣ୍ଡଳ ସାଧାରଣ ସମ୍ପାଦକ ଉମାକାନ୍ତ ଜେନା, ଜିଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ୭ରୁ ଡିଏମ୍ୟୁ, ୧୫ରୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ଚାଲିବ

ଜଳେଶ୍ୱର, ୪।୯(ଡି.ଏନ.ଏ.)

୨୦୨୦ମାର୍ଚ୍ଚ ୨୫ ତାରିଖରୁ କରୋନା ସଂକ୍ରମଣ ଯୋଗୁ ରେଳବିଭାଗ ଯାତ୍ରୀବାହୀ ଟ୍ରେନଗୁଡ଼ିକ ବନ୍ଦ ରଖିଥିଲେ। ବନ୍ଦ ହୋଇଥିବା ବିଭିନ୍ନ ଟ୍ରେନ ମଧ୍ୟରୁ ଆସନ୍ତା ୭ ତାରିଖରୁ ଏକ ଲୋକାଲ ଟ୍ରେନ୍ (୬୮୦୪୯/୪୮୦୫୦) ସ୍ୱତନ୍ତ୍ର ଭାବେ ଖଡ଼ଗପୁରରୁ ଭଦ୍ରକ ଯାଏ ଚଳାଚଳ କରିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ହାଓଡା-ପୁରୀ ଜଗନ୍ନାଥ ସ୍ପେଶାଲ (୦୮୪୦୯/୦୮୪୧୦) ଟ୍ରେନ୍ ଆସନ୍ତା ୧୫ ତାରିଖରୁ ଚଳାଚଳ କରିବ ବୋଲି ରେଳମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ।

ଖଡ଼ଗପୁର-ଭଦ୍ରକ ମେମୋ ଲୋକାଲ ଟ୍ରେନ୍ ୭ ତାରିଖ ସକାଳ ୫.୩୧ ଖଡଗପୁରରୁ ଛାଡି ୮.୫୫ ରେ ଭଦ୍ରକ ପହଞ୍ଚିବ ଓ ଅପରାହ୍ନ ୧.୨୫ ଭଦ୍ରକରୁ ଛାଡ଼ି ୫.୫୦ରେ ଖଡ଼ଗପୁର ପହଞ୍ଚିବ। ଏହି ଟ୍ରେନ୍ ଜଳେଶ୍ୱର ରେଳ ଷ୍ଟେଶନରେ ଯଥାକ୍ରମେ ସକାଳ ୬.୪୦ ଓ ଅପରାହ୍ନ ୩.୩୪ରେ ପହଞ୍ଚିବ ବୋଲି ଜଣାଯାଇଛି । ସେହିପରି ଜଗନ୍ନାଥ ସ୍ପେଶାଲ ଟ୍ରେନ ୧୫ ତାରିଖ ରାତି ୧୦.୪୦ରେ ପୁରୀ ଛାଡ଼ି ଜଳେଶ୍ୱରରେ ୪.୨୧ ଓ ୧୬ ତାରିଖ ସନ୍ଧ୍ୟା ୭.୦୫ରେ ହାଓଡ଼ା ଛାଡ଼ି ଜଳେଶ୍ୱରରେ ୧୦.୦୪ ରେ ପହଞ୍ଚିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

## ଓଡ଼ିଶା କୃଷକସାଥୀ ସଂଘର ବୈଠକ

ରୂପସା, ୪।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ବସ୍ତା ନିଖିଳ ଓଡ଼ିଶା କୃଷକସାଥି ସଂଘ ଆନୁକୂଲ୍ୟରେ ବସ୍ତା କୃଷିବିଭାଗ ସମ୍ମିଳନୀ କକ୍ଷରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର କୃଷକସାଥିମାନେ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ମୁଖ୍ୟତଃ ପ୍ରାପ୍ୟ ବୃଦ୍ଧି ସାଙ୍ଗକୁ ସରକାରୀ ଚାକିରି ମାନ୍ୟତା ପାଇଁ ଦାବି ଉପସ୍ଥାପିତ ହୋଇଥିଲା। ପୂର୍ବରୁ ନିଖିଳ ଓଡ଼ିଶା କୃଷକସାଥୀ ସଂଘ ତରଫରୁ ରାଜ୍ୟ ସରକାରଙ୍କୁ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲେ ହେଁ ଏଯାବତ ସମାଧାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତୁରନ୍ତ ସରକାର ଏ ଦିଗରେ ବିଚାର କରି ଦାବି ପୂରଣ ନ କଲେ ଜିଲାର ସମସ୍ତ ବ୍ଲକ ଅଫିସ୍ ସମ୍ମୁଖରେ ସଂଘ ପକ୍ଷରୁ ଜୋରଦାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଥିଲା। ନୂତନ ଭାବେ ନିୟୋଜିତ କୃଷକସାଥିଙ୍କୁ ବ୍ଲକ କୃଷି ଅଧିକାରୀ ଚୈତନ୍ୟ ପ୍ରସାଦ ସାହୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କର୍ମକର୍ତ୍ତା ଦୁର୍ଗାପ୍ରସାଦ ଦଳାଇ, ଶୁଭେନ୍ଦୁ ଦାସ, ରବୀନ୍ଦ୍ର ସାହୁ, ମାନସ ପରିଡ଼ା ଜିଲା କୃଷି ଅଧିକାରୀଙ୍କ ଉଦ୍ଦେଶ୍ୟରେ ବ୍ଲକ କୃଷି ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅମୂଲ୍ୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜି ଗୁରୁଦିବସ

### ଅବସର ପରେ ବି ଶିକ୍ଷାଦାନ କରୁଛନ୍ତି ଉତ୍ସବ ସାର୍

# ଶିକ୍ଷକତା ବୃତ୍ତି ନୁହେଁ, ବ୍ରତ

ପ୍ରଦୀପ ଦାସ
ଭୋଗରାଇ

ଶିକ୍ଷାଦାନ କେବଳ ଏକ ବୃତ୍ତି ନୁହେଁ, ଏହା ଏକ ବ୍ରତ। ଏହି ବାର୍ତ୍ତାକୁ ପାଳନ କରି ଶିକ୍ଷାଦାନ କଲେ ବୃତ୍ତିରେ ସାର୍ଥକତା ମିଳିଥାଏ ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାରାପୁର ହାଇସ୍କୁଲରୁ ଅବସର ନେଇଥିବା ପ୍ରଧାନଶିକ୍ଷକ ଉତ୍ସବ କୁମାର କର ଗୁରୁଦିବସ ଅବସରରେ ସମଗ୍ର ଗୁରୁକୁଳକୁ ଆହ୍ୱାନ ଦେଇଛନ୍ତି। ଅର୍ଥାଭାବରୁ ପାଠପଢାରୁ ବଞ୍ଚିତ ହେଉଥିବା ବହୁ ଛାତ୍ରୀଛାତ୍ରଙ୍କୁ ସେ ଅର୍ଥ ଯୋଗାଇ ପାଠ ପଢିବାକୁ ଉତ୍ସାହିତ କରିଆସୁଛନ୍ତି। ଅବସର ପରେ ବି ସେ ଛାତ୍ରୀଛାତ୍ରଙ୍କୁ ମାଗଣାରେ ପାଠ ପଢାଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ହୃଦୟ ଜିତିପାରିଛନ୍ତି।



ଜଣେ ନିଆରା ମଣିଷ ଉତ୍ସବ ସାର୍। ସବୁବେଳେ ହସ ହସ ମୁହଁ, ସରଳ ନିଷ୍କପଟ ଜୀବନଯାପନ, ଛାତ୍ରବତ୍ସଳ, ଅନୁଷ୍ଠାନ, ପ୍ରକୃତିପ୍ରେମୀ ଓ ବାସ୍ତବତାରେ ବିଶ୍ୱାସ କରୁଥିବା ସେ ଜଣେ ଅସାଧାରଣ ବ୍ୟକ୍ତିତ୍ୱ। ଗାଁ ସ୍କୁଲରେ ପାଠ ପଢୁଥିବା ବେଳେ ସେ ଜଣେ ଭଲ ଶିକ୍ଷକ ହେବାକୁ ସ୍ୱପ୍ନ ଦେଖିଥିଲେ। କେତେଜଣ ବଦାନ୍ୟ ବ୍ୟକ୍ତିଙ୍କ ଉଦ୍ୟମରେ ସେ ଗାଁରେ ଏକ ହାଇସ୍କୁଲ ପ୍ରତିଷ୍ଠା କରି ନିଜେ ସହକାରୀ ଶିକ୍ଷକ ଭାବେ ୧୯୮୦ରୁ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ପରେ ଅମର୍ଦ୍ଦା ସିଦ୍ଧେଶ୍ୱର ହାଇସ୍କୁଲକୁ ପ୍ରଧାନଶିକ୍ଷକଙ୍କ ବଦଳି ପରେ ସେ ନିଜ ଗାଁ ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବେ ଅବସ୍ଥାପିତ ହୋଇଥିଲେ। ଇଂଲିଶ, ଗଣିତ, ସାହିତ୍ୟ ବିଷୟକୁ ଉତ୍ସବ ସାର୍ ପ୍ରାଞ୍ଜଳ ଭାବେ ବୁଝାଇ ପାରୁଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ତାଙ୍କ ପ୍ରତି ଆକର୍ଷିତ ହୋଇଥାନ୍ତି। ଅନ୍ୟାନ୍ୟ ବିଷୟରେ ମଧ୍ୟ ତାଙ୍କର ଅଗାଧ ପାଣ୍ଡିତ୍ୟ ରହିଛି। ଜଣେ ସୁବକ୍ତା, ସାହିତ୍ୟ ଲେଖନୀ ଓ ଗାଳ୍ପିକ ଭାବେ ସେ ଜଣାଶୁଣା। ପାଠ ପଢାଇବା ବେଳେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ଉପରେ ସେ ଜୋର ଦେଇଥାନ୍ତି। ସେ କୁହନ୍ତି ଭଲ ବିଦ୍ୟାର୍ଥୀ ହେବା ନିମନ୍ତେ ଆଚରଣ, ଉଚ୍ଚାରଣ ଶୃଙ୍ଖଳିତ ହେବା ଜରୁରୀ। କେବଳ ପାଠପଢାରେ ନୁହେଁ , ବିଭିନ୍ନ ଶିକ୍ଷାନୁଷ୍ଠାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉ କି ଅନ୍ୟ କୌଣସି ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉ ଖୋଜାପଡନ୍ତି ଉତ୍ସବ ସାର୍। ସେ ସ୍କୁଲରେ ସବୁଜ ଉଦ୍ୟାନ କରି ୨୦୦୮ରେ ସେ ପ୍ରକୃତି ପ୍ରେମୀ ଭାବେ ଓଡ଼ିଶା ସରକାରଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ।

# ୧୦୦ଜଣଙ୍କ ଚକ୍ଷୁ ପରୀକ୍ଷା

ବାଲେଶ୍ୱର ଅଫିସ, ୪।୯

ବାଲେଶ୍ୱର ସହର ପୁଲବଜାରସ୍ଥିତ ନିକାହ ମହଲ ପରିସରରେ 'ମୁସଲିମ ୱେଲଫେୟାର ସୋସାଇଟି' ଆନୁକୂଲ୍ୟରେ ଶନିବାର ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିର ୧୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏଥିରୁ ୧୦ଜଣ ବ୍ୟକ୍ତିଙ୍କର ମୋତିଆବିନ୍ଦୁ ଲକ୍ଷଣ ଦେଖାଯାଇଥିବାରୁ ସେମାନଙ୍କର ଅସ୍ତ୍ରୋପଚାର ପାଇଁ ନିଷ୍ପତ୍ତି ହୋଇଛି।

ଚକ୍ଷୁ ବିଶେଷଜ୍ଞ ଡା. ଅଜୟ ସିଂହ, ଫାର୍ମାସିଷ୍ଟ କୌଶଲ୍ୟା ଦେହୁରୀ, ବିନୋଦ କୁମାର ନାୟକ ପ୍ରମୁଖ ଚକ୍ଷୁ ପରୀକ୍ଷାରେ ସହାୟତା କରିଥିଲେ। ସୋସାଇଟି ସଭାପତି ମହମ୍ମଦ ମୁଖ୍‌ତାର ଅହେମଦ, ଉପସଭାପତି ଅସଲମ୍ ଖାନ୍ ଓ ସଲିମ୍ ରାଜା, ସମ୍ପାଦକ ସେଖ୍ ଆୟୁବ୍, ସହ ସମ୍ପାଦକ ଅବଦୁଲ ମୁଖ୍‌ତାର ଖାଁ , ସେଖ୍ ରଜବ ଅଲି, କୋଷାଧ୍ୟକ୍ଷ ହାଜି ସେଖ୍ ଜମାଲ ଓ ମିଡିଆ ସଂଯୋଜକ ସେଖ୍ ଅଲି ମହମ୍ମଦ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ନୂତନ ସଦସ୍ୟ ଆଜିମ୍ ବାଲେଶ୍ୱରୀ, ମହମ୍ମଦ ହାଇଦର ଖାଁ, ସେଖ୍ ନାଜିମ୍‌ଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା।



ଚକ୍ଷୁ ପରୀକ୍ଷା ଶିବିର।

# କଟକଣାରେ ହେବ ଗଣେଶ ପୂଜା

ବାଲେଶ୍ୱର ଅଫିସ, ୪।୯



ପ୍ରସ୍ତୁତି ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟ ଅଧିକାରୀ।

## ପ୍ରସ୍ତୁତି ବୈଠକରେ ଜିଲା ପ୍ରଶାସନର ନିଷ୍ପତ୍ତି

ବାଲେଶ୍ୱର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଆସନ୍ତା ଗଣେଶ ପୂଜା ଶାନ୍ତିଶୃଙ୍ଖଳାର ପାଳନ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତା କରି କୋଭିଡ୍ କଟକଣା ଓ ସରକାରୀ ମାର୍ଗଦର୍ଶିକା ଅନୁଯାୟୀ ଜିଲାରେ କିଭଳି ସୁରୁଖୁରୁରେ ଗଣେଶ ପୂଜା ଆୟୋଜିତ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ ।

ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ସରକାରୀ ମାର୍ଗଦର୍ଶିକାର ବିଭିନ୍ନ ନିୟମାବଳୀ ସମ୍ପର୍କରେ ଗୃହକୁ ସୂଚନା ଦେଇଥିଲେ। ଚଳିତବର୍ଷ ମଣ୍ଡପରେ ପୂଜା ନିମନ୍ତେ ଆବଶ୍ୟକ ଅନୁମତି ପାଇଁ ଜିଲା ପ୍ରଶାସନ ନିକଟରେ ଆବେଦନ କରିବାକୁ ପଡ଼ିବ। କେବଳ ପୂଜା ନୀତିକାନ୍ତି ପାଇଁ ଅନୁମତି ଥିବା ବେଳେ ସମ୍ପୂର୍ଣ୍ଣ ନିରାଡ଼ମ୍ବର ଭାବେ ଏହା ପାଳନ କରାଯିବ। ପୂଜାମଣ୍ଡପକୁ ତିନିପାର୍ଶ୍ୱରୁ ସମ୍ପୂର୍ଣ୍ଣ ଆବୃତ୍ତ କରାଯିବା ସହ ଗୋଟିଏ ପାର୍ଶ୍ୱକୁ ଆଂଶିକ ଭାବେ ଆବୃତ୍ତ କରାଯିବ। ମୂର୍ତ୍ତିର ଉଚ୍ଚତା ୪ଫୁଟ୍‌ରୁ କମ ରହିବ। ମାଇକ୍, ସାଉଣ୍ଡ ସିଷ୍ଟମ ବା ସ୍ପିକର ବ୍ୟବହାର କରାଯାଇ ପାରିବନାହିଁ । ଯେକୌଣସି ସମୟରେ ପୂଜାରୀ, କର୍ତ୍ତା ଏବଂ ଅନ୍ୟାନ୍ୟ କମିଟି ସଦସ୍ୟଙ୍କୁ ମିଶାଇ ୭ଜଣରୁ ଅଧିକ ବ୍ୟକ୍ତି ମଣ୍ଡପରେ ରହିପାରିବେ ନାହିଁ। ସେହିପରି ପୂଜା ପରେ କୌଣସି ପ୍ରକାର ଭସାଣୀ ଉତ୍ସବ ଅନୁଷ୍ଠିତ ହେବନାହିଁ । ସ୍ଥାନୀୟ ପ୍ରଶାସନ ଦ୍ୱାରା ଚିହ୍ନଟ ହୋଇଥିବା କୃତ୍ରିମ ଜଳାଶୟ/ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯିବ। ସେହିଭଳି ସେପ୍ଟେମ୍ବର ୧୨ତାରିଖ ସକାଳ ୯ରୁ ଅପରାହ୍ନ ୫ଟା ମଧ୍ୟରେ ମୂର୍ତ୍ତି ବିସର୍ଜନ ସମ୍ପନ୍ନ କରିବାକୁ ପୂଜା କମିଟିମାନଙ୍କୁ କୁହାଯାଇଛି। ଗଣେଶ ପୂଜା ପାଳନ ପାଇଁ ଶନିବାରଠାରୁ ଆସନ୍ତା ୭ତାରିଖ ମଧ୍ୟରେ ପୂଜା କମିଟିମାନେ ବିଭିନ୍ନ ଅନୁମତିପତ୍ର ପାଇଁ ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ ଆବେଦନ କରିପାରିବେ। କୋଭିଡ୍ ଉପଯୁକ୍ତ ବ୍ୟବହାର ପାଳନ ପୂର୍ବକ ସୀମିତ ସଂଖ୍ୟକ ଛାତ୍ରଙ୍କୁ ନେଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ଗଣେଶ ପୂଜା ଆୟୋଜନ ସହ କୌଣସି ପ୍ରକାର ଭୋଜିଭାତ ଆୟୋଜନକୁ ଅନୁମତି ପ୍ରଦାନ କରାଯିବ ନାହିଁ । ଏସବୁ ନିୟମର ଖିଲାପ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ସହରରେ ପୂଜା ଅନୁମତି ପାଇଁ ବାଲେଶ୍ୱର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ କମିଟିମାନେ ଆବେଦନ କରିପାରିବେ। ସେହିପରି ବ୍ଲକସ୍ତରରେ ବିଡିଓଙ୍କ ନିକଟରେ ଏବଂ ପୌରାଞ୍ଚଳ/ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ନିର୍ବାହୀ ଅଧିକାରୀଙ୍କ ନିକଟରେ ଆବେଦନ କରିବାକୁ ହେବ । ବୈଠକରେ ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲ୍‌ଙ୍କ ସମେତ ବିଭିନ୍ନ ପୂଜା କମିଟିର ସଦସ୍ୟ, ପୋଲିସ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଭାଲୁ ଆକ୍ରମଣରେ ବୃଦ୍ଧା ଆହତ

ଠାକୁରମୁଣ୍ଡା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ରେଞ୍ଜ ପଡ଼ିଆଡୋ ପଞ୍ଚାୟତ ଅନ୍ତର୍ଗତ ବୋରିଂଗ୍ରାମର ତେଲନଦୀ ସାହିର ମଙ୍ଗତୀ ହେମ୍ବ୍ରମ ଭାଲୁ ଆକ୍ରମଣରେ ଆହତ ହୋଇ ଠାକୁରମୁଣ୍ଡା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଶନିବାର ଭୋର ସକାଳୁ ସେ ଜଙ୍ଗଲ ପାଖ ନିଜ ଚାଷ ଜମକୁ ଯାଇଥିବାବେଳେ ହଠାତ୍ ଦୁଇଟି ଭାଲୁ ଦୌଡ଼ି ଆସି ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ଜଙ୍ଘରେ ଗଭୀର କ୍ଷତ ହୋଇଥିଲା। ମଙ୍ଗତୀ ପାଟି କରିବାରୁ ଭଲୁଟି ଛାଡି ଜଙ୍ଗଲକୁ ଚାଲି ଯାଇଥିଲା।

### ଆଜି କ'ଣ କେଉଁଠି

ଚିତ୍ରଡ଼ା
- ଚିତ୍ରେଶ୍ୱର ସାହିତ୍ୟ ସଂସଦ ପକ୍ଷରୁ ସାର୍ବଜନୀନ ଗୁରୁପୂଜନ ଉତ୍ସବ। ସ୍ଥାନ: ଚିତ୍ରଡ଼ା ଏସ୍ଏସ୍ବି କଲେଜ। ସମୟ: ଅପରାହ୍ନ ୨ଟା।

## ୨ ନାବାଳିକା ଯାଜପୁରରୁ ଉଦ୍ଧାର

ବନ୍ତ,୪।୯(ଡି.ଏନ.ଏ.)-ଭଦ୍ରକ ଜିଲା ବନ୍ତ ବ୍ଲକ କେନ୍ଦୁଆପଦା ଫାଣ୍ଡି ଅଞ୍ଚଳରୁ ଘରୁ ପଳାଇଥିବା ୨ ନାବାଳିକାଙ୍କୁ ଶନିବାର ଯାଜପୁରରୁ ପୋଲିସ ଉଦ୍ଧାର କରିଛି। ପ୍ରକାଶ ଯେ, ଦୁଇ ନାବାଳିକା ଝିଅଙ୍କୁ ଗତ ୨୩ ତାରିଖରୁ ଅପହରଣ କରାଯାଇଥିବା ସେମାନଙ୍କ ବାପା ଫାଣ୍ଡିରେ ଅଭିଯୋଗ କରିଥିଲେ। ଏନେଇ ଗତ ବୁଧବାର ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ମାମଲା (ନଂ.୩୬୭/୨୧) ରୁଜୁ ହୋଇଥିଲା। ଶୁକ୍ରବାର ସନ୍ଧ୍ୟାରେ ଦୁଇ ଭଉଣୀ ଯାଜପୁର ଅଞ୍ଚଳରେ ଚାଲି ଚାଲି ଆସୁଥିବା ବେଳେ ସେଠାକାର ପୋଲିସ ସନ୍ଦେହରେ ଅଟକ ରଖି କେନ୍ଦୁଆପଦା ଫାଣ୍ଡି ପୋଲିସକୁ ଜଣାଇଥିଲା। ଶନିବାର ଫାଣ୍ଡି ପୋଲିସ ଯାଜପୁର ଯାଇ ସେମାନଙ୍କୁ ଉଦ୍ଧାର କରି ବୟାନ ରେକର୍ଡ ସହ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବାପା ଗାଳିଗୁଲଜ କରିବାରୁ ସେମାନେ ରାଗି ଘରୁ ପଳାଇ ଯାଇ ଯାଜପୁର ଅଞ୍ଚଳର ଏକ ଇଟାଭାଟିରେ କାମ କରୁଥିଲେ ବୋଲି କହିଥିବା ପୋଲିସ ସୂଚନା ଦେଇଛି।

## ନିଆଁ ଲାଗି ମହିଳା ଗୁରୁତର

ବାରିପଦା ଅଫିସ,୪।୯-କାଠ ଚୁଲିରେ ରୋଷେଇ କରୁଥିବା ସମୟରେ ଅସାବଧାନତା ବଶତଃ ନିଆଁ ଲାଗିଯିବାରୁ ସୁମୀ ବିନ୍ଧାଣୀ ନାମ୍ନୀ ଜଣେ ମହିଳା ଗୁରୁତର ହୋଇଛନ୍ତି। ତାଙ୍କ ଘର ବାରିପଦା ସହର ୨୨ ନମ୍ବର ୱାର୍ଡ ହଦହଦି ସାହିରେ। ନିଆଁ ଲାଗିବା ଜାଣିପାରି ସୁମି ଚିତ୍କାର କରିବାରୁ ପଡ଼ୋଶୀ ଘର ଲୋକେ ଆସି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିବା ସହ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ତାଙ୍କ ଶରୀରର ୮୦ ପ୍ରତିଶତ ପୋଡ଼ି ଯାଇଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଚୋରି କାର୍ କେନ୍ଦୁଝରରୁ ଜବତ

ବନ୍ତ,୪।୯(ଡି.ଏନ.ଏ.)-ଭଦ୍ରକ ଜିଲା ବନ୍ତ ଥାନା ଅଞ୍ଚଳରୁ ଚୋରି ହୋଇଥିବା ଏକ କାର୍ ଶନିବାର କେନ୍ଦୁଝର ଟାଉନରୁ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ବନ୍ତ ଗ୍ରାମର ବେଗମ ବିବି ଗତ କିଛି ମାସ ତଳେ ମରୈଗାଁ ଗ୍ରାମର ଜଣେ ବ୍ୟକ୍ତିଙ୍କଠାରୁ ଏକ ଟାଟା ଇଣ୍ଡିଗୋ କାର୍ କିଣିଥିଲେ। କୋଭିଡ୍ କଟକଣା ଯୋଗୁ ଉକ୍ତ କାର୍‌ର ମାଲିକାନା ପରିବର୍ତ୍ତନ ହୋଇ ନ ଥିଲା। ଗତମାସ ୫ରେ ଗାଡ଼ିର ମାଲିକାନା ପରିବର୍ତ୍ତନ ହେବାକୁ ଥିବାବେଳେ ୪ରେ ଚୋରି ହୋଇଯାଇଥିଲା।। ଏନେଇ ପୋଲିସ ମାମଲା (ନଂ.୧୫୩/୨୧) ରୁଜୁ କରି ତଦନ୍ତ ଜାରି ରଖିଥିଲା।

## ସମୁଦ୍ରରୁ ମିଳିଲା ନିଖୋଜ ମତ୍ସ୍ୟଜୀବୀଙ୍କ ମୃତଦେହ

ବାସୁଦେବପୁର,୪।୯(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଇରମ ଗ୍ରାମର ନିଖୋଜ ମତ୍ସ୍ୟଜୀବୀ ବ୍ରଜକିଶୋର ମଲିକଙ୍କ ମୃତଦେହ ଶୁକ୍ରବାର ସମୁଦ୍ରରୁ ମିଳିଛି। ଚୁଡ଼ାମଣି ସାମୁଦ୍ରିକ ଥାନା ପୋଲିସ ଶନିବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ଏନେଇ ଚୁଡ଼ାମଣି ସାମୁଦ୍ରିକ ଥାନାରେ ଅପମୃତ୍ୟୁ ମାମଲା(ନଂ.୯/୨୧) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଗତମାସ ୩୦ ତାରିଖରେ ୧୧ଜଣ ମତ୍ସ୍ୟଜୀବୀ ମାଛ ଧରିବାକୁ ଏକ ବୋଟ ଯୋଗେ ଚୁଡ଼ାମଣି ଜେଠିଠାରୁ ସମୁଦ୍ରକୁ ଯାଇଥିଲେ। ମାଛ ଧରୁଥିବା ବେଳେ ଅସାବଧାନବଶତଃ ବ୍ରଜକିଶୋର ଖସିପଡ଼ି ସମୁଦ୍ରରେ ନିଖୋଜ ହୋଇଯାଇଥିଲେ। ଏ ସମ୍ପର୍କରେ ତାଙ୍କ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ମେଡିକାଲରେ ପଶିଲା ବର୍ଷା ପାଣି

ଆନନ୍ଦପୁର,୪।୯(ସ୍ୱ.ପ୍ର.)-କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ୱାର୍ଡରେ ସାମାନ୍ୟ ବର୍ଷାରେ ପାଣି ପଶିଛି। ପୱାର୍ଡରେ ବର୍ଷା ଜଳ ପଶିବା ଫଳରେ ବେଡରେ ଥିବା ରୋଗୀ ଗୋଡ ଟେକି ରହିବାକୁ ବାଧ ହୋଇଥିଲେ। ପରବର୍ତ୍ତୀ ସମୟରେ ମେଡିକାଲ ପକ୍ଷରୁ ପାଣି ନିଷ୍କାସନର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପ୍ରାୟ ସମୟରେ ଡାକ୍ତରଖାନାରେ ମରାମତି ନାମରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ ଖର୍ଚ୍ଚ ହେଉଛି। ୱାର୍ଡରେ ପାଣି ପଶିବା ଭଳି ଘଟଣାକୁ ଦେଖିଲେ ମରାମତି କାର୍ଯ୍ୟର ସ୍ୱଚ୍ଛତାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବେସାହାରାଙ୍କ ଠିକଣା ଫୁଟ୍‌ପାଥ

- ଯୋଜନା ହୋଇଛି ବାଟବଣା
- ଅନ୍ୟର ହାତଟେକା ସହାୟତାକୁ ଭରସା

ବାରିପଦା ଅଫିସ,୪।୯

ସମାଜର ଅବହେଳିତ ଓ ନିଷ୍ପେଷିତ ଲୋକଙ୍କୁ ଥଇଥାନ କରିବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ସେହିପରି ଅତି ଦୟନୀୟ ଅବସ୍ଥାରେ ଘୁରିବୁଲୁଥିବା ଲୋକଙ୍କ ପାଇଁ ଆଶ୍ରୟସ୍ଥଳୀ ଓ ବୃଦ୍ଧାଶ୍ରମ ରହିଛି। ମାତ୍ର ମୟୂରଭଞ୍ଜ ଜିଲା ବାରିପଦା ସହରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅନେକ ଅସହାୟଙ୍କ ଠିକଣା ପାଲଟିଛି ଫୁଟପାଥ୍। ଭୋକ ଉପାସରେ ସେମାନେ ପଡ଼ିରହି ଲୋକଙ୍କ ହାତଟେକାକୁ ଅନାଇ ରହୁଛନ୍ତି। ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଥିଲେ ମଧ୍ୟ ଏଥିପାଇଁ କାର୍ଯ୍ୟକରୁଥିବା ଏନ୍‌ଜିଓ ସଂସ୍ଥା ଆଖିବୁଜି ଦେଇଛି। ଫଳରେ ଅସହାୟଙ୍କ ପାଇଁ ସରକାରୀ ଯୋଜନା ସତେ ଯେମିତି ବାଟବଣା ହୋଇଯାଇଛି।

ବାରିପଦା ସହରର ବସଷ୍ଟାଣ୍ଡ, ଗଛମୂଳ, ହୋଟେଲ ବାରଣ୍ଡା, ରାସ୍ତାକଡ଼ରେ ଘୁରୁବୁଲୁଛନ୍ତି ଅସହାୟ ମହିଳାମାନେ। ଏମାନଙ୍କ ମଧ୍ୟରୁ ଅନେକେ ବୟସର ଅପରାହ୍ନରେ ପହଞ୍ଚିଥିବା ବେଳେ କାହାର ଚାଲିବାକୁ ଅଣ୍ଟାରେ ବଳ ନାହିଁ। ଖରାବର୍ଷାରେ ଘୁରିବୁଲି କ୍ଳାନ୍ତି ମେଣ୍ଟାଇବା ପାଇଁ ରାସ୍ତାକଡ଼ ପାଲଟିଛି ସେମାନଙ୍କର ଆଶ୍ରୟସ୍ଥଳୀ। ସହରର ସତ୍ୟସାଇ ଛକ, ବସଷ୍ଟାଣ୍ଡ, କଚେରୀବଜାର, ଦେଉଳସାହି, ବଡ଼ବଜାର ଆଦି ଅଞ୍ଚଳର ଗଳିକନ୍ଦିରେ ଏହିଭଳି ଅନେକ ବେସାହାରା ଘୁରି ବୁଲୁଛନ୍ତି। ଥଇଥାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସେମାନେ ଭୋକ ଉପାସରେ ଦିନ କାଟୁଛନ୍ତି।

ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲାରେ ୧,୧,୧୩୨ଜଣଙ୍କୁ ମଧୁବାବୁ ପେନସନ ଯୋଜାନାରେ ସାମିଲ କରାଯାଇଥିବା ବେଳେ ଜାତୀୟ ବୃଦ୍ଧାବସ୍ଥା ପେନସନ ଯୋଜନାରେ ୭୦,୬୬୦ଜଣଙ୍କୁ ଭତ୍ତା ଯୋଗାଇ ଦିଆଯାଉଛି। ସେହିପରି ଜାତୀୟ ବିଧବା ଭତ୍ତାରେ ୪୩,୭୬୧ ଓ ଜାତୀୟ ଦିବ୍ୟାଙ୍ଗ ଭତ୍ତା ଯୋଜନାରେ ୪,୮୪୩ଜଣଙ୍କୁ



ରାସ୍ତାକଡ଼ରେ ଶୋଇଛନ୍ତି ଜଣେ ବେସାହାରା ମହିଳା।

ପେନସନ ମିଳୁଛି। ସେହିପରି ଜିଲାରେ ଥିବା ଏକମାତ୍ର ବୃଦ୍ଧାଶ୍ରମ ରୁରାଲ ଡେଭଲପମେଣ୍ଟ ଆକ୍ସନ ସେଲରେ ଅଦ୍ୟାବଧି ୧୨୫ଜଣ ବୃଦ୍ଧାବୃଦ୍ଧଙ୍କୁ ଥଇଥାନ କରାଯାଇଛି। ଅନ୍ୟପକ୍ଷେ ଅସହାୟଙ୍କୁ ଠାବ କରିବା ପାଇଁ ଏକମାତ୍ର ରେସ୍‌କ୍ୟୁ ଭ୍ୟାନ୍ ରହିଥିବା ବେଳେ ଏନ୍‌ଜିଓ ସଂସ୍ଥାର କର୍ମଚାରୀମାନେ ଏହା ଦାୟିତ୍ୱରେ ଅଛନ୍ତି। କରୋନା କଟକଣା ସମୟରେ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିବା ବେଳେ ବର୍ତ୍ତମାନ ସେସବୁ ବନ୍ଦ ହୋଇଯାଇଛି। ସାଧାରଣ ଜନତାଙ୍କୁ ସାମାଜିକ ଓ ଅର୍ଥନୈତିକ ସୁରକ୍ଷା ଯୋଗାଇ ଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା କାର୍ଯ୍ୟକାରୀ ହେଉଛି। ମାତ୍ର ବାରିପଦା ସହରରେ ଏହି ଯୋଜାନାର କାର୍ଯ୍ୟକାରିତାକୁ ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରୁଥିବା ମଠ ମନ୍ଦିର ସୁରକ୍ଷା ସମିତିର ସଭାପତି ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି। ଅବହେଳିତ ଲୋକଙ୍କ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ବେଳେ କାଗଜକଲମରେ ଯୋଜନା କାର୍ଯ୍ୟକାରୀ ହେଉଥିବା ବରିଷ୍ଠ ନାଗରିକ ଉଦୟ ମହାନ୍ତ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରାଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ଅସହାୟ ଲୋକଙ୍କୁ ଥଇଥାନ କରାଯାଉଛି । କିଛି ଦିନ ପୂର୍ବେ ୮ଜଣଙ୍କୁ ଥଇଥାନ କରାଯାଇଥିବା ବେଳେ ସହରରେ ବୁଲୁଥିବା ବେସାହାରାଙ୍କୁ ଖୁବଶୀଘ୍ର ଥଇଥାନ କରାଯିବ ବୋଲି ସେ କହିଛନ୍ତି।

## ମନ୍ଦିରରେ ପୋଷ୍ଟର ଲଗାଯିବାକୁ ନେଇ ବିରୋଧ

ଯୋଡ଼ା,୪।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହର ସ୍ଥିତ ମଙ୍ଗଳା ମନ୍ଦିର ସହ ସ୍କୁଲ, ବ୍ୟାଙ୍କ ପାଚେରୀ, ଲୋକଙ୍କ ମୁଖ୍ୟ କବାଟରେ ଗୁପ୍ତରୋଗର ଚିକିତ୍ସା ପୋଷ୍ଟର ଲଗାଯିବାରୁ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଛନ୍ତି। ଶନିବାର ଭୋର୍ ସମୟରେ ଦୁଇ ଯୁବକ ହେଲମେଟ ପିନ୍ଧି ସହରର ବିଭିନ୍ନ ସ୍ଥାନରେ ଉକ୍ତ ପୋଷ୍ଟର ଲଗାଇଥିଲେ। ମଙ୍ଗଳା ମନ୍ଦିରର ବୋର୍ଡରେ ଏହି ପୋଷ୍ଟର ଲଗାଇଥିବା ବେଳେ ନିକଟରେ ଥିବା ସନାତନ ହୋଟେଲ ମାଲିକ ଓ କେତେକ ମହିଳା ଏହାକୁ ବିରୋଧ କରିଥିଲେ। ପୋଷ୍ଟର ଲଗାଇଥିବା ଯୁବକଦୟ ଡାକ୍ତରଙ୍କ ନିର୍ଦ୍ଦେଶରେ ଏହି କାମ କରୁଥିବା କହିଥିଲେ। ଏସମ୍ପର୍କରେ ଉକ୍ତ ଡାକ୍ତରଙ୍କୁ ପଚାରିବାରୁ ସେ ନିଜ ଭୁଲ ସ୍ୱୀକାର କରିବା ସହିତ ଖୁବ ଶୀଘ୍ର ପୋଷ୍ଟରକୁ ସେଠାରୁ ହଟାଇଦେବେ ବୋଲି କହିଥିଲେ ।

# ଛାତ୍ରୀଛାତ୍ରଙ୍କ ସ୍ୱାକ୍ଷର ଅଭିଯାନ



ଛାତ୍ରୀମାନେ ପ୍ରତିବାଦ ଜଣାଇ ଦସ୍ତଖତ କରୁଛନ୍ତି।

ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ ଦୁର୍ନୀତିର ପ୍ରତିବାଦ

ଭଣ୍ଡାରିପୋଖରୀ, ୪।୯ (ଡି.ଏନ.ଏ)

ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ ଦୁର୍ନୀତି ପ୍ରତିବାଦରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାର୍ଶି ନୱାଜଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଶନିବାର ଭଣ୍ଡାରିପୋଖରୀ କଲେଜ ସମ୍ମୁଖରେ ସ୍ୱାକ୍ଷର ଅଭିଯାନ କରାଯାଇଛି। ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ବିକ୍ରମ ସେନାପତିଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀଛାତ୍ର ଫଳକରେ ସ୍ୱାକ୍ଷର କରି ସେମାନଙ୍କ କ୍ଷୋଭ ଉପସ୍ଥାପନ କରିଥିଲେ। ଛାତ୍ରନେତା ଦୀପ୍ତି ରଞ୍ଜନ ନାୟକ, ରାଜେଶ ଦାସ, ଶୁଭମ ସେଠୀ, ଜ୍ଞାନ ରଞ୍ଜନ ଦାସ ଓ ସୌମ୍ୟ ରଞ୍ଜନ ପହି ଏହାକୁ ପରିଚାଳନା କରିଥିଲେ।

## ଭାଜପାରେ ସାମିଲ ଶତାଧିକ ବିଜେଡି କର୍ମୀ

ଭଦ୍ରକ ଅଫିସ,୪।୯

ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବ୍ରହ୍ମପୁର ପଞ୍ଚାୟତରେ ଜିଲା ଭାଜପା ସଭାପତି ହେମନ୍ତ ପାଢ଼ୀ ଏବଂ ଡା. ପ୍ରଦୀପ ନାୟକଙ୍କ ନେତୃତ୍ୱରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ଭାଜପାରେ ଯୋଗ ଦେଇଛନ୍ତି। ଯୁବ ବିଜେଡି ସଭାପତି ଅଜୟ ପଲାଇ, ନିଶିକାନ୍ତ ପରିଡ଼ା ଏବଂ ବରିଷ୍ଠ କର୍ମୀ କାର୍ତ୍ତିକ ଜେନା ଶତାଧିକ ସହକର୍ମୀଙ୍କ ସହ ଭାଜପାରେ ସାମିଲ ହୋଇଛନ୍ତି। ଜିଲା ଉପସଭାପତି ଅଶୋକ ପରିଜା, ପଞ୍ଚାୟତ ପ୍ରମୁଖ ରବିନାରାୟଣ ଦାସ, ଦେବରକୁଣ୍ଡ ମଣ୍ଡଳ ସଭାପତି ପ୍ରଭାକର ସାମଲ, ଗୌରହରି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୋରକୋରା ପଞ୍ଚାୟତର ଶତାଧିକ କର୍ମୀ ମଧ୍ୟ ଭାଜପାରେ ମିଶିଛନ୍ତି।

## ମରୁଡ଼ି ଅଞ୍ଚଳ ପରିଦର୍ଶନ କଲେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ଟିମ୍

ପାଟଣା,୪।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ନିଅଣ୍ଟିଆ ବର୍ଷା ପରିପ୍ରେକ୍ଷୀରେ ଶନିବାର ଭାଜପା ରାଜ୍ୟ କୃଷକ ମୋର୍ଚ୍ଚାର ସଭାପତି ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ଏକ ଟିମ୍ ମରୁଡ଼ି ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏହି ଟିମ୍ ପାଟଣା ବ୍ଲକର ତୁରୁମୁଙ୍ଗା ରାଜସ୍ୱ ନିରୀକ୍ଷକ ଅନ୍ତର୍ଗତ ଅଞ୍ଚଳର ଚାଷଜମି ପରିଦର୍ଶନ କରି ଚାଷୀମାନଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ଅଭିଯୋଗ ସମ୍ପର୍କରେ ଅବଗତ ହୋଇଥିଲେ। ବର୍ଷା ଅଭାବରୁ ଚାଷକାର୍ଯ୍ୟ ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିବାବେଳେ ଜମି ଫାଟି ଆଁ କରିଥିବା ଦେଖିବାକୁ ପାଇଥିଲେ। ସରକାର ଏହି ଅଞ୍ଚଳକୁ ମରୁଡ଼ି ଅଞ୍ଚଳ ଘୋଷଣା କରିବାକୁ ସଭାପତି ପୁରୋହିତ ଦାବି କରିଛନ୍ତି। ଟିମ୍‌ରେ ସାମିଲ ଥିବା ରାଜ୍ୟ ନଦୀ ସୁରକ୍ଷା ସମିତି ସଭାପତି ମହେଶ୍ୱର ସାହୁ, ବିଶ୍ୱଜିତ ସ୍ୱାଇଁ, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାଧାକାନ୍ତ ମହାନ୍ତ, ପାଟଣାର ଭବାନୀ ଶଙ୍କର ନାଏକ, ସାହାରପଡ଼ା ବ୍ଲକ ପୂର୍ବତନ ଅଧକ୍ଷ ଗୌତମ ନାଏକ, ଅଖିଳ ଚନ୍ଦ୍ର ନାଏକ ପ୍ରମୁଖ ସରକାର ମରୁଡି ଘୋଷଣା ନ କଲେ ଭାଜପା କୃଷକ ମୋର୍ଚ୍ଚା ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି।

## ସଂଗ୍ରାମୀ ହୃଦାନନ୍ଦଙ୍କ ସ୍ମୃତିଚାରଣ



ସ୍ମୃତିସଭାରେ ଉପସ୍ଥିତ ଅତିଥି।

ଭଦ୍ରକ ଅଫିସ, ୪।୯

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ କଲେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ, ସ୍ୱାଧୀନତା ସଂଗ୍ରାମୀ ତଥା କୃଷକ ନେତା ସ୍ୱର୍ଗତ ହୃଦାନନ୍ଦ ରାଉତଙ୍କ ଏକାଦଶାହ ଅବସରରେ ତାଙ୍କ ଜନ୍ମମାଟି ବଳଭଦ୍ରପୁରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୀମଚରଣ ପରିଡ଼ାଙ୍କ ସଭାପତିତ୍ୱ ଓ ସ୍ୱର୍ଗତ ରାଉତଙ୍କ ପୁଅ ମାନସ କୁମାର, ପ୍ରକାଶ କୁମାର, ଆଶିଷ କୁମାରଙ୍କ ସଂଯୋଜନାରେ ସଭା ହୋଇଥିଲା। ଗୀତିକାର ତଥା କଣ୍ଠଶିଳ୍ପୀ ନିତ୍ୟାନନ୍ଦ ରାଉତ ବେଦପାଠ ଓ ନୃତ୍ୟଶିଳ୍ପୀ ସୌମ୍ୟା ପ୍ରିୟଦର୍ଶିନୀଙ୍କ ନୃତ୍ୟ ପରିବେଷଣ କରିଥିଲେ। ପ୍ରାରମ୍ଭିକ ସ୍ମୃତିଚାରଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ ଜଗନ୍ନାଥ ରାୟ। ଅତିଥି ଭାବେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ପ୍ରଧାନ ଶିକ୍ଷକ ଲକ୍ଷ୍ମୀକାନ୍ତ ରାଉତ, ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଭଦ୍ରକ ବ୍ଲକ ଉପାଧ୍ୟକ୍ଷା ଜ୍ୟୋସ୍ନାମଞ୍ଜରୀ ରାଉତ, ଜିଲା ଯୁବ ବିଜେଡି ସଭାପତି ମୁକୁନ୍ଦଦେବ ସାମଲ, ଭାଜପା ନେତା ଅଭିମନ୍ୟୁ ସେଠୀ, ଡ. ପ୍ରଦୀପ ନାୟକ, ଚାରୁଲତା ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ରାଉତଙ୍କ ସ୍ମୃତିଚାରଣ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷାବିତ୍ ବୈକୁଣ୍ଠ ବିଶ୍ୱାଳ। ଶିକ୍ଷକ ନେତା ବାବୁଲା ରାଉତ ଧନ୍ୟବାଦ ଦେଇଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳିକୁ ଗ୍ରାମବାସୀଙ୍କ ବିରୋଧ

କେନ୍ଦୁଝର, ୪।୯(ଡି.ଏନ୍.ଏ.)

କେନ୍ଦୁଝର ଝୁମ୍ପୁରା ବ୍ଲକ ଅଧୀନ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ନହବେଡ଼ାର ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୁପାରିଶ କରାଯାଇଛି। ଚିଠି (ନଂ.୧୨୬୮୬ ତା୧୬/୮/୨୦୨୧)ରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ସୁପାରିଶ କରିଥିବା ଜଣାପଡ଼ିବା ପରେ ଏହାକୁ ନହବେଡ଼ା ପଞ୍ଚାୟତର ବହୁ ଲୋକ ବିରୋଧ କରିଛନ୍ତି। ଏନେଇ ସେମାନେ ଜିଲାପାଳ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ନ କରିବା ପାଇଁ ଦାବି ଜଣାଇଛନ୍ତି। ୧୧।୦୯।୨୦୨୦ରେ ସିନିୟର ଏସ୍ଏସ୍ ପଦୋନ୍ନତି ପାଇବା ପରେ ନହବେଡ଼ା ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ମିଳିଥିଲା। କାର୍ଯ୍ୟରେ ଯୋଗଦାନ ପରେ କରୋନା କଟକଣା ଯୋଗୁଁ ଲକ୍‌ଡାଉନ୍ ଏବଂ ଶଟଡାଉନ ଯୋଗୁଁ ଦୀର୍ଘଦିନ ଧରି ବିଦ୍ୟାଳୟ ବନ୍ଦ ରହିଥିଲା। ତାଙ୍କୁ ବଦଳି କରାଯିବା ଯଥାର୍ଥ ନୁହେଁ ବୋଲି ଗ୍ରାମବାସୀ କହିଛନ୍ତି। ବହୁ ବର୍ଷ ପରେ ଏହି ଉଚ୍ଚ ବିଦ୍ୟାଳୟରେ ଜଣେ ସ୍ଥାୟୀ ପ୍ରଧାନଶିକ୍ଷୟିତ୍ରୀ ନିଯୁକ୍ତି ହୋଇଥିବାବେଳେ ତାଙ୍କର ଅନ୍ୟତ୍ର ବଦଳୀ ହେଲେ ଶିକ୍ଷାୟତନରେ ବିଭ୍ରାଟ ଦେଖାଦେବ। ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ନ କରିବାକୁ ଗ୍ରାମବାସୀ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, କେନ୍ଦୁଝର ଜିଲାପାଳ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଛନ୍ତି।

## ୭ ସାର ବିକ୍ରେତାଙ୍କୁ କାରଣ ଦର୍ଶାଅ ନୋଟିସ୍

ଭଣ୍ଡାରିପୋଖରୀ, ୪।୯ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ସାର ଅଭାବ ସାଙ୍ଗକୁ ଚଢ଼ାଦରରେ ବିକ୍ରି ଅଭିଯୋଗ କ୍ରମେ ଶନିବାର ପ୍ରଶାସନ ଚଢ଼ାଉ କରି ୭ସାର ବିକ୍ରେତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ଅତିରିକ୍ତ ଜିଲାପାଳ ମଧୁସୂଦନ ଦାଶଙ୍କ ନେତୃତ୍ୱରେ ତହସିଲଦାର କ୍ଷୀରୋଦ ପଣ୍ଡା, ବ୍ଲକ କୃଷି ଅଧିକାରୀ ଶ୍ରୀଧର ଦାସ ଓ ସାର ନିରୀକ୍ଷକ ରାଧାରମଣ ମହନ୍ତ ବ୍ଲକ ଅଞ୍ଚଳର ଅଧିକୃତ ସାର ହୋଲ୍‌ସେଲର ଓ ବିକ୍ରେତା, ସାର ବିକ୍ରି କରୁଥିବା ସମବାୟ ସମିତିରେ ସାର ମହଜୁଦ ନଥି ଓ ସୂଚକାଙ୍କ ସହ ବାସ୍ତବ ଦର ସମ୍ପର୍କରେ ତନଖି କରିଥିଲେ। ୧୦ ପାଇକାରୀ ସାର ବିକ୍ରେତାଙ୍କ ମଧ୍ୟରୁ ୭ଜଣଙ୍କୁ ଅନିୟମିତତା ପାଇଁ ନୋଟିସ୍ ଜାରି କରିଛନ୍ତି।

## ଲକ୍ଷ୍ମୀପୋଷି ବନ ସୁରକ୍ଷା ସମିତିକୁ ପ୍ରକୃତିମିତ୍ର ପୁରସ୍କାର

ଠାକୁରମୁଣ୍ଡା, ୪।୯ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକର ଲକ୍ଷ୍ମୀପୋଷି ବନ ସୁରକ୍ଷା ସମିତିକୁ ଚଳିତବର୍ଷ ମିଳିଛି ପ୍ରକୃତିମିତ୍ର ପୁରସ୍କାର। ଜଙ୍ଗଲ ସୁରକ୍ଷା ସହ ଜଙ୍ଗଲ ବୃଦ୍ଧି, ନିଆଁ ଦାଉରୁ ରକ୍ଷା ଓ ଜୀବଜନ୍ତୁ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ଏହି ସମିତିକୁ ପ୍ରୋତ୍ସାହନ ସ୍ୱରୂପ ପ୍ରଶଂସାପତ୍ର ଏବଂ ନଗଦ ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। କୋଭିଡ୍ କଟକଣା ପାଇଁ ଜୟଦେବ ଭବନରେ ଜୁନ୍ ୫ ବିଶ୍ୱ ପରିବେଶ ଦିବସରେ ହେବାକୁ ଥିବା ପୁରସ୍କାର ବିତରଣ ଉତ୍ସବ ବାତିଲ ହୋଇଯାଇଥିଲା। ପରେ ସରକାର ସମ୍ପୃକ୍ତ ଡିଭିଜନକୁ ସାର୍ଟିଫିକେଟ ପଠାଇବା ସହ ବଣ୍ଟନ ପାଇଁ ପରାମର୍ଶ ଦେଇଥିଲେ। କରଞ୍ଜିଆ ବନଖଣ୍ଡରେ ଗତ ୩ ତାରିଖରେ ଏକ ସ୍ୱତନ୍ତ୍ର ଉତ୍ସବରେ ଲକ୍ଷ୍ମୀପୋଷି ବନସୁରକ୍ଷା ସମିତି ସଭାନେତ୍ରୀ ସୁଷମା ମଢ଼େଇ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

## ୧୦ ମେଧାବୀ ଛାତ୍ରୀଛାତ୍ରଙ୍କୁ ବୃତ୍ତି

କେନ୍ଦୁଝର , ୪।୯ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲାର ସ୍ଥାନୀୟ ଦରବାର ହଲଠାରେ ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ ଓଡିଶା ଆଦର୍ଶ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରଙ୍କୁ ଡିଏମ୍ଏଫ୍ ବୃତ୍ତି ପ୍ରଦାନ କରାଯାଇଛି। ଜିଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଓଡିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ପରାମର୍ଶଦାତା ଉପେନ୍ଦ୍ର ତ୍ରିପାଠୀ ଯୋଗଦେଇଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲା ଶିକ୍ଷା ଅଧିକାରୀ ସଂଗ୍ରାମ କେଶରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ଓଡିଶା ଆଦର୍ଶ ବିଦ୍ୟାଳୟ ବର୍ଗରେ କେନ୍ଦୁଝର ଜିଲା ତଥା ରାଜ୍ୟରେ ଟପ୍ପର ହୋଇଥିବା ଶାଳପଡା (ଆନନ୍ଦପୁର)ର ଛାତ୍ର ଅମ୍ରିତରାଜ ବିଶ୍ୱାଳ ଏବଂ ଜିଲାରେ ତୃତୀୟ ସ୍ଥାନ ହାସଲ କରିଥିବା ଓରିଆ (ତେଲକୋଇ)ର ଛାତ୍ରୀ ଜ୍ୟୋର୍ତିମୟୀ ମହାନ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭୂମିକା ଅବତାରଣା କରି ଡିଏମ୍ଏଫ୍ ବୃତ୍ତି ତାଙ୍କୁ ଉଚ୍ଚ ଶିକ୍ଷା ପାଇଁ ଅଧିକ ପ୍ରୋତ୍ସାହିତ କରୁଛି ବୋଲି କହିଥିଲେ। ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ସଞ୍ଜୀବ ବାରିକ ପ୍ରାରମ୍ଭରେ ସ୍ୱାଗତଭାଷଣ ପ୍ରଦାନ କରିବା ସହିତ ସମ୍ବର୍ଦ୍ଧନା ସମାରୋହର ସଞ୍ଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୧୦ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।



## ମଦ ଜବତ, ୪ ଗିରଫ

ଢେଙ୍କିକୋଟ, ୪।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ଖଣ୍ଡଘର ପଞ୍ଚାୟତ ତଣ୍ଡିବେଡାରେ ଶୁକ୍ରବାର ସକାଳେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏଥିରେ ଘଟଗାଁ ତହସିଲଦାର ଜନକ ନାୟକ, ଏକ ପ୍ଲାଟୁନ ଫୋର୍ସ, ଘଟଗାଁ ଅବକାରୀ ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ପରିଡା, ଏଏସ୍ଆଇ ରଞ୍ଜନ ପଣ୍ଡା, ଆନନ୍ଦପୁର ଅବକାରୀ ଥାନା ଆଇଆଇସି ପ୍ରଫୁଲ୍ଲ ମହାନ୍ତ ପ୍ରମୁଖ ସଦଳବଳ ମୁଣ୍ଡା ସାହିରେ ପହଞ୍ଚି ବିପୁଳ ପରିମାଣର ମଦ ଓ ପୋଚ ନଷ୍ଟ କରିବା ସହିତ ୪ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ମୁନି ମୁଣ୍ଡା, ଡାକ୍ତର ମୁଣ୍ଡା, ଦୌପଦୀ ମୁଣ୍ଡା ଏବଂ ମୁନ୍ଦେଇ ମୁଣ୍ଡା। ପୋଲିସ ଏମାନଙ୍କ ନାମରେ ପୃଥକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ସାନ୍ତାଳି ଭାଷା ଶିକ୍ଷକ ନିଯୁକ୍ତି ଦାବିରେ ବିକ୍ଷୋଭ




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାନ୍ତାଳି ଶିକ୍ଷକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବାରିପଦା ଅଫିସ,୪।୯

ଆଶାୟୀ କନିଷ୍ଠ ସାନ୍ତାଳି ଶିକ୍ଷକ ସଂଘ ପକ୍ଷରୁ ସାନ୍ତାଳି (ଅଲଚିକି) ଭାଷା ଶିକ୍ଷକ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି ପ୍ରକାଶ ଦାବିରେ ଶନିବାର ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅଲଚିକି ଭାଷାରେ ପାଠ୍ୟକ୍ରମ କରିଥିବା ଯୁବତୀଯୁବକ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧୀନରେ ୨୦୧୩ରୁ ୨୦୨୦ ପର୍ଯ୍ୟନ୍ତ ମୋଟ ୭ଟି ବ୍ୟାଚ୍ ସାନ୍ତାଳି ଭାଷାରେ ଡିଇଏଲ୍‌ଇଡି ସମାପ୍ତ କରିଥିଲେ ମଧ୍ୟ ଅଦ୍ୟାବଧି ନିଯୁକ୍ତି ମିଳିପାରି ନାହିଁ। ଏନେଇ ବାରମ୍ବାର ଦାବି କରାଯାଇଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବେକାର ଯୁବତୀଯୁବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନିଯୁକ୍ତି ଦେବାରେ ବିଳମ୍ବ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଘ ପକ୍ଷରୁ ପୁଷ୍ପାଞ୍ଜଳି ପାତ୍ର, ସୁମିତ ସୋରେନ ପ୍ରମୁଖ ପ୍ରକାଶ କରିଛନ୍ତି।

## ଶ୍ରୀଲଙ୍କାକୁ ୧୫୦ ଟନ୍ ଅକ୍ସିଜେନ୍ ପଠାଇଲା ଭାରତ

ଶ୍ରୀଲଙ୍କାରେ କରୋନାର ତୃତୀୟ ଲହର ଦେଖାଦେଇଥିବାବେଳେ ଭାରତ ସହାୟତା ପ୍ରଦାନ ଜାରି ରଖିଛି। ସେଠାରେ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ଶନିବାର ଭାରତ ୧୫୦ ଟନ୍ ଅକ୍ସିଜେନ୍ ପଠାଇଛି। କୋଭିଡ୍ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଶ୍ରୀଲଙ୍କା ଦେଶବ୍ୟାପୀ ଲକ୍‌ଡାଉନ୍ ଅବଧିକୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଗତ ଅଗଷ୍ଟରେ ମଧ୍ୟ ଶ୍ରୀଲଙ୍କାକୁ ୧୦୦ ଟନ୍ ମେଡିକାଲ ଅକ୍ସିଜେନ୍ ଭାରତ ପଠାଇଥିଲା।

## ସଂକ୍ଷେପରେ

### ତାଲିବାନ୍ ସଙ୍କଟ ପାଇଁ ତେଲ ଦର ବଢୁଛି

ଭାଜପା ବିଧାୟକଙ୍କ ଅଜବ ଯୁକ୍ତି

**ବେଙ୍ଗାଲୁରୁ, ୪।୯:** ଭାରତରେ ତେଲ ଦର ବୃଦ୍ଧି ପାଇଁ କର୍ନାଟକର ଭାଜପା ବିଧାୟକ ଆଫଗାନିସ୍ତାନରେ ତାଲିବାନ୍ ସଙ୍କଟକୁ ଦାୟୀ କରିଛନ୍ତି। ତାଲିବାନ୍ ସଙ୍କଟ ଯୋଗୁ ଅଶୋଧିତ ତୈଳ ଯୋଗାଣ ହ୍ରାସ ପାଇଛି। ସେଥିପାଇଁ ମେ' ମାସରୁ ଏଲ୍‌ପିଜି, ପେଟ୍ରୋଲ ଓ ଡିଜେଲ ଦର ବଢ଼ିଚାଲିଥିଲା ବୋଲି ଭାଜପା ବିଧାୟକ ଅରବିନ୍ଦ ବେଲ୍ଲାଦ କହିଛନ୍ତି। ଭାରତ ବିଶ୍ୱର ତୃତୀୟ ସର୍ବାଧିକ ତୈଳ ଆମଦାନିକାରୀ ରାଷ୍ଟ୍ର। ତେବେ ବୃହତ୍ ତୈଳ ବିକ୍ରେତା ରାଷ୍ଟ୍ର ମଧ୍ୟରେ ଆଫଗାନିସ୍ତାନ ନାହିଁ। ଭାରତକୁ ଅଶୋଧିତ ତୈଳ ବିକୁଥିବା ଦେଶଗୁଡ଼ିକ ହେଲେ ଇରାକ, ସାଉଦି ଆରବ, ୟୁନାଇଟେଡ୍ ଆରବ ଏମିରେଟ୍ସ, ନାଇଜେରିଆ, ଆମେରିକା ଏବଂ କାନାଡ଼ା। ଆଫଗାନିସ୍ତାନ ସଙ୍କଟ ଯୋଗୁ ତୈଳ ଯୋଗାଣ ପ୍ରଭାବିତ ହୋଇନାହିଁ। କାରୋନା ଦ୍ୱିତୀୟ ଲହର ପାଇଁ ରିଫାଇନେରିଗୁଡ଼ିକ ବିଶୋଧନ ପ୍ରକ୍ରିୟା କମାଇଦେବାରୁ ତୈଳ ଆମଦାନୀ ହ୍ରାସ ପାଇଥିବା ଗତ ଜୁନ୍‌ରେ ଏକ ବିଦେଶୀ ଗଣମାଧ୍ୟମ ପ୍ରକାଶ କରିଥିଲା।

### ଏକ ସନ୍ତାନ ନୀତି ସପକ୍ଷରେ କେନ୍ଦ୍ରମନ୍ତ୍ରୀ ଅଠାୱାଲେ



**ଅହମଦାବାଦ, ୪।୯:** କେନ୍ଦ୍ର ସାମାଜିକ ନ୍ୟାୟ ମନ୍ତ୍ରୀ ରାମଦାସ ଅଠାୱାଲେ ଭାରତରେ ଏକ ସନ୍ତାନ ନୀତି ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି। ବିକାଶ ପାଇଁ ଜନସଂଖ୍ୟା ନିୟନ୍ତ୍ରଣ ଜରୁରୀ। ସେଥିପାଇଁ ତାଙ୍କ ଦଳ ଏକସନ୍ତାନ ନୀତିକୁ ସମର୍ଥନ କରେ ବୋଲି ଆର୍‌ପିଆଇ ଅଧ୍ୟକ୍ଷ ଅଠାୱାଲେ କହିଛନ୍ତି। କେବଳ ହିନ୍ଦୁ ସଂଖ୍ୟାଗରିଷ୍ଠ ଥିବା ପର୍ଯ୍ୟନ୍ତ ଲୋକେ ସମ୍ବିଧାନ ଓ ଧର୍ମନିରପେକ୍ଷତା ସମ୍ପର୍କରେ କହିପାରିବେ ବୋଲି ନିକଟରେ ଗୁଜରାଟ ଉପମୁଖ୍ୟମନ୍ତ୍ରୀ ନୀତିନ ପଟେଲ କହିଥିଲେ। ତେବେ ହିନ୍ଦୁ ଜନସଂଖ୍ୟା କମିବାର ସମ୍ଭାବନା ନାହିଁ ବୋଲି ଅଠାୱାଲେ କହିଛନ୍ତି। ଜଣେ ନିଜ ପସନ୍ଦର କାର୍ଯ୍ୟ କରିବା ପାଇଁ ସମ୍ବିଧାନ ଅଧିକାର ଦେଇଛି। ତେବେ ଧର୍ମ ପରିବର୍ତ୍ତନ ଲାଗି କେହି ଅନ୍ୟକୁ ବାଧ କରିପାରିବେ ନାହିଁ ବୋଲି ଆର୍‌ପିଆଇ ନେତା ଖବରଦାତାମାନଙ୍କୁ କହିଛନ୍ତି।

### ଧର୍ମାନ୍ତରୀକରଣ ମାମଲାରେ ୮ ଗିରଫ

**ଲକ୍ଷ୍ନୌ, ୪।୯:** ଉତ୍ତରପ୍ରଦେଶରେ ବେଆଇନ ଧର୍ମାନ୍ତରୀକରଣରେ ସମ୍ପୃକ୍ତ ୮ ଜଣଙ୍କୁ ଗିରଫ କରାଯାଇଛି। ୟୁପି ପୋଲିସର ଆତଙ୍କବାଦ ନିରୋଧୀ ସ୍କ୍ୱାଡ (ଏଟିଏସ୍) ସେମାନଙ୍କୁ ଗିରଫ କରିବା ସହ ଦେଶ ବିରୋଧରେ ଯୁଦ୍ଧ ଚଳାଇବା ଅଭିଯୋଗରେ ମାମଲା ରୁଜୁ ହୋଇଛି। ଲକ୍ଷ୍ନୌର ଏକ ଅଦାଲତ ଏଟିଏସ୍‌ର ଆବେଦନ ଗ୍ରହଣ କରି ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସିର ଧାରା ୧୨୧-ଏ ଏବଂ ୧୨୩ ଲାଗୁ କରିଛନ୍ତି।

## ଓସ୍କାର ଫେଭରାଇଟ୍ କ୍ରିଷ୍ଟେନ୍



**ଭେନିସ:** ବ୍ରିଟେନ୍ ଯୁବରାଣୀ ଡାଏନଙ୍କ ଜୀବନୀ ଉପରେ ଆଧାରିତ ଚଳିତ ବର୍ଷର ଚର୍ଚ୍ଚିତ ଇଂଲିଶ ଫିଲ୍ମ 'ସ୍ପେନ୍ସର'ରେ ଦମ୍‌ଦାର ଅଭିନୟ ପାଇଁ ହଲିଉଡ୍ ଅଭିନେତ୍ରୀ କ୍ରିଷ୍ଟେନ୍ ଷ୍ଟିୱାର୍ଟଙ୍କୁ ଶୁକ୍ରବାର ଭେନିସ୍ ଫିଲ୍ମ ଫେଷ୍ଟିଭାଲରେ ବିପୁଳ ଅଭିନନ୍ଦନ ଜଣାଯାଇଛି। ଅନେକ ସିନେକ୍ରିଟିକ୍ ତାଙ୍କୁ ଓସ୍କାର ଫେଭରାଇଟ୍ ଆଖ୍ୟା ଦେଇଛନ୍ତି। ଡାଏନାଙ୍କ ବାୟୋପିକ୍ 'ସ୍ପେନ୍ସର'ର ପ୍ରିମିୟର ଭେନିସ୍ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇଥିଲା। 'ସ୍ପେନ୍ସର'ର ଟ୍ରେଲର ରିଲିଜ

### 'ସ୍ପେନ୍ସର'ରେ ଡାଏନାଙ୍କ ଅବିକଳ ଲୁକ୍

ହୋଇସାରିଥିବାବେଳେ କ୍ରିଷ୍ଟେନ୍ ଏଥିରେ ଡାଏନଙ୍କ ଚରିତ୍ରରେ ରହିଛନ୍ତି। ଏହି ଅଭିନୟ ପାଇଁ କ୍ରିଷ୍ଟେନ୍ ନିଜକୁ ଏପରି ପରିବର୍ତ୍ତନ କରିଛନ୍ତି ଯେ, ସେ ଅବିକଳ ଡାଏନଙ୍କ ଭଳି ଦେଖାଯାଉଛନ୍ତି। ଏକ ଶର୍ଟ ଖ୍ରୀଷ୍ଟମାସ ହଲି ଡେ' କାହାଣୀକୁ ନେଇ ଚଳଚ୍ଚିତ୍ର ନିର୍ମାଣ ହୋଇଛି। ଏହି ସମୟ ଡାଏନା ତାଙ୍କ ଶାଶୁଘରେ ବିତାଇଥିଲେ। ଏହାର ଟ୍ରେଲର ସୋସିଆଲ ମିଡିଆରେ ହିଟ୍ ହୋଇଛି। ଡାଏନା ପ୍ରିନ୍ସ ଚାର୍ଲସଙ୍କୁ ୧୯୮୧ରେ ବିବାହ କରିଥିଲେ।

## ଗୁଣ୍ଡାରାଜ କରୁଛନ୍ତି ମଲ୍ଟିପ୍ଲେକ୍ସ ମାଲିକ



କଙ୍ଗନା ରାନାୱତ

**ମୁମ୍ବାଇ:** ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିଥାଙ୍କ ବାୟୋପିକ୍ 'ଥାଲାଇଭି' ରିଲିଜ୍‌କୁ ନେଇ ବିବାଦ ଥମୁ ନ ଥିବାବେଳେ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଫିଲ୍ମର ନାୟିକା କଙ୍ଗନା ରାନାୱତ୍। ମଲ୍ଟିପ୍ଲେକ୍ସ ମାଲିକମାନେ ଗୁଣ୍ଡାରାଜ, ଗୋଷ୍ଠୀବାଦରୁ ଦୂରେଇ ରହି ଥିଏଟରରେ ଫିଲ୍ମକୁ ରିଲିଜ୍ କରାଇବାକୁ କଙ୍ଗନା ଏକ ଭିଡିଓ ମାଧ୍ୟମରେ ଅନୁରୋଧ କରିଛନ୍ତି। କିଛି ଲୋକ ଜାଣିଶୁଣି ଫିଲ୍ମକୁ କମ୍ ସ୍କ୍ରିନ ମିଳୁ ବୋଲି ଚାହୁଁଥିବା କଙ୍ଗନା କହିଛନ୍ତି। ସେପ୍ଟେମ୍ବର ୧୦ରେ 'ଥାଲାଇଭି' ମୁକ୍ତିଲାଭ କରିବାକୁ ସ୍ଥିର ହୋଇଥିଲା। ଥିଏଟରରେ ରିଲିଜ୍ ହେବାର ୪ ସପ୍ତାହ ପରେ ଓଟିଟି ପ୍ଲାଟ୍‌ଫର୍ମରେ ଏହା ମୁକ୍ତିଲାଭ କରିବ ବୋଲି ଫିଲ୍ମ ନିର୍ମାତା ନିଷ୍ପତ୍ତି ନେଇଛନ୍ତି। ତେବେ ବିବାଦ ଯୋଗୁ ଥିଏଟରରେ 'ଥାଲାଇଭି' ରିଲିଜ୍‌କୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ମହିଳା କେନ୍ଦ୍ରିକ ଏହି ଫିଲ୍ମ ୯୦ କୋଟି ଟଙ୍କାରେ ନିର୍ମାଣ ହୋଇଛି।

# ୩୦ରେ ଭବାନୀପୁରରୁ ଲଢ଼ିବେ ମମତା

**ନୂଆଦିଲ୍ଲୀ, ୪।୯(ପି.ଟି.)**



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଅଧ୍ୟକ୍ଷ ମମତା ବାନାର୍ଜୀ ଲଢ଼ିବାକୁ ଯୋଜନା କରିଥିବା ଭବାନୀପୁର ଆସନରେ ସେପ୍ଟେମ୍ବର ୩୦ରେ ଉପନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ କମିଶନ (ଇସି) ଶନିବାର ପଶ୍ଚିମବଙ୍ଗର ୩ ଓ ଓଡ଼ିଶାର ଗୋଟିଏ ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି। ପଶ୍ଚିମବଙ୍ଗର ଭବାନୀପୁର, ସମସେରଗଞ୍ଜ ଓ ଜାଙ୍ଗିରପୁର ଏବଂ ଓଡ଼ିଶାର ପିପିଲିରେ ସେପ୍ଟେମ୍ବର ୩୦ରେ ଉପନିର୍ବାଚନ ଅନୁଷ୍ଠିତ ହେବ। ସମସ୍ତ ଆସନରେ ଅକ୍ଟୋବର ୩ରେ ଭୋଟଗଣତି କରାଯିବ। କୋଭିଡ୍-୧୯ରୁ ସୁରକ୍ଷା ପାଇଁ ଉପନିର୍ବାଚନ ବେଳେ ନିୟମାବଳୀକୁ ଅଧିକ କଠୋର କରାଯିବ ବୋଲି ଇସି କହିଛନ୍ତି। ତେବେ କୋଭିଡ୍ ସ୍ଥିତିକୁ ନେଇ ମହାରାଷ୍ଟ୍ର, ତେଲଙ୍ଗାନା ଓ କେତେକ ଉତ୍ତରପୂର୍ବାଞ୍ଚଳ ରାଜ୍ୟର ୩୧ ଆସନରେ ଉପନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇନାହିଁ।

ଗତ ମାର୍ଚ୍ଚ-ଏପ୍ରିଲରେ ଅନୁଷ୍ଠିତ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ବେଳେ ମମତା ନିଜ ଭବାନୀପୁର ଆସନ ଛାଡ଼ି ନନ୍ଦିଗ୍ରାମ ଆସନରୁ ଭାଜପା ପ୍ରାର୍ଥୀ ତଥା ତାଙ୍କ ପୂର୍ବତନ ସହଯୋଗୀ ଶୁଭେନ୍ଦୁ ଅଧିକାରୀଙ୍କ ବିରୋଧରେ ଲଢ଼ି ହାରିଯାଇଥିଲେ। ମୁଖ୍ୟମନ୍ତ୍ରୀ ପଦରେ ରହିବାକୁ ହେଲେ ତାଙ୍କୁ ୬ ମାସ ମଧ୍ୟରେ ବିଧାନସଭାକୁ ନିର୍ବାଚିତ ହେବାକୁ ପଡ଼ିବ। ସେପ୍ଟେମ୍ବର ୩୦ରେ ସେ ଭବାନୀପୁରରୁ ଉପନିର୍ବାଚନ ଲଢ଼ିବା ପାଇଁ ଯୋଜନା କରିଛନ୍ତି। ସେଥିପାଇଁ ଉକ୍ତ ନିର୍ବାଚନ ମଣ୍ଡଳୀର ଗୁରୁତ୍ୱ ବଢ଼ିଯାଇଛି। କୋଭିଡ୍ ସ୍ଥିତି ସତ୍ତ୍ୱେ ସାମ୍ବିଧାନିକ ଆବଶ୍ୟକତା ଏବଂ ପଶ୍ଚିମବଙ୍ଗ ସରକାରଙ୍କ ସ୍ୱତନ୍ତ୍ର ଅନୁରୋଧକୁ ବିଚାରକୁ ନେଇ ଏସି୧୫୯ ଭବାନୀପୁର ଆସନରେ କଠୋର ନିୟମାବଳୀ ମଧ୍ୟରେ ଉପନିର୍ବାଚନ କରାଇବା ପାଇଁ ନିଷ୍ପତ୍ତି ନିଆଯାଇଥିବା ନିର୍ବାଚନ କମିଶନ କହିଛନ୍ତି। ରାଜ୍ୟରେ କରୋନା ସ୍ଥିତି ନିୟନ୍ତ୍ରଣାଧୀନ ଥିବାରୁ ତୁରନ୍ତ ଉପନିର୍ବାଚନ କରାଇବା ପାଇଁ ମମତା ବାନାର୍ଜୀ ସରକାରଙ୍କ ପକ୍ଷରୁ ନିର୍ବାଚନ କମିଶନଙ୍କୁ ଅନୁରୋଧ କରାଯାଇଥିଲା। ଉପନିର୍ବାଚନ ବିଳମ୍ବ ହେଉଥିବାରୁ ଜୁନ୍ ମାସରେ ମମତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶରେ ନିର୍ବାଚନ କମିଶନ କାର୍ଯ୍ୟ କରୁଥିବା ସେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଉପନିର୍ବାଚନ ପାଇଁ ପଶ୍ଚିମବଙ୍ଗ ସରକାରଙ୍କ ଚାପକୁ ଭାଜପା ପକ୍ଷରୁ ସମାଲୋଚନା କରାଯାଇଥିଲା। ମମତା ଏତେ ତରବର ହେଉଛନ୍ତି କାହିଁକି ବୋଲି ଭାଜପା ରାଜ୍ୟ ସଭାପତି ଦିଲୀପ ଘୋଷ ପ୍ରଶ୍ନ କରିଥିଲେ।

### ଉପନିର୍ବାଚନ ପାଇଁ ତାରିଖ ଘୋଷଣା

ସୂଚନାଯୋଗ୍ୟ, ଗତ ନିର୍ବାଚନରେ ତୃଣମୂଳ କଂଗ୍ରେସ ୨୧୩ ଆସନରେ ବିଜୟୀ ହୋଇ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଥିଲେ ମଧ୍ୟ ଏହାର ଅଧ୍ୟକ୍ଷା ମମତା ନିର୍ବାଚନ ହାରିଯାଇଥିଲେ। ଭବାନୀପୁର ଆସନରୁ ବିଜୟୀ ହୋଇଥିବା ଟିଏମ୍‌ସି ବିଧାୟକ ଶୋଭନଦେବ ଚଟ୍ଟୋପାଧ୍ୟାୟ ଇସ୍ତଫା ଦେଇ ମମତାଙ୍କ ପାଇଁ ଆସନ ଛାଡ଼ିଦେଇଥିଲେ। ମମତା ଉକ୍ତ ଆସନରୁ ୨୦୧୧ରୁ ଦୁଇଥର ବିଜୟୀ ହୋଇଥିଲେ। ପ୍ରଶାସନିକ ଆବଶ୍ୟକତା ଏବଂ ଜନସ୍ୱାର୍ଥ ତଥା ରାଜ୍ୟରେ ମୁଖ୍ୟମନ୍ତ୍ରୀ ପଦ ଖାଲି ନ ପଡ଼ିବା ପାଇଁ ମମତା ଲଢ଼ିବାକୁ ଚାହୁଁଥିବା ଭବାନୀପୁର ଆସନରେ ଉପନିର୍ବାଚନ କରାଇବା ନିମନ୍ତେ ରାଜ୍ୟ ମୁଖ୍ୟ ଶାସନ ସଚିବ ନିର୍ବାଚନ କମିଶନଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ପଦରେ ରହିବାକୁ ହେଲେ ମମତାଙ୍କୁ ନଭେମ୍ବର ୫ ସୁଦ୍ଧା ବିଧାନସଭା ସଦସ୍ୟ ହେବାକୁ ପଡ଼ିବ।

## ତାଲିବାନ୍ ସରକାର ଗଠନ ସ୍ଥଗିତ

**କାବୁଲ, ୪।୯**

ଆଫଗାନିସ୍ତାନରେ ନୂଆ ସରକାର ଗଠନକୁ ତାଲିବାନ୍ ଆସନ୍ତା ସପ୍ତାହକୁ ସ୍ଥଗିତ ରଖିଛି। ତାଲିବାନ ମୁଖପାତ୍ର ଜାବିଉଲ୍ଲା ମୁଜାହିଦ୍ ଶନିବାର ଏହି ସୂଚନା ଦେଇଛନ୍ତି। ଅନ୍ତର୍ଜାତୀୟ ସମୁଦାୟରେ ଗ୍ରହଣୀୟ ହେବା ଭଳି ସହମତି ଭିତ୍ତିକ ସମାବେଶୀ ପ୍ରଶାସନ ଗଠନ କରିବା ଲାଗି ସଂଗଠନ ଉଦ୍ୟମ ଜାରି ରଖିଛି। ତାଲିବାନ୍‌ର ସହପ୍ରତିଷ୍ଠାତା ମୁଲ୍ଲା ଅବଦୁଲ ଗନି ବରାଦରଙ୍କ ନେତୃତ୍ୱରେ ଶନିବାର ନୂଆ ସରକାର ଘୋଷଣା ହେବା ଆଶା କରାଯାଉଥିଲା। ୨/୩ ଦିନ ପରେ ନୂଆ ସରକାର ଘୋଷଣା ହୋଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ପଞ୍ଜଶିର ଉପତ୍ୟକାରେ ରେଜିଷ୍ଟାଣ୍ଟ ଫୋର୍ସ୍ ଓ ତାଲିବାନ୍ ମଧ୍ୟରେ ଶନିବାର ପୁଣି ଲଢ଼େଇ ଚାଲିଥିବା ଖବର ମିଳିଛି। ସରକାର ଘୋଷଣା କରିବା ପୂର୍ବରୁ ତାଲିବାନ୍ ପଞ୍ଜଶିର ପ୍ରତିରୋଧକୁ ଧ୍ୱଂସ କରିବାକୁ ଚାହୁଁଛି। ଆସନ୍ତା ସପ୍ତାହରେ ନୂଆ ସରକାର ଓ ମନ୍ତ୍ରିମଣ୍ଡଳ ଘୋଷଣା ହେବ ବୋଲି ମୁଜାହିଦ କହିଛନ୍ତି। ତାଲିବାନ ନିଜସ୍ୱ ସରକାର ଗଠନ କରିପାରିବ। ତେବେ ପ୍ରଶାସନରେ ସେମାନେ ସବୁ ଦଳ, ସଂଗଠନ ଓ ସମାଜର ସବୁ ବର୍ଗଙ୍କର ଉପଯୁକ୍ତ ପ୍ରତିନିଧିତ୍ୱ ଚାହୁଁଛନ୍ତି। କେବଳ ତାଲିବାନ ବିଶ୍ୱ ନିକଟରେ ଗ୍ରହଣୀୟ ହେବନାହିଁ ବୋଲି ବିଭିନ୍ନ ସଂଗଠନ ସହ ଆଲୋଚନା ଚଳାଇଥିବା କମିଟିର ସଦସ୍ୟ ଖଲିଲ ହକାନି କହିଛନ୍ତି।

## ଟିଏମ୍‌ସିରେ ଯୋଗଦେଲେ ଭାଜପା ବିଧାୟକ

**କୋଲକାତା, ୪।୯**



ସୌମେନ ରାୟ

ପଶ୍ଚିମବଙ୍ଗର ୩ ଆସନରେ ଉପନିର୍ବାଚନ ପୂର୍ବରୁ କାଳିଆଗଞ୍ଜର ଭାଜପା ବିଧାୟକ ସୌମେନ ରାୟ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ଯୋଗଦେଇଛନ୍ତି। ପରିସ୍ଥିତିକୁ ନେଇ ତାଙ୍କୁ ଭାଜପା ଟିକେଟରେ ନିର୍ବାଚନ ଲଢ଼ିବାକୁପଡ଼ିଥିଲା। ହେଲେ ତାଙ୍କ ଆତ୍ମା ଓ ହୃଦୟ ଟିଏମ୍‌ସିରେ ରହିଛି ବୋଲି ସୌମେନ କହିଛନ୍ତି। ଚଳିତ ସପ୍ତାହରେ ଭାଜପା ବିଧାୟକ ବିଶ୍ୱଜିତ ଦାସ, ଭାଜପା କାଉନସିଲର ମନତୋଷ ନାଥ ଟିଏମ୍‌ସିରେ ଯୋଗଦେଇଥିଲେ। ଜୁନ୍‌ରେ ମୁକୁଲ ରାୟ ଭାଜପା ଛାଡ଼ି ଟିଏମ୍‌ସିକୁ ଫେରିଥିଲେ।

## ଆଇଏସ୍ ଆତଙ୍କବାଦୀଙ୍କ ବିରୋଧରେ ଏନ୍‌ଆଇଏ ଚାର୍ଜଶିଟ୍

**ବେଙ୍ଗାଲୁରୁ, ୪।୯(ଆଇଏଏନ୍‌ଏସ୍)**

ଅଲ୍-ହିନ୍ଦ୍ ମଡ୍ୟୁଲ୍ ମାମଲାର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଜଣେ ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀଙ୍କ ବିରୋଧରେ ସ୍ୱତନ୍ତ୍ର କୋର୍ଟରେ ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରିଛି। ଅଭିଯୁକ୍ତ ଶିହାବୁଦ୍ଦିନଙ୍କ ବିରୋଧରେ ଆଇପିସିର ଧାରା ୧୨୦ବି, ଅସ୍ତ୍ରଶସ୍ତ୍ର ଆଇନର ଧାରା ୨୫(୧)(ଏ) ଏବଂ ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନର ଧାରା ୧୮, ୨୦, ୩୮ ଓ ୩୯ରେ ଶୁକ୍ରବାର ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଛି। ପୂର୍ବରୁ ବେଙ୍ଗାଲୁରୁର ଏକ ଥାନାରେ ମେହବୁବ୍ ପାଶା ଓ ଅନ୍ୟ ୧୬ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ପାଶା ହିନ୍ଦୁ ନେତାମାନଙ୍କ ହତ୍ୟାକାଣ୍ଡ ସହ ଜଡ଼ିତ ଖାଜା ମୋଇଦିନ୍‌ଙ୍କ ସହ ମିଶି ଆତଙ୍କବାଦୀ ସଂଗଠନ ଗଢ଼ିଥିଲେ। ସେମାନେ ଦକ୍ଷିଣ ଭାରତରୁ ମୁସଲମାନ ଯୁବକମାନଙ୍କୁ ଉକ୍ତ ସଂଗଠନରେ ନିଯୁକ୍ତ କରାଉଥିଲେ। ସେମାନେ ଆଇଏସ୍ ଆତଙ୍କବାଦୀ ସଂଗଠନର ନୀତି ଆଦର୍ଶର ପ୍ରଚାର କରୁଥିଲେ। ପୋଲିସ ଅଫିସର ଓ ହିନ୍ଦୁ ନେତାମାନଙ୍କୁ ହତ୍ୟା କରିବା ପାଇଁ ସେମାନେ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସଂଗ୍ରହ କରୁଥିଲେ। ୨୦୨୦ ଜାନୁୟାରୀ ୨୩ରେ ଏନ୍‌ଆଇଏ ସାନି ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଶିହାବୁଦ୍ଦିନ ଏକ ବଡ଼ ଷଡ଼ଯନ୍ତ୍ର ସହ ସମ୍ପୃକ୍ତ ଥିଲେ। ମୋଇଦିନଙ୍କ ନିର୍ଦ୍ଦେଶକ୍ରମେ ସେ ଅସ୍ତ୍ରଶସ୍ତ୍ର ସଂଗ୍ରହ କରି ଏହାକୁ ମୁମ୍ବାଇର କେତେଜଣ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରୁଥିଲେ। ତାମିଲନାଡୁ ପୋଲିସ ଏସ୍‌ଏସ୍‌ଆଇ ୱିଲସନ ହତ୍ୟାକାଣ୍ଡରେ ଉକ୍ତ ଅସ୍ତ୍ର ବ୍ୟବହୃତ ହୋଇଥିବା ତଦନ୍ତରୁ ଜଣାପଡ଼ିଥିଲା।

## ଭାରତ ଉପରୁ ଭ୍ରମଣ କଟକଣା ଉଠାଇଲା ଫିଲିପାଇନ୍ସ

**ମାନିଲା, ୪।୯**

କୋଭିଡ୍-୧୯ ଯୋଗୁ ଫିଲିପାଇନ୍ସ ବିଭିନ୍ନ ଦେଶର ଲୋକଙ୍କ ଆଗମନ ଉପରେ ଲଗାଇଥିବା କଟକଣାରୁ ଭାରତ ଓ ଅନ୍ୟ ୯ଟି ଦେଶକୁ ବାଦ୍ ଦେଇଛି। ସୋମବାରଠାରୁ ସେଠାକୁ ଭାରତୀୟମାନେ ଯାଇପାରିବେ ବୋଲି ଫିଲିପାଇନ୍ସ ରାଷ୍ଟ୍ରପତି ଭବନ ପକ୍ଷରୁ ଘୋଷଣା କରାଯାଇଛି। ଭାରତ ଉପରୁ ଭ୍ରମଣ କଟକଣା ଉଠାଇବା ପାଇଁ ଆନ୍ତଃ ଏଜେନ୍ସି ଟାସ୍କଫୋର୍ସଙ୍କ ସୁପାରିସକୁ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେ ଅନୁମୋଦନ କରିଛନ୍ତି। ଅନ୍ୟ ଯେଉଁ ଦେଶଗୁଡ଼ିକରୁ କଟକଣା ଉଠିଛି ସେମାନେ ହେଲେ ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା, ନେପାଳ, ୟୁନାଇଟେଡ୍ ଆରବ ଏମିରେଟ୍ସ, ଓମାନ, ଥାଇଲାଣ୍ଡ, ମାଲେସିଆ ଏବଂ ଇଣ୍ଡୋନେସିଆ।





ଉପନିର୍ବାଚନ ପାଇଁ ଭବାନୀପୁର ନିର୍ବାଚନ ମଣ୍ଡଳୀରେ ଲଗାଯାଇଥିବା ମମତା ବାନାର୍ଜୀଙ୍କ ପୋଷ୍ଟର ନିକଟରେ ଜଣେ ରିକ୍ସାଚାଳକ।

## ଅଟୋ ଚଳାଇ ପରିବାର ପୋଷୁଛନ୍ତି ୮ ବର୍ଷର ବାଳକ

**ବିଜୟୱାଡ଼ା, ୪।୯**



ଆନ୍ଧ୍ରପ୍ରଦେଶ ଚିତ୍ତୋର ଜିଲାରେ ଜଣେ ୮ ବର୍ଷର ବାଳକ ରାଜଗୋପାଳ ରେଡ୍ଡୀ ନିଜ କଅଁଳ କାନ୍ଧରେ ପରିବାରର ବୋଝ ଉଠାଉଛନ୍ତି। ସେ ଏକ ବିଦ୍ୟୁତ୍‌ଚାଳିତ ଅଟୋ ଚଳାଇ ତାଙ୍କ ଅନ୍ଧ ମାତାପିତା ଓ ଦୁଇ ଭାଇଙ୍କୁ ଖାଦ୍ୟ ଯୋଗାଉଛନ୍ତି। ଏଥିସହିତ ସେ ଚାଉଳ ଡାଲି ବିକ୍ରି କରୁଛନ୍ତି। ଚିତ୍ତୋର ଜିଲା ଚନ୍ଦ୍ରଗିରି ମଣ୍ଡଳ ଅନ୍ତର୍ଗତ ଗଙ୍ଗୁଡୁପାଲେ ଗ୍ରାମର ରାଜଗୋପାଳ ଅଟୋ ଚଳାଉଥିବାର ଭିଡିଓ ଭାଇରାଲ ହେବା ପରେ ଏହି ଖବର ଲୋକଲୋଚନକୁ ଆସିଛି। ତାଙ୍କ ଉପରେ ପୂରା ପରିବାରର ଦାୟିତ୍ୱ ଥିବା ସମ୍ପର୍କରେ ସେ କହୁଥିବା ଭିଡିଓରେ ଦେଖିବାକୁ ମିଳିଛି। ସେ ବିଦ୍ୟୁତ ଚାଳିତ ଅଟୋରେ ଚାଉଳ, ଡାଲି ବଜାରକୁ ନେଇଥାନ୍ତି। ମାଆବାପା ଅନ୍ଧ ହୋଇଥିବାରୁ ସେ ଅଟୋ ଚଳାଉଥିବା କହିଛନ୍ତି। ଏତେ ଛୋଟ ପିଲା ଗାଡ଼ି ଚଳାଇବା ମୋଟରଯାନ ଆଇନର ଉଲ୍ଲଂଘନ ହୋଇଥିବାବେଳେ, ଅଟୋ କାହାକୁ ଧକ୍କା ଦେଲେ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ଉଠିଛି।

## ବିଚାରପତି ନିଯୁକ୍ତି ଲାଗି ୬୮ ନାମ ସୁପାରିସ

**ନୂଆଦିଲ୍ଲୀ, ୪।୯(ପି.ଟି.)**

ଏକ ଅଭୂତପୂର୍ବ ଘଟଣାକ୍ରମେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ସୁପ୍ରିମକୋର୍ଟ କଲେଜିୟମ ୧୨ ହାଇକୋର୍ଟରେ ବିଚାରପତି ନିଯୁକ୍ତି ପାଇଁ ଏକକାଳୀନ ୬୮ ଜଣଙ୍କ ନାମ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ସେଥିରେ ୧୦ ଜଣ ମହିଳା ପ୍ରାର୍ଥୀ ରହିଛନ୍ତି। ଆଲ୍ଲାହାବାଦ, ରାଜସ୍ଥାନ ଏବଂ କାଲକାଟା ସମେତ ଦେଶର ୧୨ ହାଇକୋର୍ଟରେ ବିଚାରପତି ଆସନ ଖାଲି ପଡ଼ିଛି। ତିନିଜଣିଆ କଲେଜିୟମରେ ଜଷ୍ଟିସ ୟୁ.ୟୁ. ଲଳିତ ଏବଂ ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲ୍‌କର ସଦସ୍ୟ ଅଛନ୍ତି। ଗୌହାଟୀ ହାଇକୋର୍ଟ ବିଚାରପତି ପଦ ପାଇଁ ମିଜୋରାମରୁ ପ୍ରଥମ ମହିଳା ଜୁଡିସିଆଲ ଅଫିସର ଭାବେ ମାର୍ଲି ଭାନ୍‌କୁଙ୍ଗଙ୍କ ନାମ ସୁପାରିସ କରାଯାଇଛି। ଭାନ୍‌କୁଙ୍ଗ ଅନୁସୂଚିତ ଜନଜାତି ପ୍ରାର୍ଥୀ। ଅଗଷ୍ଟ ୨୫ ଏବଂ ସେପ୍ଟେମ୍ବର ୧ରେ କଲେଜିୟମ ବୈଠକ ବସି ୧୧୨ ପ୍ରାର୍ଥୀଙ୍କ ମଧ୍ୟରୁ ୬୮ ଜଣଙ୍କୁ ବଛାଯାଇଥିଲା। ସେଥିରୁ ବାର୍‌ରୁ ୪୪ ଜଣ ଥିବାବେଳେ ଅନ୍ୟ ୨୪ ଜଣ ନ୍ୟାୟପାଳିକା ସେବାରୁ ଚୟନ ହୋଇଛନ୍ତି। କେନ୍ଦ୍ର ଅନୁମୋଦନ କଲେ ଏହି ବିଚାରପତିମାନେ ଆଲ୍ଲାହାବାଦ, ରାଜସ୍ଥାନ, କାଲକାଟା, ଝାଡ଼ଖଣ୍ଡ, ଜମ୍ମୁ-କଶ୍ମୀର, ମାଡ୍ରାସ, ମଧ୍ୟପ୍ରଦେଶ, କର୍ନାଟକ, ପଞ୍ଜାବ ଓ ହରିୟାଣା, କେରଳ, ଛତିଶଗଡ଼ ଏବଂ ଆସାମ ହାଇକୋର୍ଟରେ ନିଯୁକ୍ତ ହେବେ।

## ଆଇନ ଧନୀଙ୍କ ପେସା ହୋଇ ରହିନାହିଁ

**ନୂଆଦିଲ୍ଲୀ, ୪।୯**



ଜଷ୍ଟିସ୍ ଏନ୍.ଭି. ରମନା

ଆଇନକୁ ଧନୀଲୋକଙ୍କ ପେସା ଭାବେ ଦେଖାଯାଇଆସୁଥିଲା। କିନ୍ତୁ ଧୀରେ ଧୀରେ ସ୍ଥିତି ବଦଳୁଛି। ସମସ୍ତଙ୍କ ପାଇଁ ସୁଯୋଗ ଖୋଲା ରହିଛି। ଏହା ସତ୍ତ୍ୱେ ଆଇନ ଏବେ ବି ମୁଖ୍ୟତଃ ସହରାଞ୍ଚଳ ବୃତ୍ତି ହୋଇ ରହିଛି ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା କହିଛନ୍ତି। ନ୍ୟାୟପାଳିକା ଏବଂ ଆଇନ ବ୍ୟବସାୟରେ ମହିଳାମାନଙ୍କ ସଂଖ୍ୟା ଯଥେଷ୍ଟ କମ୍। ବହୁ କଷ୍ଟରେ ସୁପ୍ରିମକୋର୍ଟରେ ମହିଳାଙ୍କ ପ୍ରତିନିଧିତ୍ୱ ୧୧ ପ୍ରତିଶତକୁ ବଢ଼ାଯାଇପାରିଛି ବୋଲି ବାର୍ କାଉନସିଲ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସିଜେଆଇ କହିଛନ୍ତି। ଶନିବାର ୩ ମହିଳାଙ୍କ ସମେତ ନବନିଯୁକ୍ତ ୯ ସୁପ୍ରିମକୋର୍ଟ ବିଚାରପତିଙ୍କ ଶପଥ ଗ୍ରହଣ ଅବସରରେ ସିଜେଆଇ ଉପରୋକ୍ତ ମତ ରଖିଥିଲେ। ବିଚାରପତିମାନଙ୍କ ନିଯୁକ୍ତି ପାଇଁ କଲେଜିୟମର ସୁପାରିସକୁ କେନ୍ଦ୍ର ସରକାର ୬ ଦିନ ମଧ୍ୟରେ ମଞ୍ଜୁର କରିଥିବାରୁ ସେ ଧନ୍ୟବାଦ ଜଣାଇଥିଲେ।

## ସଂକ୍ଷେପରେ

### ୨୧ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୩ ଗିରଫ

ବାଲେଶ୍ୱର ଅଫିସ, ୪।୯-ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ଆନନ୍ଦବଜାର ଛକରେ ଶନିବାର ବ୍ରାଉନ୍‌ସୁଗାର ବିକ୍ରି ହେଉଥିବା ଖବର ପାଇ ଚଢ଼ାଉ କରାଯାଇଥିଲା। ଅରଡ଼ବଜାର ମସଜିଦ୍ ଲେନ୍ ଅଞ୍ଚଳର ଆସୁ ବିବି (୨୭) ପୋଲିସକୁ ଦେଖି ଦୌଡ଼ି ପଳାଉଥିବା ବେଳେ ମହିଳା ପୋଲିସ ତାଙ୍କୁ କାବୁ କରିଥିଲା। ତାଙ୍କ ନିକଟରୁ ଜରି ପ୍ୟାକେଟ୍‌ରେ ଥିବା ୨୧ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗାର ସହ ଗୋଟିଏ ମୋବାଇଲ ଜବତ ହୋଇଛି। ଏହି ସମୟରେ ତାଙ୍କ ଦୁଇଜଣ ସହଯୋଗୀ ରିଣ୍ଟୁ ତରେଇ ଓ କୋକିଲ ଖାନଙ୍କୁ ପୋଲିସ ଗିରଫ କରିଛି। ଏନେଇ ସହଦେବଖୁଣ୍ଟା ମଡ଼େଲ ଥାନାରେ ମାମଲା (ନଂ. ୨୪୭/୨୧) ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ସହଦେବଖୁଣ୍ଟା ସବ୍‌ଇନ୍ସପେକ୍ଟର ବିରଞ୍ଚି ସାହୁ ସୂଚନା ଦେଇଛନ୍ତି।

### ନବୀକରଣ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ

ବାରିପଦା ଅଫିସ,୪।୯-ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ବଡ଼ସାହି ବ୍ଲକ ଗସ୍ତ କରି ୫ଟି ବ୍ୟବସ୍ଥାରେ ଚାଲିଥିବା ବିଭିନ୍ନ ହାଇସ୍କୁଲର ନବୀକରଣ ଏବଂ ଉନ୍ନତିକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଗସ୍ତ ସମୟରେ ଜିଲାପାଳ ସାନକେରକୋ, ବଡ଼ସାହି ଓ ବୀରେଶ୍ୱରପୁର ହାଇସ୍କୁଲ, ବଡ଼କେରକୋ ମିଶନ ଶକ୍ତି ଗୃହ, ଟଙ୍କାଶୋଳ ଅଙ୍ଗନୱାଡି ଗୃହ ପରିଦର୍ଶନ କରି ବ୍ଲକ କାର୍ଯ୍ୟାଳୟ ଆସିଥିଲେ। ପରେ ବ୍ଲକ ସଭାଗୃହରେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଉଥିବା ସୁଷମ ଛତୁଆର ମାନ ନିରୀକ୍ଷଣ ସହ ତର୍ଜମା କରିଥିଲେ।

### ସିଏସ୍‌ସି ପ୍ରଶିକ୍ଷଣ

ବାରିପଦା ଅଫିସ,୪।୯-ଭାରତୀୟ ଡାକ ବିଭାଗ ମୟୂରଭଞ୍ଜ ଡାକ ମଣ୍ଡଳ ପକ୍ଷରୁ ସ୍ଥାନୀୟ ଡାକ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଠାରେ କମନ ସର୍ଭିସ ସେଣ୍ଟର (ସିଏସ୍‌ସି) ବାବଦରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସିଏସ୍‌ସି ପରିଚାଳକ ଶିବ ଶଙ୍କର ଦାସ ଶିବିରକୁ ପରିଚାଳନା କରିଥିଲେ। ମୟୂରଭଞ୍ଜ ଡାକ ମଣ୍ଡଳର ପାଖାପାଖି ୭୦ଜଣ ଶାଖା ଡାକପାଳ ଏଥିରେ ଯୋଗ ଦେଇ ସମ୍ପୂର୍ଣ୍ଣ ପ୍ରଶିକ୍ଷଣ ନେଇଥିଲେ।

# ବେରୋଜଗାରୀଙ୍କୁ ଦେଖାଇଛି ବାଟ

**ଖଇରା, ୪।୯(ଡି.ଏନ.ଏ.)**

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନରେ ଚଳିତବର୍ଷ ୬୦ଜଣ ମୋ ପୋଖରୀ ଯୋଜନାରେ ଉପକୃତ ହୋଇପାରିଛନ୍ତି। କରୋନା ମହାମାରୀ ସମୟରେ ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଖରୀ ଖୋଳିଥିବା ବ୍ୟକ୍ତିମାନେ କେବଳ ସ୍ୱାବଲମ୍ବୀ ହୋଇନାହାନ୍ତି ବରଂ ଏହାକୁ ନେଇ ଆଗକୁ ବଢ଼ିବାର ଲକ୍ଷ୍ୟ ରଖିଥିବା ନେଇ ଉକ୍ତ ହିତାଧିକାରୀମାନେ ପ୍ରକାଶ କରିଛନ୍ତି ।

ଚଳିତବର୍ଷ କୋଭିଡ ମହାମାରୀ ସମୟରେ ବାହାରେ କାର୍ଯ୍ୟ କରୁଥିବା ଅଧିକାଂଶ ଯୁବତୀଯୁବକ ଘରକୁ ଫେରି ଆସିଥିଲେ । ଏହି ସମୟରେ ସେମାନେ ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ପୋଖରୀ ଖୋଳା ସମ୍ପର୍କରେ ଖବରପାଇ ଏଥିପାଇଁ ଆଗ୍ରହ ପ୍ରକାଶ କରିଥିଲେ। ମୋଟ ୩୮୦ଜଣ ଆବେଦନ କରିଥିଲେ। ପ୍ରଥମେ ପର୍ଯ୍ୟାୟରେ ୬୦ଜଣ ସମ୍ପୂର୍ଣ୍ଣ କରିଛନ୍ତି। ୟାସ୍ ବାତ୍ୟା ଏବଂ ଅନ୍ୟାନ୍ୟ ଅସୁବିଧା ପାଇଁ କିଛି ହିତାଧିକାରୀଙ୍କର ପୋଖରୀ ଅସମ୍ପୂର୍ଣ୍ଣ ରହିଛି। ପୋଖରୀ ଖୋଳା ପରେ ପରେ ମତ୍ସ୍ୟଚାଷ, ପରିବା ଚାଷ ପାଇଁ ସମ୍ପୃକ୍ତ ବିଭାଗଗୁଡିକ ତରଫରୁ ସହାୟତା ମିଳିବା ପରେ ଏବେ ଚାକିରି ଛାଡି ଚିନ୍ତାରେ ରହିଥିବା ବହୁ ଶ୍ରମିକ ଅନେକ କିଛି ଆଶା ନେଇ ପୁଣିଥରେ ଏହି କାମଧନ୍ଦାରେ ମନନିବେଶ କରିଛନ୍ତି। ତେଲଦିଆ ଗ୍ରାମର ସୌମ୍ୟରଞ୍ଜନ ରାଉତଙ୍କ କହିବା ମୁତାବକ ବିଟେକ ପରେ ସେ ଭୁବନେଶ୍ୱରରେ ରହି ଇଞ୍ଜିନିୟର ଭାବେ ଏକ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ଅନେକ କଷ୍ଟ କରିବାକୁ ପଡୁଥିଲା । ଏବେ ସେ ପୋଖରୀ ଖୋଳି ମାଛ ଛାଡିବା ସହ ପୋଖରୀ ହୁଡାରେ ପରିବାପତ୍ର ସହ ପରୀକ୍ଷାମୂଳକ ଭାବେ ଅଙ୍ଗୁର ଓ ଗୁଲ୍ମରିଚ ଗଛ ଲଗାଇଛନ୍ତି । ଉଭୟ ଖରିଫ ଓ ରବି ଫସଲ ମାଧ୍ୟମରେ ସେ ବାର୍ଷିକ ସାଢେ ୩ରୁ ୪ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଳିବ ବୋଲି ଆଶା ରଖିଛନ୍ତି ।



ତେଲଦିଆ ଗ୍ରାମର ସୌମ୍ୟ ରଞ୍ଜନ ରାଉତ ନିଜର ପୋଖରୀ ଦେଖାଉଛନ୍ତି ।

ଯାହା ମାଧ୍ୟମରେ ପରିବାର ଚଳାଇବାରେ ବିଶେଷ କିଛି ଅସୁବିଧା ହେବ ନାହିଁ ବୋଲି ସେ କହିଛନ୍ତି । ସେହିଭଳି ସାରଡାଙ୍ଗ ପଞ୍ଚାୟତ ଅଳିପୁର ଗ୍ରାମର ଅନାଦି ପରିଡାଙ୍କର ୟାସ୍ ବାତ୍ୟାରେ ଲକ୍ଷାଧିକ ଟଙ୍କାର ପରିବା ନଷ୍ଟ ହୋଇଯାଇଥିବା ବେଳେ ମୋ ପୋଖରୀକୁ ନେଇ ପୁଣି ଥରେ ଅଣ୍ଟା ସଳଖି ଚାଲିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। ସେହିଭଳି ପତିରାଜପୁର ଗ୍ରାମର ଗୌତମ ପ୍ରଧାନ ଓ ହରେକୃଷ୍ଣ ସାମଲ, ଗେଙ୍ଗୁଟିଆର ରେବତୀ ବେହେରା ମଧ୍ୟ ପୋଖରୀ ଖୋଳିବା ପରେ ମାଛ ଓ ପରିବା ଚାଷ କାମରେ ଲାଗି ପଡିବା ସୁଫଳ ମିଳିବା ନେଇ ଆଶାବାଦୀ ବୋଲି କହିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ଆଗ୍ରହୀ ଥିବା ସମସ୍ତ ଆଗ୍ରହୀ ଯୁବତୀଯୁବକମାନେ ଆବେଦନ କଲେ ଏହି ଯୋଜନାରେ ପୋଖରୀ ଖୋଳିବା ପାଇଁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ମୃତ୍ତିକା ସଂରକ୍ଷଣ ବିଭାଗର କ୍ଷେତ୍ର ଅଧିକାରୀ ଅଶୋକ କୁମାର ରାଉତ କହିଛନ୍ତି।

# ଫାଣ୍ଡି ପରିସରରୁ ମଦ ସହ ମାଫିଆଙ୍କୁ ଛଡ଼ାଇନେଲେ

**ଜଳେଶ୍ୱର, ୪।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ କୁଶଗଡ ଫାଣ୍ଡି ପରିସରରୁ ଅଟୋ ସହ ରାଜେଶ ଜେନା ନାମକ ମଦ ମାଫିଆଙ୍କୁ ଜବରଦସ୍ତ ଉଠାଇନିଆଯିବା ଘଟଣା ପୋଲିସର ପାରିବାପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏହି ଖବର ଜଣାପଡିବା ପରେ ଶୁକ୍ରବାର ବିଳମ୍ବିତ ରାତିରେ ଜଳେଶ୍ୱର ଏସ୍‌ଡିପିଓ ଅଙ୍କିତା କୁମ୍ଭାର ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏସ୍‌ଡିପିଓ କୁମ୍ଭାର କୁଶଗଡ ଫାଣ୍ଡି ଅଧିକାରୀ ସନ୍ତୋଷ କର, ରାଇବଣିଆ ଥାନା ଅଧିକାରୀ ଗୋପାଳ ସିଂଙ୍କ ସହାୟତାରେ ରାଜେଶଙ୍କ ଘରେ ଚଢାଉ କରିଥିଲେ। ଅଭିଯୁକ୍ତଙ୍କୁ ନ ପାଇ ତାଙ୍କ ବାପା ରତିକାନ୍ତ ଜେନା, ସହଯୋଗୀ ସାଗର ବିନ୍ଧାଣୀ ଓ ଗୁରୁଚରଣ ମହାନ୍ତଙ୍କୁ ଗିରଫ କରାଯାଇଥିଲା। ଏନେଇ ରାଇବଣିଆ ଥାନାରେ ଏକ ମାମଲା(ନଂ.୬୦/୨୧) ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ପଶ୍ଚିମବଙ୍ଗ ଉପାନ୍ତ ଅଞ୍ଚଳରୁ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳକୁ ୫୦୦୦ ଲିଟରରୁ ଅଧିକ ଚୋରାମଦ ପ୍ରବେଶ କରୁଥିବା ଖବରପାଇ ଅବକାରୀ ବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ରାଇବଣିଆ ଥାନାର ଖୁଆଡ ପଞ୍ଚାୟତ ଅଧୀନ ନୂଆଗାଁଠାରେ ସାଧା ପୋଷାକରେ ପୋଲିସ ଲୁଚି ରହିଥିଲେ। କେନ୍ଦ୍ରୀୟ ଅବକାରୀ ଏଏସ୍‌ଆଇ ବ୍ରଜକିଶୋର ବିନ୍ଧାଣି ଓ କନଷ୍ଟେବଳ ଅଜୟ ବେହେରା ପଶ୍ଚିମମେଦିନୀପୁର ଜିଲା ଅଞ୍ଚଳରୁ ଏକ ନମ୍ବର ବିହୀନ ଅଟୋ ଆସୁଥିବା ଜାଣି ସନ୍ଦେହରେ ଅଟକାଇଥିଲେ। କିନ୍ତୁ ଡ୍ରାଇଭର କୌଶଳକ୍ରମେ ଫେରାର ହୋଇଯାଇଥିବା ବେଳେ ମଦମାଫିଆ ରାଇବଣିଆ ଥାନା ବରଡିହା ଅଧୀନ ଶାଳବଣୀ ଗାଁର ରାଜେଶ ଜେନା ଧରାପଡିଥିଲେ। ଏ ସମ୍ପର୍କରେ ଅବକାରୀ ବିଭାଗ କୁଶଗଡ ଫାଣ୍ଡିକୁ ଜଣାଇବାରୁ ପୋଲିସ୍ ସହାୟତାରେ ମଦ ମାଫିଆ, ଟେମ୍ପୋକୁ କୁଶଗଡ ଫାଣ୍ଡିକୁ ନିଆଯାଇଥିଲା । ମଦମାଫିଆ ରାଜେଶଙ୍କ ଭାଇ ଉମେଶ ଜେନା କିଛି ସହଯୋଗୀଙ୍କ ସହାୟତାରେ ଆସି ଫାଣ୍ଡି ହତାରୁ ଅଟୋ ସହ ରାଜେଶଙ୍କୁ ଜବରଦସ୍ତ ଧରି ପଳାଇ ଯାଇଥିଲେ।

# ଛାତ୍ର କଂଗ୍ରେସର ଦସ୍ତଖତ ଅଭିଯାନ

**ବାଲେଶ୍ୱର ଅଫିସ, ୪।୯**

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନରେ ହୋଇଥିବା କୋଟି କୋଟି ଟଙ୍କାର ଦୁର୍ନୀତି ବିରୋଧରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ଆହ୍ୱାନକ୍ରମେ ସାରା ପ୍ରଦେଶରେ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା ଛାତ୍ର କଂଗ୍ରେସ ଶନିବାର ଫକୀରମୋହନ ମହାବିଦ୍ୟାଳୟ ଓ ନୀଳଗିରି ମହାବିଦ୍ୟାଳୟ ସମ୍ମୁଖରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନରେ ୩ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇ ସ୍ୱାକ୍ଷର କରିଥିଲେ।

ସରକାର ଯଥାଶୀଘ୍ର ଏହା ଉପରେ ଏକ ଏସ୍‌ଆଇଟି ଗଠନ କରି ଏହାର ନିରପେକ୍ଷ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ଆଗକୁ ଏହି ଦସ୍ତଖତ ଅଭିଯାନ ଜିଲାର ସମସ୍ତ କଲେଜ ସମ୍ମୁଖରେ ଅନୁଷ୍ଠିତ ହେବ ବୋଲି ଛାତ୍ର କଂଗ୍ରେସର ଜିଲା ସଭାପତି ଗୌତମ ସାହୁ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ। କାର୍ଯ୍ୟକ୍ରମରେ ସୌରଭ ବେହେରା, ଜୀବନ ମହାପାତ୍ର, ନବପ୍ରସାଦ ଭୂୟାଁ, ବିଶ୍ୱଜିତ ମହାଳିକ, ମୁକ୍ତିରଞ୍ଜନ ଷଡ଼ଙ୍ଗୀ, ଭବାନୀ ଶଙ୍କର ବେହେରା, ନୀଳଗିରି ବ୍ଲକ କଂଗ୍ରେସ ସଭାପତି ମନୋରଞ୍ଜନ ପଣ୍ଡା, ଜୟଦେବ ବେହେରା, ନୀଳମାଧବ ଦାସ, ଶାନ୍ତନୁ ମହାଳିକ, ନିଗମ ମହାପାତ୍ର ଓ ଅଭିଜିତ୍ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।




ଛାତ୍ର କଂଗ୍ରେସ ପକ୍ଷରୁ କରାଯାଉଥିବା ଦସ୍ତଖତ ଅଭିଯାନ।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ଖୁଣ୍ଟା, ୪।୯(ଡି.ଏନ.ଏ.)**

ବାରିପଦା ରାଜ୍ୟ ରାଜପଥର ପୁରୁଣାପାଣି ଛକ ଠାରେ ଜଣେ ମୃତ ଶ୍ରମିକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଶନିବାର କନ୍ଦଲିଆ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା। ଗ୍ରାମର ସୁକୁଲ ମୁର୍ମୁ ନାମକ ଜଣେ ଶ୍ରମିକ ବାହାର ରାଜ୍ୟରେ କାମ କରୁଥିଲେ। କରୋନା କଟକଣା କୋହଳ ହେବାପରେ ସେ କମ୍ପାନୀରେ ଯୋଗ ଦେଇଥିଲେ। ଗତ ଅଗଷ୍ଟ ୨୮ରେ ଅସୁସ୍ଥତା ଯୋଗୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ସମୟରେ କମ୍ପାନୀ ପକ୍ଷରୁ ୧୦ହଜାର ଟଙ୍କା ସହିତ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହଟିକୁ ଗ୍ରାମକୁ ପଠାଇ ଦିଆଯାଇଥିଲା। ଗାଁ ଲୋକେ ଆମ୍ବୁଲାନ୍ସକୁ ଅଟକ ରଖିବା ସହିତ କମ୍ପାନୀ ନିକଟରୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ତାଙ୍କ ମୃତ୍ୟୁର କାରଣ ଦାବିକରି ରାସ୍ତା ରୋକୋ କରିଥିଲେ। ପରେ ଖୁଣ୍ଟା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହିତ ସମ୍ପୃକ୍ତ ଶ୍ରମିକ କାର୍ଯ୍ୟ କରୁଥିବା କମ୍ପାନୀ ସହିତ ଯୋଗାଯୋଗ କରିଥିଲେ ଏବଂ କମ୍ପାନୀର ପ୍ରତିଶ୍ରୁତି କ୍ରମେ ଗାଁ ଲୋକେ ପ୍ରାୟ ଏକ ଘଣ୍ଟା ପରେ ରାସ୍ତାରୁ ହଟିଥିଲେ ।

# ପୃଥକ୍ ଦୁର୍ଘଟଣାରେ ୪ ଗୁରୁତର

**ସାରସକଣା,୪।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଞ୍ଚଳରେ ଶନିବାର ପୃଥକ୍ ଦୁର୍ଘଟଣାରେ ୪ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସନ୍ଧ୍ୟାରେ ଝାରପୋଖରିଆ ସ୍ଥିତ ପୁରୁଣା ଷ୍ଟେଟବ୍ୟାଙ୍କ ନିକଟରେ ଏକ ବାଇକ୍ ପଛପଟୁ ସାଇକେଲ ଆରୋହୀଙ୍କୁ ଧକ୍କା ଦେବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଛି। ସେହିପରି ୪୯ନଂ. ଜାତୀୟ ରାଜପଥ ଜାଲଦା ନିକଟରେ ରାସ୍ତା ନିର୍ମାଣକାରୀ କମ୍ପାନୀର ୩ କର୍ମଚାରୀ ବାଇକ୍‌ରେ ଜାମଶୋଳା ଦିଗରେ ଯାଉଥିବା ବେଳେ ପଛରୁ ଧକ୍କା ଦେବାରୁ ଜଣେ ପଥଚାରୀ ସମେତ ୩ଜଣ ଗୁରୁତର ହୋଇଛନ୍ତି।

# ଆଶ୍ରମ ଅନ୍ତେବାସୀଙ୍କୁ ବଣ୍ଟାଗଲା ଶୁଖିଲା ଖାଦ୍ୟ

**ପଦ୍ମପୁର, ୪।୯(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୁଡ଼ ଶିବମୁନି ସେବା ସଙ୍ଗଠନର ନିରାଶ୍ରୟାଶ୍ରମରେ ରହୁଥିବା ୧୬ ଅନ୍ତେବାସୀଙ୍କୁ ଭାଜପା ନଗର ଯୁବମୋର୍ଚ୍ଚା ସଭାପତି ତାଜୁ ଖାନ୍‌ଙ୍କ ନେତୃତ୍ୱରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଗୌତମ ବିଶ୍ୱାଳ, ମନୋଜ ପାଢ଼ୀ, ସେକ୍ ରାଜୁ, ପୀତାମ୍ବର ପାତ୍ର, ରୂପକ ଦାସ, ଉତ୍ତମ ମହାଳିକ, ସେକ୍ ଅସରଫ, ବାପୁ ସାହୁ, ସଙ୍ଗମ ପାଢ଼ୀ, ସୁଶାନ୍ତ ସେଠୀ, ଗୋବିନ୍ଦା ପାଢ଼ୀ, ସୁକାନ୍ତ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ୨ ଦୋକାନରୁ ଚୋରି

**କୁଆମରା, ୪।୯ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ ଅଧୀନ ପଶୁଦା ପଞ୍ଚାୟତ ମହୁଲିଆ ଛକରେ ୨ ଦୋକାନରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଦୋକାନୀ ସନ୍ତୋଷ ନାୟକ ଓ ସୁମନ୍ତ ବେଷ୍ଟକାର ଶନିବାର ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ସନ୍ତୋଷଙ୍କ ଲୁଗା ଦୋକାନରୁ ଡ୍ରେସ୍, ଶାଢ଼ି ଏବଂ ସୁମନ୍ତଙ୍କ ତେଜରାତି ଦୋକାନରୁ କମ୍ପ୍ୟୁଟର କଣ୍ଟା ଓ ଟଙ୍କା ଚୋରି କରି ନେଇଛନ୍ତି ଦୁର୍ବୃତ୍ତ। ଦୁଇ ଦୋକାନରୁ ପ୍ରାୟ ୫୦ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଏତଲାରେ ଦର୍ଶାଯାଇଛି। ସେହିପରି ଦୁର୍ବୃତ୍ତମାନେ ସେଠାରେ ଥିବା ଅନ୍ୟ ଏକ ଇଲେକ୍ଟ୍ରିକାଲ ଦୋକାନ ଭାଙ୍ଗିବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି।

# ଜିଲା କଂଗ୍ରେସ କମିଟିର ନୂଆ କାର୍ଯ୍ୟକର୍ତ୍ତା

**ବାରିପଦା ଅଫିସ,୪।୯:** ପ୍ରଦେଶ କଂଗ୍ରେସ କମିଟିର ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ମୟୂରଭଞ୍ଜ ଜିଲା କମିଟି ଓ କାର୍ଯ୍ୟକାରୀ କମିଟି ଘୋଷଣା କରାଯାଇଛି । ଜିଲା କଂଗ୍ରେସ ସଭାପତି ହେମନ୍ତ ଦାସଙ୍କ ପତ୍ର ସଂଖ୍ୟା ୩୭/୨୧ରେ ଘୋଷଣା ଅନୁଯାୟୀ ଜିଲା କମିଟିରେ ଉପସଭାପତି ଭାବେ ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ଅରବିନ୍ଦ ଦାସ, ଦୁର୍ଗାଚରଣ ଟୁଡୁ, ଗୁଣନିଧି ମହାନ୍ତି, ଚଲ କୁମାର ଶ୍ୟାମକେନ୍ଦୁ ଦାସ ଓ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କୁ ମନୋନୀତ କରାଯାଇଛି। ସେହିପରି ସାଧାରଣ ସମ୍ପାଦକ ଭାବେ ହରିହର ଗିରି, ସୁଦୀପ କୁମାର ମନ୍ତ୍ରୀ, ମହେନ୍ଦ୍ର କୁମାର ନାଏକ, ଗୌରୀ ନାଏକ, ଯଜ୍ଞ ମହାନ୍ତି ଏବଂ କୋଷାଧକ୍ଷ ଭାବେ ଦୀପକ କୁମାର ଦାସ ମନୋନୀତ ହୋଇଛନ୍ତି। ସମ୍ପାଦକ ଭାବେ ପ୍ରଦୀପ ଦାସ, ନାରାୟଣ ପଟ୍ଟନାୟକ, ତାରାକାନ୍ତ ବେହେରା, ହଳଧର ପରିଡ଼ା, ରଘୁ ରାଉତ, ଜୟନ୍ତୀ ବିଶ୍ୱାଳ, ତରୁଣ ଗିରି, ବସନ୍ତ ପଟ୍ଟନାୟକ, ହେଲିନା ବାଗେ, ସନ୍ତୋଷ ଲୋଧା, ବିଜୟ ସିଂ, ନାରାୟଣ ମହାପାତ୍ର, ଦୀପକ ଗିରି, ପ୍ରଣୟ ପ୍ରକାଶ ଚୌଧୁରୀ, ରତନ ମହାନ୍ତ, ଜୀବନ ବାରିକ ଓ ଅରକ୍ଷିତ ଶଶଧର ମହାପାତ୍ର ମନୋନୀତ ହୋଇଛନ୍ତି । ଏହା ବ୍ୟତୀତ ୩୧ଜଣ କାର୍ଯ୍ୟକାରିଣୀ ସଦସ୍ୟ, ୫ଜଣ ସ୍ଥାୟୀ ନିମନ୍ତ୍ରୀତ ସଦସ୍ୟ, ସମସ୍ତ ଛାମୁଆ ସଙ୍ଗଠନର ମୁଖ୍ୟ, ସମସ୍ତ ପୂର୍ବତନ ସଭାପତି ଓ ନିର୍ବାଚନରେ ଲଢ଼ିଥିବା ପ୍ରାର୍ଥୀଙ୍କୁ ନେଇ ଜିଲା କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଛି। ଜିଲାରେ କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଅଗାମୀ ଦିନରେ ରଣନୀତି ପ୍ରସ୍ତୁତ କରିବା ପାଇଁ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ସଭାପତି ଦାସ ପ୍ରକାଶ କରିଛନ୍ତି।


**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
No. CAD-1101 Email-hpschiplima@yahoo.in, Fax No. (0663) 2460505
No.-CHEP/TW-40 (Vol.-V)/2765 Date: 02.09.2021

**TENDER CALL NOTICE NO.-CHEP-11/2021-22**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from Bonafide Vehicle Owner / Travel Agencies having valid IT PAN, GST Registration No. and Ownership of minimum two nos. of commercial light vehicles or possessing legal authorization of vehicles owner for commercial engagement of their light vehicles minimum three nos. or more under their supervision for the following work as mentioned below.

| Description | Cost of Tender Paper (Non-refundable) | Estimated Cost |
|---|---|---|
| Providing of different categories of light vehicles on monthly hire charges basis at CHEP, Chiplima | Rs.11,800/- (Rs.10,000/- + GST @18%) | Rs.1,47,55,484/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.07.09.2021 up to 12:30 PM of dtd.22.09.2021.
OIPR-04006/11/0007/2122 Sd/- Unit Head, CHEP, Chiplima



**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
No. CAD-1099 Email-hpschiplima@yahoo.in, Fax No. (0663) 2460505
No.-CHEP/TW-217/2767 Date: 02.09.2021

**TENDER CALL NOTICE NO.-CHEP-13/2021-22**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturer / Authorized Dealers / Channel Partners meeting eligibility criteria only for the procurement of the following materials.

| Description | Cost of Tender Paper (Non-refundable) |
|---|---|
| Supply, Erection & Commissioning of 9 Nos. of Generator Air Coolers for #2 of Chiplima Power House | Rs.11,800/- (Rs.10,000/- + GST @18%) |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.09.09.2021 up to 12:30 PM of dtd.29.09.2021.
OIPR-04006/11/0005/2122 Sd/- Unit Head, CHEP, Chiplima



**POLICE COMMISSIONERATE: BHUBANESWAR-CUTTACK**
**ODISHA SPECIAL ARMED POLICE**
**7TH BATTALION, BHUBANESWAR**

ପ୍ରାପ୍ତେଷୁ,
ଶ୍ରୀ ଦୀପକ କୁମାର ରଞ୍ଜନ, ସିପାହୀ ନଂ. ୭୬୯
ପିତା: ରବିନ୍ଦ୍ର ନାଥ ସେଠୀ
ଗ୍ରାମ: ନନ୍ଦବର, ପୋ.ଅ.: କରାବର
ଥାନା: ଫତେଗଡ଼, ଜିଲ୍ଲା: ନୟାଗଡ଼

No. D-115: ଆପଣ ଓ.ଏସ୍.ଏ.ପି. ୭ମ ବାଟାଲିଅନ ଭୁବନେଶ୍ୱରରୁ ତା୦୭।୦୭।୨୦୨୧ରିଖ ଅପରାହ୍ନଠାରୁ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି। କର୍ତ୍ତବ୍ୟରେ ଯୋଗ ଦେବା ନିମନ୍ତେ ଆପଣଙ୍କ ପାଖକୁ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୭୬୬/ଆର.ଓ., ତା୧୬।୦୭।୨୦୨୧ ଏବଂ ୧୭୬୭/ଆର୍.ଓ., ତା୧୬।୦୭।୨୦୨୧ ମାଧ୍ୟମରେ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା, ମାତ୍ର ଏହା ସତ୍ତ୍ୱେ ଆପଣ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି।

ଏଣୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି କି ଏହି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଯୋଗଦାନ କରିବା ହେବେ, ନଚେତ୍ ଆପଣଙ୍କ ବିରୋଧରେ ନିୟମାନୁଯାୟୀ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– ଆରକ୍ଷୀ ଉପ–ଆୟୁକ୍ତ (ସଶସ୍ତ୍ର)
ଓ.ଏସ୍.ଏ.ପି. ୭ମ ବାଟାଲିଅନ, ଭୁବନେଶ୍ୱର
OIPR-12023/11/0001/2122



**DISTRICT EMPLOYMENT EXCHANGE (DEEx), KORAPUT**
(deo_koraput@rediffmail.com)

No. K-09: Sealed Expression of Interest (EoI)s are invited from registered & eligible Manpower Service Provider & Training Partners/PIAs etc for the following.

| # | Type of EoI | Participants |
|---|---|---|
| 1 | Engagement of Manpower Service provider to provide 1 Young Professional and 2 Counsellors in the Model Career Centre of DEEx, Koraput | Manpower Service Provider |
| 2 | Empanelment of Training Partner for undertaking Placement Linked Skill Development Training Programme for the youth of the Koraput District. | Training Partner/ Agency/PIA etc. |

The details of the application format, eligibility criteria, terms & conditions can be found in the EoI document available at District website of Koraput (https://koraput.nic.in/notice_category/tenders/). The last date of submitting bid/interest is 18.09.2021 by 05.00 P.M.
Sd./- District Employment Officer, Koraput
OIPR-14084/11/0002/2122



**COLLECTORATE, MALKANGIRI**
**(G.P. SECTION)**
No.1206/2021 Date: 3.09.2021

**TENDER CALL NOTICE**

Sealed tenders from the intending local printing press (es) / DTP firms are invited for printing and binding of G.P. wise lectoral rolls in connection with General Election to PRIs-2022 in respect of all the 111 Nos. of Gram Panchayats of Malkangiri District are invited subject to the following terms and conditions. The sealed tenders should reach the District Panchayat Officer, Malkangiri on or before 13.9.2021 at 5.30 P.M. The sealed tenders will be opened on 14.9.2021 at 4 P.M. in presence of the tenderers or their authorized agents. The details of tender & terms & conditions are available in the District website i.e. www.malkangiri.nic.in.
Sd./- COLLECTOR, MALKANGIRI



**The Odisha Small Industries Corporation Ltd.**
( A Government of Odisha Undertaking) )
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
OSIC GST No. 21AAACO2101M1Z1

**TENDER CALL NOTICE**

Tender for "Maintenance & Repair of LED Street Lights in villages of Keonjhar District."
No. CAD-1115
Tender No. 3892 /OSIC Date : 03.09.2021

| | | |
|---|---|---|
| Date of Commencement of the BID | : | 03 .09.2021 at 5.00 PM |
| Last Date/ Time for BID | : | 18.09.2021 up to 3.00 PM |
| Last Date/Time for submission of BID | : | 18.09.2021 up to 3.00 PM |
| Date of Opening of BID Document | : | 18.09. 2021 up to 3.30 PM |
| Place of Opening of BID & Address For Communication & Receipt of BID Document. | : | Office of the Managing Director, Odisha Small Industries Corporation Ltd., Madhupatna, Industrial Estate. Cuttack – 10. Fax : 0671-2341875 Tel : 0671-2341204 |

The authority reserves the right to accept or reject any one or all bids without assigning any reason thereof. Any changes addition or alternation or modifications shall be published in the OSIC website: osicltd.in only. Bid can be dropped in the tender box of OSIC.
OIPR-14073/11/0037/2122 Sd/-MANAGING DIRECTOR



**OFFICE OF THE PANCHAYAT SAMITI CHITRAKONDA**
No.1783/2021 Date: 03.09.2021

**CORRIGENDUM**

In partial modification to the Tender Call Notice published vide No. 03 dtd. 23.08.2021 of Panchayat Samiti, Chitrakonda the schedule date for opening of tender papers is hereby extended to dtd. 08.09.2021 by 12.00 P.M. due to unavoidable circumstances.
Sd./- Block Development Officer, Chitrakonda



**PANCHAYAT SAMITI, KHAIRPUT**
At/P.O.- Khairput, Dist.- Malkangiri, PIN- 764046, (Odisha)
Tel./Fax No.: 06854-263465, E-mail: ori-khairput@gramsat.nic.in
Letter No.2580/2021 Date: 3.09.2021

**QUOTATION / TENDER CALL NOTICE**

Sealed plain paper quotations / tender are invited from interested reputed Travel Agency / Tour Operators/ Service provider or private individuals for providing 01 (One) No. of AC Diesel vehicles (Preferably BOLERO / - TUV-300/ Ertiga) for official use in the Block Development Officer, Khairput on monthly rent basis.

Quotation will be received in the office of the undersigned from dt.01.09.2021 to 20.09.2021 upto 1.00 P.M. and shall be opened on the same day 3.30 P.M., other details can be seen in the website www.malkangiri.nic.in and office notice board. The authority reserves the right to cancel or reject quotation call without assigning any reason thereof.
Sd./- Block Development Officer, Khairput



**OFFICE OF THE CHEIF DISTRICT MEDICAL & PUBLIC HEALTH OFFICER, DHENKANAL**
Letter No.2905 Dt.3.9.21

**TENDER CALL NOTICE FOR SUPPLY OF NCD/LAB/ HWC CONSUMABLES FOR DISTRICT DHENKANAL**

No.E- 394:- Sealed tender is invited from the registered suppliers/ farms/ distributors for supply of Lab/HWC/NCD consumables for District Dhenkanal for the year 2021-22 for the Dhenkanal District Health Institution. The last date for receiving the tender document to the office of the undersigned on or before 23.09.21 upto 5.00 P.M. and will be opened on 24.09.21 at 11.00 A.M. The detail terms & condition can be downloaded from the website www.dhenkanal.nic.in.
Sd./- CDM & PHO Cum District Mission Director
Dhenkanal
OIPR-10059/11/0009/2122



**OFFICE OF THE MUNICIPAL COUNCIL, JODA**
Phone No.: 06767-272214, Fax No.: 06767-272214
E-Mail: jodam.hud@nic.in
No.6219 Dt. 3.09.2021

**'e' -procurement Notice**
**Bid Identification No. JM-04/2021-22**

No. C-887:- Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersodisha.gov.in

| | | | |
|---|---|---|---|
| 1. | Nature of work | : | Civil works |
| 2. | No. of works | : | 02 Nos. |
| 3. | Estimated cost | : | From Rs.3,14,773/- to Rs.17,84,011/- |
| 4. | Bid identification No. | : | 2021_ORULB_70778-1 to 2021_ORULB_70778-2 |
| 5. | Date & time of availability of the documents in the portal | : | From 10.00 A.M. on dt.04.09.2021 to 5.00 P.M. of Dt.15.09.2021 |
| 6. | Last date / time for receipt of bids in the portal | : | On dt. 15.09.2021 upto 5.00 P.M. |
| 7. | Bids received online shall be opened | : | At 10.00 A.M. on Dt.16.09.2021 |
| 8. | Name and address of the Officer Inviting Bid | : | Executive Officer, Joda Municipality |

Further, the details can be seen from the e-Procurement Portal: www.tendersodisha.gov.in.
Sd./- Executive Officer, Joda Municipality
OIPR-13124/11/0011/2122

## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ସମାପ୍ତ ହୋଇଥିବା ଟୋକିଓ ଅଲିମ୍ପିକ୍ସରେ ଗୋଟିଏ ଇଭେଣ୍ଟରେ ୭ଟି ମେଡାଲ୍ ହାସଲ କରିଥିବା ମହିଳା ଖେଳାଳି....... ?
୨– ଡିଫେନ୍ସ ଏକ୍ସପୋ ବା ଡିଫ୍ ଏକ୍ସପୋ–୨୦୨୨.......... ଠାରେ ଆୟୋଜନ କରାଯିବ ?
୩– ନିକଟରେ .......... ପକ୍ଷରୁ ଫିନ୍‌ଟେକ୍ ଏକ୍ସଲେରେଟର୍ ପ୍ରୋଗ୍ରାମ୍ ଆରମ୍ଭ କରାଯାଇଛି ?
୪– ଜିଆଣ୍ଟ ପାଣ୍ଡା ପ୍ରକୃତରେ........... ଦେଶର ଜୀବ ?
୫– ପାକିସ୍ତାନ ହାଇକୋର୍ଟରେ ନିଯୁକ୍ତ ପ୍ରଥମ ମହିଳା ମୁଖ୍ୟ ବିଚାରପତି......... ?

## ଗତ ଥରର ଉତ୍ତର

୧ ଝାଡ଼ଖଣ୍ଡ
୨ ବ୍ରାଣ୍ଡେଡ୍ ରୟାଲ (ତାଙ୍କୁରିଆ ମେଲାଷ୍ଟଗ୍ରମା)
୩ ଭାରତ
୪ ଶୁଣ୍ଢବିହୀନ ମହୁମାଛି ଚାଷ
୫ ଏଚ୍‌ପି

## ଉତ୍ତରଦାତା

୧–ବିସ୍ମୟ କୁମାର ନାୟକ, ଯାଜପୁର  ୨–ବନମାଳୀ ସାହୁ, ଆଳି, କେନ୍ଦ୍ରାପଡା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସର୍ବାଧିକ ବ୍ୟବହୃତ ଭାଷା




| ଭାଷା | ବ୍ୟବହୃତ |
|---|---|
| ୧– ଇଂଲିଶ୍ | ୧,୧୩୨ମିଲିଅନ୍ |
| ୨– ମାଣ୍ଡାରିନ୍ ଚାଇନିଜ୍ | ୧,୧୧୭ ମିଲିଅନ୍ |
| ୩– ହିନ୍ଦୀ | ୬୧୫ ମିଲିଅନ୍ |
| ୪– ସ୍ପାନିଶ୍ | ୫୩୪ ମିଲିଅନ୍ |
| ୫– ଫ୍ରେଞ୍ଚ୍ | ୨୮୦ ମିଲିଅନ୍ |
| ୬– ଷ୍ଟାଣ୍ଡାର୍ଡ ଆରାବିକ୍ | ୨୭୪ ମିଲିଅନ୍ |
| ୭– ବେଙ୍ଗଲୀ | ୨୬୫ ମିଲିଅନ୍ |
| ୮– ରୁଷିଆନ୍ | ୨୫୮ ମିଲିଅନ୍ |
| ୯– ପର୍ତ୍ତୁଗୀଜ୍ | ୨୩୪ ମିଲିଅନ୍ |
| ୧୦– ଇଣ୍ଡୋନେସିଆନ୍ | ୧୯୯ ମିଲିଅନ୍ |

### କଲେଜ ଅନୁଭୂତି

# ସ୍ମୃତିରେ ମୋ କଲେଜ ଦିନ

ମୋ କଲେଜ ଦିନଗୁଡ଼ିକୁ ଆଖି ଫେରାଇଲାବେଳକୁ ଆଖି ପାଉନି। ଖୁବ୍ ଲମ୍ବା ରାସ୍ତା। ଦୀର୍ଘ ପଇଁଚାଳିଶ ବର୍ଷ ତଳର ସେ ସ୍ମୃତିକୁ ଏବେବି ବିସ୍ମୃତିର ଗହ୍ୱରକୁ କେଜାଣି କାହିଁକି ଫିଙ୍ଗିପାରିନି। ମୋ ଆଦ୍ୟ କଲେଜ ହେଉଛି ପ୍ରାଣନାଥ କଲେଜ, ଖୋର୍ଦ୍ଧା। ବରୁଣେଇ ପାହାଡ଼ ସନ୍ନିକଟରେ କଲେଜର ପ୍ରାକୃତିକ ବୈଭବ ଅତ୍ୟନ୍ତ ମନୋରମ। ୧୯୭୬ ମସିହାରେ ବିଜ୍ଞାନ ବିଭାଗରେ ନାମ ଲେଖାହେଲା। କଲେଜ ଚାରିପାଖ ପଡ଼ା ଗାଁରେ ଛତୁ ଫୁଟିଲା ପରି ଛାତ୍ରାବାସ ଓ ମେସ୍‌ମାନ। ତା' ଭିତରେ କଲେଜ ରୋଡ୍‌ରେ ଡ୍ରିମ୍‌ଲ୍ୟାଣ୍ଡ ମେସ୍‌ରେ ରହି ବିଦ୍ୟାରମ୍ଭ ହେଲା। କଲେଜକୁ ଯିବା ରାସ୍ତାରେ ଲୋକାଲ୍ ଟୋକାଙ୍କର ର୍‍ୟାଗିଂ ପୁଣି କଲେଜରେ ଗୋଷ୍ଠୀ–ଗୋଷ୍ଠୀ ଭିତରେ ମାରପିଟ୍ ନିତିଦିନିଆ ଥିଲା। ବେଲ୍ ବଟମ୍ ପ୍ୟାଣ୍ଟକୁ ହିପିବାଳ। ଡର ଭୟର ଏକ ବାତାବରଣ ଭିତରେ କଲେଜ ଆମକୁ ଧୀରେ ଧୀରେ ଆପଣାଉଥିଲା। ଅନ୍ତରଙ୍ଗତା ବଢ଼ିଲା। ଭୟ ଭାଜର ରୂପ ନେଲା, ଆଉ କଲେଜ ହୋଇଗଲା ଆମ ପାଇଁ ଦେବଭୂମି,ଦେବାଳୟ।

ସେ ସମୟ ଇମର୍ଜେନ୍ସି ସମୟ। ବେସରକାରୀ କଲେଜ ହିସାବରେ ଭୁବନେଶ୍ୱର ବ୍ୟତୀତ ନିମାପଡ଼ା କଲେଜ, ଖୋର୍ଦ୍ଧା କଲେଜ ଓ ବାଙ୍କି କଲେଜ କୋଉଠି ନା କୋଉଠି ବିଶୃଙ୍ଖଳା ଚରମ ସୀମାରେ ପହଞ୍ଚିଥାଏ। କିଛି ନା କିଛି ଗଣ୍ଡଗୋଳର ଶବ୍ଦ ଆସୁଥାଏ। ୧୯୭୭ ମସିହାରେ ଦିନେ ଆମ କଲେଜ କ୍ୟାମ୍ପସ୍‌ରେ ବମ୍ ଫୁଟିଲା। ହାତ ତିଆରି ବୋମା, ତଥାପି ଡରର ବାତାବରଣ। କଳା ଏବଂ ବାଣିଜ୍ୟ ଛାତ୍ରମାନେ ଛତ୍ରଭଙ୍ଗ ଦେଇଥିଲେ। କାରଣ ତାଙ୍କ ପାଖରେ ପୂର୍ବାଭାସ ଥିଲା, ଆଉ ଆମେ ବିଜ୍ଞାନ ଛାତ୍ରମାନେ ଫସି ଯାଇଥିଲୁ। ଅଧାଗଢ଼ା ଛାତ ଉପରୁ ମୁଁ ଓ ମୋ ସାଙ୍ଗ ବିଜୟ ଡେଇଁଲା ବେଳକୁ ରଡରେ ବେଲ ବଟ୍‌ମ ପ୍ୟାଣ୍ଟ ଫସି ଯାଇଥିଲା। ସେହିବର୍ଷ ଇମର୍ଜେନ୍ସି ଉଠିଥିଲା ଏବଂ କଲେଜ ଇଲେକ୍ସନ ହୋଇଥିଲା।

ସ୍ମୃତି ତ ଅନେକ। ଯେତେ ବେଦନାସିକ୍ତ ହେଲେ ବି ସ୍ମୃତି ସବୁବେଳେ ମଧୁର। ବିଜ୍ଞାନରେ ଆମର ସବୁ ଛୋଟ ଛୋଟ ଗ୍ରୁପରେ ବିଭକ୍ତ ହୋଇ ବିଜ୍ଞାନାଗାରରେ ପରୀକ୍ଷା ନିରୀକ୍ଷା କରିଥାଉ। ମୋ ବିଜ୍ଞାନ ରେକର୍ଡ ସବୁ ମୁଁ ଖୁବ୍ ସୁନ୍ଦର ଭାବେ ପ୍ରସ୍ତୁତ କରିଥାଏ। ସୁନ୍ଦର ଅକ୍ଷରକୁ ପେନ୍‌ସିଲ୍‌ରେ ଚିତ୍ରମାନ ଖୁବ୍ ଜୀବନ୍ତ ଜୀବନ୍ତ ଲାଗନ୍ତି। ଗ୍ରୁପର ପ୍ରାୟ ପୁଅ ଝିଅ ମୋ ରେକର୍ଡରୁ ତାଙ୍କ ରେକର୍ଡ ପ୍ରସ୍ତୁତ କରନ୍ତି। ଥରେ ଗୋଟିଏ ଝିଅ ମୋ ରେକର୍ଡ ମୋତେ ଫେରାଇବା ବେଳେ ମୋର ପ୍ରଶଂସା କରୁ କରୁ ତା'ର ଅନ୍ୟମନସ୍କତାରେ ମୋ ହାତକୁ ଚାପି ଧରିଥିଲା। ଜୀବନର ଆଦ୍ୟ ଯୌବନ, ପୁଣି କଲେଜ ବେଳର ଚପଳତା। ଶିହରି ଉଠିଥିଲି ମୁଁ। ସେତେବେଳେ ପ୍ରେମ କ'ଣ ବୁଝି ନଥିଲି। କଲେଜ ପଛପାଖ ବାଦାମ ବଗିଚାରେ ବସି ତା' ଟିଫିନ୍ ବକ୍ସରୁ ଟିଫିନ୍ ଖାଇବା, ମା' ବରୁଣେଇଙ୍କ


ବିପିନ୍ ମହାନ୍ତି

ପୀଠରୁ ପଣସ ପତ୍ରରେ ପ୍ରସ୍ତୁତ ମଣ୍ଡା ପିଠା ତା' ପାଇଁ ଆଣିବା ଏକ ନିଆରା ଆବେଗ ଥିଲା। ଯାହା ଏବେ ବି ମୋତେ ରୋମାଞ୍ଚିତ କରେ, ଯାହା ବୋଧେ ପ୍ରେମ ଥିଲା। ଭାରତୀୟ ବାୟୁସେନାରେ ଯୋଗଦେଇ କଲେଜ ଛାଡ଼ିଲି ଏବଂ ସେ ବେଳର ସାଙ୍ଗମାନେ କିଏ କୁଆଡ଼େ, କାହାର ହିସାବ ବି ମୋ ପାଖରେ ନାହିଁ। ସେଇ ପ୍ରଥମ ସ୍ପର୍ଶ ମୋତେ ପ୍ରେମ ଶିଖେଇଛି, ମୋତେ କବି କରିଛି। ଆଉ ସେଇ ମଧୁର ଯନ୍ତ୍ରଣାର ନୀରବ କୋଳାହଳରେ ମୁଖରିତ ହୋଇଛି ମୋର କବିତା ସମଗ୍ର। ମୋତେ ଆନମନା କରୁଛି ସେ ଅବୁଝା ପ୍ରେମର ଅଲେଖା କବିତାର ଧାଡ଼ି, ଯାହାକୁ ମୁଁ ନିରୋଳାରେ ଗୁଣୁଗୁଣେଉଛି...

ପାରିବ ଯଦି ମୋ କବର ପାଖରେ
ଖବର ଟିକିଏ ଦେବ,
ଏ ଜନ୍ମେ ନହେଲା ଆର ଜନମରେ
କେଉଁଠାରେ ଭେଟ ହେବ।

– ଗଡ଼ ମହାବୀର ବିହାର,
ଗ୍ୟାରେଜ ଛକ, ଭୁବନେଶ୍ୱର–୨

# ଧରିତ୍ରୀକୁ ଉପହାର



ବର୍ତ୍ତମାନ ପୃଥିବୀପୃଷ୍ଠରୁ ସବୁଜ ବନାନୀ କ୍ଷୟ ଜନଜୀବନକୁ ଦିନକୁଦିନ ବିପଦଗ୍ରସ୍ତ ଓ ବିପର୍ଯ୍ୟୟ କରିପକାଉଛି। ତେଣୁ ପରିବେଶର ସଂରକ୍ଷଣ ଓ ଏହାର ଉଦ୍ଧାର ପାଇଁ ବ୍ୟାପକ ବୃକ୍ଷରୋପଣ କରିବା ସମଗ୍ର ବିଶ୍ୱପାଇଁ ଆଜି ଏକ ଆହ୍ୱାନ। ଏଥିପାଇଁ ଅଣ୍ଟା ଭିଡ଼ିଥିବା କେତେକ ଯୁବଗୋଷ୍ଠୀଙ୍କ ସମ୍ପର୍କରେ...

**ସେ ନୀରବରେ କେବଳ ଦେଇଚାଲିଛି, ଯାହାର ଆମେ ଭରପୂର ସୁଯୋଗ ନେଉଛେ। କେତେବେଳେ ଚାଷ ପାଇଁ ହଳ, ଲଙ୍ଗଳ, ଟ୍ରାକ୍ଟର ଲଗାଇ ତାକୁ କ୍ଷତାକ୍ତ କରିପକାଉଛେ ତ ପୁଣି କେବେକେବେ ତା'ର ସବୁଜ ବନାନୀକୁ ନଷ୍ଟ କରି ଗଢୁଛେ କଂକ୍ରିଟ୍ ଜଙ୍ଗଲ। ହେଲେ ତା' ବଦଳରେ ସେ ଆମକୁ ହସି ହସି ଭେଟି ଦେଉଛି ନାନାଦି ଫୁଲଫଳର ସମ୍ଭାର। ଏତିକିରେ ଆମ ମନ ମାନୁନି, କୁଢ଼ କୁଢ଼ ଆବର୍ଜନାରେ କେବଳ ତା'ର ସୌନ୍ଦର୍ଯ୍ୟ ହାନି କରୁନେ, ବରଂ ତା'କୁ ପ୍ରଦୂଷିତ ବି କରୁଛେ। ତଥାପି ସେ ଚୁପ୍। ହେଲେ ଏହି ଅନ୍ୟାୟ କେତେଦିନ? ଧରଣୀ ମା'ର ଅବହେଳାର ଫଳ ସ୍ୱରୂପ ଏବେ ଦେଖିବାକୁ ମିଳୁଛି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ପୁଣି ଅନେକ ଦୁଃସାଧ ରୋଗ। ତେଣୁ ପ୍ରକୃତିକୁ ସବୁଜ ସୁନ୍ଦର ରଖିବା ସହ ଏକ ସୁସ୍ଥ ଜୀବନ ଜିଇବା ଲାଗି ଏବେଠୁ ବୃକ୍ଷରୋପଣ ଅଭିଯାନରେ ସାମିଲ ହେବାକୁ ସଭିଙ୍କୁ ବିଶେଷକରି ଯୁବପିଢ଼ିଙ୍କୁ ଆହ୍ୱାନ...**

### ବୃକ୍ଷରୋପଣ ଅଭିଯାନରେ ସାମିଲ ହେବାକୁ କରୁଛୁ ଆହ୍ୱାନ

ପରିବେଶ ସୁରକ୍ଷା ପ୍ରତ୍ୟେକଙ୍କ ଦାୟିତ୍ୱ। ଆଉ ଏଥିପାଇଁ ସର୍ବପ୍ରଥମେ ଆବଶ୍ୟକ ବ୍ୟାପକ ବୃକ୍ଷରୋପଣ। ଏ କଥାକୁ ବେଶ୍ ଭଲ ଭାବେ ବୁଝିଛନ୍ତି ୟୁନାଇଟେଡ୍ ଫର୍ ସୋସିଆଲ ଇଣ୍ଟରେଷ୍ଟ ବା ୟୁଏସ୍‌ଆଇ ଫାଉଣ୍ଡେଶନ୍‌ର ସଦସ୍ୟମାନେ। ଏହି ସଂଗଠନର ଆବାହକ ପ୍ରତୀକ୍ଷା ମିଶ୍ର କୁହନ୍ତି, ବିଭିନ୍ନ ସମାଜଧର୍ମୀ କାର୍ଯ୍ୟ କରିବା ଲକ୍ଷ୍ୟ ନେଇ ଆମେ ୨୦୧୧ ମସିହାରେ ଏହି ସଂଗଠନ ଗଢ଼ିଥିଲୁ। ସେବେଠୁ ଅନେକ ସମୟରେ ପରିବେଶ ସୁରକ୍ଷା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କରିଆସୁଛୁ। ତେବେ ବର୍ତ୍ତମାନ କରୋନା କାଳରେ ଦେଖାଯାଇଥିବା ଅକ୍ସିଜେନ୍ ଅଭାବ ସଭିଙ୍କ ପାଇଁ ବେଶ୍ କଷ୍ଟଦାୟକ, ଯାହାକୁ ଦୂର କରିବା ଲାଗି ଅଧିକରୁ ଅଧିକ ସବୁଜିମା ଗଢ଼ି ତୋଳିବା ଆବଶ୍ୟକ ବୋଲି ଆମେ ହୃଦୟଙ୍ଗମ କଲୁ। ଆଉ ଗତ ରଜ ସଂକ୍ରାନ୍ତିଠାରୁ ଆମ ଫାଉଣ୍ଡେଶନ୍ ପକ୍ଷରୁ 'ଗିଫ୍ଟ ଏ ଟ୍ରି ଫର୍ ମଦର ଆର୍ଥ' ନାମରେ ଏକ କ୍ୟାମ୍ପେନ୍ ଆରମ୍ଭ କରିଛୁ। ରାଜଧାନୀ ଭୁବନେଶ୍ୱର ସମେତ ଢେଙ୍କାନାଳ, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରୁଛୁ। ଲୋକଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ଲାଗି ଆମେ ପ୍ରତିଟି ଗଛରେ ତାଙ୍କ ନାମ ଲେଖି ଆମ ସ୍ଲୋଗାନ୍‌ର ହ୍ୟାସ୍ ଟ୍ୟାଗ୍ ଲଗାଉଛୁ। କେବଳ କୌଣସି ନିର୍ଦ୍ଦିଷ୍ଟ ଅବସରରେ ନୁହେଁ ବରଂ ପ୍ରତ୍ୟେକ ଦିନ ଆମେ ଏହି କାର୍ଯ୍ୟ କରୁଛୁ। ରାସ୍ତାକଡ଼, ସ୍କୁଲ୍, କଲେଜ, ଧର୍ମାନୁଷ୍ଠାନ ଏବଂ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପରିସରରେ ଗଛ ଲଗାଉଛୁ। ଏସବୁକୁ ଯେପରି ଗାଈଗୋରୁ ଖାଇ ନ ଯାଆନ୍ତି କିମ୍ବା ପାଣି ଅଭାବରୁ ଶୁଖି ନ ଯାଏ, ସେଥିପ୍ରତି ମଧ୍ୟ ଧ୍ୟାନ ଦେଉଛୁ। ଆମେ ଦୀର୍ଘ ଦିନ ବଞ୍ଚିପାରୁଥିବା ତଥା କାମରେ ଆସୁଥିବା ଗଛ ଯଥା– ଆମ୍ବ, ପିଜୁଳି, ଲେମ୍ବୁ, ବଉଳ, ଅଁଳା, ନିମ୍ବ, କଦମ୍ବ, ଜାମୁ, ପଣସ, ଗଙ୍ଗଶିଉଳି, ଓଉ, ହରିଡ଼ା, ବାହାଡ଼ା, ଶାଳ, କଇଁଥ, କୁମ୍‌କୁମ୍, ଅର୍ଜୁନ, ଅଶୋକ, ଦେବଦାରୁ, ବର, ଅଶ୍ୱତ୍ଥ, କୁସୁମ କୋଳି, କାଜୁ, ମହୁଲ, ବେଲ, ରକ୍ତଚନ୍ଦନ, କରଞ୍ଜ, କାଞ୍ଚନ, ବରକୋଳି, ଆତ ପ୍ରଭୃତି ଗଛର ଚାରା ଲଗାଇବା ସହ ଗାଁ ଗାଁ ବୁଲି ଜନସାଧାରଣଙ୍କ ମଧ୍ୟରେ ବଣ୍ଟନ ମଧ୍ୟ କରୁଛୁ ଏବଂ ଗଛ ଲଗାଇବାର ଉପକାରିତା ସମ୍ପର୍କରେ ସଚେତନ ମଧ୍ୟ କରାଉଛୁ। ସ୍କୁଲ୍ କଲେଜର ଛାତ୍ରୀଛାତ୍ରଙ୍କ ସହିତ ସାଧାରଣ ଲୋକଙ୍କୁ ବି ଏହି ଅଭିଯାନରେ ସାମିଲ କରୁଛୁ। ଆଗକୁ ଏହାକୁ ଅଧିକ ବ୍ୟାପକ କରିବା ଲାଗି ସଭିଙ୍କୁ ଆମ ସହ ସାମିଲ ହେବାକୁ ଆହ୍ୱାନ ମଧ୍ୟ କରୁଛୁ। ତେବେ ଏହି ମହତ୍ କାର୍ଯ୍ୟରେ ସଂଗଠନର ପ୍ରତିଷ୍ଠାତା ଅଖିଳ କୁମାର ସାହୁ, ଅଧ୍ୟକ୍ଷ ବନୋଜ ତ୍ରିପାଠୀ, ଡ. ରଶ୍ମିରେଖା ସାହୁ ଏବଂ ଅତୁଳବାଳା ଦାଶ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟଙ୍କର ସକ୍ରିୟ ଯୋଗଦାନ ରହିଛି।


ମା' ଅଁଳେଇ ଜନସେବା ଗ୍ରୁପର ସଦସ୍ୟଙ୍କ ଦ୍ୱାରା ଚାରା ରୋପଣ।


କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ୟୁଏସ୍‌ଆଇ ପକ୍ଷରୁ ବୃକ୍ଷରୋପଣ।



କ୍ଲବ୍ ଦି ୟୁଥ୍ ମାସ୍ ପକ୍ଷରୁ ଚାରା ବଣ୍ଟନ।

### ପ୍ରକୃତିର ସୁରକ୍ଷା ଲାଗି ବୃକ୍ଷରୋପଣ ସଭିଙ୍କ ଦାୟିତ୍ୱ

ସମାଜସେବା କ୍ଷେତ୍ରରେ ଉତ୍ସର୍ଗିତ ଯାଜପୁର ଜିଲାର ସର୍ବପୁରାତନ ସ୍ୱେଚ୍ଛାସେବୀ ସଙ୍ଗଠନ 'କ୍ଲବ୍ ଦି ୟୁଥ୍ ମାସ।' ସ୍ୱାସ୍ଥ୍ୟ, ଶିକ୍ଷା, ରକ୍ତଦାନଠାରୁ ଆରମ୍ଭ କରି ପରିବେଶ ସୁରକ୍ଷା କ୍ଷେତ୍ରରେ ଅନେକ କାର୍ଯ୍ୟ ହାତକୁ ନେଇ ଦୀର୍ଘ ୨୫ ବର୍ଷ ହେବ ସମାଜ ପ୍ରତି ନିଜର ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇ ଓଡ଼ିଶାର ବିଭିନ୍ନ ଜିଲାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଏହି ସଂଗଠନ। ବର୍ତ୍ତମାନ କରୋନା ମହାମାରୀ ସଂକଟ ସମୟରେ ସାରା ବିଶ୍ୱରେ ଅକ୍ସିଜେନ୍ ଅଭାବରୁ ଅନେକ ପ୍ରାଣହାନି ଘଟିଛି। ଆଉ ଏହି ଅଭାବ ଦୂର କରିବାକୁ ହେଲେ ବୃକ୍ଷରୋପଣ ନିତାନ୍ତ ଆବଶ୍ୟକ। ଏଥିପାଇଁ ସମାଜ ପ୍ରତି ନିଜର ଦାୟିତ୍ୱକୁ ହୃଦୟଙ୍ଗମ କରି ସଂଗଠନ ତରଫରୁ ବିଭିନ୍ନ ସ୍କୁଲ, କଲେଜ, ନଦୀକୂଳଠାରୁ ଆରମ୍ଭ କରି ଜିଲାର ବିଭିନ୍ନ ଗାଁରୁ ସହର ବୁଲି ବୃକ୍ଷରୋପଣ କରାଯାଉଛି। ସଭ୍ୟ ରାଜେଶ କୁମାର ରାଉତ କୁହନ୍ତି, ଆମେ କେବଳ ସଂଗଠନର ସଦସ୍ୟମାନେ ନୁହେଁ ବରଂ ଅନ୍ୟମାନଙ୍କୁ ବିଶେଷକରି ଯୁବବର୍ଗ, ମହିଳାମାନଙ୍କୁ ସାଙ୍ଗରେ ନେଇ ବୃକ୍ଷରୋପଣ କରୁଛୁ। ବିଭିନ୍ନ ସଚେତନତା ବାର୍ତ୍ତା ଦେଇ ମାନବ ଜାତିର ସମାଜ ଓ ପରିବେଶ ପ୍ରତି କର୍ତ୍ତବ୍ୟ ସମ୍ପର୍କରେ ଅବଗତ କରାଉଛୁ। ଯଦିଓ ଆମେ ୨୫ ବର୍ଷ ହେବ ବୃକ୍ଷରୋପଣ କରିଆସୁଛୁ। ହେଲେ ଏବେ ବର୍ଷକୁ ଏକ ଲକ୍ଷରୁ ଅଧିକ ଗଛ ଲଗାଇବାର ଉଦ୍ୟମ ଜାରି ରଖିଛୁ। ଯଦି ପ୍ରତ୍ୟେକ ଲୋକ ନିଜ ତଥା ପରିବାରରେ କାହାର ଜନ୍ମଦିନ, ବିବାହ ହେଉ କି ବିବାହ ବାର୍ଷିକୀ, ଶ୍ରାଦ୍ଧବାର୍ଷିକୀ ଭଳି ଅବସରମାନଙ୍କରେ ଗୋଟିଏ ଗୋଟିଏ ବୃକ୍ଷ ଲଗାନ୍ତି, ତା'ହେଲେ ଏହି ଅକ୍ସିଜେନ ଅଭାବ ରହିବ ନାହିଁ କି ଅକ୍ସିଜେନ ପାଇଁ କାହାର ଜୀବନ ଯିବ ନାହିଁ। ସେ ସମ୍ପର୍କରେ ଘର ଘର ବୁଲି ସଚେତନ କରାଉଛୁ। ସଙ୍ଗଠନର ଏହି କାର୍ଯ୍ୟ ସଭିଙ୍କ ପାଇଁ ଏବେ ପ୍ରେରଣାର ଉତ୍ସ ପାଲଟିଛି। ତେବେ ଏହି ବୃକ୍ଷରୋପଣ ଅଭିଯାନରେ ପ୍ରକାଶ ଜେନା, ସନ୍ତୋଷ ରାଉତ, ଅଜିତ ପରିଡା, ଚନ୍ଦନ ପରିଡା ପ୍ରମୁଖ ସମସ୍ତ ସଦସ୍ୟଙ୍କ ସମର୍ଥନ ଓ ସହଯୋଗ ରହିଛି।

### ସୁସ୍ଥ ପରିବେଶ, ସୁଖୀ ଜୀବନ ଲାଗି ଲୋଡ଼ା ବୃକ୍ଷରୋପଣ

ବର୍ତ୍ତମାନ ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି ଜଙ୍ଗଲ କ୍ଷୟ। ଯାହାକୁ ରୋକି ପରିବେଶ ସୁରକ୍ଷା କରିବା ଲକ୍ଷ୍ୟ ନେଇ ଖୋର୍ଦ୍ଧା ଜିଲା ସଦର ବ୍ଲକ ଅନ୍ତର୍ଗତ ଉଇଲକିଶନନଗରରେ କେତେଜଣ ଯୁବକ ୨୦୦୫ ମସିହାରେ ଆରମ୍ଭ କରିଥିଲେ ମା' ଅଁଳେଇ ଜନସେବା ଗ୍ରୁପ୍। ଆଉ ଚାରିଆଡ଼େ ବୃକ୍ଷରୋପଣ କରିବାକୁ ଅଣ୍ଟା ଭିଡ଼ିଥିଲେ। ସେଥିପାଇଁ ୨୦୦୯ ମସିହାରେ ତାଙ୍କୁ ପ୍ରକୃତି ମିତ୍ର ପୁରସ୍କାର ମଧ୍ୟ ମିଳିଛି। ଅନୁଷ୍ଠାନର ସମ୍ପାଦକ ଗୋପାଳ ଚନ୍ଦ୍ର ପ୍ରଧାନ କୁହନ୍ତି, କାଠମାଫିଆଙ୍କ ପାଇଁ ଜଙ୍ଗଲରୁ ଗଛକଟା ଓ ଲୁଟ୍ ବଢୁଛି। ଏଣେ ରାସ୍ତା ପ୍ରଶସ୍ତୀକରଣ ଆଳରେ ଗଛକଟା ହେଉଛି। ପୁଣି ଖରାଦିନେ ଅଙ୍ଗାର ପାଇଁ ଜଙ୍ଗଲରେ ନିଆଁ ଲଗାଇବା ଫଳରେ ଔଷଧୀୟ ବୃକ୍ଷ ଓ ଅନ୍ୟାନ୍ୟ ବୃକ୍ଷ ନଷ୍ଟ ହୋଇ ଯାଉଛି। ତେଣୁ ଆମେ ପ୍ରତିବର୍ଷ ସ୍ଥାନୀୟ ଅଞ୍ଚଳରେ ଶହ ଶହ ସଂଖ୍ୟାରେ ବୃକ୍ଷରୋପଣ କରିବା ସହ ସେଗୁଡ଼ିକର ଯତ୍ନ ନେଇ ଏକ ସବୁଜ ବଳୟ ସୃଷ୍ଟି କରିପାରିଛୁ। ବୃକ୍ଷରୋପଣ କରିବା ସହ ଅନ୍ୟମାନଙ୍କୁ ଏ ଦିଗରେ ସଚେତନତା ବାର୍ତ୍ତା ପହଞ୍ଚାଉଛୁ। ବର୍ତ୍ତମାନ ଆଖପାଖ ଅଞ୍ଚଳରେ ଥିବା ସମସ୍ତ ପଥ ପାର୍ଶ୍ୱ ବନୀକରଣ ଯୋଜନା ଆରମ୍ଭ କରିବାକୁ ଯୋଜନା ରଖିଛୁ ଏବଂ ଏଥିରେ ଅଧିକରୁ ଅଧିକ ଯୁବବର୍ଗଙ୍କ ଯୋଗଦାନ ରହିବ ବୋଲି ଆଶା ରଖିଛୁ। ସଭାପତି ଅଖିଳ ଚନ୍ଦ୍ର ପ୍ରଧାନଙ୍କ ସମେତ ଗ୍ରୁପ୍‌ର ସମସ୍ତ ସଦସ୍ୟ ଏହି ଅଭିଯାନରେ ସାମଲ ହୋଇ ଏହାକୁ ସଫଳ କରାଇବାକୁ ଉଦ୍ୟମ ଜାରି ରଖିଛୁ।


ପ୍ରତୀକ୍ଷା


ରାଜେଶ


ଗୋପାଳ

– ପୌର୍ଣ୍ଣମାସୀ

# ଗୁରୁଦିବସ: କିଛି କଥା



**ଆଜି ହେଉଛି ଗୁରୁ ଦିବସ। ସ୍ୱାଧୀନ ଭାରତର ପ୍ରଥମ ଉପରାଷ୍ଟ୍ରପତି ତଥା ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କର ଶିକ୍ଷା କ୍ଷେତ୍ରରେ ଅବଦାନ ଅତୁଳନୀୟ। ଯାହାକୁ ସ୍ମରଣୀୟ କରିବା ଲାଗି ୧୯୬୨ ମସିହା ଠାରୁ ଆଜିର ଦିନ ଅର୍ଥାତ୍ ତାଙ୍କ ଜନ୍ମ ତିଥିକୁ ଗୁରୁଦିବସ ଭାବେ ପାଳନ କରାଯାଇ ଆସୁଛି ବୋଲି ପ୍ରାୟ ସମସ୍ତେ ଜାଣିଥିବେ ନିଶ୍ଚୟ। ହେଲେ ଆସନ୍ତୁ ଜାଣିବା ରାଧାକ୍ରିଷ୍ଣନ୍‌ଙ୍କ ସମ୍ପର୍କରେ କିଛି ରୋଚକ କଥା...**

- ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ବାପା ଚାହୁଁଥିଲେ ତାଙ୍କ ପୁଅ ଇଂଲିଶ ନ ଶିଖି ବଡ ହୋଇ ଜଣେ ଧର୍ମଯାଜକ ହେଉ। ହେଲେ ସେ ତାଙ୍କ ନିଜ ଯୋଗ୍ୟତା ବଳରେ ଇଂଲିଶ ଶିଖିଥିଲେ।
- ନିଜ ଭାଇଙ୍କଠାରୁ ମାଗଣାରେ ଦର୍ଶନ ବିଭାଗର ବହି ପାଇବା ପରେ ଯାଇ ସେ ସ୍ନାତକ ଦର୍ଶନ ସମ୍ମାନରେ ଉତ୍ତୀର୍ଣ୍ଣ ହୋଇଥିଲେ। ହେଲେ ଭାରତ ଇତିହାସରେ ସେ ଜଣେ ପ୍ରସିଦ୍ଧ ଦାର୍ଶନିକ ଭାବେ ସର୍ବଦା ରହିବେ।
- ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କୁ ନୋବେଲ୍ ପୁରସ୍କାର ପାଇଁ ୧୯୩୩, ୧୯୩୪, ୧୯୩୫, ୧୯୩୬ ଓ ୧୯୩୭ ମସିହାରେ ତାଙ୍କ ନାଁ ମନୋନୀତ ହୋଇଥିଲା।
- ସେ ଉପରାଷ୍ଟ୍ରପତି ଥିବା ସମୟରେ ରାଜ୍ୟସଭାରେ ଅଧ୍ୟକ୍ଷତା କରୁଥିବା ବେଳେ ବିରୋଧୀ ଓ ଶାସକ ମଧ୍ୟରେ ଯୁକ୍ତି ତର୍କ ଲାଗିଥିଲା। ଏହି ସମୟରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ସଂସ୍କୃତ ଶ୍ଲୋକ ଗାଇ ସଭାକୁ ଆୟତ୍ତ କରିଥିଲେ।
- ନିଜର ପଢିବା ସମୟରେ, ସେ ସବୁବେଳେ ମେଧାବୃତ୍ତି ପାଉଥିଲେ। ଆଉ ସେହି ପଇସାରେ ହିଁ ସେ ନିଜ ପଢାକୁ ଆଗକୁ ନେଉଥିଲେ।
- ଯେତେବେଳେ ସେ ପ୍ରଥମେ ଭାରତର ରାଷ୍ଟ୍ରପତି ପଦରେ ଅଳଙ୍କୃତ ହେଲେ, ତାଙ୍କୁ ମିଳିଥିବା ଦରମା ୧୦,୦୦୦ ଟଙ୍କାରୁ ସେ ମାତ୍ର ୨୫୦୦ ଟଙ୍କା ଗ୍ରହଣ କରିଥିଲେ। ବାକି ସମସ୍ତ ଟଙ୍କାକୁ ସେ ପ୍ରଧାନମନ୍ତ୍ରୀ ରିଲିଫ୍ ଫଣ୍ଡକୁ ଦାନ କରିଥିଲେ।
- ୧୯୪୮ ମସିହାରେ ସେ ୟୁନେସ୍କୋ ଏକ୍‌ଜିକ୍ୟୁଟିଭ୍ ବୋର୍ଡର ଚେୟାରମ୍ୟାନ ପଦ ପାଇଁ ମନୋନୀତ ହୋଇଥିଲେ।
- ୧୯୫୪ ମସିହା ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଦୁଇଟି ପୁରସ୍କାର ପାଇଥିଲେ। ଗୋଟିଏ ହେଉଛି ଭାରତର ସର୍ବୋଚ୍ଚ ସମ୍ମାନ 'ଭାରତ ରତ୍ନ' ଓ ଅନ୍ୟଟି ହେଉଛି 'ଦ ଜର୍ମାନ ଅର୍ଡର'।

**ପ୍ରଥମ ପୃଷ୍ଠାରୁ...**

## ଗୌରବ ଆଣିଲେ ...

ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିବା ତାଙ୍କର ଏକମାତ୍ର ସ୍ୱପ୍ନ ବୋଲି ପ୍ରକାଶ କରିଥିଲେ ପ୍ରମୋଦ। ଏବେ ତାଙ୍କ ସ୍ୱପ୍ନ ସାକାର ହୋଇଛି। ମ୍ୟାଚ ଜିତିବାପରେ ସେ ଖୁସିରେ ଆତ୍ମହରା ହୋଇ ନିକଟରେ ଥିବା ଭାରତୀୟ ଅଫିସିଆଲଙ୍କ ଉପରକୁ ଡେଇଁ ପଡ଼ିଥିଲେ। ବିଶ୍ୱର ଅନ୍ୟତମ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ମାନ୍ୟତା ପାଇଥିବା ପ୍ରମୋଦ ଏହା ପୂର୍ବରୁ ୪୫ଟି ଅନ୍ତର୍ଜାତୀୟ ପଦକ ହାସଲ କରି ସାରିଥିଲେ। ଏହା ମଧ୍ୟରେ ୪ଥର ବିଶ୍ୱଚାମ୍ପିୟନସିପ୍ ସ୍ୱର୍ଣ୍ଣ ପଦକ ସାମିଲ। ୨୦୧୮ ଏସିଆନ ପାରା ଗେମ୍ସରେ ମଧ୍ୟ ସେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ପାଇଥିଲେ। ୨୦୧୯ରେ ତାଙ୍କୁ ଅର୍ଜୁନ ଏବଂ ବିଜୁ ପଟ୍ଟନାୟକ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ମିଳିଥିଲା।

ପ୍ରମୋଦଙ୍କ ସଫଳତାକୁ ବାଦ୍ ଦେଲେ ଟୋକିଓ ପାରାଲିମ୍ପିକ୍ସରେ ଭାରତକୁ ଆଉ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ମିଳିଛି। ପି୪ ମିକ୍ସଡ ୫୦ ମିଟର ପିସ୍ତଲ ଶୁଟିଂ ଇଭେଣ୍ଟରେ ଭାରତର ମନୀଷ ନରୱାଲ ସ୍ୱର୍ଣ୍ଣ ଏବଂ ସିଂହରାଜ ଆଡାନା ରୌପ୍ୟ ପଦକ ପାଇଥିଲେ। ସେହିପରି ପୁରୁଷ ସିଙ୍ଗଲ୍ସ ଏସ୍ଏଲ୍୩ ବର୍ଗରେ ପ୍ରମୋଦଙ୍କ ଡବଲ୍ସ ପାର୍ଟନର ମନୋଜ ସରକାର ବ୍ରୋଞ୍ଜ ପଦକ ପାଇଛନ୍ତି। ୩୧ ବର୍ଷୀୟ ମନୋଜ ବ୍ରୋଞ୍ଜ ପଦକ ପ୍ଲେ-ଅଫ୍‌ରେ ଜାପାନର ଡାଇସୁକେ ଫୁଜିହାରାଙ୍କୁ ପରାସ୍ତ କରିଥିଲେ। ଏହାକୁ ମିଶାଇ ଟୋକିଓ ପାରାଲିମ୍ପିକ୍ସରେ ଭାରତର ପଦକ ସଂଖ୍ୟା ୧୭ରେ ପହଞ୍ଚିଛି। ଏହା ମଧ୍ୟରେ ୪ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ସାମିଲ।

## ତାଲିବାନ୍ ଗୁଳିରେ ...

ଲଢ଼ୁଆ ନିହତ ହୋଇଥିବା ସୂଚନା ରହିଛି। ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରୁ ପ୍ରାୟ ୫ ଶହ ପରିବାର ଗାଁ ଛାଡ଼ି ପଳାୟନ କରିଛନ୍ତି। ଅନ୍ୟପକ୍ଷରେ ଗୁଳିଗୋଳା ବନ୍ଦ କରିବାକୁ ତାଲିବାନ୍ ଲଢ଼ୁଆଙ୍କ ଉଦ୍ଦେଶ୍ୟରେ ଏକ ଟୁଇଟ୍ କରିଛନ୍ତି ଏହାର ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍। ସମସ୍ତଙ୍କୁ ମିଳିଥିବା ବନ୍ଧୁକ ଏବଂ ଗୁଳି ସରକାରୀ ସମ୍ପତ୍ତି। ଏହାକୁ ନଷ୍ଟ କରିବା ଅଧିକାର କାହାର ନାହିଁ। ଏଥିଯୋଗୁ ଲୋକଙ୍କ ସମସ୍ୟା ବଢ଼ିବ। ତେଣୁ ଅନାବଶ୍ୟକ ଭାବେ ଶୂନ୍ୟକୁ ଗୁଳି କରି ଅପଚୟ କରନାହିଁ ବୋଲି କେବେ ହୋଇଥିବା ପ୍ରତିକ୍ରିୟା ଅଫିସ୍ ମୁଖପାତ୍ର କହିଛନ୍ତି।

ଅଗଷ୍ଟ ୧୫ରେ ରାଜଧାନୀ କାବୁଲକୁ ତାଲିବାନ୍ ନିଜ ନିୟନ୍ତ୍ରଣକୁ ନେଇଥିଲେ। ଆଫଗାନିସ୍ତାନରୁ ଆମେରିକା ନେତୃତ୍ୱାଧୀନ ସୈନ୍ୟ ପ୍ରତ୍ୟାହୃତ ହେବା ପରେ କେବଳ ପଞ୍ଜଶିରକୁ ଛାଡ଼ିଲେ ସାରା ଦେଶ ତାଲିବାନ କବଳକୁ ଆସିଯାଇଥିଲା। ପଞ୍ଜଶିର ସିଂହ ଗ୍ରୁପେ ପରିଚିତ ମୁଜାହିଦିନ କମାଣ୍ଡର ଅହମଦ ଶାହ ମାସୁଦଙ୍କ ପୁଅ ଅହମଦ ମାସୁଦଙ୍କ ନେତୃତ୍ୱରେ ହଜାର ହଜାର ସ୍ଥାନୀୟ ମିଲିସିଆ ଏବଂ ପୂର୍ବ ସରକାରର ସଶସ୍ତ୍ର ବଳ ଏକାଠି ହୋଇ ତାଲିବାନ ବାହିନୀର ପ୍ରତିରୋଧ କରିଆସୁଛନ୍ତି। ସେମାନଙ୍କ ସହ ପୂର୍ବତନ ଉପରାଷ୍ଟ୍ରପତି ସାଲେହ ମଧ୍ୟ ସାମିଲ ହୋଇଛନ୍ତି।

## ଏସିଏଫ୍‌ଙ୍କ ଘରକୁ ରାତିରେ ...

ସରକାରୀ ବାସଭବନକୁ ରାତି ପ୍ରାୟ ସାଢ଼େ ୧୨ଟାରେ ଯାଉଥିବା ଗଙ୍ଗାଧର ଦେଖିଛନ୍ତି। ଏଥିସହ ସେ କହିଛନ୍ତି, ଏସିଏଫ୍ ସୌମ୍ୟ ଓ ତାଙ୍କ ସ୍ତ୍ରୀ ବିଦ୍ୟାଭାରତୀ ସକାଳେ ଏବଂ ସନ୍ଧ୍ୟାରେ ଚାଲି ଚାଲି ଗଲା ବେଳେ ଡିଏଫ୍‌ଓ ତାଙ୍କ ଘରୁ ଥାଇ ସେମାନଙ୍କୁ ଦେଖୁଥିଲେ। ବିନା କାରଣରେ ୭/୮ ମାସ ତଳେ ଗଙ୍ଗାଧରଙ୍କୁ ଡିଏଫ୍‌ଓ ଚାକିରିରୁ ବାହାର କରି ଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

ଜୁଲାଇ ୧୨ରେ ସୌମ୍ୟ ପୋଡ଼ି ହୋଇ ଗୁରୁତର ଅବସ୍ଥାରେ ପାରଲାଖେମୁଣ୍ଡି ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଶରୀରର ୯୦ରୁ ଊର୍ଦ୍ଧ୍ୱ ଭାଗ ପୋଡ଼ି ହୋଇଯାଇଥିବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରିବା ପୂର୍ବରୁ ମୃତ୍ୟୁକାଳୀନ ଜମାନବନ୍ଦୀ ନିଆଯାଇଥିଲା। ଏହି ସମୟରେ ପାରଲାଖେମୁଣ୍ଡି ଡିଏଫ୍‌ଓ କେଉଁ ନିୟମ ଅନୁସାରେ ସେଠାରେ ଉପସ୍ଥିତ ଥିଲେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ନିଜ ଇଚ୍ଛା ମୁତାବକ ଜମାନବନ୍ଦୀ ଲେଖାଇବା ପାଇଁ ଡିଏଫ୍‌ଓ ସେଠାରେ ଉପସ୍ଥିତ ଥିଲେ ବୋଲି ସାଧାରଣରେ ମତ ପ୍ରକାଶ ପାଇଥିଲା। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଥିଲା। ସୌମ୍ୟାଙ୍କ ମୃତ୍ୟୁର ୫୨ ଦିନ ବିତିଥିଲେ ମଧ୍ୟ ପ୍ରକୃତ ରହସ୍ୟ ସାମ୍ନାକୁ ଆସିନାହିଁ। ହେଲେ ପୂର୍ବତନ ଜଗୁଆଳି ଗଙ୍ଗାଧରଙ୍କ ବୟାନ ଏହି ଘଟଣାକୁ ନୂଆ ମୋଡ଼ ଦେଇଛି। ଏ ନେଇ ଡିଏଫ୍‌ଓଙ୍କ ମତାମତ ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କୁ ଭେଟି ହୋଇ ନ ଥିଲା, ତାଙ୍କ ମୋବାଇଲ ୯୪୩୭୦୭୫୬୭୯ରେ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇନଥିଲେ।

## ଏସ୍ଏସ୍‌ସି ଦୁର୍ନୀତି: ସିବିଆଇ ...

ନରସିଂହ ପ୍ରଶ୍ନ କରିଛନ୍ତି ଯେ ଦୁର୍ନୀତି କ୍ଷେତ୍ରରେ ଶୂନ୍ୟ ସହନଶୀଳତା(ଜିରୋ ଟଲେରାନ୍ସ) ନୀତି ଅବଲମ୍ବନ କରୁଥିବା ମୁଖ୍ୟମନ୍ତ୍ରୀ ସବୁବେଳେ କହି ଆସିଛନ୍ତି। ଏହି ଘଟଣାର ଏସ୍ଆଇଟି ତଦନ୍ତ କରି ମୁଖ୍ୟମନ୍ତ୍ରୀ ତାଙ୍କ ଭାବମୂର୍ତ୍ତି ରକ୍ଷା କରନ୍ତୁ ବୋଲି ନରସିଂହ ଦାବି କରିଛନ୍ତି। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା ଏସ୍ଏସ୍‌ସି ଦୁର୍ନୀତିକୁ ନେଇ କହିଛନ୍ତି, ମଧ୍ୟପ୍ରଦେଶ ବ୍ୟାପମ୍ ଦୁର୍ନୀତି ଭଳି ଓଡ଼ିଶାରେ ଷ୍ଟାଫ୍ ସିଲେକ୍ସନ ଦୁର୍ନୀତି ହୋଇଛି। ହଜାର ହଜାର ଯୁବତୀଯୁବକଙ୍କ ଭବିଷ୍ୟତ ଅନ୍ଧକାର ହୋଇଯାଇଛି। ଯେଉଁ ଅଫିସରମାନେ ସରକାରଙ୍କୁ ତେଲ ମାରୁଛନ୍ତି ଓ ତାଙ୍କ ନିର୍ଦ୍ଦେଶରେ ଚାଲୁଛନ୍ତି, ତାଙ୍କୁ ଅବସର ପରେ ଦୁର୍ନୀତି କରିବା ଲାଗି ଥଇଥାନ କରାଯାଉଛି। ଏଭଳି ଲୋକଙ୍କୁ କାହିଁକି ଥଇଥାନ କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ୨୦୧୬-୧୭ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନରେ ୩୫ଟି ବିଜ୍ଞପ୍ତି ପ୍ରକାଶ ପାଇଛି। ବର୍ଷ ବର୍ଷ ଧରି ଏହାର ଫଳାଫଳ ପ୍ରକାଶ କରାଯାଉନାହିଁ। ଯେଉଁମାନେ ବେଶି ଦୁର୍ନୀତି କରୁଛନ୍ତି ସେପରି ଆଇଏଏସ୍, ଆଇପିଏସ୍, ଓଏଏସ୍ ଅଫିସରଙ୍କୁ ବିଭିନ୍ନ କମିଶନ ଏବଂ ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ଥଇଥାନ କରାଯାଉଛି। କମିଶନ ଅଧ୍ୟକ୍ଷ ଓ ସଦସ୍ୟଙ୍କ ବିରୋଧରେ ଏସ୍ଆଇଟି କିମ୍ବା ସିବିଆଇ ଦ୍ୱାରା ନିରପେକ୍ଷ ଯାଞ୍ଚ କରାଯାଉ ବୋଲି ସେ ଦାବି କରିଛନ୍ତି।

କଂଗ୍ରେସ ସଦସ୍ୟ ସୁରେଶ ରାଉତରାୟ କହିଛନ୍ତି, ଆମେ ବିଧାୟକମାନେ ୧୮ ଘଣ୍ଟା କାମ କରୁଛୁ। ଆଇଏଏସ୍, ଆଇପିଏସ୍, ଓଏଏସ୍ ଅଫିସରମାନେ ଲୁଣ୍ଠନ କରିଚାଲିଛନ୍ତି। ଗରିବଙ୍କ ପାଇଁ ଏ ରାଜ୍ୟରେ ସ୍ଥାନ ନାହିଁ। ଚାରିଆଡ଼େ ପୁଳା ପୁଳା ଦୁର୍ନୀତି। ୪୧ ଜଣଙ୍କୁ ଭିଜିଲାନ୍ସ ଧରିଛି। ସେଥିରୁ କେତେଜଣଙ୍କୁ ଦଣ୍ଡ ଦିଆଯାଇଛି ସରକାର କୁହନ୍ତୁ। ମା' ଧାନ ବିକି ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଚୋର, ଡକାୟତ ଲକ୍ଷ ଲକ୍ଷ ଟଙ୍କା ଦେଇ ଚାକିରି କରୁଛନ୍ତି। କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏସ୍ଆଇଟି, ସିବିଆଇ କିମ୍ବା ହାଇକୋର୍ଟର ଜଣେ ବିଚାରପତିଙ୍କ ଦ୍ୱାରା ଏହି ଦୁର୍ନୀତିର ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ମଧ୍ୟ ଏହି ଦୁର୍ନୀତିକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଅପରପକ୍ଷେ ବିଜେଡି ସଭ୍ୟ ଅମର ପ୍ରସାଦ ଶତପଥୀ, ଅଶ୍ୱିନୀ ପାତ୍ର, ଲତିକା ପ୍ରଧାନ ଏବଂ ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ ଦୁର୍ନୀତିଗ୍ରସ୍ତଙ୍କୁ ସରକାର ଦଣ୍ଡିତ କରିଥିବା କହିଛନ୍ତି। କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀ, କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀ କେବେ ବି ଘଣ୍ଟ ଘୋଡ଼ାଇ ନାହାନ୍ତି ବୋଲି ସେମାନେ କହିଛନ୍ତି।

## ୩୦ରେ ପିପିଲି ...

ଦଳ ପାଇଁ ୩୦ଜଣ ପରିବର୍ତ୍ତେ ୨୦ଜଣ ଓ ଛୋଟ ଦଳ ପାଇଁ ୧୫ଜଣ ଜାଗାରେ ୧୦ଜଣ ଷ୍ଟାର କ୍ୟାମ୍ପେନର ରହିବେ। କୌଣସି ରୋଡ୍ ଶୋ' କିମ୍ବା ବାଇକ୍ ରାଲି ହୋଇପାରିବ ନାହିଁ। ପଥପ୍ରାନ୍ତ ବୈଠକରେ ସର୍ବାଧିକ ୫୦ ଲୋକ ସାମିଲ ହୋଇପାରିବେ। ଘରକୁ ଘର ବୁଲି ପ୍ରଚାର ବେଳେ ପ୍ରାର୍ଥୀଙ୍କ ସହ ସର୍ବାଧିକ ୫ଜଣ ରହିବେ। ପ୍ରଚାର ବେଳେ ସର୍ବାଧିକ ୨୦ଟି ଗାଡ଼ି ବ୍ୟବହାର ହୋଇପାରିବ। ଭୋଟ୍ ଗ୍ରହଣର ୩ ଦିନ ପୂର୍ବରୁ ପ୍ରଚାର ବନ୍ଦ ହେବ। ୩୦ତାରିଖରେ ଭୋଟ୍ ଥିବାରୁ ୨୭ ତାରିଖ ସନ୍ଧ୍ୟା ୬ଟାରୁ ପ୍ରଚାର ବନ୍ଦ ହେବ। ପ୍ରତି ଭୋଟରଙ୍କୁ ହାଣ୍ଡୱାଶ ଦିଆଯିବ। କୋଭିଡ୍ ଲକ୍ଷଣ ଥିବା ଭୋଟରଙ୍କୁ ଶେଷରେ ଭୋଟ୍ ଦେବାକୁ ଅନୁମତି ମିଳିବ। କୌଣସି ଦଳ କିମ୍ବା ପ୍ରାର୍ଥୀ କୋଭିଡ୍ ନିୟମ ଉଲ୍ଲଂଘନ କଲେ ରାଲି ଓ ବୈଠକ ପାଇଁ ମିଳିଥିବା ପୂର୍ବ ଅନୁମତି ପ୍ରତ୍ୟାହାର କରି ନିଆଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। କୋଭିଡ୍-୧୯ ଗାଇଡ୍‌ଲାଇନ ଉଲ୍ଲଂଘନ କଲେ ସମ୍ପୃକ୍ତ ପ୍ରାର୍ଥୀଙ୍କୁ ସେହି ଅଞ୍ଚଳରେ ପ୍ରଚାର କରିବାକୁ ଅନୁମତି ଦିଆଯିବ ନାହିଁ।

ଏଠାରେ ସୂଚନାଯୋଗ୍ୟ ଯେ ବିଜେଡିର ପୂର୍ବତନ ବିଧାୟକ ପ୍ରଦୀପ ମହାରଥୀଙ୍କ କୋଭିଡ୍-୧୯ରେ ମୃତ୍ୟୁ ହେବା ପରଠାରୁ ଉକ୍ତ ଆସନ ଖାଲି ପଡ଼ିଛି। ସେଠାରେ ୨୦୨୧ ଏପ୍ରିଲ ୧୭ତାରିଖରେ ଭୋଟ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିଲା। ତେବେ କଂଗ୍ରେସ ପ୍ରାର୍ଥୀ ଅଜିତ ମଙ୍ଗରାଜଙ୍କ ଏପ୍ରିଲ ୧୪ ତାରିଖରେ କରୋନାରେ ମୃତ୍ୟୁ ହେବା ଯୋଗୁ ଭୋଟଗ୍ରହଣ ବାତିଲ ହୋଇଥିଲା। ଏହା ପରେ ଭୋଟ ଗ୍ରହଣ ପାଇଁ ମେ' ୧୩ ତାରିଖ ଧାର୍ଯ୍ୟ କରାଯାଇଥିଲା। ସେହିଦିନ ଇଦ୍-ଉଲ୍- ଫିତର ପଡୁଥିବାରୁ ପୁଣି ମେ' ୧୬କୁ ଭୋଟଗ୍ରହଣ ଘୁଞ୍ଚାଇ ଦିଆଯାଇଥିଲା। ଏହା ପରେ କରୋନା ମହାମାରୀର ଦ୍ୱିତୀୟ ଲହର ଆସିବାରୁ ଉପନିର୍ବାଚନକୁ ଅନିର୍ଦ୍ଦିଷ୍ଟ କାଳ ଲାଗି ସ୍ଥଗିତ କରାଯାଇଥିଲା। ଏହି ନିର୍ବାଚନରେ ମୋଟ ୧୦ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। କଂଗ୍ରେସ ପ୍ରାର୍ଥୀଙ୍କ ମୃତ୍ୟୁ ପରେ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ରଙ୍କୁ ଦଳ ପ୍ରାର୍ଥୀ କରିଛି। ବିଜେଡି ପ୍ରଦୀପ ମହାରଥୀଙ୍କ ପୁଅ ରୁଦ୍ରପ୍ରତାପ ମହାରଥୀଙ୍କୁ ପ୍ରାର୍ଥୀ କରିଥିବାବେଳେ ଭାଜପା ପକ୍ଷରୁ ଆଶ୍ରିତ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରାଯାଇଛି।

## ପ୍ରମୋଦଙ୍କ ବିଜୟ ...

ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ପ୍ରମୋଦଙ୍କୁ ଶୁଭେଚ୍ଛା ଜଣାଇବା ସହ 'ତୁମ ସଫଳତା ସାରା ଦେଶକୁ ଗୌରବାନ୍ୱିତ କରିଛି। ଆଗାମୀ ଦିନରେ ତୁମର ଆହୁରି ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି' ବୋଲି କହିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଟୁଇଟ୍ କରି ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରମୋଦ ଭଗତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଶ୍ୱ ଚାମ୍ପିୟନ ଏବଂ ଦେଶର ସର୍ବୋତ୍ତମ ପାରା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦଙ୍କ ପାଇଁ ଆମେ ଗର୍ବିତ। ପାରାଲିମ୍ପିକ୍ସରେ ତାଙ୍କର ସ୍ୱର୍ଣ୍ଣ ପଦକ ବିଜୟ ପ୍ରଦର୍ଶନ ବିଶେଷ ଭାବରେ ଓଡ଼ିଶା ଓ ସମସ୍ତଙ୍କ ପାଇଁ ଖୁସିର ବିଷୟ। ଦେଶ ପାଇଁ ଗୌରବ ଆଣିଥିବାରୁ ତାଙ୍କୁ ଅଭିନନ୍ଦନ ବୋଲି କହିଛନ୍ତି।

### ଧଳାହୀରା ଉପରେ ମାଫିଆଙ୍କ ନଜର

# ନାଲି ପତାକା ଲଗାଇ ରୋକ ଲଗାଇଲା ପ୍ରଶାସନ

ଏମ୍‌ଭି ୭୯,୪୧୯(ଡି.ଏନ.ଏ.)

ମାଲକାନଗିରି ଜିଲାରେ ଥିବା ଖଣିଜ ପଦାର୍ଥ ଉପରେ ଖଣିମାଫିଆଙ୍କ ନଜର ସର୍ବଦା ରହୁଛି। ଦିନ ଦ୍ୱିପ୍ରହରରେ ସେମାନେ ମୂଲ୍ୟବାନ ଖଣିଜ ପଦାର୍ଥ ଲୁଟ୍ କରିବାକୁ ପଛାଉନାହାନ୍ତି। ୩୨୬ ନଂ.ଜାତୀୟ ରାଜପଥଠାରୁ ଦୁଇ କିମି ଦୂରରେ ଥିବା କାଲିମେଲା ବ୍ଲକ ମୋଟୁତହସିଲର କୁନାଲପାଲି ଗ୍ରାମର ମୋରମ ଖାଦାନ ଉପରେ ତେଲଙ୍ଗାନା ମାଫିଆଙ୍କ ନଜର ପଡ଼ିଛି। ଆମେ ଏହାର ଟେଣ୍ଡର ପାଇଛୁ ବୋଲି ସ୍ଥାନୀୟ ଲୋକଙ୍କୁ କହି ଉକ୍ତ ଅଞ୍ଚଳରେ ଧଳାହୀରା ରୂପେ ପରିଚିତ ଧଳାପଥରକୁ ଲୁଟି ନେଉଛନ୍ତି।

ପଥର ମାଫିଆମାନେ ସ୍ଥାନୀୟ ଗ୍ରାମବାସୀଙ୍କୁ ଅଳ୍ପ କିଛି ଟଙ୍କା ଦେଇ ବହୁ ପରିମାଣରେ ଧଳାପଥର ଖନନ କରି ଚାଲାଣ କରୁଛନ୍ତି। ଏହି ପଥର ଖାଦାନର ଟେଣ୍ଡର ପାଇଥିବା କହି ୩/୪ ମାସ ତଳେ ସେମାନେ ଗ୍ରାମକୁ ଆସି ସର୍ଭେ କରିଥିଲେ। ଗ୍ରାମରେ ମୂଲ୍ୟବାନ ଧଳାପଥର ଥିବା ସନ୍ଧାନ ପାଇ ଏହାକୁ ନେବାକୁ ଯୋଜନା କରିଥିଲେ। ପାହାଡ ପର୍ଯ୍ୟନ୍ତ ମୋରମ ପକାଇ ରାସ୍ତା ତିଆରି କରି ଟ୍ରାକ୍ଟରରେ ଏହି ଧଳାପଥର ବୋହି ନେଉଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ ଏପରି ବେଆଇନ ପଥର ଖାଦାନ ସମ୍ପର୍କରେ ପ୍ରଶାସନ ପାଖରେ ଖବର ନାହିଁ। ଏନେଇ ମୋଟୁତହସିଲଦାର ଶଶାଙ୍କ ମିଶ୍ର ଜାଣିବା ପରେ ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏମ୍‌ଭି-୭୯ ଆର୍‌ଆଇ ସମ୍ପୃକ୍ତ ସ୍ଥାନରେ ନାଲି ପତାକା ଲଗାଇ ଗ୍ରାମରେ ବୈଠକ କରି ଲୋକଙ୍କୁ ସଚେତନ କରିଛନ୍ତି।


**NOTICE INVITING TENDER**

**PANCHAYAT SAMITI BISSAMCUTTACK, DIST.- RAYAGADA**

**TENDER CALL NOTICE NO. BMCK-01/2021-22**

No. i-152: The Block Development Officer, Bissamcuttack, District Rayagada on behalf of Governor of Odisha invites percentage rates bids for the construction of works as detailed below in the table from ELIGIBLE contractors registered with the State Govt. and contractors of equivalent grade/class registered with Central Govt. for execution of Civil works on production of definite proof from the appropriate authority, agreement is to be drawn in P1 form. The bidders may submit bids for the following works.

| Sl. No. | Name of the Work | Value of Works in (Rs.) | Bid Security EMD 1% (in Rs.) | Cost of Tender Paper (in Rs.) | Period of Completion | Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of C.D.P.O. Building at Bissamcuttack of Bissamcuttack Block | 19,72,338/- | - | 6000/- | 09 (Nine) Calendar Months | "C" & "D" |

1. The sale and receipt of the Bid documents shall starts from **Dt.08.09.2021** upto 5.00 P.M. and close on **Dt.22.09.2021** at 5.00 P.M. during office hours (Except Sunday and Holiday) on payment of cost of bids documents either in shape of Cash or Demand Draft (non-refundable) issued from any Nationalized Bank drawn in favour of the Block Development Officer, Bissamcuttack payable at Bissamcuttack.
2. The bid documents received will be opened on **Dt.23.09.2021** at 11.00 A.M. in the Office of the Block Development Officer, Bissamcuttack. In the presence of bidder or their authorized agents wish to attend. If the office happens to be closed on the date or receipt/opening of the bids as specified, the bids will be received/opened on the next working day at the same time & venue.
3. Further details can be obtained in the website **www.rayagada.nic.in**.
4. Any amendment/cancellation/re-tender/corrigendum please refer to the website **www.rayagada.nic.in**.

**OIPR-19042/11/0007/2122** **Sd./- Block Development Officer, Bissamcuttack**






**GOVERNMENT OF ODISHA** No.A-422

**OFFICE OF THE EXECUTIVE ENGINEER, MINOR IRRIGATION DIVISION, KHARIAR**

**e-Procurement Notice**

**Bid Identification No.- 03/EE MIDKHR/2021-22**

**e-mail ID: eemidivision_khariar@rediffmail.com**

**No.-1319 Dt.31.08.2021**

| | | |
|---|---|---|
| 1 | Name of the work :- | Construction of civil Work under M.I.Division, Khariar. |
| 2 | No of Works :- | 12 ( Twelve) Nos. |
| 3 | Estimated cost :- | Varies from Rs.1.54 lakhs to Rs.18.26 lakhs (Approximately) |
| 4 | Cost of Tender paper:- | Varies from Rs.600/- to Rs. 6000/- (Non-Refundable) |
| 5 | Class of Contractor:- | "D" & "C" |
| 6 | Period of completion:- | 02 Calendar months |
| 7 | Date and Time of availability of bid Documents in the portal:- | From 06.09.2021 (10.00 AM) to 16.09.2021 (5.00 PM) |
| 8 | Last date / time of receipt of bids in the portal :- | 16.09.2021 (5.00 PM) |
| 9 | Date of opening of Bid documents:- | On dt. 17.09.2021 at 10.00 A.M in the Office of the Executive Engineer, M.I. Division, Khariar |
| 10 | Date of lottery (if required) | 24.09.2021 at 11.00 AM |
| 11 | The detail tender call notice can also be seen in the e-procurement portal:- | http://tendersodisha.gov.in |
| 12 | Digital Signature Certificate of Bidder:- | The bidders must possess Compatible Digital Signature Certificate (DSC) |
| 13 | Name & Address of the Officer Inviting Tender: - | Executive Engineer, M.I.Division, Khariar, At/PO: Khariar, Dist: Nuapada PIN-766107, Ph. No. - 06671-224284 Email ID: eemidivision_khariar@rediffmail.com |

"Further details can be seen from the e-Procurement market place. http://tendersodisha.gov.in"

**Sd./- Dt.31.08.2021**
**Executive Engineer, M.I. Division, Khariar**
OIPR-32090/11/0003/2122



**OFFICE OF THE COLLECTOR & DISTRICT MAGISTRATE, KHORDHA**

**(GRAM PANCHAYAT SECTION)**

**Ph. No. 06755-220001(O), 0674-2536949 (Camp Office)**
**Fax No.: 06755-221567, E-mail: dm-khurda@nic.in**

**QUOTATION CALL NOTICE**

**No. 852/G.P.** **Dated: 03.09.2021**

No. i-154: Sealed quotations are hereby invited from the Intending local printing press/ DTP Firms for printing of ward wise Electoral Roll of all Gram Panchayats of Khordha District in 60 GSM cream wove paper as per the terms, conditions and rate prescribed by the State Election Commission, Odisha for **General Election to PRIs - 2022**. The Electoral Roll shall be printed with 84 entries on 1st pages with heading at the top and 96 entries in each subsequent pages with short heading at the top. The Electoral Roll shall be printed in Odia and each pages shall be A-4 size paper.

The quotations shall be addressed to the Collector, Khordha and be delivered in a seal Envelope superscribed in the top of it as **"QUOTATION FOR PRINTING OF ELECTORAL ROLL FOR GENERAL ELECTION TO PRIs - 2022"** and has to be placed in the quotation box in District Panchayat Office on or before **20th September, 2021 by 03.00 P.M**. The Quotation will be opened on the same day at District Panchayat Office, Khordha at **05.00 P.M**. The detailed guidelines with terms conditions and rate prescribed by the State Election Commission, Odisha, Bhubaneswar vide their letter no. 2134/SEC Dated. 26.08.2021 is available in the District Website **www.khordha.nic.in** for reference of the interested Firm owners.

The material after printing shall be delivered by the concerned Press/DTP firm owner at the District Panchayat Office, Khordha at their own cost.

The undersigned reserves every right to accept/negotiate or cancel the Quotation(s) without assigning any reason thereof.

**Sd./- Collector, Khordha**
**OIPR-24013/11/0007/2122**



**CUTTACK DEVELOPMENT AUTHORITY**

CDA

**ARUNODAYA BHAWAN, LINK ROAD, CUTTACK - 12**

No.CAD-1104:-

**E-mail: cda.cuttack@ori.nic.in**

**No. 8682/CDA Date: 04.09.2021**

**INVITING EXPRESSION OF INTEREST**

1. Sealed expression of interest (hereinafter called EOI) for leasing out of Built up space of area 9759 Sft. in CAD Market Complex Building at Mahanadivihar, Cuttack is hereby invited on behalf of Cuttack Development Authority (CDA) in two bid system in the prescribed proforma by the O/o. the Secretary upto 15.00 hrs. on the date mentioned below.
2. Organisations/individuals (Single or consortium) are eligible to submit their bids for the purposes as below.
a) Scheduled Banks, both Governments owned or private.
b) Financial Institutions.
c) Reputed Private Organisations for their office purpose.
d) Kalyan Mandap.
e) Storage Godown
f) Permitted Commercial and Institutional use.
g) Educational Institutions.
3. Bid form consisting of eligibility criteria, terms and conditions, and the proforma of the EOI can be had from the aforesaid office from 11.00 hrs. to 16.00 hrs. on all working days, up to penultimate day of the last date of submission of the EOI.
4. The bid form can be downloaded from the link **(http://www.cda.cuttack@ori.nic.in)** Bidder can submit bids by downloading the bid document from website.
5. Details for obtaining bid forms, receipt and opening thereof shall be as follows:

| S.N. | Stage | Date and Time |
|---|---|---|
| A | Period of availability of the Document | 04.09.2021 to 30.09.2021 |
| B | Last date of receipt of pre-bid queries | 15.09.2021 By 13.00 hrs. |
| C | Date of Pre-bid conference | 15.09.2021 By 15.00 hrs. |
| D | Last date and time for receipt of Sealed Bids | 30.09.2021 upto 15.00 hrs. |
| E | Time and date for opening of technical & financial bid | 30.09.2021 at 15.30 hrs. |

6. The eligibility bid will be opened in the presence of the representative of the bidders at 15.30 hrs. on the last date of receipt of the bids.
7. Financial Bid shall be opened only of those who qualify in the eligibility-cum-Technical bid in the presence of the representatives of the bidders.
8. In case of attested copies of the documents/testimonials/certificates original copies thereof should be produced on demand at the time of opening of the bid.
9. The bid in which any of the prescribed conditions are not fulfilled is liable to be summarily rejected.
10. Canvassing in any form whether directly or indirectly, in connection with the bids is strictly prohibited and the bid submitted by the consultant who resorts to canvassing shall be liable to rejection.
11. CDA does not bind itself to accept the highest or any other bid, and reserves itself the right to reject any or all the bids without assigning any reasons.
12. No conditional bid including conditional rebate shall be accepted. Conditional bid will be liable to be summarily rejected.
13. The bid forms shall not be issued by Post/Courier. Further, bids shall not be received by Fax.
14. For any doubts and clarifications regarding EOI document please contact the Sri Narad Chandra Ratha, Engineer Member (I/c), Cuttack Development Authority, Arunodaya Bhawan, Link Road, Cuttack, Mobile No. +91-9437180346.
15. The site of area means the vacant space or any area which is to be given on rent on as is where is basis. Biddes are advised to visit the CDA Market Complex Site/Location of their interest before hand.
16. Any addition/alternation needed by lessee will be done by lessee at his own cost after getting prior approval from CDA.

**Sd./- Secretary**
OIPR-13037/11/0074/2122



**Bhubaneswar Municipal Corporation**

*Progress through Partnership for better Bhubaneswar*

**XXII (L) - 33/17**

**RFP No.: 69282** **Date: 04.09.2021**

**RFP for "Advertisement Rights on Government Land under 3 different packages of South West Zone of BMC"**

**No. C-892:-** Bhubaneswar Municipal Corporation invites sealed proposals from intending agencies for having the requisite qualification as per terms stipulated in the detailed RFP document for undertaking Advertising rights on Government Land under South West Zone divided into 3 separate packages. The detailed RFP document shall be made available in the website from 04.09.2021 onwards. The last date of receipt of application is till **5.00 PM on 25.09.2021**. For any clarification, an e-mail may be sent on **bmcpmu@bmc.gov.in**.

**By Order**
**Sd./- Dy. Commissioner (Revenue)**
**Bhubaneswar Municipal Corporation**
OIPR-13002/11/0052/2122



**GOVERNMENT OF ODISHA** **No. A-424**

**DEPARTMENT OF WATER RESOURCES**

**OFFICE OF THE SUPERINTENDING ENGINEER, BARPALI IRRIGATION DIVISION, BARPALI**

**E-mail ID: ee.barpali.canal@gmail.com**

**'e' Procurement Notice No. 05/2021-22**

**BID IDENTIFICATION No.- BIDT 05-10/2021-22 (ONLINE) Dated: 26.08.2021**

| | | | |
|---|---|---|---|
| 1 | Type of the Work | : | Improvement to Canal Work |
| 2 | No. of Works | : | 06 (Six) Nos. |
| 3 | Class of Contractor | : | "B" & "A" |
| 4 | Bid IdentificationNo. | : | BIDT-05-10/2021-22 (Online) Dated: 26.08.2021 |
| 5 | Estimated Cost | : | 66.31 to 99.83 lakhs |
| 6 | Period of Completion | : | As per DTCN |
| 7 | Date and time of availability of bid documents in the portal | : | Dt.06.09.2021 at 11.00 A.M. to Dt.24.09.2021 upto 5.00 P.M. |
| 8 | Last date/time for receipt of bids in the portal | : | Dt.24.09.2021 upto 5.00 P.M. |
| 9 | Date of Opening of Bid (Cover-I) | : | Dt.27.09.2021 at 11.00 A.M. |
| 10 | Name and address of the Officer Inviting Bid/TIA | : | Superintending Engineer, Barpali Irrigation Division, Barpali, At/P.O.- Barpali, Dist.- Bargarh - 768029 |
| | E-mail ID | : | **ee.barpali.canal@gmail.com** |

1. Any addendum/corrigendum/cancellation/erratum of tender can also be seen in the said website.
2. Further details can be seen from Government website: **http://tenderodisha.gov.in**.

**Sd./- Superintending Engineer**
**Barpali Irrigation Division, Barpali**
**OIPR-32413/11/0003/2122**



**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**

**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**

**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮**

**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା ୧୩୪୬୫/IND-II-PH-907 ତାରିଖ ୦୩।୦୯।୨୦୨୧

No.CAD-1110

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ପଟ୍ଟନାୟକ ମିନେରାଲସ୍ ପ୍ରା. ଲି. ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା, ବଣାଇ ସବ୍‌ଡିଭିଜନ୍, ଲହୁଣୀପଡ଼ା ତହସିଲ ଅନ୍ତର୍ଗତ ରଣ୍ଡା, ରନ୍ଥା ଏବଂ ଭୁତୁଡ଼ା ଗ୍ରାମରେ ୩୯୦.୩୧୭ ହେକ୍ଟର ପରିମିତ ଲିଜ୍ ଅଞ୍ଚଳରେ ସ୍ଥିତ ମହୁଲସୁଖ ଲୌହ ଏବଂ ମାଙ୍ଗାନିଜ୍ ଖଣିରୁ ପ୍ରସ୍ତାବିତ ବାର୍ଷିକ ମୋଟ ୧୬,୬୨,୯୭୭ ଟିପିଏ ଲୌହ ଉତ୍ତୋଳନ, ଆର୍.ଓ.ଏମ୍. ୧୦,୦୦,୦୦୦ ଟିପିଏ, ବାର୍ଷିକ ମୋଟ ୧୪,୦୭,୫୧୯ ଟିପିଏ ମାଙ୍ଗାନିଜ ଉତ୍ତୋଳନ, ଆର୍.ଓ.ଏମ୍. ୧,୫୦,୦୦୦ ଟିପିଏ କରିବା** ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୦୮।୧୦।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା, ଲହୁଣୀପଡ଼ା ବ୍ଲକ୍ ଅନ୍ତର୍ଗତ ଭୁତୁଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ସୁନ୍ଦରଗଡ଼** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ସୁନ୍ଦରଗଡ଼**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ସୁନ୍ଦରଗଡ଼**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ରାଉରକେଲା** ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ରାଉରକେଲା** ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./-ସଦସ୍ୟ ସଚିବ**
OIPR-08012/11/0080/2122

**ବଢ଼ିବ ନିଯୁକ୍ତି ପ୍ରକ୍ରିୟା**

ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ମୁଖ୍ୟ ଅର୍ଥଶାସ୍ତ୍ରୀ ସୌମ୍ୟକାନ୍ତି ଘୋଷ କହିଛନ୍ତି, ଚଳିତ ଆର୍ଥିକ ବର୍ଷ (୨୦୨୧-୨୨)ରେ ଶ୍ରମ ବଜାରର ସ୍ଥିତିରେ ସୁଧାର ଆସିବ ଏବଂ କମ୍ପାନୀଗୁଡ଼ିକ ମହାମାରୀ ହ୍ରାସ ହେବା ସହ ନିଯୁକ୍ତି ପ୍ରକ୍ରିୟାକୁ ପୁଣି ଥରେ ଦ୍ରୁତ କରିବାକୁ ଯାଉଛନ୍ତି। ଅର୍ଥଶାସ୍ତ୍ରୀମାନେ ଇପିଏଫ୍‌ଓ ଏବଂ ଏନ୍‌ପିଏସ୍ ପକ୍ଷରୁ ନିୟମିତ ଜାରି ମାସିକିଆ ରିପୋର୍ଟକୁ ବିଶ୍ଲେଷଣ କରି ଏହା କହିଛନ୍ତି। ଉକ୍ତ ରିପୋର୍ଟରେ ନୂତନ ନିଯୁକ୍ତି ସୃଷ୍ଟି ନେଇ ଆଶା ପ୍ରକାଶ କରାଯାଇଛି। ଆଗାମୀ ଦିନରେ ଯଦି ସବୁ ଠିକ୍ ରହେ ତା' ହେଲେ ନୂତନ ନିଯୁକ୍ତି ସୁଯୋଗ ୨୦୨୧-୨୨ରେ ପ୍ରାୟ ୫୦ ଲକ୍ଷ ଅତିକ୍ରମ କରିବ ବୋଲି ରିପୋର୍ଟରେ ଆଶା କରାଯାଇଛି।



**ସଂକ୍ଷେପରେ**


## ଶ୍ୟାମ ଷ୍ଟିଲ୍‌ର ବ୍ରାଣ୍ଡ ଆମ୍ବାସାଡର ହେଲେ ମନପ୍ରୀତ, ଲଭ୍‌ଲିନା

ଭୁବନେଶ୍ୱର,୪।୯: ଶ୍ୟାମ ଷ୍ଟିଲ୍ ପକ୍ଷରୁ ଅଲିମ୍ପିକ୍ ପଦକ ବିଜେତା ଲଭ୍‌ଲିନା ବୋର୍ଗୋହେନ ଓ ମନ୍‌ପ୍ରୀତ ସିଂହଙ୍କୁ କମ୍ପାନୀ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। 'ମଜବୁତ ତୋ ଭରୋସା ବନାନା ହୈ' ଅନୁଯାୟୀ କରାଯାଇଥିବା ଏହି ନିଯୁକ୍ତି ସାମଗ୍ରିକ କ୍ରୀଡ଼ା ସଂସ୍କୃତି ଓ ଭିତ୍ତିଭୂମିର ବିକାଶ ପ୍ରତି ଶ୍ୟାମ ଷ୍ଟିଲ୍‌ର ରହିଥିବା ଦାୟିତ୍ୱକୁ ଗୁରୁତ୍ୱାରୋପ କରୁଛି। ଏହା କମ୍ପାନୀର ଥିବା ଭାରତ ଗଠନର ବୃହତର ଲକ୍ଷ୍ୟ ସହିତ ଖାପଖାଉଛି। ଏହି ସହଯୋଗିତାର ଅଂଶ ସ୍ୱରୂପ ଲଭ୍‌ଲିନା ଓ ମନ୍‌ପ୍ରୀତ ଶ୍ୟାମ ଷ୍ଟିଲ୍‌ର ସର୍ବଭାରତୀୟ ପ୍ରିଣ୍ଟ ଓ ଡିଜିଟାଲ ଅଭିଯାନର ସାମିଲ ହେବେ। ଏ ସମ୍ପର୍କରେ ଶ୍ୟାମ ଷ୍ଟିଲ୍‌ର ନିର୍ଦ୍ଦେଶକ, ଲଳିତ ବେରିୱାଲ କହିଛନ୍ତି, ଶ୍ୟାମ ଷ୍ଟିଲ୍ ପରିବାରକୁ ଲଭ୍‌ଲିନା ଓ ମନ୍‌ପ୍ରୀତଙ୍କୁ ସ୍ୱାଗତକରି ଆମେ ଗର୍ବିତ।

# ୧୫ ଲକ୍ଷ କୋଟି ଟପିଲା ବଜାର ପୁଞ୍ଜି

ଭୁବନେଶ୍ୱର,୪।୯

ଶେୟାର ବଜାରରେ ରିଲାଏନ୍ସ ଇଣ୍ଡଷ୍ଟ୍ରିର ଶେୟାର ମୂଲ୍ୟ ବୃଦ୍ଧି ସାଙ୍ଗକୁ ନିକଟରେ ବିଭିନ୍ନ କମ୍ପାନୀର ଅଂଶଧନ କ୍ରୟ ରିଲାଏନ୍ସକୁ ବେଶ୍ ଲାଭ ଦେଇଛି। ଫଳରେ ଗତ କିଛିଦିନ ମଧ୍ୟରେ କମ୍ପାନୀର ଶେୟାର ମୂଲ୍ୟ ଆଶାତୀତ ଭାବେ ବୃଦ୍ଧି ପାଉଛି। ଏହି ସମ୍ପତ୍ତି ବୃଦ୍ଧି ଫଳରେ କମ୍ପାନୀ ଅଧ୍ୟକ୍ଷ ମୁକେଶ ଅମ୍ବାନିଙ୍କ ସମ୍ପତ୍ତି ମଧ୍ୟ ସେହି ପରିମାଣରେ ବଢ଼ିଚାଲିଛି। ଫଳରେ ରିଲାଏନ୍ସ ଇଣ୍ଡଷ୍ଟ୍ରିର ବଜାର ମୂଲ୍ୟ ବୃଦ୍ଧି ଘଟି ୧୫ ଲକ୍ଷ କୋଟିରୁ ଊର୍ଦ୍ଧ୍ୱରେ ପହଞ୍ଚିଛି। କମ୍ପାନୀ ଏମ୍‌କ୍ୟାପ୍ ବର୍ଗରେ ସାମିଲହେବା ସହ ବଜାରର ଏହି ସ୍ତର ଛୁଇଁବାରେ ରିଲାଏନ୍ସ ପ୍ରଥମ ଭାରତୀୟ ଶିଳ୍ପ ସଂସ୍ଥା ଭାବେ ସମ୍ମାନ ହାସଲ କରିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିର ଶେୟାର ମୂଲ୍ୟ ଆଶାତୀତ ଭାବେ ବୃଦ୍ଧି ପାଇବା ଯୋଗୁ କମ୍ପାନୀ ଏମ୍ କ୍ୟାପ୍‌ରେ ସାମିଲ ହୋଇଛି। ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ କାରବାର ସମାପ୍ତ ହେବା ବେଳକୁ ରିଲାଏନ୍ସର ସମ୍ପତ୍ତି ୧୫,୧୪,୦୧୭.୫୦ କୋଟି ଛୁଇଁଥିଲା। ସେହିଭଳି କମ୍ପାନୀର ଶେୟାର ୪.୧୨% ବୃଦ୍ଧି ହୋଇ ୨,୩୮୮.୨୫ରେ ପହଞ୍ଚିଥିଲା। ବଜାର କାରବାର ସମୟରେ ରିଲାଏନ୍ସର ଶେୟାର ୪.୩୮% ବଢ଼ି ୨,୩୯୪.୩୦ ପ୍ରତି ଇକ୍ୱିଟିରେ ରହିଥିଲା। କମ୍ପାନୀର ବଜାର ମୂଲ୍ୟ ଚଳିତ ବର୍ଷ ଜୁନ୍‌ରେ ୧୪ ଲକ୍ଷ କୋଟି ଟଙ୍କା ଟପି ଥିବା ସୂଚନା ମିଳିଛି। ରିଲାଏନ୍ସ ଶେୟାରର ବୃଦ୍ଧି ଯୋଗୁ ବଜାର ଉପରେ ମଧ୍ୟ ଏହାର ଭଲ ପ୍ରଭାବ ପଡୁଥିଲା। ପ୍ରଥମ କରି ଶୁକ୍ରବାର ସେନ୍‌ସେକ୍ସ ୫୮ ହଜାର ଉପରେ ବନ୍ଦ ହୋଇଥିଲା। ଏ ସମ୍ପର୍କରେ ରିଲାଏନ୍ସର ଅଧ୍ୟକ୍ଷ ମୁକେଶ ଅମ୍ବାନି କହିଛନ୍ତି, କମ୍ପାନୀର ସମ୍ପତ୍ତି ବୃଦ୍ଧିଠାରୁ ନେଇ ଏମ୍ କ୍ୟାପ୍‌ରେ ସାମିଲ ହେବା ପର୍ଯ୍ୟନ୍ତ ସବୁ ସ୍ତରରେ କଠିନ ପରିଶ୍ରମ ଓ ଅଭିବୃଦ୍ଧିକୁ ଆଖି ଆଗରେ ରଖି କମ୍ପାନୀ ଅନେକ କିଛି କାର୍ଯ୍ୟ କରୁଛି। ସେହିଭଳି ଆଗାମୀ ଦିନରେ ବିଶ୍ୱର ସବୁଠୁ ସୁଲଭ ମୂଲ୍ୟର ହାଇଡ୍ରୋଜେନ୍ ଇନ୍ଧନ ଉତ୍ପାଦନ କରିବା ଉପରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ କାର୍ଯ୍ୟ କରୁଛି। ଏହି କାର୍ଯ୍ୟ ସଫଳ ହେଲେ ହାଇଡ୍ରୋଜେନ୍ ଇନ୍ଧନର କିଲୋଗ୍ରାମ ପିଛା ମୂଲ୍ୟକୁ ୧ ଡଲାର ଭିତରେ ରଖିବା ପାଇଁ ସବୁ ସ୍ତରରେ ଚେଷ୍ଟା କରାଯିବ। ଏହା ହେଲେ ସବୁଜ ଶକ୍ତି କ୍ଷେତ୍ରରେ ଭାରତ ବିଶ୍ୱର ନେତୃତ୍ୱ ନେଇପାରିବ ବୋଲି ସେ କହିଛନ୍ତି। ୨୦୩୦ ସୁଦ୍ଧା ୪୫୦ ଗିଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସେହିପରି ରିଲାଏନ୍ସ ମଧ୍ୟ ୧୦୦ ଗିଗାୱାଟ୍‌ର ସୌର ଶକ୍ତି ଉତ୍ପାଦନ କରିବାକୁ ଚାହୁଁଛି ବୋଲି ମୁକେଶ କହିଛନ୍ତି।




**ହାଇଡ୍ରୋଜେନ୍ ଇନ୍ଧନ ଉତ୍ପାଦନ ରିଲାଏନ୍ସର ଆଗାମୀ ଲକ୍ଷ୍ୟ**

## ଇଣ୍ଡୋ-ଅଷ୍ଟ୍ରେଲିଆ ଦ୍ୱିପାକ୍ଷିକ ଆଲୋଚନା



ଭୁବନେଶ୍ୱର,୪।୯

ଭାରତରେ ଅବସ୍ଥାପିତ ଅଷ୍ଟ୍ରେଲିଆ ଉଚ୍ଚାୟୁକ୍ତ ବାରି ଓ'ଫେରେଲଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳ ନିକଟରେ କେନ୍ଦ୍ରୀୟ ନବରତ୍ନ ଉଦ୍ୟୋଗ ନାଲ୍‌କୋର ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ନାଲ୍‌କୋର ଅଧ୍ୟକ୍ଷ ଶ୍ରୀଧର ପାତ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବକ୍ସାଇଟ୍ ଖଣି, ବିଶ୍ୱସ୍ତରୀୟ ଆଲୁମିନିୟମ ଉତ୍ପାଦନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଶୃଙ୍ଖଳା ଏବଂ କମ୍ପାନୀର ବିଭିନ୍ନ ବ୍ୟବସାୟିକ କାର୍ଯ୍ୟକଳାପ ସମ୍ପର୍କରେ ଏଠାରେ ପ୍ରତିନିଧି ମଣ୍ଡଳୀଙ୍କୁ ଅବଗତ କରାଯାଇଥିଲା। ଏହା ଇଣ୍ଡୋ-ଅଷ୍ଟ୍ରେଲିଆ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ମଜଭୁତ କରିବାରେ ବେଶ୍ ସହାୟକ ହେବ ବୋଲି ଆଶା ପ୍ରକାଶ କରାଯାଇଛି। ଅଷ୍ଟ୍ରେଲିଆ ପ୍ରତିନିଧି ଦଳର ଅନ୍ୟ ସଦସ୍ୟମାନେ ଯଥା କନ୍‌ସଲ ଜେନେରାଲ ରୋୱାନ୍ ଆଇନ୍‌ସ୍‌ୱର୍ଥ, ଅଷ୍ଟ୍ରେଲିଆ ଉଚ୍ଚ ଆୟୋଗର ପ୍ରଥମ ସଚିବ ଆମି ୱେଡ, କୋଲକାତାସ୍ଥିତ ଅଷ୍ଟ୍ରେଲିଆ ବାଣିଜ୍ୟ ଏବଂ ନିବେଶ ଆୟୋଗର ବ୍ୟବସାୟ ବିକାଶ ପରିଚାଳକ ପାର୍ଥ ସେନ୍ ଏହି ଆଲୋଚନାରେ ଯୋଗଦେଇଥିଲେ। ସେହିପରି ନାଲ୍‌କୋର ନିର୍ଦ୍ଦେଶକ (ମାନବ ସମ୍ବଳ) ରାଧାଶ୍ୟାମ ମହାପାତ୍ର, ନିର୍ଦ୍ଦେଶକ (ପ୍ରକଳ୍ପ ଓ ବୈଷୟିକ) ମନସା ପ୍ରସାଦ ମିଶ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## କମିଲା ୩୯ ଔଷଧ ଦର

ଭୁବନେଶ୍ୱର,୪।୯: ନ୍ୟାଶନାଲ ଲିଷ୍ଟ ଅଫ୍ ଏସେନସିଆଲ ମେଡିସିନ୍(ଏନ୍‌ଏଲ୍‌ଇଏମ୍)କୁ ସଂଶୋଧନକରି କେନ୍ଦ୍ର ସରକାର ୩୯ଟି ଗୁରୁତ୍ୱର ଔଷଧ ମୂଲ୍ୟ ହ୍ରାସ କରିଛନ୍ତି। ଏହି କ୍ରମରେ କର୍କଟ ରୋଗ, ଆଣ୍ଟି ଡାଇବେଟିସ୍, ଆଣ୍ଟି ଭାଇରାଲ, ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ରେଟ୍ରୋଭାଇରାଲ, ଟିବି ଆଣ୍ଟି ଔଷଧ ଏବଂ କୋଭିଡ୍ ଚିକିତ୍ସାରେ ବ୍ୟବହୃତ କେତେକ ଔଷଧ ପାଇଁ ଏହି ମୂଲ୍ୟ ହ୍ରାସ କରାଯାଇଛି। ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ବିଭିନ୍ନ ଔଷଧ ଉପରେ ମୂଲ୍ୟ ନିୟନ୍ତ୍ରଣ ପାଇଁ ଦୀର୍ଘଦିନ ଧରି କାର୍ଯ୍ୟ କରିଆସୁଛି। ସାଧାରଣତଃ ବ୍ୟବହୃତ ଔଷଧଗୁଡ଼ିକର ମୂଲ୍ୟକୁ କ୍ୟାପ୍ ଅଧୀନରେ ଅଣାଯାଇଥିଲା। ସେଗୁଡ଼ିକ ହେଲେ ଟେନେଲିଗ୍ଲିପଟିନ୍-ଏକ ଆଣ୍ଟି ଡାଇବେଟିସ୍ ଔଷଧ, ଆଣ୍ଟି-ଟିବି ଔଷଧ, ଆଇଭର୍ମେକ୍ଟିନ୍-କୋଭିଡ୍ ଚିକିତ୍ସାରେ ବ୍ୟବହୃତ, ରୋଟାଭାଇରସ୍ ଟିକା ପ୍ରମୁଖ। ୨୦୧୫ରେ ବିଜ୍ଞପ୍ତି ପ୍ରକାଶ ପାଇ ୨୦୧୬ରେ କାର୍ଯ୍ୟକାରୀ ହୋଇଥିବା ଏନ୍‌ଏଲ୍‌ଇଏମ୍‌ର ସଂଶୋଧନ ପାଇଁ ସରକାର ଏକ ପ୍ରକ୍ରିୟା ଆରମ୍ଭ କରିଥିଲେ।

## ୩୩.୩୦ ଲକ୍ଷରୁ ଊର୍ଦ୍ଧ୍ୱ ଏଚ୍‌ଡିଏଫ୍‌ସି ପରିବର୍ତ୍ତନରେ ସାମିଲ

**ଭୁବନେଶ୍ୱର,୪।୯:** ଆର୍ଥିକ ବର୍ଷ ୨୦୨୧-୨୨ରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ସାମାଜିକ ପଦକ୍ଷେପ ପରିବର୍ତ୍ତନ ୩୩.୩୦ ଲକ୍ଷ ଲୋକଙ୍କ ନିକଟରେ ପହଞ୍ଚିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ମିଳିଛି। ପରିବର୍ତ୍ତନ ଯୋଜନାରେ ବ୍ୟାଙ୍କ ଜାତୀୟ ସ୍ତରରେ ୬୩୪.୯୧ କୋଟି ଟଙ୍କା ଖର୍ଚ୍ଚ କରିଛି। ସାମାଜିକ ଦାୟିତ୍ୱବୋଧ ପାଣ୍ଠି ଖର୍ଚ୍ଚରେ ଏହା ପ୍ରମୁଖ ସ୍ଥାନରେ ରହିଥିବା ଜଣାପଡିଛି। ଏହାର ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଏ କ୍ଷେତ୍ରରେ ଖର୍ଚ୍ଚ ୧୮.୫% ବଢ଼ିଛି। ନିରନ୍ତର ବିକାଶକୁ ନଜରରେ ରଖି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ଏଚ୍‌ଡିଏଫ୍‌ସି ବ୍ୟାଙ୍କର ବ୍ରାଞ୍ଚ ବ୍ୟାଙ୍କିଙ୍ଗ୍ ମୁଖ୍ୟ ସନ୍ଦୀପ ବର୍ମା କହିଛନ୍ତି।

## ହୋଣ୍ଡା କାର୍‌ସ-ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ବୁଝାମଣା

ଭୁବନେଶ୍ୱର,୪।୯




ଗ୍ରାହକଙ୍କ ଫାଇନାନ୍ସ ଓ ପେମେଣ୍ଟ ଆବଶ୍ୟକତା ପୂରଣ କରିବା ଲାଗି ହୋଣ୍ଡା କାର୍‌ସର ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ ସହ ବୁଝାମଣା ସ୍ୱାକ୍ଷର ହୋଇଛି। ଏହାଦ୍ୱାରା ହୋଣ୍ଡା ଆମେଜ୍ ଓ ହୋଣ୍ଡା ସିଟି କିଣିବାକୁ ଚାହୁଁଥିବା ଗ୍ରାହକମାନେ କମ୍ ଇଏମ୍‌ଆଇ, ଫ୍ଲେକ୍ସି ଟର୍ମ, ୧୦୦% ଶୋ'ରୁମ୍ ମୂଲ୍ୟ ପର୍ଯ୍ୟନ୍ତ ପାଣ୍ଠି ଏବଂ ନିଜକୁ ସୁହାଇବା ଭଳି ଫାଇନାନ୍ସ ସୁବିଧା ପାଇପାରିବେ। ଆଗାମୀ ଉତ୍ସବ ଋତୁକୁ ନଜରରେ ରଖି ହୋଣ୍ଡା ପକ୍ଷରୁ ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳର ଗ୍ରାହକମାନଙ୍କୁ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ସୁଧ ଓ ନମନୀୟ ପେମେଣ୍ଟ ବିକଳ୍ପ ପ୍ରଦାନ କରିବ। ଏହି ସ୍କିମ୍‌ଗୁଡ଼ିକ ଗ୍ରାହକଙ୍କୁ କୋଭିଡ୍ ମହାମାରୀ ପରିପ୍ରେକ୍ଷୀରେ ଗାଡ଼ି କିଣିବାରେ ସହଜ ବିକଳ୍ପ ପ୍ରଦାନ କରିବ। ଏ ସମ୍ପର୍କରେ ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍‌ର ବରିଷ୍ଠ ଉପସଭାପତି ଓ ନିର୍ଦ୍ଦେଶକ (ମାର୍କେଟିଂ ଓ ବିକ୍ରି) ରାଜେଶ ଗୋୟଲ କହିଛନ୍ତି , ବେତନଭୋଗୀ ଓ ଆତ୍ମନିର୍ଭରଶୀଳମାନଙ୍କ ଭଳି ବିଭିନ୍ନ ବର୍ଗର ଗ୍ରାହକଙ୍କ ନିକଟରେ ବ୍ୟକ୍ତିଗତ ଗମନାଗମନ ଯାନ ସୁଲଭ ମୂଲ୍ୟରେ ଏବଂ ସହଜରେ ପହଞ୍ଚାଇବା ଲାଗି ରହିଥିବା ଉଦ୍ୟମ ଅନ୍ତର୍ଗତ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

## ଭୁବନେଶ୍ୱରରେ ସୋଚ୍

ଭୁବନେଶ୍ୱର,୪।୯

ଏଥ୍‌ନିକ୍ ୱେୟାର ପାଇଁ ପ୍ରମୁଖ ବ୍ରାଣ୍ଡ ତଥା ୱାନ୍-ଷ୍ଟପ୍ ଶପ୍ ସୋଚ୍ ପକ୍ଷରୁ ସ୍ଥାନୀୟ ଶହୀଦନଗରସ୍ଥିତ ଜନପଥ ରୋଡ୍‌ରେ ପ୍ରଥମ ଷ୍ଟୋରର ଶୁଭାରମ୍ଭ ହୋଇଛି। ଷ୍ଟୋରଟି ୨୫୦୦ବର୍ଗଫୁଟ୍ ଅଞ୍ଚଳରେ ପରିବ୍ୟାପ୍ତ ରହିଛି। ଓଡ଼ିଶାରେ ଉପସ୍ଥିତିକୁ ସୁଦୃଢ଼ କରିବା ପାଇଁ କମ୍ପାନୀ ଏଭଳି ଏକ ପଦକ୍ଷେପ ଗ୍ରହଣ କରିଛି। ପୂର୍ବରୁ ଅନୁଗୋଳଠାରେ ପ୍ରଥମ ଷ୍ଟୋର୍ କମ୍ପାନୀ ଖୋଲିଥିଲା। ଭୁବନେଶ୍ୱରସ୍ଥିତ ଏହି ଷ୍ଟୋରରେ ଶାଢ଼ି, ସଲ୍‌ୱାର ସୁଟ୍, କୁର୍ତ୍ତା, ଟ୍ୟୁନିକ୍, କୁର୍ତ୍ତି ସୁଟ୍, ଡ୍ରେସ୍ ମ୍ୟାଟେରିଆଲ ଓ ମାସ୍କ ଭଳି ପ୍ରଦର୍ଶିତ ବିସ୍ତୃତ ଶୃଙ୍ଖଳାରୁ ଚୟନ କରିପାରିବେ। ଏହି ଅବସରରେ ସୋଚ୍ ଆପାରେଲ୍ସର ସିଇଓ ବିନୟ ଚଟ୍‌ଲାନି କହିଛନ୍ତି, ନୂଆ ଷ୍ଟୋର ଲଞ୍ଚ ସହିତ ରାଜ୍ୟରେ ନିଜର ଉପସ୍ଥିତି ବିସ୍ତାର କରିବାକୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

## ଜେଏସ୍‌ଏଲ୍ ଦେଲା ସ୍ୱୟଂଚାଳିତ ଟିକେଟ ମେଶିନ




କଟକ,୪।୯

ଯାଜପୁର ଜିଲାର କଳିଙ୍ଗନଗରଠାରେ ସ୍ଥାପିତ ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ (ଜେଏସ୍‌ଏଲ୍) ପକ୍ଷରୁ କମ୍ପାନୀ କଟକ ରେଳ ଷ୍ଟେଶନରେ ଏକ ସ୍ୱୟଂଚାଳିତ ଟିକେଟ ଏବଂ ପ୍ରବେଶ ପରିଚାଳନା ବ୍ୟବସ୍ଥା ମେଶିନ ସ୍ଥାପନ କରିଛି। ସାମାଜିକ ଉତ୍ତରଦାୟିତ୍ୱ କାର୍ଯ୍ୟକ୍ରମ ଅଧୀନରେ କମ୍ପାନୀ ଏଭଳି ପଦକ୍ଷେପ ହାତକୁ ନେଇଛି। ଉକ୍ତ ମେଶିନ ମାଧ୍ୟମରେ ଲୋକଙ୍କ ଥର୍ମାଲ ସ୍କାନିଂ, ମାସ୍କ ଯାଞ୍ଚ ଏବଂ ସ୍ୱୟଂଚାଳିତ ଟିକେଟ ଯାଞ୍ଚ ଭଳି କାର୍ଯ୍ୟ ସହଜରେ ହୋଇପାରୁଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତଟ ରେଳପଥର ଷ୍ଟେଶନ ମ୍ୟାନେଜର ଏସ୍.ମୁଖାର୍ଜୀ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥର ମୁଖ୍ୟ ବାଣିଜ୍ୟିକ ନିରୀକ୍ଷକ ଡି.କର, ମୁଖ୍ୟ ଟିକେଟ ନିରୀକ୍ଷକ ଏଲ୍.ଏନ୍. ଦାସ ଓ ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ୍‌ର ବାହ୍ୟ ସମ୍ପର୍କ ବିଭାଗ ମୁଖ୍ୟ ନୀଳମାଧବ ରଥ ଏବଂ କମ୍ପାନୀର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କୁମାର ତୀର୍ଥଦେବ ପ୍ରମୁଖ ଉପସ୍ଥିତ ଥିଲେ।

## ପବନରେ ଚାର୍ଜ ହେବ

**ନୂଆଦିଲ୍ଲୀ:** ବୈଜ୍ଞାନିକମାନେ ଏଭଳି ଏକ ଓ୍ୱାରଲେସ୍ ଚାର୍ଜିଂ ରୁମ୍ କରିଛନ୍ତି ଯେଉଁଠାରେ ସମସ୍ତ ବୈଦ୍ୟୁତିକ ସାମଗ୍ରୀ ଆପେ ଆପେ ଚାର୍ଜ ହୋଇଯିବ। ଜାପାନର ବୈଜ୍ଞାନିକମାନେ ସ୍ୱତନ୍ତ୍ର କୌଶଳରେ ଏବେ ଏକ ଓ୍ୱାରଲେସ୍ ଚାର୍ଜିଂ ରୁମ୍ ତିଆରି କରିଛନ୍ତି, ଯେଉଁଠାରେ ବିଭିନ୍ନ ପ୍ରକାରର ଉପକରଣ ସବୁ ଆପେ ଆପେ ଚାର୍ଜ ହୋଇଯିବ। ରୁମ୍ ଭିତରେ ଚୁମ୍ବକୀୟ ଶକ୍ତି ମାଧ୍ୟମରେ ଚାର୍ଜ ହୋଇଥାଏ। ହାର୍ଟ ସମସ୍ୟା ଥିବା ବ୍ୟକ୍ତି କିମ୍ବା ପେସ୍‌ମେକର୍ ଲାଗିଥିବା ବ୍ୟକ୍ତି ଏହି ରୁମ୍ ଭିତରକୁ ଯିବା ଆଦୌ ଉଚିତ ନୁହେଁ। ଏହି ରୁମ୍‌ରେ ସେମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଜାପାନର ଟୋକିଓ ୟୁନିଭର୍ସିଟିର ବୈଜ୍ଞାନିକମାନେ ଏଭଳି ଏକ ଚାର୍ଜିଂ ରୁମ୍ ତିଆରି କରିଛନ୍ତି। ଏଠାରେ ୫୦ ୱାଟ୍ ପର୍ଯ୍ୟନ୍ତ ପାୱାର ଉପଲବ୍ଧ କରାଯାଉଛି।




**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ବାବା ମୁବାରକ୍ ଖାନ୍**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mob. 9999268493
Whatsapp: 8902923601

**ଭାରତର ନଂ.1 Tower Company**
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଖେତ, ପ୍ଲଟ୍‌ରେ 4G/5G Digital Tower ଲଗାନ୍ତୁ। ପାଆନ୍ତୁ ଅଗ୍ରିମ 90 ଲକ୍ଷ, ଭଡ଼ା 90000+ 20 ବର୍ଷର ଏଗ୍ରିମେଣ୍ଟ + 1 ବାଇକ୍, ରେଜିଷ୍ଟ୍ରେଶନ୍ ଫିସ୍ 999/-
ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ
8004625362
9450762304

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଫୁରସତ୍**

# ପୃଥିବୀକୁ ବିପଦ ଆଗ୍ନେୟଗିରି

**ବିଶାଳକାୟ ଜୀବନ୍ତ ଆଗ୍ନେୟଗିରିର ଗତିବିଧି ସମ୍ପର୍କରେ ସ୍ପଷ୍ଟ ସୂଚନା ଦେବା ଅତ୍ୟନ୍ତ କଷ୍ଟସାଧ୍ୟ। କେବେ ଓ କେଉଁ ପରିସ୍ଥିତିରେ ଏଥିରେ ବିସ୍ଫୋରଣ ଘଟିବ, ତାହା କହିବା ମୁସ୍କିଲ। ତେବେ ଗୋଟିଏ କଥା ସତ, ଯେତେବେଳେ ଏଥିରେ ବିସ୍ଫୋରଣ ଘଟେ; ସେତେବେଳେ ରଚେ ମହାପ୍ରଳୟ। ଆଗାମୀ ଦିନରେ ପୃଥିବୀରେ ଥିବା ବିଶାଳକାୟ ଆଗ୍ନେୟଗିରିରେ ବିସ୍ଫୋରଣ ମହାବିନାଶ ଆଣିବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ବୈଜ୍ଞାନିକ।**



**ନୂଆଦିଲ୍ଲୀ:** ଆଗ୍ନେୟଗିରି ବିସ୍ଫୋରଣ ହେଲେ ରଚିଥାଏ ମହାବିନାଶ। ପୃଥିବୀ ପୃଷ୍ଠରେ ଥିବା ଏଭଳି ଶତାଧିକ ସମ୍ବେଦନଶୀଳ ଆଗ୍ନେୟଗିରି ଜୀବଜଗତ ପାଇଁ ବିପଦ ହୋଇ ରହିଛି। ଆଗ୍ନେୟଗିରିରେ ଥରେ ବିସ୍ଫୋରଣ ହେବା ପରେ ଏହା ଅନେକ ବର୍ଷ ଧରି ସକ୍ରିୟ ରୁହେ ଏବଂ ଏହାର ଗତିବିଧି ବାରମ୍ବାର ବଦଳୁଥାଏ। ଇଣ୍ଡୋନେସିଆରେ ଥିବା ଏକ ବୃହତ୍ ଆଗ୍ନେୟଗିରି ଉପରେ ଅଧ୍ୟୟନ କରୁଥିବା ବୈଜ୍ଞାନିକମାନେ ଏ ସମ୍ପର୍କରେ ବଡ଼ ଖୁଲାସା କରିଛନ୍ତି। ଆଗ୍ନେୟଗିରିକୁ ନେଇ ସମ୍ଭାବ୍ୟ ପ୍ରଳୟଙ୍କରୀ ସ୍ଥିତି ବିଷୟରେ ମନୁଷ୍ୟକୁ ଗମ୍ଭୀରତା ସହ ଭାବିବାର ଆବଶ୍ୟକତା ରହିଛି ବୋଲି ସେମାନେ କହିଛନ୍ତି।

ଅନ୍ତର୍ଜାତୀୟ ବିଶେଷଜ୍ଞ ଟିମ୍‌ର ସଦସ୍ୟ ତଥା କାର୍ଟିନ ୟୁନିଭର୍ସିଟିର ଆସୋସିଏଟ ପ୍ରଫେସର ମାର୍ଟିନ ଡେସିସିକ୍ କହିଛନ୍ତି, ହଜାର ବର୍ଷ ମଧ୍ୟରେ ଏକ ଅଗ୍ନେୟଗିରି ମଧ୍ୟରେ ଏକାଧିକ ବିସ୍ଫୋରଣ ହୋଇଥାଏ। ଥରେ ପ୍ରଚଣ୍ଡ ବିସ୍ଫୋରଣ ହେବା ପରେ କ୍ରମାଗତ ଭାବେ ଏଥିରୁ ଲାଭା ଉଦ୍‌ଗିରଣ ହୋଇଥାଏ। ପରେ ଛୋଟ ଛୋଟ ବିସ୍ଫୋରଣ ହୋଇଥାଏ। କିଛି ବର୍ଷ ପରେ ଏହା ସମ୍ପୂର୍ଣ୍ଣ ଶାନ୍ତ ହୋଇଯାଏ। ସୁପ୍ତ ଥିବା ଅବସ୍ଥାରେ ଏହାର ଆଭ୍ୟନ୍ତରରେ କେଉଁ ପ୍ରକାର ଗତିବିଧି ଚାଲିଥାଏ, ତାହା ଅଦ୍ୟାବଧି ଅସ୍ପଷ୍ଟ ରହିଛି। ଏହା ଉପରେ ଅଧିକ ଗବେଷଣା କରାଗଲେ ବିସ୍ଫୋରଣର ପୂର୍ବାନୁମାନ କରାଯାଇପାରିବ। ଆଗ୍ନେୟଗିରିରେ ହେଉଥିବା ଶକ୍ତିଶାଳୀ ବିସ୍ଫୋରଣ ପ୍ରଳୟଙ୍କରୀ ବିପର୍ଯ୍ୟୟ ଭିତରୁ ଗୋଟିଏ। ଏହାପରେ ପୃଥିବୀର ଆଭ୍ୟନ୍ତରରୁ ବ୍ୟାପକ ପରିମାଣର ଲାଭା, ଗ୍ୟାସ୍, ଧୂଆଁ ବାହାରକୁ ଆସି ଜଳବାୟୁକୁ ପ୍ରଭାବିତ କରିଥାଏ। ଏଭଳି ପ୍ରକ୍ରିୟା ବାରମ୍ବାର ଲାଗି ରହିଲେ ପୃଥିବୀ ହିମଯୁଗକୁ ଚାଲିଯିବ। ଶୀତର ପ୍ରକୋପ ବୃଦ୍ଧି ପାଇବା ସହିତ ଏହାର ପ୍ରଭାବ ଜନସଂଖ୍ୟା ଉପରେ ପଡ଼ିବ। ତେଣୁ ଉଭୟ ସୁପ୍ତ ଏବଂ ଜୀବନ୍ତ ଆଗ୍ନେୟଗିରିର ଗତିବିଧି ଉପରେ ଅଧିକରୁ ଅଧିକ ଗବେଷଣା ଜରୁରୀ ବୋଲି ସେ କହିଛନ୍ତି।

## ଗଦ୍ଦର-୨'ରେ ରହିବେ ପୁରୁଣା କଳାକାର

**ମୁମ୍ବାଇ:** ବଲିଉଡ୍‌ରେ ଏବେ ଚାଲିଛି ସିକ୍ୱେଲର ସମୟ। ଗୋଟିଏ ପରେ ଗୋଟିଏ ସିକ୍ୱେଲକୁ ଦର୍ଶକେ ପସନ୍ଦ ବି କରୁଛନ୍ତି । ଏହି କ୍ରମରେ ସନି ଦେଓଲଙ୍କ ସୁପରହିଟ ଫିଲ୍ମ ଗଦ୍ଦର ଦ୍ୱିତୀୟ ଭାଗ ଆସିବ। ଏହି ନୂଆ ଫିଲ୍ମରେ ସେ ତାରା ସିଂଙ୍କ ଭାରତ ଫେରିବା ପରର ଷ୍ଟୋରୀ ଦେଖିବାକୁ ମିଳିବ । ନିର୍ଦ୍ଦେଶକ ଅନିଲ ଶର୍ମା ଫିଲ୍ମର ଷ୍ଟୋରୀ ଲାଇନ ବ୍ୟତୀତ ଆଉ କିଛି ଶେୟାର କରିନାହାନ୍ତି। ଗଦ୍ଦର ୨ରେ ପୁରୁଣା କଳାକାରଙ୍କୁ ଦେଖିବାକୁ ମିଳିବ ବୋଲି କୁହାଯାଉଛି। ଅମିଷା ପଟେଲଙ୍କୁ ବି ଏଥର ଦେଖିବାକୁ ମିଳିବ ବୋଲି ଅନୁମାନ କରାଯାଉଛି। ନିକଟରେ ଅମିଶା ନିର୍ଦ୍ଦେଶକଙ୍କୁ ଭେଟିଥିବା ଜଣାପଡିଛି। ସେ ଏହାର ଏକ ଫଟୋ ସୋସିଆଲ ମିଡିଆରେ ଶେୟାର କରି ତାଙ୍କ ଅଭିନୟ ବିଷୟରେ ଇସାରା ଦେଇଛନ୍ତି ।



## ଦୀପିକାଙ୍କ ବଦାନ୍ୟତା

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ ଏବେ ତାଙ୍କ କୋ-ଷ୍ଟାରଙ୍କ ପାଇଁ ଆଗେଇ ଆସିଛନ୍ତି । ମୁଭି 'ଛପାକ'ରେ ତାଙ୍କ ସହ ଅଭିନୟ କରିଥିବା ବାଲା ଏବେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ବାଲା ହେଉଛନ୍ତି ଜଣେ ଏସିଡ ପୀଡ଼ିତା । ପ୍ରାୟ ୯ ବର୍ଷ ତଳେ ପାରିବାରିକ କଳହକୁ ନେଇ ବାଲା ଓ ତାଙ୍କ ଦାଦାଙ୍କ ଉପରେ ଏସିଡ ମାଡ ହୋଇଥିଲା। ଏଥିରେ ତାଙ୍କ ଦାଦାଙ୍କ ମୃତ୍ୟୁ ହୋଇଥିବା ବେଳେ ବାଲା ୧୨ଟି ସର୍ଜରୀ ପରେ ବଞ୍ଚି ଯାଇଥିଲେ। ପରେ ନିଜ ଗୋଡରେ ନିଜେ ଠିଆ ହେବାକୁ ଚେଷ୍ଟା କରିଥିଲେ। ଏବେ ତାଙ୍କର କିଡନୀ ଖରାପ ହୋଇଥିବା ଜଣାପଡିଛି। ଏଥିପାଇଁ ଅନ ଲାଇନ କ୍ରାଉଡ ଫଣ୍ଡିଂ ଯୋଗେ ଅର୍ଥ ସଂଗ୍ରହ କରାଯାଉଛି। ଏହା ଜାଣିବା ପରେ ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ ବାଲାଙ୍କ ଚିକିତ୍ସା ପାଇଁ ୧୫ ଲକ୍ଷ ଟଙ୍କା ଦାନ କରିଛନ୍ତି । ଏସିଡ ପୀଡିତା ଲକ୍ଷ୍ମୀଙ୍କ ଜୀବନ କାହାଣୀ ଉପରେ ଆଧାରିତ ଫିଲ୍ମ 'ଛପାକ' ଦୀପିକାଙ୍କ ଉପରେ ଖୁବ୍ ପ୍ରଭାବ ପକାଇଛି।

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

୰ଜ୍ୟୋତ୍ସ୍ନାଲତା ତ୍ରିପାଠୀ
ପଟିଆ, ଭୁବନେଶ୍ୱର-୩୧
ଆବିର୍ଭାବ-୨୩।୧୦।୧୯୪୯
ତିରୋଧାନ- ୨୬।୦୮।୨୦୨୧
ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଆମର ପାଥେୟ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଭକ୍ତିପୂତ ପ୍ରାର୍ଥନା ।
-ଶୋକସନ୍ତପ୍ତ-
ସ୍ୱାମୀ: ସଞ୍ଜୟ ପ୍ରସାଦ ତ୍ରିପାଠୀ, ପୁତ୍ର, ପୁତ୍ରବଧୂ, ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୨୧୫୫୧

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**

ସ୍ୱର୍ଗତ ବିଶ୍ୱନାଥ ତ୍ରିପାଠୀ
ପ୍ରଥମଖଣ୍ଡି, ବୀରରାମଚନ୍ଦ୍ରପୁର, ସତ୍ୟବାଦୀ
ଏହି ପୁଣ୍ୟ ତିଥିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆପଣଙ୍କ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପତ୍ନୀ, ପୁତ୍ର, ପରିବାର ଓ ବନ୍ଧୁବର୍ଗ ।
ଧ-୬୬୬୩୭

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ**

ସ୍ୱର୍ଗତ ଡକ୍ଟର ଭାଗବତ ପ୍ରସାଦ ପାତ୍ର
ଅବସରପ୍ରାପ୍ତ ପ୍ରାଧ୍ୟାପକ ଉତ୍କଳ ୟୁନିଭରସିଟି, ମିଳନ୍ ପାରାଡାଇଜ୍, ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ: ୧୧।୧୨।୧୯୪୨
ତିରୋଧାନ: ୧୦।୦୯।୨୦୦୭
ଆପଣଙ୍କ ଅମରାତ୍ମା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଚିର ଶାନ୍ତି ଲାଭକରୁ ଏହା ହିଁ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୭୦୯୫୨

# ସ୍ୱର୍ଣ୍ଣିମ ଅଧ୍ୟାୟ

ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଏଥିପାଇଁ ଓଡ଼ିଶା ସମେତ ସାରା ଭାରତରେ ଖୁସିର ଲହରି ଖେଳିଯାଇଛି। ଓଡ଼ିଶା କ୍ରୀଡ଼ାରେ ଏହା ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ତାଙ୍କର ଏହି ସଫଳତା ଯୁବ ପୀଢ଼ୀଙ୍କୁ ଅନୁପ୍ରାଣିତ କରିବ ଏବଂ ଅଧିକରୁ ଅଧିକ ଖେଳାଳି ପାରା ସ୍ପୋର୍ଟ୍ସକୁ କ୍ୟାରିୟର କରିବାକୁ ଆଗେଇ ଆସିବେ ବୋଲି ଓଡ଼ିଶାର କ୍ରୀଡ଼ାବିତ୍ ମତବ୍ୟକ୍ତ କରିଛନ୍ତି।

## ରିୟଲ ସ୍ପୋର୍ଟ୍ସ ପର୍ସନ



"ପ୍ରମୋଦ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତି ଆମକୁ ଗର୍ବିତ କରିଛନ୍ତି। ନିଜ ଦକ୍ଷତା ଉପରେ ଅଗାଢ଼ ବିଶ୍ୱାସ ଏବଂ କଠିନ ପରିଶ୍ରମର ଫଳ ସେ ପାଇଛନ୍ତି। ପୂର୍ବରୁ ସେ ପାରା ବ୍ୟାଡ୍‌ମିଣ୍ଟନରେ ବିଶ୍ୱଚାମ୍ପିୟନ ହୋଇଥିଲେ, ଏବେ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହାଠାରୁ ତାଙ୍କପାଇଁ ଆଉ ବଡ଼ ସଫଳତା କିଛି ନାହିଁ। ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ମଧ ସେ ନମ୍ବରଓ୍ୱାନ ସ୍ଥାନରେ ରହିଛନ୍ତି। ଏହା ନିଶ୍ଚିତ ଓଡ଼ିଶା କ୍ରୀଡ଼ାକୁ ବହୁତ ଆଗକୁ ନେବ ଏବଂ ଯୁବ ପିଢ଼ୀଙ୍କୁ ଉତ୍ସାହିତ କରିବ। ପ୍ରମୋଦଙ୍କ ପରି ଖେଳାଳି ହେଉଛନ୍ତି ରିୟଲ ସ୍ପୋର୍ଟ୍ସ ପର୍ସନ। ଯେଉଁମାନେକି ଅନେକ କଷ୍ଟ ସହିବା ସତ୍ତ୍ୱେ କେବେ ହାର ମାନି ନ ଥାନ୍ତି। ପ୍ରମୋଦ ତାହା କରି ଦେଖାଇଛନ୍ତି।

- ଦିଲୀପ ତିର୍କୀ, ଅଲିମ୍ପିଆନ



ଟୋକିଓ ପାରାଲିମ୍ପିକ୍ସରେ ଶନିବାର ପ୍ରମୋଦ ଭଗତ ସ୍ୱର୍ଣ୍ଣ ପଦକ ଜିତିବା ପରେ ଓଡ଼ିଶାର ପାରା ସ୍ପୋର୍ଟ୍ସ ଖେଳାଳିମାନେ ନୟାପଲ୍ଲୀଠାରେ ଏକତ୍ରିତ ହୋଇ ଖୁସି ମନାଉଛନ୍ତି।

## ରୋଲ୍ ମଡେଲ

"ଆମର ଜଣେ ଓଡ଼ିଆ ପୁଅ ଟୋକିଓ ମାଟିରେ ସ୍ୱର୍ଣ୍ଣ ପଦକ ଜିତି ଆମର ଏବଂ ସାରା ଦେଶର ଟେକ ରଖିଛନ୍ତି। ଏହା ଆମପାଇଁ ଅତ୍ୟନ୍ତ ଗର୍ବ ଏବଂ ଗୌରବର କଥା। ଅଲିମ୍ପିକ୍ସ ହେଉ କି ପାରାଲିମ୍ପିକ୍ସ ବଡ଼ ପ୍ରତିଯୋଗିତା ଗୁଡ଼ିକରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଚାପ ରହିଥାଏ। ତାକୁ ହାତେଇ ପାରାଲିମ୍ପିକ୍ସରେ ପ୍ରମୋଦ ସ୍ୱର୍ଣ୍ଣ ପଦକ ଜିତି ଯୁବ ପୀଢ଼ି ପାଇଁ ରୋଲ ମଡେଲ ହୋଇ ଯାଇଛନ୍ତି। ନିଜ ଉପରେ ବିଶ୍ୱାସ, କଠିନ ପରିଶ୍ରମ ଯୋଗୁ ସେ ଇତିହାସ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି। ବ୍ୟକ୍ତିଗତଭାବେ ମୁଁ ବହୁତ ଖୁସି ଏବଂ ଗର୍ବିତ ମଧ।



-ଅନୁରାଧା ବିଶ୍ୱାଳ, ଅଲିମ୍ପିଆନ

## ଗୌରବର ଦିନ



"ପ୍ରମୋଦ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ଓଡ଼ିଶା ପାରା ସ୍ପୋର୍ଟ୍ସ ପାଇଁ ଏକ ଗୌରବର ଦିନ। କୋଚ୍‌ଭାବେ ମୁଁ ଏତେ ଖୁସି ଯେ ଏହାକୁ ଭାଷାରେ ପ୍ରକାଶ କରି ପାରୁନାହିଁ। ପାରାଲିମ୍ପିକ୍ସରେ କେବେ ବ୍ୟାଡ୍‌ମିଣ୍ଟନ ସାମିଲ ହେବ ଏବଂ ପ୍ରମୋଦ ଖେଳିବେ ତାକୁ ଆମେ ଅପେକ୍ଷା କରିଥିଲୁ। ଶେଷରେ ସେ ସମୟ ଆସିଲା। ତା' ପରେ ସେ ପାରାଲିମ୍ପିକ୍ସ ପାଇଁ କିପରି ଯୋଗ୍ୟତା ଅର୍ଜନ କରିବେ ତାକୁ ନେଇ ଚିନ୍ତା ଥିଲା। ତାହା ଦୂର ହେବାପରେ ବଡ଼ ପ୍ରତିଯୋଗିତାର ଚାପକୁ ହାତେଇ ସେ କିପରି ଶ୍ରେଷ୍ଠ ପ୍ରଦର୍ଶନ କରିବେ ତାହା ମଧ ବଡ଼ ପ୍ରସଙ୍ଗ ଥିଲା। ସେ ଯାହା ହେଉ ଆଜି ପ୍ରମୋଦ ଆମପାଇଁ ଐତିହାସିକ ସଫଳତା ଆଣିଲେ। ଏହା ଓଡ଼ିଶା ପାରା ସ୍ପୋର୍ଟ୍ସକୁ ଏକ ଭିନ୍ନ ସୋପାନକୁ ନେବ। ଏହାଦ୍ୱାରା ଅଧିକରୁ ଅଧିକ ଖେଳାଳି ପାରା ସ୍ପୋର୍ଟ୍ସକୁ କ୍ୟାରିୟର କରିବାକୁ ଆଗେଇ ଆସିବେ।

-ଶିବ ପ୍ରସାଦ ଦାସ, ପ୍ରମୋଦଙ୍କ କୋଚ୍

## ପାରା ସ୍ପୋର୍ଟ୍ସରେ ବିପ୍ଳବ



"ପ୍ରମୋଦ ଭଗତ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତି ଓଡ଼ିଶା ପାରାସ୍ପୋର୍ଟ୍ସ ପାଇଁ ବିପ୍ଳବ ସୃଷ୍ଟି କରିଛନ୍ତି। ତାଙ୍କର ଏହି ସଫଳତା ଓଡ଼ିଶା ପାରା ସ୍ପୋର୍ଟ୍ସ କ୍ରୀଡ଼ାବିତ୍‌ଙ୍କ ଭାଗ୍ୟରେ ନିଶ୍ଚିତ ପରିବର୍ତ୍ତନ ଆଣିବ ଏବଂ ଏହି କ୍ରୀଡ଼ାକୁ ଏକ ଭିନ୍ନ ସୋପାନକୁ ନେବ। ତାଙ୍କ ସ୍ୱର୍ଣ୍ଣ ବିଜୟରେ ଆମେମାନେ ବହୁତ ଖୁସି। ଦିନସାରା ନୟାପଲ୍ଲୀଠାରେ ୪୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏକତ୍ରିତ ହୋଇ ବିଜୟ ଉତ୍ସବ ପାଳନ କରିଛୁ। ରବିବାର ମିକ୍ସଡ ଡବଲ୍ସରେ ମଧ ସେ ଭଲ ପ୍ରଦର୍ଶନ କରିବେ ବୋଲି ଆମେ ଆଶା ରଖିଛୁ। ପ୍ରମୋଦ ଫେରିଲେ ଆମେ ତାଙ୍କୁ ଭବ୍ୟ ସ୍ୱାଗତ କରିବୁ-

-ରାଖାଲ କୁମାର ସେଠୀ, ଅନ୍ତର୍ଜାତୀୟ ପାରା କ୍ରୀଡ଼ାବିତ୍

## ତ୍ୟାଗର ଫଳ



"ପାରାସ୍ପୋର୍ଟ୍ସ ଖେଳାଳିଙ୍କୁ ଭାଗ୍ୟରେ ଥିଲେ ପାରାଲିମ୍ପିକ୍ସରେ ଖେଳିବାର ସୁଯୋଗ ମିଳେ। ଏ ଦୃଷ୍ଟିରୁ ପ୍ରମୋଦ ଭାଗ୍ୟବାନ ବୋଲି ମୁଁ କହିବି। ସେ ଏଥିପାଇଁ ବହୁତ କିଛି ତ୍ୟାଗ କରିଛନ୍ତି। ଘର ପରିବାରଠାରୁ ଦୀର୍ଘଦିନ ଦୂରରେ ରହି କେବଳ ଖେଳକଥା ଚିନ୍ତା କରିଛନ୍ତି। ପ୍ରଥମେ ଭୁବନେଶ୍ୱରରେ ଏବଂ ତା' ପରେ ଲକ୍ଷ୍ନୌରେ ଅଭ୍ୟାସ ସମୟରେ କଠିନ ପରିଶ୍ରମ କରିଛନ୍ତି। ଟୋକିଓ ପାରାଲିମ୍ପିକ୍ସରେ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟ ସାମିଲ ହେବ ବୋଲି ୨୦୧୧ରେ ଘୋଷଣା ହୋଇଥିଲା। ସେତେବେଳେ ମୁଁ ଏବଂ ପ୍ରମୋଦ ସାଥିହୋଇ ଗୋଟିଏ ସ୍ଥାନରେ ଥାଉ। ମୁଁ ତାଙ୍କୁ ଖୁସିରେ କହିଥିଲି ଯେ ଆପଣଙ୍କ ପାଇଁ ସୁଯୋଗ ଆସିଗଲା। ପ୍ରମୋଦ ସ୍ୱର୍ଣ୍ଣ ପଦକ ଜିତିବା ଆମ ସମସ୍ତଙ୍କ ପରିଶ୍ରମକୁ ସାର୍ଥକ କରିଛି।

-ସୁନୀଲ ପ୍ରଧାନ, ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି

# ମନୀଷଙ୍କୁ ସ୍ୱର୍ଣ୍ଣ, ସିଂହରାଜ ଜିତିଲେ ରୌପ୍ୟ



ମନୀଷ ନରଓ୍ୱାଲ



ସିଂହରାଜ ଆଡାନା

**ଟୋକିଓ,୪।୯**

ଟୋକିଓ ପାରାଲିମ୍ପିକ୍ସର ୧୧ତମ ଦିବସରେ ଭାରତୀୟ ଆଥଲେଟମାନେ ଦମ୍‌ଦାର ପ୍ରଦର୍ଶନ କରି ଏକାଧିକ ପଦକ ହାସଲ କରିଛନ୍ତି। ଶୁଟିଂରେ ଶନିବାର ଭାରତକୁ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ମିଳିଛି। ଶୁଟର ମନୀଷ ନରଓ୍ୱାଲ ଦେଶ ପାଇଁ ତୃତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଅନ୍ୟତମ ଶୁଟର ସିଂହରାଜ ଆଡାନା ରୌପ୍ୟ ପଦକ ହାସଲ କରିଛନ୍ତି। ଚଳିତ ପାରାଲିମ୍ପିକ୍ସରେ ଭାରତୀୟ ଶୁଟରମାନେ ଏ ପର୍ଯ୍ୟନ୍ତ ୨ ସ୍ୱର୍ଣ୍ଣ ସହ ମୋଟ ୫ଟି ପଦକ ହାସଲ କରିଛନ୍ତି।

୧୯ ବର୍ଷୀୟ ନରଓ୍ୱାଲ ପି୪ ମିକ୍ସଡ ୫୦ଏମ ପିସ୍ତଲ ଏସ୍‌ଏଚ୍‌୧ ଇଭେଣ୍ଟରେ ପଦାର୍ପଣ କରିବା ସହ ସ୍ୱର୍ଣ୍ଣିମ ସଫଳତା ହାସଲ କରିଛନ୍ତି। ସେହିପରି ଏହି ଇଭେଣ୍ଟରେ ସିଂହରାଜ ରୌପ୍ୟ ପଦକ ଜିତିଛନ୍ତି। ନରଓ୍ୱାଲ ମୋଟ ଉପରେ ୨୧୮.୨ ସ୍କୋର କରିଥିବା ବେଳେ ୩୯ ବର୍ଷୀୟ ସିଂହରାଜ ୨୧୬. ୭ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ପଦକ ଜିତିଛନ୍ତି। ଏହାପୂର୍ବରୁ ସେ ମଙ୍ଗଳବାର ପି୧ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଏସ୍‌ଏଚ୍‌୧ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏଥିସହ ସିଂହରାଜ ଗୋଟିଏ ଅଲିମ୍ପିକ୍ସରେ ଏକାଧିକ ପଦକ ହାସଲ କରି ବିରଳ ସଫଳତା ହାସଲ କରିବା ସହ ଏଲିଟ କ୍ଲବରେ ସାମିଲ ହୋଇଛନ୍ତି। ଫରିଦାବାଦ୍‌ର ଏକ ମଧ୍ୟବିତ୍ତ ପରିବାରରୁ ସିଂହରାଜ ଆସିଛନ୍ତି। ତାଙ୍କ ଜେଜେ ଦେଶର ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବ୍ରିଟିଶ ଇଣ୍ଡିଆନ ଆର୍ମିରେ ଯୋଗ ଦେଇ ଲଢିଥିଲେ। ତାଙ୍କ ବାପା ଜଣେ କୃଷକ ଓ ସମାଜସେବୀ। ୩୫ ବର୍ଷରେ ସେ ଶୁଟିଂରେ ପ୍ରବେଶ କରିଥିଲେ। ଘରଠାରୁ ଶୁଟିଂ ରେଞ୍ଜ ୪୦ କି.ମି. ଦୂର। ସେ ପ୍ରତିଦିନ ରେଞ୍ଜ୍‌କୁ ଯିବା ଆସିବା କରୁଥିଲେ। ସିଂହରାଜଙ୍କୁ ବାଦ୍ ଦେଲେ ମହିଳା ଶୁଟର ଅବନୀ ଲେଖରା ଚଳିତ ପାରାଲିମ୍ପିକ୍ସରେ ଦୁଇଟି ପଦକ ହାସଲ କରିଛନ୍ତି। ପୂର୍ବରୁ ୧୯୮୪ରେ ଯୋଗୀନ୍ଦର ସିଂ ସୋଧି ପାରାଲିମ୍ପିକ୍ସରେ ଗୋଟିଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

ଆରମ୍ଭରୁ ନରଓ୍ୱାଲଙ୍କ ପ୍ରଦର୍ଶନ ସେତେଟା ଭଲ ହୋଇ ନ ଥିଲା। ସେ ୭.୭ ଓ ୮.୩ ସ୍କୋର କରି ଏଲିମିନେଟ ହେବାର ଆଶଙ୍କା ସୃଷ୍ଟି କରିଥିଲେ। ଅନ୍ୟପଟେ ଆଡାନା ଜବରଦସ୍ତ ଆରମ୍ଭ କରିଥିଲେ ହେଁ ମଧ୍ୟଭାଗରେ ତଳକୁ ଖସିଥିଲେ। ତେବେ ପରେ ଏହି ଦୁଇ ଭାରତୀୟ ଶୁଟର ପ୍ରତ୍ୟାବର୍ତ୍ତନ କରି ଦମ୍‌ଦାର ପ୍ରଦର୍ଶନ କରିବା ସହ ଦୁଇ ଚାଇନିଜ୍ ଶୁଟରଙ୍କୁ ଚକ୍‌ମା ଦେଇଥିଲେ। ଫାଇନାଲ ସିରିଜରେ ନରଓ୍ୱାଲ ୮.୪ ଓ ୯.୧ ସ୍କୋର କରିଥିବା ବେଳେ ଆଡାନା ୮.୫ ଓ ୯.୪ ସ୍କୋର କରିଥିଲେ।

ହରିୟାଣାର ବଲଭଗଡରୁ ଆସିଥିବା ନରଓ୍ୱାଲ ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ଖୁସି ପ୍ରକାଶ କରିଛନ୍ତି। ପିଲାଟି ବେଳୁ ସେ ଫୁଟବଲର ହେବାକୁ ଚାହୁଁଥିଲେ ମଧ ଡାହାଣ ହାତର ଅକ୍ଷମତା ଯୋଗୁ ତାଙ୍କର ଏହି ସ୍ୱପ୍ନ ପୂରଣ ହୋଇପାରି ନ ଥିଲା। ତାଙ୍କ ରେସଲର ବାପା ଦିଲବାଗ ପୁଆର ଏହି ଅକ୍ଷମତାକୁ ପଛରେ ପକାଇ କିଛି ଅଧିକ କରିବାକୁ ଚାହିଁଲେ। ୨୦୧୬ରେ ଜଣେ ବନ୍ଧୁଙ୍କ ପରାମର୍ଶରେ ସେ ନରଓ୍ୱାଲଙ୍କୁ ନିକଟସ୍ଥ ଶୁଟିଂ ରେଞ୍ଜକୁ ନେଇଥିଲେ। ବଲଭଗଡର ଏହି ଶୁଟିଂ ରେଞ୍ଜ୍‌କୁ କୋଚ୍ ରାକେଶ ଠାକୁର ପରିଚାଳନା କରୁଥିଲେ। ଏହା ନରଓ୍ୱଲଙ୍କ ଜୀବନରେ ପରିବର୍ତ୍ତନ ଆଣିଥିଲା। ସେ ଶୁଟିଂରେ ମନୋନିବେଶ କରିଥିଲେ ଓ ନିୟମିତ ଅଭ୍ୟାସ କରିଥିଲେ। ଅବଶ୍ୟ ସେତେବେଳେ ସେ ପାରାଲିମ୍ପିକ୍ସ ଗେମ୍ସ ବିଷୟରେ ଅବଗତ ନ ଥିଲେ। ତାଙ୍କୁ କୋଚ ଜୟ ପ୍ରକାଶ ନୌଟିୟାଲ ସହାୟତା ପ୍ରଦାନ କରିଥିଲେ। ଏହାପରେ ସେ ୨୦୧୭ ବ୍ୟାଙ୍କକ୍ ବିଶ୍ୱକପ୍‌ରେ ପି୧ ଏୟାର ପିସ୍ତଲ ଏସ୍‌ଏଚ୍‌୧ ଇଭେଣ୍ଟରେ ବ୍ୟକ୍ତିଗତ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାପରେ ସେ ୨୦୧୮ ଜାକର୍ତ୍ତା ଏସିଆନ ପାରା ଗେମ୍ସରେ ପି୧ରେ ସ୍ୱର୍ଣ୍ଣ ଓ ପି୪ରେ ରୌପ୍ୟ ପଦକ ଜିତିଥିଲେ।

ଏହି ଇଭେଣ୍ଟରେ ଅନ୍ୟତମ ଭାରତୀୟ ଶୁଟର ଆକାଶ ୨୭ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ୟୁଏଇରେ ଅନୁଷ୍ଠିତ ୨୦୨୧ ପାରା ଶୁଟିଂ ବିଶ୍ୱକପ୍‌ରେ ନରଓ୍ୱାଲ ପି୪ରେ ବିଶ୍ୱ ରେକର୍ଡ କରିବା ସହ ସ୍ୱର୍ଣ୍ଣ ଓ ପି୪ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ୨୦୧୯ ସିଡ୍‌ନୀ ପାରା ଶୁଟିଂ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ପି୧ ଓ ପି୪ରେ ବ୍ୟକ୍ତିଗତ ଓ ଟିମ୍ ଇଭେଣ୍ଟରେ ୩ଟି ବ୍ରୋଞ୍ଜ୍ ପଦକ ଜିତିଥିଲେ। ସେହିପରି ୨୦୧୯ କ୍ରୋଏସିଆର ଓସିଜେକ ବିଶ୍ୱକପ୍‌ରେ ସେ ପି୧, ପି୪ ଓ ପି୬ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ସହ ପି୧ରେ ରୌପ୍ୟ ହାସଲ କରିଥିଲେ।

ସେହିପରି ଆଡାନା ୟୁଏଇରେ ଅନୁଷ୍ଠିତ ୨୦୧୯ ବିଶ୍ୱକପ୍‌ରେ ପି୧ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ, ପି୪ ବ୍ୟକ୍ତିଗତ ଇଭେଣ୍ଟରେ ରୌପ୍ୟ ଜିତିଥିଲେ। ସେ ୨୦୧୯ ଓଜିସେକ ବିଶ୍ୱକପ୍‌ରେ ପି୧, ପି୪ ଟିମ୍ ଇଭେଣ୍ଟରେ ଦୁଇଟି ସ୍ୱର୍ଣ୍ଣ ଓ ପି୪ ବ୍ୟକ୍ତିଗତ ଓ ପି୬ ଟିମ୍ ଇଭେଣ୍ଟରେ ଦୁଇଟି ବ୍ରୋଞ୍ଜ ପଦକ ଜିତିଥିଲେ।

### ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ୧. ଚାଇନା | ୯୩ | ୫୭ | ୫୦ | ୨୦୦ |
| ୨. ଗ୍ରେଟ୍ ବ୍ରିଟେନ | ୪୧ | ୩୮ | ୪୩ | ୧୨୨ |
| ୩. ଆର୍‌ପିସି | ୩୬ | ୩୨ | ୪୯ | ୧୧୭ |
| ୪.ୟୁଏସ୍‌ଏ | ୩୫ | ୩୬ | ୩୦ | ୧୦୧ |
| ୫.ନେଦରଲାଣ୍ଡ୍ସ | ୨୫ | ୧୭ | ୧୬ | ୫୮ |
| ୬. ୟୁକ୍ରେନ୍ | ୨୪ | ୪୭ | ୨୭ | ୯୮ |
| ୭. ବ୍ରାଜିଲ | ୨୨ | ୧୯ | ୩୦ | ୭୧ |
| ୮. ଅଷ୍ଟ୍ରେଲିଆ | ୨୦ | ୨୮ | ୩୦ | ୭୮ |
| ୯. ଇଟାଲୀ | ୧୪ | ୨୯ | ୨୬ | ୬୯ |
| ୨୬. ଭାରତ | ୪ | ୭ | ୬ | ୧୭ |



ଟୋକିଓ ପାରାଲିମ୍ପିକ୍ସ ବ୍ରୋଞ୍ଜ ପଦକ ମ୍ୟାଚ୍ ଅବସରରେ ଭାରତର ମନୋଜ ସରକାର।

# ଲେଖରା ଭାରତର ପତାକା ବାହକ

**ଟୋକିଓ,୪।୯**

**ଟୋକିଓ ପାରାଲିମ୍ପିକ୍ସ**

**ଉଦ୍‌ଯାପନୀ ଉତ୍ସବ ଆଜି**

ରବିବାର ଟୋକିଓ ପାରାଲିମ୍ପିକ୍ସ ଉଦ୍‌ଯାପିତ ହେବ। ଗତ ୧୨ ଦିନଧରି ଚାଲି ଆସୁଥିବା ପାରାଲିମ୍ପିକ୍ସର ଏହି ୧୬ତମ ସଂସ୍କରଣର ଉଦ୍‌ଯାନୀ ଉତ୍ସବ ଟୋକିଓ ନ୍ୟାଶନାଲ ଷ୍ଟାଡିୟମରେ ଆୟୋଜନ ହେବ। ଏହି ଉତ୍ସବରେ ସ୍ୱର୍ଣ୍ଣ ପଦକ ଜିତିଥିବା ୧୮ ବର୍ଷୀୟା ମହିଳା ଶୁଟର ଅବନୀ ଲେଖରା ଭାରତର ପତାକା ବାହକର ଦାୟିତ୍ୱ ନିର୍ବାହ କରିବେ। ଲେଖରା ଆର-୨ ମହିଳା ୧୦ ମିଟର ଏୟାର ରାଇଫଲ ଷ୍ଟାଣ୍ଡିଂ ଏସ୍‌ଏଚ୍‌୧ ଇଭେଣ୍ଟରେ ସୋମବାର ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାକୁ ବାଦ୍ ଦେଲେ ସେ ୫୦ ମି. ରାଇଫଲ ୩ ପୋଜିଶନ ଏସ୍‌ଏଚ୍‌୧ ଇଭେଣ୍ଟରେ ଶୁକ୍ରବାର ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଅବନୀ ପତାକା ବହନ କରିବେ ଓ ଭାରତୀୟ ଦଳର ୧୧ଜଣ ପ୍ରତିଯୋଗୀ ଉଦ୍‌ଯାପନୀ ଉତ୍ସବରେ ଅଂଶଗ୍ରହଣ କରିବେ ବୋଲି ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ତରଫରୁ କୁହାଯାଇଛି। ୨୦୧୨ରେ ଏକ କାରା ଦୁର୍ଘଟଣାରେ ସେ ଶିକାର ହୋଇଥିଲେ ଓ ଅଣ୍ଟା ତଳକୁ ସେ ପକ୍ଷାଘାତର ଶିକାର ହୋଇଥିଲେ। ସେ ପ୍ରଥମ ମହିଳା ଆଥଲେଟ ଭାବେ ଗୋଟିଏ ସଂସ୍କରଣରେ ଦୁଇଟି ପଦପ ହାସଲ କରିଛନ୍ତି।

ଗତ ୨୪ ତାରିଖରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଶଟ୍‌ପୁଟର ଟେକ ଚାନ୍ଦ ଭାରତ ପତାକା ବହନ କରିଥିଲେ। ହାଇଜମ୍ପର ମାରିୟାପ୍ପାନ ତଙ୍ଗାଭେଲୁ ପତାକା ବହନ କରିବାର କାର୍ଯ୍ୟକ୍ରମ ଥିଲା। ରୌପ୍ୟ ପଦକ ଜିତିଥିବା ମେରିୟାପ୍ପାନଙ୍କ ସମେତ ୫ ଅନ୍ୟ ଭାରତୀୟ କରୋନା ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବାରୁ କ୍ୱାରାଣ୍ଟାଇନରେ ରହିଥିଲେ। ଫଳରେ ଅନ୍ତିମ ମୁହୂର୍ତ୍ତରେ ତାଙ୍କ ବଦଳରେ ଟେକ ଚାନ୍ଦ ପତାକା ବହନ କରିଥିଲେ।



ଅବନୀ ଲେଖରା

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. R.N. 21326/74 Postal Regd. No. BN/42/21-23. ବାଲେଶ୍ୱର, ରବିବାର, ୫ ସେପ୍ଟେମ୍ବର, ୨୦୨୧ Balasore, Sunday, September 5/2021

# ରୋହିତଙ୍କ ଶତକ

**ଲଣ୍ଡନ, ୪।୯**

ଇଂଲଣ୍ଡ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଭ୍ରମଣକାରୀ ଭାରତ ଓପନର ରୋହିତ ଶର୍ମାଙ୍କ ଶତକ ସହାୟତାରେ ପ୍ରତ୍ୟାବର୍ତ୍ତନ କରି ମ୍ୟାଚକୁ ରୋମାଞ୍ଚକ ମୋଡରେ ପହଞ୍ଚାଇଛି। ପ୍ରଥମ ଇନିଂସରେ ୯୯ ରନ ପଛରେ ପଡିଥିବା

## ଚତୁର୍ଥ ଟେଷ୍ଟ

ଭାରତ ଦ୍ୱିତୀୟ ଇନିଂସରେ ତ୍ରୁଟି ସୁଧାରି ଦୃଢ ବ୍ୟାଟିଂ ପ୍ରଦର୍ଶନ କରିଛି। ତେବେ ନୂଆ ବଲ୍ ନେବା ପରେ ଦ୍ରୁତ ବୋଲର ଓଲି ରବିନସନ ୮୧ ତମ ଓଭରରେ ସେଟଲ ହୋଇଥିବା ରୋହିତ ଶର୍ମା ଓ ଚେତେଶ୍ୱର ପୂଜାରାଙ୍କୁ ଆଉଟ କରି ଭାରତକୁ ଶକ୍ତ ଝଟ୍‌କା ଦେଇଛନ୍ତି। ଶନିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ଭାରତ ୯୨ ଓଭରରେ ୩ ଉଇକେଟ ହରାଇ ୨୭୦ ରନ ସଂଗ୍ରହ କରି ୧୭୧ ରନର ଅଗ୍ରଣୀ ହାସଲ କରିଛି। ଅଧିନାୟକ ବିରାଟ କୋହଲି ୨୨ ଓ ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା ୯ ରନ କରି ଅପରାଜିତ ରହିଛନ୍ତି।

ଟସ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ୬୧.୩ ଓଭରରେ ୧୯୧ ରନକରି ଅଲଆଉଟ ହୋଇଥିଲା। ଜବାବରେ ଇଂଲଣ୍ଡ ପ୍ରାରମ୍ଭିକ ବିପର୍ଯ୍ୟୟ ସତ୍ତ୍ୱେ ୮୪ ଓଭରରେ ୨୯୦ ରନ କରି ଅଲଆଉଟ ହୋଇ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ଆରମ୍ଭରୁ ଲଢୁଆ ପ୍ରଦର୍ଶନ କରିଥିଲା। ପୂର୍ବଦିନର ଅସମାପ୍ତ ସ୍କୋର ୪୩/୦ରୁ ଖେଳ ଆରମ୍ଭ କରିଥିଲା ଭାରତ। ଓଭରନାଇଟ ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲ ୨୨ ରନରୁ ଖେଳି ବ୍ୟକ୍ତିଗତ ୪୬ ରନ ସ୍କୋରରେ ପ୍ୟାଭିଲିୟନ ଫେରିଥିଲେ। ସେହିପରି ରୋହିତ ଶର୍ମା ୨୦ ରନରୁ ଇନିଂସ ଆରମ୍ଭ କରି ୧୨୭ ରନର ଶତକୀୟ ପାଳି ଖେଳି କ୍ରିସ୍ ୱୋକ୍ସଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ। ଏଥିସହ ସେ ବିଦେଶରେ ପ୍ରଥମ ଓ ମୋଟ ଉପରେ ଅଷ୍ଟମ ଟେଷ୍ଟ ଶତକ ଅର୍ଜନ କରିଛନ୍ତି। ରୋହିତଙ୍କ ପରେ ପୂଜାରା ମଧ୍ୟ ସେହି ଓଭରରେ ୬୧ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ମୋଇନ ଅଲିଙ୍କୁ କ୍ୟାଚ୍ ଦେଇ ରବିନସନଙ୍କ ଶିକାର ହୋଇଥିଲେ। ଦ୍ୱିତୀୟ ଉଇକେଟରେ ପୂଜାରା ଓ ରୋହିତ ୨୭୮ ବଲର ସମ୍ମୁଖୀନ ହୋଇ ୧୫୩ ରନ ସଂଗ୍ରହ କରି ଭାରତକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ରୋହିତ ୨୫୬ଟି ବଲର ସମ୍ମୁଖୀନ ହୋଇ ୧୪ ଚୌକା ଓ ୧ ଛକା ମାରିଥିଲେ। ରୋହିତ ଏଥିସହ ଏକାଧିକ ରେକର୍ଡ ଅଧିକାରୀ ହୋଇଛନ୍ତି। ସେ ପ୍ରଥମ ସିରିଜରେ ୭୦୦ରୁ ଊର୍ଦ୍ଧ୍ୱ ବଲ୍ ଖେଳିଛନ୍ତି। ପ୍ରଥମଥର ପାଇଁ ସେ ବିଦେଶରେ ୩୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ଭାରତ ପାଇଁ ସେ ଚତୁର୍ଥ ଖେଳାଳି ଭାବେ ୧୧ ହଜାରରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ରନ ସଂଗ୍ରହ କରିଛନ୍ତି। ୮୦ ରନ କରିବା ପରେ ସେ ୩୦୦୦ ଟେଷ୍ଟ ରନ ମଧ୍ୟ ପୂରଣ କରିଛନ୍ତି। ୨୩ତମ ଭାରତୀୟ ଖେଳାଳିଭାବେ ସେ ଏହି ସଫଳତା ପାଇଛନ୍ତି। ବୋଲିଂରେ ଇଂଲଣ୍ଡ ତରଫରୁ ରବିନସନ ୨ ଓ ଅଭିଜ୍ଞ ଜେମ୍ସ ଆଣ୍ଡରସନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

ଭାରତ ପ୍ରଥମ ଇନିଂସ- ୬୧.୩ ଓଭରରେ ୧୯୧।

ଇଂଲଣ୍ଡ ପ୍ରଥମ ଇନିଂସ- ୮୪ ଓଭରରେ ୨୯୦। ଭାରତ ଦ୍ୱିତୀୟ ଇନିଂସ- ୯୨ ଓଭରରେ ୨୭୦/୩। (ରୋହିତ-୧୨୭, ରାହୁଲ-୪୬, ପୂଜାରା-୬୧, କୋହଲି-୨୨*, ଜାଡୋଜା-୯*, ରବିନସନ-୨/୬୭, ଆଣ୍ଡରସନ-୧/୪୯)।



ରୋହିତ ଶର୍ମା

# ଫର୍ମୁଲାୱାନ୍‌ରୁ ରାଇକୋନେନଙ୍କ ଅବସର ଘୋଷଣା

**ଜାଣ୍ଡଭୁର୍ଟ, ୪।୯(ଏପି):** ଫିନ୍‌ଲାଣ୍ଡର କିମି ରାଇକୋନେନ ଚଳିତ ସିଜନ ଶେଷରେ ଫର୍ମୁଲାୱାନରୁ ତାଙ୍କର ଅବସର ନେବେ। ଏ ସମ୍ପର୍କରେ ସେ ସୂଚନା ଦେଇଛନ୍ତି। ୨୦୦୭ ବିଶ୍ୱ ଚାମ୍ପିୟନଙ୍କୁ ବର୍ତ୍ତମାନ ୪୧ ବର୍ଷ ବୟସ। ରାଇକୋନେନ ଗ୍ରୀଡ୍‌ରେ ୨୦୦୧ରେ ଯୋଗଦାନ କରିଥିଲେ। କ୍ରୀଡ଼ା ଇତିହାସରେ ସେ ଅନ୍ୟ ଡ୍ରାଇଭରମାନଙ୍କ ତୁଳନାରେ ସବୁଠାରୁ ଅଧିକ ରେସ୍‌ରେ ଭାଗ ନେଇଛନ୍ତି। ଫେରାରି ସହ ଦୁଇଟି ପର୍ଯ୍ୟାୟ ରହିବା ପରେ ରାଇକୋନେନ ଗତ ୩ ସିଜନ ଧରି ଆଲ୍‌ଫା ରୋମିଓ ଟିମ୍ ତରଫରୁ ରେସ୍‌ରେ ଭାଗ ନେଇ ଆସୁଛନ୍ତି। ସେ ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କ ଅବସର ନିଷ୍ପତ୍ତି ଘୋଷଣା କରିଛନ୍ତି। ଫର୍ମୁଲାୱାନରେ ଏହା ତାଙ୍କର ଶେଷ ସିଜନ ହେବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସେ ଗତ ଶୀତଋତୁରେ ନିଷ୍ପତ୍ତି ନେଇ ସାରିଥିଲେ। ଚଳିତ ସିଜନ ଯଦିଓ ଚାଲିଛି ତେବେ ସେ ତାଙ୍କ ପରିବାର, ତାଙ୍କ ସମସ୍ତ ଟିମ୍ ଏବଂ ତାଙ୍କ ସମର୍ଥକ ଓ ରେସ୍ ସହିତ ସମ୍ପୃକ୍ତ ସମସ୍ତଙ୍କୁ ସେ ଧନ୍ୟବାଦ ଦେବାକୁ ଚାହାନ୍ତି ବୋଲି ରାଇକୋନେନ କହିଛନ୍ତି।

# ୟୁଏସ୍ ଓପନ୍ ଟେନିସ: ସାନିଆ-ରାମ ଆଉଟ୍

**ନ୍ୟୁୟର୍କ,୪।୯:** ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରୁ ଭାରତୀୟ ଅଭିଜ୍ଞ ମହିଳା ଖେଳାଳି ସାନିଆ ମିର୍ଜା ଓ ତାଙ୍କ ଆମେରିକୀୟ ପାର୍ଟନର ରାଜୀବ ରାମ ମିକ୍ସଡ ଡବଲ୍ସ ଇଭେଣ୍ଟରୁ ବାଦ୍ ପଡିଛନ୍ତି। ଅଣସିଡ୍ ଏହି ଯୋଡି ପ୍ରତିପକ୍ଷ ୟୁକ୍ରେନ ଓ ଅଷ୍ଟ୍ରେଲିଆ ଯୋଡି ଡାୟାନା ୟାଷ୍ଟ୍ରେମସ୍କା ଓ ମ୍ୟାକ୍ସ ପର୍ସେଲଙ୍କଠାରୁ ୩-୬, ୬-୩, ୭-୧୦ ସେଟ୍‌ରେ ପରାସ୍ତ ହୋଇଛନ୍ତି। ଶୁକ୍ରବାର ରାତିରେ ସାନିଆ ଓ ରାମ ମାତ୍ର ୬୧ ମିନିଟ୍‌ରେ ପରାସ୍ତ ହୋଇଥିଲେ। ଏହି ପରାଜୟ ସହ ୟୁଏସ୍ ଓପନ୍‌ରେ ସାନିଆଙ୍କ ଅଭିଯାନ ଶେଷ ହୋଇଛି। ଏହା ପୂର୍ବରୁ ସେ ମହିଳା ଡବଲ୍ସ ଇଭେଣ୍ଟରୁ ମଧ୍ୟ ପରାସ୍ତ ହୋଇ ବାଦ୍ ପଡିଛନ୍ତି। ସେ ଆମେରିକାର କୋକୋ ଭାଣ୍ଡୱେଘ ସହ ପ୍ରତିପକ୍ଷ ଖେଳାଳିଙ୍କଠାରୁ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇଥିଲେ। ତେବେ ଭାରତର ରୋହନ ବୋପାନ୍ନା ପ୍ରତିଯୋଗିତାରେ ନିଜର ଅଭିଯାନ ଜାରି ରଖିଛନ୍ତି। ବୋପାନ୍ନା ଓ ତାଙ୍କ କ୍ରୋଏସିଆ ପାର୍ଟନର ଇଭାନ ଡୋଡିଗ ପୁରୁଷ ଡବଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ମୋନାକୋର ହୁଗୋ ନିସ ଓ ଫ୍ରାନ୍ସର ଆର୍ଥର ରିଣ୍ଡେରକ୍ନେଚ୍‌ଙ୍କୁ ଭେଟିବେ।

# ମୀରାବାଈଙ୍କୁ ସମ୍ବର୍ଦ୍ଧିତ କଲେ ଅମିତ ଶାହା

**ନୂଆଦିଲ୍ଲୀ,୪।୯:** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଟୋକିଓ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ମହିଳା ଭାରୋତ୍ତୋଳିକା ମୀରାବାଈ ଚାନୁଙ୍କୁ ଶନିବାର ସମ୍ବର୍ଦ୍ଧିତ କରିଛନ୍ତି। ଚାନୁ ସଦ୍ୟସମାପ୍ତ ଟୋକିଓ ଅଲିମ୍ପିକ୍ସରେ ୪୯ କେ.ଜି. ଭାରୋତ୍ତୋଳନରେ ରୌପ୍ୟ ପଦକ ଜିତି ଭାରତ ପାଇଁ ପଦକ ତାଲିକାରେ ଖାତା ଖୋଲିଥିଲେ। ଭାରତ ଅଲିମ୍ପିକ୍ସରେ ମୋଟ ଉପରେ ୭ଟି ପଦକ ହାସଲ କରିଥିଲା।

୨୭ ବର୍ଷୀୟ ଚାନୁଙ୍କୁ ନିଜ ଘରୋଇ ରାଜ୍ୟ ମଣିପୁରରେ ଆଡିଶନାଲ ସୁପରିଣ୍ଟେଣ୍ଡେଣ୍ଟ ଅଫ ପୋଲିସ୍ ପଦରେ ନିଯୁକ୍ତି ଦିଆଯାଇଛି। ତାଙ୍କୁ ବ୍ୟୁରୋ ଅଫ୍ ପୋଲିସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ (ବିପିଆର ଆଣ୍ଡ ଡି)ର ରାଇଜିଂ ଡେ ସେଲିବ୍ରେଶନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶାହା ତାଙ୍କୁ ଏହି ଅବସରରେ ଏକ ଶାଲ ଓ ସ୍ମାରକୀ ପ୍ରଦାନ କରିଥିଲେ। ଚାନୁ ଅଲିମ୍ପିକରେ ପଦକ ଜିତି ଦେଶ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି । ଏବେ ସେ ପୋଲିସ ବିଭାଗର ଜଣେ ଗର୍ବିତ ସଦସ୍ୟ ବନିଯାଇଛନ୍ତି ବୋଲି ଶାହା କହିଛନ୍ତି। ସେ କଠିନ ପରିଶ୍ରମ ଓ ଅଧ୍ୟବସାୟ କରି ପଦକ ଜିତିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଉଛି ବୋଲି ଶାହା କହିଛନ୍ତି। ଏହି ଅବସରରେ ଶାହା ବିଶେଷ ସଫଳତା ହାସଲ କରିଥିବା ପୋଲିସ ବିଭାଗର ଅନ୍ୟ କେତେକ କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ। ବିପିଆର ଆଣ୍ଡ ଡି ୧୯୭୦ରେ ପ୍ରତିଷ୍ଠା କରାଯାଇଥିଲା ଓ ଏହା ଗୃହ ମନ୍ତ୍ରଣାଳୟର ଅନ୍ୟତମ ସଂସ୍ଥା ରୂପେ ବିବେଚିତ ହେଉଛି।

# ପୋଞ୍ଚା ଏସିଆନ ସ୍କ୍ୱାଶ ଫେଡେରେଶନ ଉପସଭାପତି

**ଚେନ୍ନାଇ, ୪।୯(ପି.ଟି.):** ସ୍କ୍ୱାଶ ରାକେଟ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଆର୍‌ଏଫ୍‌ଆଇ) ସେକ୍ରେଟାରୀ ଜେନେରାଲ ସାଇରସ ପୋଞ୍ଚା ୪ ବର୍ଷ ପାଇଁ ଏସିଆନ ସ୍କ୍ୱାଶ ଫେଡେରଶନ (ଏଏସ୍‌ଏଫ୍)ର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ପୋଞ୍ଚା ହେଉଛନ୍ତି ଜଣେ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା। ଭର୍ଚୁଆଲି ଅନୁଷ୍ଠିତ ଏଏସ୍‌ଏଫ୍‌ର ୪୧ତମ ବାର୍ଷିକ ସାଧାରଣ ଅଧିବେଶନରେ ସେ ଉପସଭାପତି ଭାବେ ନିର୍ବାଚିତ ହୋଇଥିଲେ।






ଟୋକିଓ ପାରାଲିମ୍ପିକ୍ସର ହୁଇଲଚେୟାର ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲରେ ଜାପାନର ୟୁଇ କାମିଜିଙ୍କ ବିପକ୍ଷରେ ରିଟର୍ନ ଶଟ୍ ଖେଳୁଛନ୍ତି ନେଦରଲାଣ୍ଡ୍ସର ଡିଏଡି ଡି ଗ୍ରୁଟ।

# ତୃତୀୟ ରାଉଣ୍ଡରୁ ଓସାକାଙ୍କ ବିଦାୟ

**ନ୍ୟୁୟର୍କ, ୪।୯ (ଏପି):** ଗତଥରର ଚାମ୍ପିୟନ ଜାପାନର ନାଓମି ଓସାକା ଚଳିତ ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାରୁ ତୃତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଶୁକ୍ରବାର ଏକ ତୃତୀୟ ରାଉଣ୍ଡ ମହିଳା ସିଙ୍ଗଲ୍ସ ମ୍ୟାଚରେ ସେ କାନାଡ଼ାର ୧୮ବର୍ଷୀୟା ଲେଲା ଫର୍ନାଣ୍ଡିଜଙ୍କଠାରୁ ୫-୭, ୬-୭ (୨), ୬-୪ ସେଟ୍‌ରେ ପରାସ୍ତ ହୋଇଛନ୍ତି। ୭୩ ର୍ୟାଙ୍କିଙ୍ଗପ୍ରାପ୍ତ ଲେଲା ପୂର୍ବରୁ କୌଣସି ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାରେ ଏହି ପର୍ଯ୍ୟାୟରେ ପ୍ରବେଶ କରିପାରି ନ ଥିଲେ। ମାନସିକ ଅସୁସ୍ଥତା ଦର୍ଶାଇ ଓସାକା ଗତ ଫ୍ରେଞ୍ଚ ଓପନ ଦ୍ୱିତୀୟ ରାଉଣ୍ଡରୁ ଓହରିଯାଇଥିଲେ। ୪ ଗ୍ରାଣ୍ଡସ୍ଲାମ ବିଜୟିନୀ ଏସାକା ୟୁଏସ୍ ଓପନ୍‌ରେ ଭାଗ ନେବା ପୂର୍ବରୁ ୧୬ ମ୍ୟାଚରେ ଅପରାଜେୟ ଥିଲେ। ତୃତୀୟ ରାଉଣ୍ଡରେ ହାରିଯିବା ପରେ ସେ ଆର୍ଥର ଆସେ ଷ୍ଟାଡିୟମର କୋର୍ଟରେ ତାଙ୍କ ର୍ୟାକେଟକୁ ପିଟି ଭାଙ୍ଗି ଦେଇଥିଲେ।

**ବିପର୍ଯ୍ୟୟ ଘଟାଇଲେ ଅଲ୍‌କାରାଜ୍**

ପୁରୁଷ ସିଙ୍ଗଲ୍ସର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ସ୍ପେନର ୧୮ ବର୍ଷୀୟ କାର୍ଲୋସ ଅଲ୍‌କାରାଜ ତୃତୀୟ ସିଡ୍ ଷ୍ଟିଫାନସ ସିତ୍‌ସିପାସଙ୍କୁ ଏକ ମାରାଥନ ମ୍ୟାଚରେ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ସେ ୬-୩, ୪-୬, ୭-୬ (୨), ୦-୬, ୭-୬ (୫)ରେ ବିଜୟ ହସାଲ କରିଥିଲେ। ଏହି ମ୍ୟାଚ ଶେଷ ହେବାକୁ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା। ୧୯୮୯ରେ ପିଟ୍ ସାମ୍ପ୍ରାସ ଓ ମାଇକେଲ ଚାଙ୍ଗ୍‌ଙ୍କ ପରେ କାର୍ଲୋସ ସର୍ବକନିଷ୍ଠ ଖେଳାଳିଭାବେ ଫ୍ଲସିଂ ମିଡୋଜଠାରେ ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ମ୍ୟାଚ ଓ ଶ୍ରେଷ୍ଠ ବିଜୟ ବୋଲି ତାଙ୍କ ୧୦ମ ଗ୍ରାଣ୍ଡସ୍ଲାମ ମ୍ୟାଚ ଖେଳିଥିବା ୫୫ତମ ର୍ୟାଙ୍କିଙ୍ଗପ୍ରାପ୍ତ ଅଲ୍‌କାରାଜ କହିଛନ୍ତି। ଶୁକ୍ରବାର ଖେଳାଯାଇଥିବା ଅନ୍ୟ ପୁରୁଷ ସିଙ୍ଗଲ୍ସ ମ୍ୟାଚ ଗୁଡ଼ିକରେ ଆମେରିକାର ଫ୍ରାନ୍‌ସିସ୍ ଟିଆଫୋ, କାନାଡାର ଫେଲିକ୍ସ ଅଗର ଆଲିଆସିମ୍, ନେଦରଲାଣ୍ଡ୍ସର ବୋଟିକ୍ ଭାନ୍ ଡି ଜାଣ୍ଡ୍ ସ୍କଲ୍ପ ଓ ଆର୍ଜେଣ୍ଟିନାର ଡିଏଗୋ ସ୍କ୍ୱାର୍ଜମ୍ୟାନ ପ୍ରମୁଖ ବିଜୟ ଲାଭ କରିଛନ୍ତି।



ଲେଲା ଫର୍ନାଣ୍ଡିଜ






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ